ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୩୦/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, August 30/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୨୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 276 | ମୂଲ୍ୟ ₹୭/-



**ଧନୀ ଅଭିନେତା ଶାହରୁଖ୍**

୭,୩୦୦ କୋଟିର ସମ୍ପତ୍ତି ସହ ଅଭିନେତା ଶାହରୁଖ୍ ଖାନ 'ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୪'ର ଧନୀ ଭାରତୀୟ ଅଭିନେତାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି।

୧୨

୧୪

**ତୃତୀୟ ରାଉଣ୍ଡରେ ଜୋକୋଭିଚ୍**

ୟୁଏସ୍ ଓପନ ଟେନିସ୍‌ର ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସର୍ବିଆର ନୋଭାକ୍ ଜୋକୋଭିଚ୍।



# କ୍ରୀଡ଼ାବିତ୍‌ଙ୍କ ସଫଳତାରେ ପ୍ରତ୍ୟେକ ଓଡ଼ିଆ ଗର୍ବିତ: ମୁଖ୍ୟମନ୍ତ୍ରୀ




ଶ୍ରେଷ୍ଠ କ୍ରୀଡ଼ାବିତ୍ ବର୍ଗରେ ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ଶନ ହଲ୍‌ରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

## ଜାତୀୟ କ୍ରୀଡ଼ା ଦିବସରେ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ

ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନସ୍ଥିତ କନ୍‌ଭେନଶନ ହଲ୍‌ରେ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ କରିଛନ୍ତି। ହକିର ପ୍ରବାଦପୁରୁଷ ମେଜର ଧ୍ୟାନଚାନ୍ଦଙ୍କ ଭାରତୀୟ ହକି ପ୍ରତି ବଳିଷ୍ଠ ଅବଦାନକୁ ଦେଶବାସୀଙ୍କ ମନରେ ଅବିସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ତାଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟଅତିଥିମାନେ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, "ଧ୍ୟାନଚାନ୍ଦଙ୍କ ଖେଳରେ ମ୍ୟାଜିକ ଥିଲା। ଭାରତବର୍ଷ ପାଇଁ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଖେଳି ସ୍ୱର୍ଣ୍ଣ ପଦକ ଜିତି ସେ ଏକ ବିରଳ କୃତିତ୍ୱ ଅର୍ଜନ କରିଥିଲେ। ଆଜି ପର୍ଯ୍ୟନ୍ତ ତାଙ୍କ ଭଳି ହକି ଖେଳାଳି ଆଉ କେହି ବାହାରି ନାହାନ୍ତି। କ୍ରୀଡାବିତ୍‌ମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ। ସେମାନଙ୍କର ତ୍ୟାଗ, ସାହସ ଓ ଉତ୍କର୍ଷ ଆମ ସମସ୍ତଙ୍କୁ ପ୍ରେରଣା ଦେଇଆସୁଛି। ☞ ପୃଷ୍ଠା-୪

# ଏକତରଫା ପ୍ରେମକୁ ବିରୋଧରୁ ହତ୍ୟା

## ନାବାଳିକାଙ୍କ ଦାଦାଙ୍କୁ ଖଣ୍ଡାରେ ହାଣିଦେଲେ ଯୁକ୍ତ୨ ଛାତ୍ର

**ଜଣେ ନାବାଳିକାଙ୍କୁ ଏକତରଫା ପ୍ରେମ କରୁଥିଲେ ଯୁକ୍ତ୨ ପଢୁଥିବା ନାବାଳକ। ଏହାକୁ ନାବାଳିକାଙ୍କ ଦାଦା ଓ ପରିବାର ଲୋକେ ଏକାଧିକ ଥର ବିରୋଧ କରିଥିଲେ। ଏପରିକି ନାବାଳକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଥିଲା। ଏନେଇ ଥାନାରେ ଆପୋଷ ସମାଧାନ ହୋଇଥିଲେ ମଧ୍ୟ ନାବାଳିକାଙ୍କ ଦାଦାଙ୍କୁ ହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ ନାବାଳକ। ସତକୁ ସତ ବୁଧବାର ରାତିରେ ନାବାଳିକାଙ୍କ ଦାଦାଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି ଉକ୍ତ ନାବାଳକ। ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଛି ଏହି ହତ୍ୟାକାଣ୍ଡ।**

ଭୁବନେଶ୍ୱର, ୨୯।୮ (ସୂର୍ଯ୍ୟକାନ୍ତ ବେହେରା)

ଏକତରଫା ପ୍ରେମ ବ୍ୟାପାରକୁ ନେଇ ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗର ସୁକବିହାର ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଜଗତ୍ ମଲ୍ଲିକ ଓରଫ ଜଗା (୩୩)ଙ୍କୁ ଜଣେ ନାବାଳକ ଏବଂ ତାଙ୍କ ସହଯୋଗୀ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ହତ୍ୟା କରିଥିବା ନାବାଳକଙ୍କ ସମେତ ୨ ଜଣଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ହତ୍ୟା କରିଥିବା ନାବାଳକ ଯୁକ୍ତ୨ର ଛାତ୍ର ବୋଲି ଜଣାପଡ଼ିଛି। ହେଲେ ଅନ୍ୟ ଜଣକ ନାବାଳକ କି ସାବାଳକ କିଛି ପ୍ରମାଣ ନ ମିଳିବାରୁ ପୋଲିସ ତାଙ୍କର ଓସିଫିକେଶନ ଟେଷ୍ଟ ଜରିଆରେ ବୟସ ଜାଣିବାକୁ ଉଦ୍ୟମ ଜାରି ରଖିଛି। ହତ୍ୟାକାଣ୍ଡ ପରେ ଖଣ୍ଡଗିରି ଥାନା ପୋଲିସ, ଡିସିପି ପ୍ରତୀକ ସିଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଗୁରୁବାର ଘଟଣାସ୍ଥଳରେ ଛାନଭିନ୍ କରିବା ସହ ପଚରାଉଚରା ଚଳାଇଛନ୍ତି। ଅନ୍ୟପଟେ ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମୃତ ଜଗାଙ୍କ ପରିବାର ପକ୍ଷରୁ ଦାବି ହୋଇଛି।

ସୂଚନା ଅନୁସାରେ, ସୁକବିହାରର ଜଗା ଅଟୋ ଚଳାଇ ପରିବାର ପୋଷଣ କରନ୍ତି। ଆଉ ସେହି ସାହିର ଜଣେ ଯୁକ୍ତ୨ରେ ପଢୁଥିବା ନାବାଳକ ଜଗାଙ୍କ ଜଣେ ନାବାଳିକା ଝିଅାରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଏହା ଜାଣିବା ପରେ ଜଗା ଉକ୍ତ ନାବାଳକଙ୍କୁ ତାଗିଦ୍ କରିଥିଲେ। ମାତ୍ର ପ୍ରେମକୁ ଭୁଲି ପାରୁ ନ ଥିବା ନାବାଳକ ଜଣକ ଜଗାଙ୍କ ଝିଅାରୀ ପଛରେ ପଡ଼ି ରାସ୍ତାରେ କମେଣ୍ଟ ମାରୁଥିଲେ। ଏହାକୁ ନେଇ ଗତ ୨ମାସ ତଳେ ଜଗାଙ୍କ ସ୍ତ୍ରୀ, ତାଙ୍କ ଭାଉଜ ଓ କିଛି ମହିଳା ଉକ୍ତ ନାବାଳକଙ୍କୁ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଏନେଇ ଜଗା ଏବଂ ତାଙ୍କ ପରିବାର ଲୋକଙ୍କ ବିରୋଧରେ ନାବାଳକଙ୍କ ବାପା ଖଣ୍ଡଗିରି ଥାନାରେ



ମୃତ ଜଗା ମଲ୍ଲିକ

ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଉଭୟ ପରିବାର ଓ କିଛି ମହିଳାଙ୍କୁ ଡାକି ଥାନାରେ ପଚରାଉଚରା କରିବା ସହ ଘଟଣାର ସମାଧାନ କରିଥିଲେ। ଏହାପରେ ବି ନାବାଳକ ଜଣକ ଥାନା ପରିସରରେ ଜଗାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପ୍ରତିଶୋଧ ପରାୟଣ ହୋଇ ମନରେ କୁହୁଳିଥିବା ରାଗକୁ ନାବାଳକ ଜଣକ ନିୟନ୍ତ୍ରଣ କରି ନ ପାରି ସତକୁ ସତ ଜଗାଙ୍କୁ ହତ୍ୟା କରିଛନ୍ତି। ବୁଧବାର ରାତି ୧୨.୧୦ରେ ସାଙ୍ଗମାନଙ୍କ ସହ ଭୋଜି ସାରି ଜଗା ମୋଟରସାଇକେଲ ଯୋଗେ ଘରକୁ ଫେରୁଥିଲେ। ଘରେ ପହଞ୍ଚିବା ପାଇଁ ମାତ୍ର ୧୦୦ମିଟର ଦୂରରେ ଥିଲେ। ହେଲେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ ଲାଇଟ୍‌କୁ ବନ୍ଦ କରି ନାବାଳକ ଓ ତାଙ୍କର ସହଯୋଗୀ ଜଗାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏହାକୁ ବିରୋଧ କରିବାରୁ ନାବାଳକ ଜଣକ ସାଙ୍ଗରେ ଆଣିଥିବା ଖଣ୍ଡାରେ ଜଗାଙ୍କ ବେକକୁ ଆକ୍ରମଣ କରିଥିଲେ। ଜଗାଙ୍କ ବେକରେ ଗଭୀର ଆଘାତ ହେବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏହାପରେ ଜଗା ମରିଯାଇଥିବା ଭାବି ନାବାଳକ ଓ ତାଙ୍କ ସହଯୋଗୀ ଦୌଡ଼ି ପଳାଇ ଯାଇଥିଲେ। ଜଗା ନିଜକୁ ବଞ୍ଚାଇବା ପାଇଁ ରକ୍ତାକ୍ତ ଅବସ୍ଥାରେ ମୋଟରସାଇକେଲ ଚଳାଇ ଘର ସାମ୍ନାରେ ପହଞ୍ଚି ହଠାତ ଗାଡ଼ିରୁ ପଡ଼ିଯାଇଥିଲେ। ଘର ଆଗରେ ଅପେକ୍ଷା କରିଥିବା ସ୍ତ୍ରୀ ରକ୍ତାକ୍ତ ଅବସ୍ଥାରେ ସ୍ୱାମୀଙ୍କୁ ଦେଖି ଭୟଭୀତ ହେବା ସହ ଚିତ୍କାର କରିଥିଲେ। ପରେ ପଡ଼ୋଶୀଙ୍କ ସହାୟତାରେ ଜଗାଙ୍କୁ ଭୁବନେଶ୍ୱର ଏମ୍ସକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜଗାଙ୍କୁ ମୃତ ଘୋଷଣା କରିଥିଲେ। ଉତ୍ତ୍ୟକ୍ତ ଲୋକମାନେ ନାବାଳକଙ୍କ ଘରକୁ ଟେକାପଥର ମାଡ଼ କରିଥିଲେ। ଘଟଣାସ୍ଥଳରେ ପୋଲିସ ଅଧିକ ଫୋର୍ସ ଧରି ପହଞ୍ଚିବା ପରେ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ଉଦ୍ୟମ କରିଥିଲା।

# ନିର୍ମାଣାଧୀନ ପୋଲରୁ ଗଳିପଡ଼ିଲା ଲୁହାସ୍ଲାବ୍, ୬ ଶ୍ରମିକ ଗୁରୁତର



କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ଭୋଗରାଇ ( ପ୍ରଦୀପ ଦାସ), ୨୯।୮

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପନ୍ତେଇଠାରେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣାଧୀନ ପୋଲରୁ ଲୁହା ସ୍ଲାବ ଖସି ପଡ଼ିବାରୁ ୬ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ସମସ୍ତ ଆହତଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଗୁରୁତର ୬ ଶ୍ରମିକଙ୍କ ଘର ମୟୂରଭଞ୍ଜ ଜିଲାରେ। ସୂଚନା ଅନୁଯାୟୀ ଭୋଗରାଇରୁ ବାଲିଆପାଳ ଓ ବାଲେଶ୍ୱରରୁ ଚନ୍ଦନେଶ୍ୱରକୁ ଯିବାଆସିବା ନିମନ୍ତେ ୧୫୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ସୁବର୍ଣ୍ଣରେଖା ତୃତୀୟ ସେତୁ ଦୀର୍ଘବର୍ଷ ହେଲା ମନ୍ଥର ଗତିରେ ଚାଲିଛି। ଏହି ସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ବୋଲି ଅଭିଯୋଗ ହୋଇଆସୁଥିଲା। ଏଠାରେ କାର୍ଯ୍ୟରତ ଶ୍ରମିକମାନଙ୍କର ସୁରକ୍ଷା ପ୍ରତି ଠିକାଦାର ସଂସ୍ଥା କୌଣସି ଗୁରୁତ୍ୱ ଦେଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ବାଂଲାଦେଶ ସ୍ଥିରତା ପ୍ରତି ବିପଦ**

# ୨ ପର୍ଯ୍ୟନ୍ତ ବର୍ଷା

ଭୁବନେଶ୍ୱର, ୨୯।୮ (ଅନୁରାଧା ମହାରଣା)

ପୂର୍ବ ମଧ୍ୟ ଏବଂ ଉତ୍ତର ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଶୁକ୍ରବାର ପଶ୍ଚିମ ଉତ୍ତର ଦିଗରେ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳବର୍ତ୍ତୀ ଅଞ୍ଚଳ ଦେଇ ଗତି କରିବ। ଏହା ପ୍ରଭାବରେ ଓଡ଼ିଶାରେ ବର୍ଷା ଜାରି ରହିଥିବାବେଳେ ଶୁକ୍ରବାରଠାରୁ ଏହାର ପରିମାଣ ବୃଦ୍ଧି ପାଇବ। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଜାରି ବୁଲେଟିନ୍‌ରେ ଏ ସମ୍ପର୍କରେ ସୂଚନା ଦିଆଯିବା ସହ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ରାୟଗଡ଼ା, ମାଲକାନଗିରି, କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲାରେ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଏବଂ ଅନ୍ୟ ୨୦ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ୩୧ ତାରିଖ ବେଳକୁ ବର୍ଷାର ପ୍ରକୋପ ଅଧିକ ହୋଇପାରେ। ଏନେଇ ମାଲକାନଗିରି, କୋରାପୁଟ ଓ ଗଜପତି ଜିଲାକୁ ରେଡ୍ ୱାର୍ନିଂ ଏବଂ ☞ ପୃଷ୍ଠା-୪



ଭୁବନେଶ୍ୱରରେ ଗୁରୁବାର ହୋଇଥିବା ବର୍ଷା।

# ୫ ଛୁଆ ଜନ୍ମଦେଲା ସିଂହୀ 'ବିଜ୍‌ଲୀ'

ବାରଙ୍ଗ, ୨୯।୮ (ଲିଙ୍ଗରାଜ ରାଉତ)

ନନ୍ଦନକାନନର ଅନ୍ୟତମ ଆକର୍ଷଣ ସିଂହୀ ବିଜ୍‌ଲୀ ଗୁରୁବାର ୫ ଛୁଆ ଜନ୍ମ ଦେଇଛି। ୨୦୨୦ ମସିହାରେ ବିଜ୍‌ଲୀକୁ ଇନ୍ଦୋର ପ୍ରାଣୀ ଉଦ୍ୟାନରୁ ନନ୍ଦନକାନନକୁ ଅଣାଯାଇଥିଲା। ଏଥର ସିଂହ 'ସମ୍ରାଟ' ସହ ମିଶି ୪ର୍ଥ ଥର ପାଇଁ ୯ ବର୍ଷୀୟା ବିଜ୍‌ଲୀ ମା' ହେବାର ସୌଭାଗ୍ୟ ଅର୍ଜନ କରିଛି। ବିଜ୍‌ଲୀର ଜନ୍ମ ବୃତ୍ତାନ୍ତ ସହ ଏବେକାର ସ୍ଥିତିକୁ ସିସି କ୍ୟାମେରା ମାଧ୍ୟମରେ ଅନୁଧ୍ୟାନ କରାଯାଉଛି। ତା'ର ଗତିବିଧି ଉପରେ ନନ୍ଦନକାନନ ତୀକ୍ଷ୍ଣ ନଜର ରଖିଛି। ମା' ଛୁଆଙ୍କ ଯତ୍ନ ନେଉଥିବାରୁ ତା'ଠାରୁ ଛୁଆଙ୍କୁ ଅଲଗା କରାଯାଇନାହିଁ। ଫଳରେ ଜନ୍ମିତ ଛୁଆଙ୍କ ଲିଙ୍ଗ ନିରୂପଣ ହୋଇପାରିନାହିଁ। ଏହି ୫ ଛୁଆଙ୍କ ଜନ୍ମ ପରେ ସିଂହସଂଖ୍ୟା ବୃଦ୍ଧି ପାଇ ୨୫ରେ ପହଞ୍ଚିଛି। ୨୦୨୧ରେ ବିଜ୍‌ଲୀ ପ୍ରଥମ କରି ମା' ହୋଇ ୩ଟି ଛୁଆ ଜନ୍ମ ଦେଇଥିଲା। ସେଥିମଧ୍ୟରୁ ୨ଟିର ମୃତ୍ୟୁ ହୋଇଥିବାବେଳେ ତୃତୀୟ ଛୁଆକୁ ସେ ଗ୍ରହଣ କରି ନ ଥିଲା। ବାଧ୍ୟ ହୋଇ ଛୁଆକୁ ବଞ୍ଚାଇ ରଖିବାକୁ ମା'ଠାରୁ ଅଲଗା କରି ଲାଳନପାଳନ କେନ୍ଦ୍ରରେ ରଖି ବଡ଼ କରାଯାଇ ପରେ ତା'ର ନାମ 'ବର୍ଷା' ରଖାଯାଇଥିଲା। ୨୦୨୨ ମାର୍ଚ୍ଚରେ ବିଜ୍‌ଲୀର ଦ୍ୱିତୀୟ ସନ୍ତାନ କାମିନିକୁ ମଧ୍ୟ ଅଲଗା କରି ଲାଳନପାଳନ କେନ୍ଦ୍ରରେ ରଖାଯାଇଥିଲା। ୨୦୨୨ ନଭେମ୍ବରରେ ତୃତୀୟ ଗର୍ଭରେ ୫ଟି ଛୁଆକୁ ଜନ୍ମ ଦେଇଥିବାବେଳେ ଗୋଟିକର ମୃତ୍ୟୁ ଘଟିଥିଲା। ୪ ଛୁଆଙ୍କୁ ମା' ଗ୍ରହଣ କରିବା ସହ ଠିକ୍ ଭାବେ ଲାଳନପାଳନ କରିଥିଲା। ଏହି ଛୁଆ ପର୍ଯ୍ୟାୟକ୍ରମେ ବଡ଼ ହେବା ସହ ସେଥିମଧ୍ୟରୁ ୨ଟି ଛୁଆକୁ କୋଲକାତାର ଆଲିପୁର ଚିଡ଼ିଆଖାନାକୁ ଗତ ୨୭ ତାରିଖରେ ପଠାଯାଇଛି।



# ନୂଆଁଖାଇ ପାଇଁ ସେପ୍ଟେମ୍ବର ୯ ଛୁଟି

ଭୁବନେଶ୍ୱର, ୨୯।୮ (ଅନିଲ ଦାସ)

ନୂଆଁଖାଇ ଉପଲକ୍ଷେ ସେପ୍ଟେମ୍ବର ୯ ତାରିଖକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଛୁଟି ଘୋଷଣା କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପର୍ବ ପଡୁଛି। ତେବେ ସେହିଦିନ ରବିବାର ପଡୁଥିବାରୁ ୯ ତାରିଖ ଅର୍ଥାତ୍ ସୋମବାରକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେଟିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ।

# ଜମି ନାହିଁ, ପଟ୍ଟା ଧରି ବୁଲୁଛନ୍ତି ଭୂମିହୀନ

ଭୁବନେଶ୍ୱର, ୨୯।୮ (ଅନିଲ ଦାସ)

## ବିରୋଧୀଙ୍କୁ ଜବାବ ଦେଲେ ରାଜସ୍ୱ ମନ୍ତ୍ରୀ

ପୂର୍ବ ସରକାର ଭୂମିହୀନଙ୍କୁ ଜମି ପଟ୍ଟା ଧରାଇ ଦେଇଛନ୍ତି। ଜାଗା ଦେଖାଇ ନାହାନ୍ତି। ସେହି ପଟ୍ଟାକୁ ଗରିବ ଲୋକ ଲାମିନେଶନ କରି ଧରି ବୁଲୁଛନ୍ତି। ବାପା ପଟ୍ଟା ଧରି ବୁଲୁଥିଲେ ଏବେ ପୁଅ ସେହି ପଟ୍ଟା ଧରି ବୁଲୁଛନ୍ତି। ତାଙ୍କ ଜମି କେଉଁଠି ଖୋଜୁଛନ୍ତି। ଏଭଳି ବହୁ ଅଭିଯୋଗ ଆସିଛି। ଲିଫଲେଟ ଭଳି ପଟ୍ଟା ବଣ୍ଟାଯାଇଛି। ରାଜ୍ୟର କେତେ ଭୂମିହୀନଙ୍କୁ ଜମି ପଟ୍ଟା ଦିଆଯାଇଛି ତାହାର ସମୀକ୍ଷା କଲାବେଳକୁ ଏମିତି ତଥ୍ୟ ବାହାରିଛି। ଗୁରୁବାର ପ୍ରଶ୍ନକାଳରେ ରାଜସ୍ୱ ଓ ବିପର୍ଯ୍ୟୟ ପରଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜସ୍ୱ ବିଭାଗ ସମସ୍ୟାର ପାହାଡ଼ ଉପରେ ଛିଡ଼ା ହୋଇଛି। ମୋଦିଙ୍କ ଗ୍ୟାରେଣ୍ଟି ଭୂମିହୀନଙ୍କୁ ଏ ସରକାର କେବଳ ଜମିପଟ୍ଟା ନୁହେଁ, ଜମି ଚିହ୍ନଟ କରି ଦେବେ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଗରିବ ଲୋକ ଜାଗା ପାଇବା ଯେତିକି ଆବଶ୍ୟକ ସରକାରୀ ଜମିରୁ ଜବରଦଖଲ ହଟାଇବା ମଧ୍ୟ ସେତିକି ଆବଶ୍ୟକ।

ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ଅମରେନ୍ଦ୍ର ଦାସ ପଚାରିଥିଲେ, ରାଜ୍ୟର ସମସ୍ତ ତହସିଲରେ କେତେକ ଅମିନ, ଆରଆଇ ଏବଂ ଏଆରଆଇ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେଥିରୁ କେତେ ଖାଲି ଅଛି ଓ ସେଗୁଡ଼ିକ କେବେ ପୂରଣ ହେବ। ମନ୍ତ୍ରୀ କହିଥିଲେ, ସମୁଦାୟ ୩୫୪୬ ଆରଆଇ ପଦବୀ ଥିବା ବେଳେ ସେଥିରୁ ୯୮ ପଦବୀ ଖାଲି ଥିବାବେଳେ, ୫୦୩୭ ଏଆରଆଇ ମଞ୍ଜୁରୀପ୍ରାପ୍ତ ପଦବୀରୁ ୧୭୩୩ ଏବଂ ୨୭୬୬ ଅମିନ ପଦବୀରୁ ୧୫୪୭ ପଦବୀ ଖାଲି ରହିଛି। ଉକ୍ତ ଖାଲି ପଦବୀଗୁଡ଼ିକୁ ପଦୋନ୍ନତି ଏବଂ ଚୟନ ☞ ପୃଷ୍ଠା-୪

# ଗୌତମ ଆଦାନୀ ଭାରତର ସବୁଠୁ ଧନୀ

ନୂଆଦିଲ୍ଲୀ, ୨୯।୮

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଶିଳ୍ପପତି ଗୌତମ ଆଦାନୀ ଭାରତର ଶ୍ରେଷ୍ଠ ଧନୀ ବିବେଚିତ ହୋଇଛନ୍ତି। ୨୦୨୪ର ହୁରୁନ ଇଣ୍ଡିଆ ଧନୀ ତାଲିକାରେ ଆଦାନୀ ଓ ତାଙ୍କ ପରିବାରର ସମ୍ପତ୍ତି ପରିମାଣ ୧୧.୬ ଲକ୍ଷ କୋଟି ଟଙ୍କା ଦର୍ଶାଯାଇଛି। ୨୦୨୦ରେ ଆଦାନୀ ଧନୀ ତାଲିକାରେ ଚତୁର୍ଥ ସ୍ଥାନରେ ରହିଥିବାବେଳେ ଗତ ବର୍ଷକ ମଧ୍ୟରେ ତାଙ୍କ ସମ୍ପତ୍ତି ୯୫ ପ୍ରତିଶତ ବୃଦ୍ଧି ପାଇଛି। ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନ୍‌ବର୍ଗ ରିପୋର୍ଟ ଯୋଗୁ ତାଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିଲେ ମଧ୍ୟ ସେଥିରୁ ସେ ମୁକୁଳି ଭାରତର ଧନୀ ତାଲିକାର ଶୀର୍ଷ ମଣ୍ଡନ କରିପାରିଛନ୍ତି। ଗତ ବର୍ଷକ ମଧ୍ୟରେ ଆଦାନୀ ଗ୍ରୁପ୍‌ର ସମସ୍ତ କମ୍ପାନୀ ଶେୟାର ☞ ପୃଷ୍ଠା-୪



# ୨ ଖଣ୍ଡପୀଠ ମୁହାଁମୁହିଁ

## ହସ୍ତକ୍ଷେପ କଲେ ସିଜେଆଇ

ଦେଶରେ ଯେକୌଣସି ବିବାଦ ହେଲେ ନ୍ୟାୟ ପାଇଁ ଶେଷ ଆଶା ହେଉଛି ସୁପ୍ରିମକୋର୍ଟ। କିନ୍ତୁ କୌଣସି ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ଅଦାଲତର ବିଚାରପତିମାନଙ୍କ ମଧ୍ୟରେ ବିବାଦ ଦେଖାଦେଲେ କ'ଣ ହେବ। ଖରାପ ପରମ୍ପରା ସୃଷ୍ଟି ହେବ ଏବଂ ସୁପ୍ରିମକୋର୍ଟଙ୍କ ପ୍ରତି ଲୋକଙ୍କ ସମ୍ମାନ ହ୍ରାସ ପାଇବ। ଏଭଳି ସମୟରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦିଲ୍ଲୀରେ ଗଛକଟାକୁ ନେଇ ଅଦାଲତ ଅବମାନନା ଆବେଦନର ଶୁଣାଣି କରୁଥିବା ଦୁଇଟି ପୃଥକ୍ ଖଣ୍ଡପୀଠ ମଧ୍ୟରେ ଉଠିଥିବା ବିବାଦର ସମାଧାନ ପାଇଁ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ହସ୍ତକ୍ଷେପ କରିଛନ୍ତି। ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଉକ୍ତ ମାମଲା ନିଜ ହାତକୁ ନେଇ ଶୁଣାଣି ଆରମ୍ଭ କରିଛନ୍ତି।


ଜଷ୍ଟିସ୍ ଅଭୟ ଏସ୍. ଓକା


ଜଷ୍ଟିସ୍ ବି.ଆର୍. ଗଭାଇ

ନୂଆଦିଲ୍ଲୀ,୨୯।୮

ଜାତୀୟ ରାଜଧାନୀ ଦିଲ୍ଲୀର ପରିବେଶ ସମ୍ବେଦନଶୀଳ ଜୋନ୍ ରିଜ୍ ଅଞ୍ଚଳରେ ଅନଧିକୃତ ଗଛକଟା ପ୍ରସଙ୍ଗରେ ୨ଟି ଅନୁରୂପ ମାମଲାକୁ ନେଇ ସୁପ୍ରିମକୋର୍ଟଙ୍କ ଦୁଇ ପୃଥକ୍ ବେଞ୍ଚ ମୁହାଁମୁହିଁ ହୋଇଛନ୍ତି। ଏହି ବିବାଦ ଗତ ମାସରେ ସାମ୍ନାକୁ ଆସିଥିଲା। ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ (ଡିଡିଏ) ବିରୋଧରେ ଆଗତ ଅଦାଲତ ଅବମାନନା ଅଭିଯୋଗର ବିଭିନ୍ନ ଦିଗ ଉପରେ ଶୁଣାଣି ପାଇଁ ୨ ଖଣ୍ଡପୀଠ ମାମଲାକୁ ତାଲିକାଭୁକ୍ତ କରିଥିଲେ। ଫଳରେ ନ୍ୟାୟିକ ଅଚଳାବସ୍ଥା ସୃଷ୍ଟି ହେବା ଆଶଙ୍କା ଉପୁଜିଥିଲା। ବିବାଦ ଏଡ଼ାଇବା ପାଇଁ ସିଜେଆଇ ଧନଞ୍ଜୟ ୱାଇ. ଚନ୍ଦ୍ରଚୂଡ଼ ନିଜ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବିଚାର ପାଇଁ ନିଷ୍ପତ୍ତି ନେଇଥିଲେ। ଗୁରୁବାର ଏହାର ଶୁଣାଣି ଆରମ୍ଭ ହୋଇଛି।

ଗତ ଏପ୍ରିଲ ୨୪ରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ (ଫରେଷ୍ଟ ବେଞ୍ଚ) ଡିଡିଏ ବିରୋଧରେ ଟିଏନ୍ ଗୋଦାବର୍ମନ ଜଙ୍ଗଲ ସଂରକ୍ଷଣ ମାମଲାର ଶୁଣାଣି ଆରମ୍ଭ କରିଥିଲେ। ଏଥିସହ ଉପଯୁକ୍ତ ଅନୁମତି ନ ନେଇ ଗଛ କଟାଉଥିବା ଡିଡିଏ ଉପାଧ୍ୟକ୍ଷ ଶୁଭାଶିଷ ପଣ୍ଡାଙ୍କ ବିରୋଧରେ ଅବମାନନା ନୋଟିସ ଜାରି କରିଥିଲେ। ମେ'ରେ ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଡିଡିଏ ବିରୋଧରେ ଏକ ଭିନ୍ନ ଅବମାନନା ମାମଲା ବିଚାର ପାଇଁ ହାତକୁ ନେଇଥିଲେ। ଛତରପୁରରୁ ସାଉଥ୍ ଏସିଆନ୍ ୟୁନିଭର୍ସିଟି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଲାଗି ଗଛ କଟାଯାଉଥିବାରୁ ଡିଡିଏ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆବେଦନକାରୀ ବିନ୍ଦୁ କପୁରିଆ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣିବେଳେ ଜଷ୍ଟିସ୍ ଓକାଙ୍କ ଖଣ୍ଡପୀଠ ଗଛ କାଟିବା ନିର୍ଦ୍ଦେଶ ଦେବାରେ ଡିଡିଏ ଅଧ୍ୟକ୍ଷ ତଥା ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସକ୍ସେନାଙ୍କ ସମ୍ପୃକ୍ତି ଉପରେ ପ୍ରଶ୍ନ କରିଥିଲେ। ଅବାରିତ ଭାବେ ଗଛକଟା ଚାଲିଥିବାରୁ ଶୀର୍ଷ ଅଦାଲତ ଡିଡିଏକୁ କଡ଼ା ସମାଲୋଚନା କରିଥିଲେ।

ଏହା ପୂର୍ବରୁ ମାର୍ଚ୍ଚରେ ସୁପ୍ରିମକୋର୍ଟ ଡିଡିଏକୁ ୧,୦୫୧ ଗଛ କାଟିବା ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ। ଅନୁମତି ଆବେଦନରେ କୌଣସି ସ୍ୱଚ୍ଛତା ନ ଥିବା ସୁପ୍ରିମକୋର୍ଟ କହିଥିଲେ। ପରିବେଶ ସୁରକ୍ଷା କରିବା ଡିଡିଏର କର୍ତ୍ତବ୍ୟ ହୋଇଥିବାବେଳେ ଏହି ସଂସ୍ଥା ସରକାରଙ୍କ ହାତବାରିସି ସାଜିଥିବା କୋର୍ଟ ଭର୍ତ୍ସନା କରିଥିଲେ। ଜୁଲାଇ ୧୨ରେ ଜଷ୍ଟିସ୍ ଓକାଙ୍କ ଖଣ୍ଡପୀଠ ଗଛ କାଟିବାକୁ ଅନୁମତି ଦେଇଥିବା ଉପରାଜ୍ୟପାଳଙ୍କ ବିରୋଧରେ ଅବମାନନା ନୋଟିସ ଜାରି କରିବାକୁ ଚେତାବନୀ ଦେବା ସହ ଜୁଲାଇ ୩୧ରେ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଥିଲେ। ଅନ୍ୟପକ୍ଷେ ରାସ୍ତା ସଂକୀର୍ଣ୍ଣ ଥିବାରୁ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ସିଏପିଏଫ୍‌ଆଇଏମ୍‌ଏସ୍) ହସ୍ପିଟାଲ ଉଦ୍‌ଘାଟନ ବିଳମ୍ବିତ ହୋଇଛି। ତେଣୁ ରାସ୍ତାକୁ ୨୪ ମିଟର ପ୍ରଶସ୍ତ କରିବା ଆବଶ୍ୟକ ବୋଲି ଜୁଲାଇ ୨୪ରେ ଡିଡିଏ ଉପାଧ୍ୟକ୍ଷ ଶୁଭାଶିଷଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ଜଷ୍ଟିସ୍ ଗଭାଇଙ୍କ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ଏହା ପୂର୍ବରୁ ଜଷ୍ଟିସ୍ ଓକାଙ୍କ ଖଣ୍ଡପୀଠ ଅବମାନନା ନୋଟିସ ଜାରି କରିଥିବା ବିଷୟ ଓକିଲ ଜଣାଇବାରୁ ଜଷ୍ଟିସ ଗଭାଇ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗରେ ଏପ୍ରିଲରେ ଆମ ଖଣ୍ଡପୀଠ ନୋଟିସ କରିଥିବାବେଳେ ଅନ୍ୟ ଏକ ଖଣ୍ଡପୀଠ ମାମଲାର ସମାନ୍ତରାଳ ଶୁଣାଣି ପାଇଁ କାହିଁକି ଆଗଭର ହେଲେ ବୋଲି ଗଭାଇ ପ୍ରଶ୍ନ କରିଥିଲେ। ଏକକାଳୀନ ୨ଟି ଖଣ୍ଡପୀଠ ସମାନ ପ୍ରସଙ୍ଗରେ ଶୁଣାଣି କଲେ ରାୟରେ ବିରୋଧାଭାସ ଦେଖାଦେବ ଏବଂ କୋର୍ଟଙ୍କ କର୍ତ୍ତୃତ୍ୱ ପ୍ରତି ଲୋକେ ଉପହାସ କରିବେ।


ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼

ଅନ୍ୟ ଖଣ୍ଡପୀଠ ଏହି ମାମଲା ଶୁଣାଣି ପାଇଁ ତାଲିକାଭୁକ୍ତ କରିବା ପୂର୍ବରୁ ସିଜେଆଇଙ୍କ ମତ ଲୋଡ଼ିବା ଆବଶ୍ୟକ ଥିଲା ବୋଲି ଗଭାଇ କହିଥିଲେ। ଦୁଇଟି ବିପରୀତଧର୍ମୀ ରାୟ ଏଡ଼ାଇବା ପାଇଁ ଗଭାଇ ସିଜେଆଇଙ୍କ ପାଖକୁ ମାମଲାର ଫାଇଲ ପଠାଇଦେଇଥିଲେ। ସିଜେଆଇ ଚନ୍ଦ୍ରଚୂଡ଼ ବିବାଦର ସମାଧାନ କରିବାକୁ ଯାଇ ୨ଟି ଯାକ ମାମଲା ନିଜ ଖଣ୍ଡପୀଠକୁ ନେଇଛନ୍ତି।



# ମମତାଙ୍କ ବିରୋଧରେ ଦିଲ୍ଲୀ ପୋଲିସରେ ଅଭିଯୋଗ

## ନିଆଁ ଜଳିବ ମନ୍ତବ୍ୟ



ନୂଆଦିଲ୍ଲୀ,୨୯।୮

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ତୃଣମୂଳ ଛାତ୍ର ପରିଷଦର ଏକ କାର୍ଯ୍ୟକ୍ରମରେ ଭାଜପା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚେତାବନୀ ଦେଇଥିଲେ। ଯଦି ପଶ୍ଚିମବଙ୍ଗରେ ନିଆଁ ଲାଗେ ତେବେ ଆସାମ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ଦିଲ୍ଲୀ ଜଳିବ ବୋଲି ମମତା କହିଥିଲେ। ଅରାଜକତା ସୃଷ୍ଟି ନିମନ୍ତେ ଉସୁକାଇବା ପାଇଁ ମମତା ଏଭଳି ଉତ୍ତେଜନାପୂର୍ଣ୍ଣ ବକ୍ତବ୍ୟ ଦେଇଥିବା ଅଭିଯୋଗ କରି ସୁପ୍ରିମକୋର୍ଟର ଆଇନଜୀବୀ ବିନୀତ ଜିନ୍ଦଲ ତାଙ୍କ ବିରୋଧରେ ଦିଲ୍ଲୀ ପୋଲିସରେ ଅଭିଯୋଗ କରିଛନ୍ତି। ମମତାଙ୍କ ମନ୍ତବ୍ୟ ଉତ୍ତେଜନାପୂର୍ଣ୍ଣ, ଆଞ୍ଚଳିକ ହିଂସା ଓ ଶତ୍ରୁତା ବଢ଼ାଇବା ପାଇଁ ଉଦ୍ଦିଷ୍ଟ ଏବଂ ଜାତୀୟ ସୌହାର୍ଦ୍ଦ୍ୟ ତଥା ଆଇନଶୃଙ୍ଖଳା ପ୍ରତି ବିପଦ ବୋଲି ଜିନ୍ଦଲ ଦର୍ଶାଇଛନ୍ତି। ଜଣେ ମୁଖ୍ୟମନ୍ତ୍ରୀ ଭାବେ ମମତାଙ୍କ ଏଭଳି ଶବ୍ଦର ଯଥେଷ୍ଟ ପ୍ରଭାବ ରହିଛି, ଯାହା ବିପଜ୍ଜନକ। ସେ ପଡୋଶୀ ରାଜ୍ୟ ସମେତ ଦିଲ୍ଲୀରେ ମଧ୍ୟ ନିଆଁ ଜଳିବ ବୋଲି କହିଥିବାରୁ ଏଠାର ବାସିନ୍ଦା ଭାବେ ପୋଲିସରେ ଅଭିଯୋଗ କରିଥିବା ଆଇନଜୀବୀ କହିଛନ୍ତି। ଟିଏମ୍‌ସି ନେତ୍ରୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୫୨, ୧୯୨, ୧୯୬ ଏବଂ ୩୫୩ରେ ମାମଲା ଦାଏର ପାଇଁ ସେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ମମତାଙ୍କ ଇସ୍ତଫା ଦାବି କରି ଛାତ୍ରୀଛାତ୍ର ରାଜ୍ୟ ସଚିବାଳୟ ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିବାବେଳେ ପୋଲିସ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପୋଲିସର ଲାଠିମାଡ଼ରେ ବହୁ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏହାର ପ୍ରତିବାଦରେ ବୁଧବାର ଭାଜପା ୧୨ ଘଣ୍ଟିଆ ବନ୍ଦ ପାଳନ କରିବାକୁ ମମତା ନିନ୍ଦା କରିଥିଲେ। ପଶ୍ଚିମବଙ୍ଗକୁ ବଦନାମ କରିବା ପାଇଁ ଭାଜପା ଏଭଳି କରୁଛି। ରାଜ୍ୟରେ ଅରାଜକତା ସୃଷ୍ଟି ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଦଳକୁ ବ୍ୟବହାର କରୁଥିବା ମମତା ଅଭିଯୋଗ କରିବା ସହ ଉପରୋକ୍ତ ଚେତାବନୀ ଦେଇଥିଲେ।

# ସୋମବାର ପଶ୍ଚିମବଙ୍ଗ ବିଧାନସଭାରେ ଆସିବ ବଳାତ୍କାର ନିରୋଧୀ ବିଲ୍

କୋଲକାତା,୨୯।୮ (ପି.ଟି.)

ବଳାତ୍କାର ନିରୋଧୀ ବିଲ୍ ଗୃହୀତ କରାଇବା ପାଇଁ ପଶ୍ଚିମବଙ୍ଗ ସରକାର ୨ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ସୋମବାର ବିଲ୍ ଆଗତ ହେବାକୁ ଥିବାବେଳେ ମଙ୍ଗଳବାର ଏହା ଉପରେ ଆଲୋଚନା ହୋଇ ଗୃହୀତ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଶୋଭନଦେବ ଚଟ୍ଟୋପାଧ୍ୟାୟ କହିଛନ୍ତି। ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ନୂଆ ଆଇନରେ ବ୍ୟବସ୍ଥା ରହିବ। ବର୍ତ୍ତମାନର ରାଜ୍ୟ ଆଇନରେ ସଂଶୋଧନ ଆଣି ବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦେବା ନିମନ୍ତେ ଆସନ୍ତା ସପ୍ତାହରେ ବିଲ୍ ଗୃହୀତ ହେବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦିନକ ପୂର୍ବରୁ କହିଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖରେ କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ପଶ୍ଚିମବଙ୍ଗରେ ସାମାଜିକ ଓ ରାଜନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ଏଭଳି ଅପରାଧକୁ ରୋକିବା ପାଇଁ ଆଇନକୁ କଡ଼ାକଡ଼ି କରାଯିବ ବୋଲି ମମତା କହିଥିଲେ।

# ରେଭନ୍ତ ରେଡ୍ଡୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୨୯।୮

ଦିଲ୍ଲୀ ଅବକାରୀ ନୀତି ସହ ସମ୍ପୃକ୍ତ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ଜାମିନ ଉପରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଭନ୍ତ ରେଡ୍ଡୀଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ତାଙ୍କୁ ଭର୍ତ୍ସନା କରିଛନ୍ତି। କବିତାଙ୍କୁ ଜାମିନ ପ୍ରଦାନ ନିମନ୍ତେ ଭାଜପା ଏବଂ ବିଆର୍‌ଏସ୍ ମଧ୍ୟରେ ଡିଲ୍ ହୋଇଥିବା ରେଭନ୍ତ ଅଭିଯୋଗ କରିଥିଲେ। ଏଭଳି ମନ୍ତବ୍ୟ ଜନସାଧାରଣଙ୍କ ମନରେ ଆଶଙ୍କା ସୃଷ୍ଟି କରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜଣେ ଦାୟିତ୍ୱସମ୍ପନ୍ନ ମୁଖ୍ୟମନ୍ତ୍ରୀ ଏଭଳି ମନ୍ତବ୍ୟ ଦେବା ଉଚିତ କି ବୋଲି ଅଦାଲତ ପ୍ରଶ୍ନ କରିଛନ୍ତି। ଆମେ ରାଜନୈତିକ ଦଳ ସହ ପରାମର୍ଶ କରି ରାୟ ଦେଇଥିଲୁ କି ବୋଲି ଜଷ୍ଟିସ୍ ବି.ଆର୍.ଗଭାଇଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, ରେଭନ୍ତ ମଙ୍ଗଳବାର କହିଥିଲେ, ମନୀଷ ସିସୋଡିଆ ୧୫ ମାସ ପରେ ଜାମିନ ପାଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏପର୍ଯ୍ୟନ୍ତ ଜେଲରେ ଅଛନ୍ତି। ୫ ମାସ ପରେ କବିତାଙ୍କୁ ଜାମିନ ମିଳିବା ଉପରେ ସନ୍ଦେହ ହେଉଛି। ଗତ ଲୋକ ସଭା ନିର୍ବାଚନରେ ବିଆର୍‌ଏସ୍ ଭାଜପାର ବିଜୟ ପାଇଁ କାମ କରିଥିଲା। କବିତାଙ୍କୁ ଜାମିନ ଦେବା ପାଇଁ ୨ ଦଳ ମଧ୍ୟରେ ଡିଲ୍ ହୋଇଥିବା ରେଭନ୍ତ ଅଭିଯୋଗ କରିଥିଲେ।

# ପ୍ରତିରକ୍ଷା ତଥ୍ୟ ଲିକ୍ ପଛରେ ପାକ୍ ରାକେଟ୍

## ୭ ରାଜ୍ୟରେ ଏନ୍‌ଆଇଏର ଚଢ଼ାଉ

ନୂଆଦିଲ୍ଲୀ,୨୯।୮

ପାକିସ୍ତାନୀ ଗୁପ୍ତଚର ରାକେଟ୍ ଜରିଆରେ ଭାରତୀୟ ପ୍ରତିରକ୍ଷା ତଥ୍ୟ ପ୍ରଘଟ ଘଟଣାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୭ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ୨୨ଟି ମୋବାଇଲ ଫୋନ୍ ଏବଂ ଅନେକ ସମ୍ବେଦନଶୀଳ ଦସ୍ତାବିଜ୍ ଜବତ କରିଛି। ସନ୍ଦିଗ୍ଧମାନେ ଭାରତରେ ଗୁପ୍ତଚର କାର୍ଯ୍ୟ ଚଳାଇବା ପାଇଁ ପାକିସ୍ତାନରୁ ବିପୁଳ ଅର୍ଥ ପାଉଥିଲେ। ଏହି ମାମଲା ସହ ସମ୍ପୃକ୍ତ ଥିବା ଗୁଜରାଟ, କର୍ଣ୍ଣାଟକ, କେରଳ, ତେଲଙ୍ଗାନା, ଉତ୍ତରପ୍ରଦେଶ, ବିହାର ଏବଂ ହରିୟାଣାର ୧୬ଟି ସ୍ଥାନରେ ଚଢ଼ାଉ କରାଯାଇଥିବା ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ସୂଚନା ଦେଇଛନ୍ତି।

ଦୀର୍ଘବର୍ଷ ହେଲା ଏହି ଗୁପ୍ତଚର ବୃତ୍ତି ଚାଲିଥିବାବେଳେ ପ୍ରଥମେ ଆନ୍ଧ୍ରପ୍ରଦେଶର ଗୋଇନ୍ଦା ନିରୋଧୀ ସେଲ୍ ୨୦୨୧ ଜାନୁଆରୀରେ ମାମଲା ରୁଜୁ କରିଥିଲା। ୨୦୨୩ ଜୁଲାଇରେ ଏନ୍‌ଆଇଏ ଏହାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲା। ସୀମା ଆରପଟୁ ଭାରତ ବିରୋଧୀ ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ ଭାରତୀୟ ନୌସେନାର ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ତଥ୍ୟ ଏହି ରାକେଟ୍ ଜରିଆରେ ପ୍ରଘଟ ହେଉଥିବା ଜଣାପଡ଼ିଥିଲା। ୨୦୨୩ ଜୁଲାଇ ୧୯ରେ ଏନ୍‌ଆଇଏ ପାକିସ୍ତାନୀ ପଳାତକ ମୀର ବାଲାଜ ଖାନ୍‌ଙ୍କ ସମେତ ୨ ଅଭିଯୁକ୍ତଙ୍କ ନାଁରେ ଚାର୍ଜଶିଟ୍ ଦାଖଲ କରିଥିଲା। ଖାନ୍ ଓ ଅନ୍ୟ ଅଭିଯୁକ୍ତ ଆକାଶ ସୋଲାଙ୍କି ଗୁପ୍ତଚର ରାକେଟ୍‌ରେ ସମ୍ପୃକ୍ତ ଥିବା ଅଧିକାରୀ ଜଣକ କହିଛନ୍ତି। ସେହିବର୍ଷ ନଭେମ୍ବର ୬ରେ ଏନ୍‌ଆଇଏ ଅନ୍ୟ ୨ ଅଭିଯୁକ୍ତ ମନମୋହନ ସୁରେନ୍ଦ୍ର ପଣ୍ଡା ଏବଂ ଆଲଭେନ୍‌ଙ୍କ ନାଁରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଥିଲା। ପଣ୍ଡା ଗିରଫ ହୋଇଥିବାବେଳେ ପାକିସ୍ତାନୀ ଗୋଇନ୍ଦା ଅପରେଟିଭ୍ ଆଲଭିନ ଫେରାର ହୋଇଯାଇଥିଲେ। ଗତ ମେ'ରେ ଏନ୍‌ଆଇଏ ଅମାନ ସଲିମ ଶେଖ୍ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କ ନାଁରେ ଦ୍ୱିତୀୟ ଅତିରିକ୍ତ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା।

# ଏସ୍‌ସିଓ ବୈଠକ: ମୋଦିଙ୍କୁ ପାକିସ୍ତାନର ଆମନ୍ତ୍ରଣ

ଇସ୍‌ଲାମାବାଦ,୨୯।୮ (ପି.ଟି.)

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ବୈଠକ ଆସନ୍ତା ଅକ୍ଟୋବର ୧୫ ଓ ୧୬ରେ ଇସ୍‌ଲାମାବାଦରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସରକାରଙ୍କ ମୁଖ୍ୟମାନେ ଯୋଗଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବୈଠକରେ ଯୋଗଦେବା ନିମନ୍ତେ ପାକିସ୍ତାନ ଆମନ୍ତ୍ରଣ କରିଛି। ମୋଦିଙ୍କ ସମେତ ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକର ମୁଖ୍ୟଙ୍କୁ ନିମନ୍ତ୍ରଣ ପଠାଯାଇଥିବା ପାକ୍ ବହିର୍ବ୍ୟାପାର କାର୍ଯ୍ୟାଳୟ ମୁଖପାତ୍ର ମୁମତାଜ ଜହରା ବାଲୋଚ ଗୁରୁବାର କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବୈଠକରେ ଯୋଗଦେବା ନେଇ ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

# ରୁଷିଆର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ପାଭେଲ ଗିରଫ

ମସ୍କୋ,୨୯।୮

ଜାଲିଆତି ଅଭିଯୋଗରେ ରୁଷିଆର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ପାଭେଲ ପୋପୋଭ୍‌ଙ୍କୁ ଗୁରୁବାର ଗିରଫ କରାଯାଇଛି। ସେ ଦୋଷୀସାବ୍ୟସ୍ତ ହେଲେ ୧୦ ବର୍ଷ ଜେଲରେ ରହିପାରନ୍ତି ବୋଲି ରୁଷିଆ ସରକାରୀ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ଗତ କିଛିମାସ ମଧ୍ୟରେ ଜାଲିଆତି, ଲାଞ୍ଚ କାରବାର ଏବଂ କ୍ଷମତାର ଦୁରୁପଯୋଗ ଅଭିଯୋଗରେ ଗିରଫ ହେବାରେ ପୋପୋଭ ହେଉଛନ୍ତି ରୁଷିଆର ଅଷ୍ଟମ ଶୀର୍ଷ ସାମରିକ ଅଧିକାରୀ। ଗତ ଏପ୍ରିଲରେ ଲାଞ୍ଚ ମାମଲାରେ ଉପପ୍ରତିରକ୍ଷା ମନ୍ତ୍ରୀ ଟିମୁର ଇଭାନୋଭଙ୍କୁ ଗିରଫ କରାଯିବା ସହ ପଦବୀରୁ ବହିଷ୍କୃତ କରାଯାଇଥିଲା। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦୀର୍ଘଦିନର ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କୁ ହଟାଇ ତାଙ୍କ ସ୍ଥାନରେ ଅର୍ଥନୀତିଜ୍ଞ ଆଣ୍ଡ୍ରେଇ ବେଲୁସୋଭ୍‌ଙ୍କୁ ଦାୟିତ୍ୱ ଦେବା ପରେ ଟିମୁର ଗିରଫ ହୋଇଥିଲେ।

ରୁଷିଆର ମିଲିଟାରୀ ଡିସ୍‌ନିଲ୍ୟାଣ୍ଡ ଭାବେ ଜଣାଶୁଣା ମସ୍କୋର ବିସ୍ତୃତ ପାଟ୍ରିଅଟ୍ ପାର୍କର ବ୍ୟବସାୟିକ କାରବାରରେ ଜାଲିଆତି ନେଇ ପୋପୋଭଙ୍କ ନାଁରେ ମାମଲା ରୁଜୁ ହୋଇଛି। ରୁଷିଆର ଯୁବପିଢ଼ିଙ୍କୁ ଦେଶପ୍ରେମ ପ୍ରତି ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁଙ୍କର ଏହା ପୋଷ୍ୟ ପ୍ରକଳ୍ପ ଥିଲା। ସୋଭିଏତ ଏବଂ ରୁଷିଆର ଅସ୍ତ୍ରଶସ୍ତ୍ର ସେଠାରେ ପ୍ରଦର୍ଶିତ ହୋଇଥାଏ। ସେଠାରେ ଫାୟାରିଂ ରେଞ୍ଜ, ଏୟାରବେସ୍, ମ୍ୟୁଜିୟମ, କନ୍‌ଫେରେନ୍ସ ସେଣ୍ଟର ଏବଂ ରୁଷିଆ ସଶସ୍ତ୍ର ବଳର କାଥେଡ୍ରାଲ ରହିଛି। ଉକ୍ତ ଚର୍ଚ୍ଚର ମୁଖ୍ୟ ପ୍ରତିମା ନିର୍ମାଣ ଲାଗି ପୁଟିନ୍ ବ୍ୟକ୍ତିଗତ ଭାବେ ଅର୍ଥ ଦେଇଥିଲେ।


ପାଭେଲ ପୋପୋଭ୍



# ଗ୍ରୀସ୍ ଉପକୂଳରେ ୧୦୦ ଟନ୍ ମଲା ମାଛ

ଭୋଲୋସ୍,୨୯।୮

ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ମଣିଷଙ୍କ ଜୀବନକୁ ଦୁର୍ବିସହ କରିନାହିଁ, ବନ୍ୟଜନ୍ତୁ ଓ ସାମୁଦ୍ରିକ ଜୀବ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଗ୍ରୀସ୍‌ର ଭୋଲୋସ୍ ବନ୍ଦର ଆଖପାଖ ଅଞ୍ଚଳରେ ୧୦୦ ଟନ୍‌ରୁ ଊର୍ଦ୍ଧ୍ୱ ମଲା ମାଛ ପଡ଼ିଥିବା ଦେଖିବାକୁ ମିଳିଛି। ଏଥେନ୍ସ ଉତ୍ତର ଉପକୂଳବର୍ତ୍ତୀ ୩୨୦ କିଲୋମିଟରବ୍ୟାପୀ ଅଞ୍ଚଳରେ ଏହି ମାଛଗୁଡ଼ିକ ପଡ଼ି ରହିଛନ୍ତି। ଫଳରେ ସମ୍ପୃକ୍ତ ଅଞ୍ଚଳରେ ୩ ଦିନ ଧରି ମାଛ ବ୍ୟବସାୟ ୮୦ ପ୍ରତିଶତ ହ୍ରାସ ପାଇଥିବା ଭୋଲୋସ୍ ଚାମ୍ବର ଅଫ୍ କମର୍ସ ପକ୍ଷରୁ କୁହାଯାଇଛି।

# ୱାଇଏସ୍‌ଆର୍‌ସିପିର ୨ ରାଜ୍ୟ ସଭା ସଦସ୍ୟଙ୍କ ଇସ୍ତଫା

## ଟିଡିପିରେ ଯୋଗଦେଇପାରନ୍ତି

ନୂଆଦିଲ୍ଲୀ,୨୯।୮

ୱାଇଏସ୍‌ଆର୍‌ସିପିର ୨ ଜଣ ଏମ୍‌ପି ଗୁରୁବାର ରାଜ୍ୟ ସଭାରୁ ଇସ୍ତଫା ଦେଇଛନ୍ତି। ଗତ ଲୋକ ସଭା ଓ ଆନ୍ଧ୍ରପ୍ରଦେଶ ବିଧାନସଭାରେ ଏହି ଦଳ ଶୋଚନୀୟ ପରାଜିତ ହୋଇଥିବାବେଳେ ୨ ରାଜ୍ୟ ସଭା ସଦସ୍ୟଙ୍କ ଇସ୍ତଫା ଦଳର ନେତା ଜଗନମୋହନ ରେଡ୍ଡୀଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ୨ ଏମ୍‌ପି ବୀଧମାସ୍ତନ ରାଓ ଯାଦବ ଏବଂ ଭେଙ୍କଟରମଣ ରାଓ ମୋପିଦେବୀଙ୍କ ଇସ୍ତଫାପତ୍ରକୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନ୍‌କର ଗ୍ରହଣ କରିଛନ୍ତି। ଭେଙ୍କଟରମଣଙ୍କ ରାଜ୍ୟ ସଭା ସଦସ୍ୟତା କାର୍ଯ୍ୟକାଳ ୨୦୨୬ ଜୁନ୍ ପର୍ଯ୍ୟନ୍ତ ଥିଲା। ସେ ଦଳ ଛାଡ଼ିବେ ବୋଲି ମଧ୍ୟ ସ୍ପଷ୍ଟ କରିଛନ୍ତି। ଉଭୟ ନେତା ଟିଡିପିରେ ଯୋଗଦେଇପାରନ୍ତି। ସେମାନେ ଟିଡିପି ଅଧ୍ୟକ୍ଷ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି।

# ଆସାମ ବିଧାନସଭାରେ ମୁସଲମାନ ମହିଳା ବିବାହ ପଞ୍ଜୀକରଣ ବିଲ୍ ଗୃହୀତ

ଗୁଆହାଟୀ,୨୯।୮ (ପି.ଟି.)

ମୁସଲମାନଙ୍କ ବିବାହ ଏବଂ ଛାଡ଼ପତ୍ରର ସରକାରୀ ପଞ୍ଜୀକରଣକୁ ବାଧ୍ୟତାମୂଳକ କରିବା ପାଇଁ ଆସାମ ବିଧାନସଭାରେ ଗୁରୁବାର ଏକ ବିଲ୍ ଗୃହୀତ ହୋଇଛି। ରାଜସ୍ୱ ମନ୍ତ୍ରୀ ଯୋଗେନ ମୋହନ ମଙ୍ଗଳବାର ଉକ୍ତ ବିଲ୍ ଆଗତ କରିଥିଲେ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ପୂର୍ବରୁ କାଜିମାନଙ୍କ ଦ୍ୱାରା କରାଯାଇଥିବା ମୁସଲମାନ ବିବାହ ପଞ୍ଜୀକରଣ ବୈଧ ରହିବ। ତେବେ ନୂଆ ବିବାହର ପଞ୍ଜୀକରଣ ନୂତନ ଆଇନ ଅନୁଯାୟୀ ସରକାରୀ କାର୍ଯ୍ୟାଳୟରେ କରାଯିବ। ନୂଆ ଆଇନ କାର୍ଯ୍ୟକାରୀ ହେଲେ ବାଲ୍ୟବିବାହ ପଞ୍ଜୀକରଣ ସମ୍ପୂର୍ଣ୍ଣ ନିଷେଧ ହେବ। ବାଲ୍ୟ ବିବାହ ଏବଂ ବରକନ୍ୟାଙ୍କ ବିନା ସହମତିରେ ବିବାହକୁ ରୋକିବା ପ୍ରସ୍ତାବିତ ଆଇନର ଉଦ୍ଦେଶ୍ୟ। ଏହା ବହୁବିବାହକୁ ରୋକିବା ସହ ବିବାହିତା ମହିଳା ଶାଶୁଘରେ ସେମାନଙ୍କ ବଞ୍ଚି ରହିବାର ଅଧିକାର ଏବଂ ଭରଣପୋଷଣ ଦାବି କରିପାରିବେ। ସେହିପରି ବିଧବା ମହିଳା ସ୍ୱାମୀଙ୍କ ସମ୍ପତ୍ତି ଉପରେ ଉତ୍ତରାଧିକାର ଓ ଅନ୍ୟାନ୍ୟ ସୁବିଧା ଦାବି କରିପାରିବେ। ବିବାହ ପରେ ଜଣେ ପୁରୁଷ ତାଙ୍କ ସ୍ତ୍ରୀଙ୍କୁ ଘରୁ ତଡ଼ିଦେଇ ପାରିବ ନାହିଁ। ଉକ୍ତ ଆଇନ ଦ୍ୱାରା ବିବାହ ଅନୁଷ୍ଠାନ ସୁଦୃଢ଼ ହେବ ବୋଲି ହିମନ୍ତ କହିଛନ୍ତି।

# ମୁମ୍ବାଇ ଏସିଆର ବିଲିୟନେୟାର କ୍ୟାପିଟାଲ

## ବେଜିଂକୁ ପଛରେ ପକାଇଲା

ନୂଆଦିଲ୍ଲୀ, ୨୯।୮

'ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟ-୨୦୨୪' ଗୁରୁବାର ଜାରି ହୋଇଛି। ଏହି ରିପୋର୍ଟ ଅନୁଯାୟୀ, ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇ ଚାଇନାର ରାଜଧାନୀ ବେଜିଂକୁ ପଛରେ ପକାଇ ଏସିଆର ବିଲିୟନେୟାର କ୍ୟାପିଟାଲ ଭାବେ ଉଭା ହୋଇଛି। ସମ୍ପ୍ରତି ମୁମ୍ବାଇରେ ୩୮୬ ଜଣ ବିଲିୟନେୟାର ଥିବା ଏହି ରିପୋର୍ଟ କହିଛି। ଗତବର୍ଷର ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟଠାରୁ ଚଳିତ ଥର ମୁମ୍ବାଇରେ ୫୮ ଜଣ ବିଲିୟନେୟାରଙ୍କର ବୃଦ୍ଧି ଘଟିଛି। 'ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୪' ଅନୁଯାୟୀ, ୨୧୭ ଜଣ ବିଲିୟନେୟାରଙ୍କ ସହ ଦିଲ୍ଲୀ ଭାରତର ଦ୍ୱିତୀୟ ସବୁଠୁ ଧନୀ ସହର ଭାବେ ଉଭା ହୋଇଛି। ରିପୋର୍ଟରେ ୧୦୪ ଜଣ ବିଲିୟନେୟାରଙ୍କ ସହ ହାଇଦ୍ରାବାଦ ଭାରତର ତୃତୀୟ ସବୁଠୁ ଧନୀ ସହର ହୋଇଥିବାବେଳେ ୧୦୦ ଜଣ ବିଲିୟନେୟାରଙ୍କ ସହ ବେଙ୍ଗାଲୁରୁ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ସେହିପରି ଚେନ୍ନାଇରେ ୮୨ ଜଣ, କୋଲକାତାରେ ୬୯, ଅହମଦାବାଦରେ ୬୭, ପୁଣେରେ ୫୩, ସୁରଟରେ ୨୮ ଏବଂ ଗୁରୁଗ୍ରାମରେ ୨୩ ଜଣ ବିଲିୟନେୟାର ରହିଛନ୍ତି। ତେବେ ବିଲିୟନେୟାରଙ୍କ କ୍ଷେତ୍ରରେ ଭାରତ ଚାଇନାକୁ ପଛରେ ପକାଇଥିବା ଏହି ରିପୋର୍ଟ କହିଛି। ଗତ ବର୍ଷ ତୁଳନାରେ ଭାରତରେ ବିଲିୟନେୟାରଙ୍କ ସଂଖ୍ୟା ୨୯% ବଢ଼ିଥିବାବେଳେ ଚାଇନାରେ ଏହି ସଂଖ୍ୟା ୨୫% ହ୍ରାସ ଘଟିଛି।






**ଲେଖକଙ୍କ ସହ କଥୋପକଥନ**

ଧରିତ୍ରୀ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବତନ କୂଟନୀତିଜ୍ଞ ତଥା ଲେଖକ ଟିସିଏ ରାଘବନ୍‌ଙ୍କ ପୁସ୍ତକ 'ସର୍କଲସ୍ ଅଫ୍ ଫ୍ରିଡମ୍' ବିଷୟରେ ଔପନ୍ୟାସିକ ଚନ୍ଦ୍ରହାସ ଚୌଧୁରୀ ଆଳାପ କରୁଛନ୍ତି। ଏହି ଅବସରରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟ ପରିବାର ସଦସ୍ୟଙ୍କ ସହ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

# ୫୫ନଂ. ଜାତୀୟ ରାଜପଥ ୧୨ ଘଣ୍ଟା ଜାମ

ଢେଙ୍କାନାଳ,୨୯।୮ (ରତନ ନାୟାର)

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଖଡ଼ଗପ୍ରସାଦ ଠାରୁ କଣ୍ଟାବଣିଆ ଥାନା ଅଞ୍ଚଳ ପର୍ଯ୍ୟନ୍ତ ଗୁରୁବାର ୧୨ ଘଣ୍ଟା ଧରି ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ସକାଳ ୮ଟାରୁ ସନ୍ଧ୍ୟା ୮ଟା ଯାଏ ରାଜପଥରେ ସହସ୍ରାଧିକ ଗାଡ଼ି ଅଟକି ରହିଥିବା ଦେଖାଯାଇଥିଲା। ଫଳରେ ଜାମ୍‌ରେ ଫସି ରହିଥିବା ଗାଡ଼ି ଚାଳକ ଓ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା।

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଦିନବେଳା ଭାରିଯାନ ପାଇଁ ନୋ ଏଣ୍ଟ୍ରି ଲାଗୁ ଯୋଗୁ ଏଭଳି ଜାମ ହୋଇଥିବା ଅଟକି ରହିଥିବା ଭାରିଯାନ ଚାଳକମାନେ କହିଛନ୍ତି। ଏଥିଯୋଗୁ ରାଜପଥର ଉଭୟ ପାର୍ଶ୍ୱରେ ସହସ୍ରାଧିକ ଭାରିଯାନ ଅଟକି ରହିଥିଲା। ଫଳରେ ରାଜପଥରେ ଚାରିଚକିଆ କିମ୍ବା ଦୁଇଚକିଆ ଯାନ ମଧ୍ୟ ଯାତାୟାତ କରିପାରି ନ ଥିଲା। ଏପରିକି ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଆଗକୁ ଗଡ଼ିବା ସମ୍ଭବପର ହୋଇ ନ ଥିଲା। ମୋଟଙ୍ଗା ଥାନା ଓ କଣ୍ଟାବଣିଆ ଥାନା ଅଞ୍ଚଳରେ ଥିବା ଶିଳ୍ପାନୁଷ୍ଠାନ ଗୁଡିକରୁ କୌଣସି ଗାଡ଼ି ବାହାରି ପାରି ନ ଥିବା କିମ୍ବା କମ୍ପାନୀ ପରିସରକୁ ଯାଇପାରି ନ ଥିଲା। ଦୀର୍ଘ ସମୟ ଯାଏ କୌଣସି ପ୍ରଶାସନିକ ଅଧିକାରୀ ଓ ପୋଲିସକୁ ଘଟଣାସ୍ଥଳରେ ଦେଖିବାକୁ ମିଳି ନ ଥିଲା। ଅଧିକଂଶ ସମୟରେ ରାଜପଥରେ ଏଭଳି ଜାମ୍‌କୁ ନେଇ ଉଭୟ ଢେଙ୍କାନାଳ ଓ ଅନୁଗୋଳ ଜିଲା ପ୍ରଶାସନ ଏବଂ ପୋଲିସର ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି। କିଛି କମ୍ପାନୀ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଅନୁଗୋଳ ଜିଲା ପ୍ରଶାସନ ସହିତ ଆଲୋଚନା କରିଥିବା ଜଣାପଡିଛି।



## ସକାଳ ୮ଟାରୁ ଅଟକିଛି ସହସ୍ରାଧିକ ଗାଡ଼ି

ସେହିପରି ଢେଙ୍କାନାଳ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ, ଆଞ୍ଚଳିକ ପରିବହନ ବିଭାଗ କର୍ତ୍ତୃପକ୍ଷ ମଧ୍ୟ ଅନୁଗୋଳ ଜିଲା ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଢେଙ୍କାନାଳ ଏସ୍‌ପି ମଡକର ସନ୍ଦିତ ସମ୍ପଦ କହିଛନ୍ତି, ଅନୁଗୋଳ ଜିଲା ପ୍ରଶାସନ ଓ ପୋଲିସ ସହିତ ଆଲୋଚନା କରାଯାଇ ଏହାର ସମାଧାନ ଉଦ୍ୟମ ଜାରି ରହିଛି। ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଛନ୍ତି, ଅତିରିକ୍ତ ଜିଲାପାଳ ଅନୁଗୋଳ ପ୍ରଶାସନ ସହିତ ଆଲୋଚନା ଜାରି ରଖିଛନ୍ତି। ଘଟଣାର କିପରି ସମାଧାନ ହୋଇପାରିବ, ଉଦ୍ୟମ କରାଯାଉଛି।

# ବ୍ଲକରେ ଉନ୍ନୟନ କାମ ବନ୍ଦକୁ ନେଇ ବିଧାନସଭାରେ ହଟ୍ଟଗୋଳ

ଭୁବନେଶ୍ୱର,୨୯।୮ (ଅନିଲ ଦାସ)

ରାଜ୍ୟର ୩୧୪ ବ୍ଲକରେ ଉନ୍ନୟନ କାମ ଠପ୍ ହୋଇଯାଇଛି। କାମ ବନ୍ଦ କରିବାକୁ ଅଘୋଷିତ ନିର୍ଦ୍ଦେଶନାମା ଦିଆଯାଇଛି। ଗତ ୨ ମାସରୁ ଉର୍ଦ୍ଧ୍ୱ ହେବ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁ ନାହିଁ। କାମ କାହିଁକି ବନ୍ଦ ହୋଇଛି ସେ ବିଷୟରେ ବିଜେଡି ରାଜ୍ୟ ସରକାରଙ୍କଠାରୁ କୈଫିୟତ ତଲବ କରିଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ମୁଲତବୀ ପ୍ରସ୍ତାବ ଦେଇଥିଲେ ମଧ୍ୟ ବାଚସ୍ପତି ତାହାକୁ ଗ୍ରହଣ ନ କରିବାରୁ ବିଧାନସଭାରେ ବିଜେଡି ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରି ଗୃହକୁ ଅଚଳ କରିଦେଇଛନ୍ତି। ଶୂନ୍ୟକାଳରେ ବିଜେଡି ସଭ୍ୟ ଅରୁଣ ସାହୁ ଏହି ପ୍ରସଙ୍ଗ ଉଠାଇ କହିଲେ, ୩୧୪ ବ୍ଲକରେ କୌଣସି ଉନ୍ନୟନ କାର୍ଯ୍ୟ ହେଉନି। ସମସ୍ତ କାର୍ଯ୍ୟ ଠପ୍ ହୋଇଯାଇଛି। କାମ ବନ୍ଦ କରିବାକୁ ଅଘୋଷିତ ନିର୍ଦ୍ଦେଶନାମା ଦିଆଯାଇଛି। ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ତାହାକୁ ଗ୍ରହଣ କରାଗଲା ନାହିଁ। ଉନ୍ନୟନ କାମ ବିଷୟରେ ଆଲୋଚନା କରିବା କ'ଣ ମନା। ବାଚସ୍ପତି ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଅନୁମତି ଦିଅନ୍ତୁ। ଗୃହରେ ଏ ପ୍ରସଙ୍ଗ ଆଲୋଚନା ହେଉ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଗଣେଶ୍ୱର ବେହେରା ମଧ୍ୟ ସମାନ ପ୍ରସଙ୍ଗ ଉତ୍ଥାପନ କରି କହିଥିଲେ, ମୁଲତବୀ ପ୍ରସ୍ତାବ ଦେବା ବିରୋଧୀ ଦଳଙ୍କର ବୈଧାନିକ ଅଧିକାର। ତାଙ୍କୁ ଏଥିରୁ ବଞ୍ଚିତ କରାଯିବା ଉଚିତ ନୁହେଁ। ଦୁଇ ଦୁଇ ଥର ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ଦିଆଗଲା ତଥାପି ଗ୍ରହଣ କରାଯାଉ ନାହିଁ। ଏତିକିବେଳେ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ପାଟିତୁଣ୍ଡ କରିଥିଲେ। ସରକାର ତୁମେ ଆମର ଦାବି ମାନିନିଅ... ମାନିନିଅ ସ୍ଲୋଗାନ ଦେଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିରୋଧୀ ଦଳକୁ ଜବାବ ଦେଇ ବିଧାନସଭାର ରୁଲ୍ସ ଓ ବିଜ୍‌ନେସ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ସମୟରେ ବିଜେଡି ସଭ୍ୟ ଯୋଗେଶ ସିଂ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଉଦ୍ୟମ କରିଥିଲେ। ବାଚସ୍ପତି ବିରୋଧୀ ଦଳ ସଦସ୍ୟଙ୍କ ଦାବି ଉପରେ ସ୍ପଷ୍ଟୀକରଣ ଦେଇ କହିଥିଲେ, ବିଜେଡି ସଭ୍ୟ ଅରୁଣ ସାହୁ, ଗଣେଶ୍ୱର ବେହେରା ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କଠାରୁ ଶୁଣିବା ପରେ ଧାରା -୬୦(ଗ) ଅନୁଯାୟୀ ମୁଲତବୀ ପ୍ରସ୍ତାବ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ନ ଥିବାରୁ ଗୃହରେ ଆଲୋଚନା ପାଇଁ ଆଣିପାରିବି ନାହିଁ। ଏତିକିବେଳେ ବିଜେଡି ସଭ୍ୟମାନେ ପ୍ରବଳ ହଟ୍ଟଗୋଳ କଲେ। ବାଚସ୍ପତି ବାଧ୍ୟହୋଇ ଗୃହକୁ ୧୨ଟା ୧୧ ମିନିଟ୍‌ରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।




## ୫ ବର୍ଷରେ ଓଡ଼ିଶାରୁ ୧୫୭ କେ.ଜି. ରତ୍ନପଥର ଉତ୍ତୋଳନ ହୋଇଛି

ଭୁବନେଶ୍ୱର,୨୯।୮ (ଅନିଲ ଦାସ)

ଗତ ୫ ବର୍ଷରେ ଓଡ଼ିଶାରୁ ୧୫୭ କେ.ଜି. ରତ୍ନପଥର ଉତ୍ତୋଳନ ହୋଇଛି। ବିଜେଡି ସଭ୍ୟ କଳିକେଶ ନାରାୟଣ ସିଂ ଦେଓଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୩ଟି ରତ୍ନପଥର ଖଣି କାର୍ଯ୍ୟକ୍ଷମ ରହିଛି। ସେହିପରି ୮ଟି ରତ୍ନପଥର ଖଣି ଖନନ ପାଇଁ ଅନୁମତି ମିଳି ନ ଥିବାରୁ ତାହା ଖୋଲା ଯାଇନାହିଁ ବୋଲି ଖଣିମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

## ଜଳାଶୟରୁ ମୃତ ହାତୀଶାବକ ଜବତ

ଖୁଣ୍ଟୁଣୀ,୨୯।୮ (ସଚ୍ଚିଦାନନ୍ଦ ପଣ୍ଡା)



କଟକ ଜିଲା ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଓରଦା ଗ୍ରାମ ନିକଟ ଜଳାଶୟରୁ ଗୁରୁବାର ଏକ ମାଈ ହାତୀ ଶାବକର ମୃତଦେହ ବନ ବିଭାଗ ଜବତ କରିଛି। ମଧ୍ୟାହ୍ନରେ ହାତୀ ଶାବକ ଜଳାଶୟରେ ପଡିଥିବା ସ୍ଥାନୀୟ ଆଦିବାସୀ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ ଏନେଇ ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତିଙ୍କୁ ଜଣାଇଥିଲେ। ଫଳରେ ଯଜ୍ଞଦତ୍ତ ଆଠଗଡ଼ ଭେଟେରିନାରି ସର୍ଜନଙ୍କ ସହିତ ଉକ୍ତ ଜଳାଶୟ ନିକଟକୁ ଯାଇ ହାତୀ ଶାବକକୁ ପାଣିରୁ ଉଦ୍ଧାର କରି ଉପରକୁ ଆଣିଥିଲେ। ହାତୀ ଶାବକ ଦେହରେ କ୍ଷତଚିହ୍ନ ଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏନେଇ ବନାଞ୍ଚଳ ଅଧିକାରୀ ସାହୁ କହିଛନ୍ତି, ହାତୀର ବୟସ ୯ରୁ ୧୧ ମାସ ମଧ୍ୟରେ ହେବ। ପାଣିରେ ପଡି ହାତୀ ଶାବକ ଶରୀରର କିଛି ଅଂଶ ଫୁଲିଯାଇଛି। ଶୁକ୍ରବାର ସକାଳେ ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ।

## ବାର୍ଡ ଫ୍ଲୁ: କୁକୁଡ଼ାଚାଷୀଙ୍କୁ ମିଳିବ କ୍ଷତିପୂରଣ

ଭୁବନେଶ୍ୱର,୨୯।୮ (ଅନୁରାଧା ମହାରଣା)

ବାର୍ଡ ଫ୍ଲୁକୁ ନେଇ ଚିନ୍ତା ଲାଗିରହିଥିବାବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏକ ଆଶ୍ୱସ୍ତିକର ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୁରୀ ମଙ୍ଗଳପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କର ଯେଉଁ ନମୁନା ପରୀକ୍ଷା ପାଇଁ ପୁଣେ ଯାଇଥିଲା, ତାହା ନେଗେଟିଭ ଆସିଛି। ତଥାପି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇସୋଲେଶନରେ ରଖାଯାଇଛି। ବାର୍ଡ ଫ୍ଲୁ ଯେଭଳି ନ ବ୍ୟାପିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଅନ୍ୟପକ୍ଷରେ ପୁରୀ ଜିଲାରେ ବାର୍ଡ ଫ୍ଲୁ ସଂକ୍ରମଣ ବଢ଼ିଚାଲିଛି। ସତ୍ୟବାଦୀ ଓ ପିପିଲି ଅଞ୍ଚଳରୁ ଯାଇଥିବା ବାର୍ଡ ଫ୍ଲୁ ନମୁନା ପଜିଟିଭ ଆସିଥିବାବେଳେ ଆଜି ସୁଦ୍ଧା ୩୦ ହଜାର କୁକୁଡା ମରାଯାଇଛି। ଏନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇ କହିଛନ୍ତି, ବାର୍ଡ ଫ୍ଲୁରେ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ ସରକାର କ୍ଷତିପୂରଣ ଦେବେ। ଛୋଟ କୁକୁଡ଼ା ଗୋଟାକୁ ୨୦ ଟଙ୍କା ଓ ବଡ଼ କୁକୁଡ଼ା ପାଇଁ ୭୦ ଟଙ୍କା ଓ ଅଣ୍ଡା ପିଛା ୩ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ବାର୍ଡ ଫ୍ଲୁ ଅଲଗା ଜିଲାକୁ ଯେପରି ନ ବ୍ୟାପିବ ସେ ନେଇ ବିଭାଗ ସଚେତନ ରହିଥିବା ସେ କହିଛନ୍ତି। ତେବେ ନିମାପଡ଼ା ଓ ଡ଼େଲାଙ୍ଗରେ ବାର୍ଡ ଫ୍ଲୁ ସଂକ୍ରମଣ ସୂଚନା ମିଳିବା ପରେ ଏସବୁ ଅଞ୍ଚଳରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ସେସବୁ ଅଞ୍ଚଳରେ ବାର୍ଡ ଫ୍ଲୁ ବ୍ୟାପିଛି କି ନାହିଁ ସ୍ପଷ୍ଟ ହେବ।






# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ବର୍ଷା ଆସର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ୧୯ତମ ଗୁରୁ ଦକ୍ଷିଣା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

### କଟକ
- ବକ୍ସିବଜାର ବ୍ୟବସାୟୀ ସଂଘ ପକ୍ଷରୁ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତୀ ଅନାବରଣ ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ବକ୍ସିବଜାର ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ବୃଦ୍ଧଜନ ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟେଲେଙ୍ଗାବଜାରସ୍ଥିତ ଗାନ୍ଧୀ ସ୍ମୃତିପୀଠ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଖୋର୍ଦ୍ଧା
- ବିଶ୍ୱ ହିନ୍ଦୁ ପରିଷଦର ୬୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା।

### ପୁରୀ
- ପରିଚାଳନା କମିଟି ବୈଠକ, ସ୍ଥାନ: ନୀଳାଦ୍ରି ଭକ୍ତ ନିବାସ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଧେନୁକାସୁର ବଧଲୀଳା, ସ୍ଥାନ: ଦୋଳମଣ୍ଡପ ସାହି, ପୁରୀ, ସମୟ: ସନ୍ଧ୍ୟା ୭ଟା।

### ବାଲେଶ୍ୱର
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ବିଜେପି ପକ୍ଷରୁ ଜନସଚେତନତା, ସ୍ଥାନ:ଜିଲାପାଳ ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀଙ୍କ ସମ୍ବର୍ଦ୍ଧନା, ସ୍ଥାନ: ସର୍କିଟ୍ ହାଉସ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୧ଟା।
- ହାଇଜେନିକ୍ ଫିସ୍ ମାର୍କେଟ୍‌ର ଶିଳାନ୍ୟାସ, ସ୍ଥାନ:ବାହାର୍ଦ୍ଦା କୃଷି ଫାର୍ମ, ବସ୍ତା, ସମୟ: ମଧ୍ୟାହ୍ନ ୧୨ଟା।
- ବାଲିଆପାଳ ଲାୟନ୍ସ କ୍ଲବର ନବମ ଅଧିଷ୍ଠାନ ଉତ୍ସବ, ସ୍ଥାନ:ପୂର୍ବ ବିଭାଗ ଡାକବଙ୍ଗଳା, ବାଲିଆପାଳ, ସମୟ:ସନ୍ଧ୍ୟା ୬ଟା ୩୦।
- ସ୍ୱର୍ଣ୍ଣଯୁଗ ସାହିତ୍ୟ ପରିବାର ପକ୍ଷରୁ ଆଭାସୀ ଆଲୋଚନାଚକ୍ର, ସ୍ଥାନ: ମିତ୍ରପୁର, ନୀଳଗିରି,ସମୟ:ସନ୍ଧ୍ୟା୬ଟା।

### ଭଦ୍ରକ
- ନିଶା ନିବାରଣ ପାଇଁ ସର୍ବୋଦୟ ମଣ୍ଡଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ୟୁସିଇ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।

### କେନ୍ଦୁଝର
- ମା ଭୁଆସୁଣୀ ପୀଠରେ ଭଜନ ସମାରୋହ, ସ୍ଥାନ ମା ୨୦ କଡୁଆଁ, ହାଟଡିହୀ, ସମୟ: ସନ୍ଧ୍ୟା ୭ ଟା।
- ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଭାଗବତ ପାଠ ଏବଂ ପୂଜାର୍ଚ୍ଚନା,ସ୍ଥାନ:ସରଳା, ହାଟଡିହୀ, ସମୟ:ସନ୍ଧ୍ୟା ୭ ଟା।

### ମୟୂରଭଞ୍ଜ
- ଭିନ୍ନକ୍ଷମ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା,ସ୍ଥାନ: ଝାଁଟି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନିୟୁ ରାଜଧାନୀ କଟକ ଫାଷ୍ଟ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

### ବ୍ରହ୍ମପୁର
- ବିନାୟକ ଆଚାର୍ଯ୍ୟଙ୍କ ୧୦୬ତମ ଜୟନ୍ତୀ, ସ୍ଥାନ: ବିନାୟକ ଆଚାର୍ଯ୍ୟ ଉଚ୍ଚ ବିଦ୍ୟାଳୟ, ଆସ୍କା ରୋଡ,ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ଖାନା ଉଦ୍‌ଘାଟନ,ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା ୩୦।

### ଗଞ୍ଜାମ
- ବରିଷ୍ଠ ନାଗରିକ ମଞ୍ଚର ବୈଠକ, ସ୍ଥାନ:ବାଲିପଦର, ସମୟ: ପୂର୍ବାହ୍ନ ୧୦ଟା।

### କନ୍ଧମାଳ
- ଆଦିବାସୀ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ବାଲିଗୁଡା,ସମୟ: ପୂର୍ବାହ୍ନ ୧୧ଟା।

### ଢେଙ୍କାନାଳ
- ସୁଭଦ୍ରା ଯୋଜନା ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ହଲ୍, ସମୟ: ଅପରାହ୍ନ ୪ଟା୩୦।

### କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧକଟା, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ଧର୍ମଶାଳା ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ସମାରୋହ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ଚାରା ରୋପଣ, ସ୍ଥାନ: ନୟାଗଡ଼ ଟାଉନ ଷ୍ଟେଶନଠାରୁ ଉଭୟ ପାର୍ଶ୍ୱ ରାସ୍ତା , ସମୟ: ସକାଳ ୭ଟା।

### ରାୟଗଡ଼ା
- ପିଏମ୍ ଜନମନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ମୁଣ୍ଡାବାଲି ଗ୍ରାମ, ବିଷମକଟକ, ସମୟ: ପୂର୍ବାହ୍ନ ୧୦ଟା ୩୦।

### ନବରଙ୍ଗପୁର
- କୁଇଜ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ, ସ୍ଥାନ: ନବରଙ୍ଗପୁର ସୌରା ସାହି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଚୟନ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା ୩୦।

### କୋରାପୁଟ
- ପୋକ୍‌ସୋ, ଜୁଭେଲାଇନ ମାମଲା ନେଇ ବୈଠକ, ସ୍ଥାନ: ଜିଲା ଜଜ୍ କାର୍ଯ୍ୟାଳୟ, ଜୟପୁର, ସମୟ : ଅପରାହ୍ନ ୪ ଟା।

### ସମ୍ବଲପୁର
- ନିଃଶୁଳ୍କ ଯୋଗ ପ୍ରଶିକ୍ଷଣ ଶିବିର, ସ୍ଥାନ: ହାୱା ମଇଦାନ ପରିସର, ସମୟ : ସକାଳ ୮ଟା।
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ : ବିଶାଳ ଖୃଣ୍ଡା, ସମୟ : ସକାଳ ୮ଟା।
- ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତି, ସ୍ଥାନ : ବୁର୍ଲା ସ୍ଥିତ ଏନଏସି ମହାବିଦ୍ୟାଳୟ ସଭାକକ୍ଷ, ସମୟ : ସକାଳ ୯ଟା।
- ଏସୟୁସିଇ ସମ୍ବଲପୁର ଶାଖା ପକ୍ଷରୁ ୭ଦଫା ଦାବିରେ ରାଲି ଓ ଦାବିପତ୍ର ପ୍ରଦାନ, ସ୍ଥାନ : ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା କମିଟି ବୈଠକ, ନୂତନ କମିଟି ଗଠନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ ପଡିଆବାହାଲ, ସମୟ: ଅପରାହ୍ନ ୪ଟା।

### ବଲାଙ୍ଗୀର
- ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ ଉପଲକ୍ଷେ ପତାକା ଉତ୍ତୋଳନ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସକାଳ ୭ଟା ।

### ସୁବର୍ଣ୍ଣପୁର
- ୨୧ତମ ପ୍ରାଣୀଧନ ଜନଗଣନା ପାଇଁ ଜିଲାସ୍ତରୀୟ କର୍ମଶାଳା, ସ୍ଥାନ:ସୁବର୍ଣ୍ଣପୁର କୃଷି ବିଜ୍ଞାନ ପ୍ରଶିକ୍ଷଣ କକ୍ଷ, ସମୟ: ସକାଳ ୯ଟା।
- ତରଭା ପୌର୍ଣ୍ଣମାସୀ ପଡାରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ବୈଠକ ଓ ନୂତନ କମିଟି ଗଠନ, ସ୍ଥାନ: ଭାଗବତ ମନ୍ଦିର, ସମୟ:ସନ୍ଧ୍ୟା ୭ଟା।

### ବରଗଡ଼
- ଆନ୍ତଃ ଜିଲା ସିନିୟର ପି.ସି ବେହେରା ମହିଳା ଫୁଟବଲ, (ପ୍ରଥମ ସେମିଫାଇନାଲ– ସୁନ୍ଦରଗଡ ବନାମ କେନ୍ଦୁଝର), ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଟିପିଡବ୍ଲୁଓଡିଏଲର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଗଣପତି ସଭାକକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ଆନ୍ତଃ ଜିଲା ସିନିୟର ପି.ସି ବେହେରା ମହିଳା ଫୁଟବଲ, (ଦ୍ୱିତୀୟ ସେମିଫାଇନାଲ– କଟକ ବନାମ ଜଗତସିଂହପୁର), ସ୍ଥାନ: ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୪ଟା।

### ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ରେଳଷ୍ଟେଶନ ଛକସ୍ଥିତ କନକଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସ୍ୱବ୍ରୋମାଲ ଗ୍ରାମ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

### ଦେବଗଡ଼
- ଜିଲାସ୍ତରୀୟ ବିଜ୍ଞାନ ସମ୍ପର୍କିତ ଡ୍ରାମା ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବାର୍ଷିକ ସାଧାରଣ ବୈଠକ, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି
- ବ୍ଲକସ୍ତରୀୟ କୃଷକ ମେଳା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଆତ୍ମା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୩ଟା।

### ବୌଦ୍ଧ
- କୌଶଳ ରଥ ପରିକ୍ରମା ଓ ସଚେତନତା ବାର୍ତ୍ତା, ସ୍ଥାନ: ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ପୁରୁଣାକଟକ ,ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ଏନଏସିସ୍ତରୀୟ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ, ସ୍ଥାନ: କଚେରୀ ଖେଳପଡିଆ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

# ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ

**ଭୁବନେଶ୍ୱର,୨୯।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ମେଡିକାଲ ପାଠ୍ୟକ୍ରମରେ ଗୁରୁବାରଠାରୁ ନାମଲେଖା ଆରମ୍ଭ ହୋଇଛି। ନ୍ୟାଶନାଲ ଏଲିଜିବିଲିଟିକମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)ରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ଏହି ପ୍ରକ୍ରିୟାରେ ଭାଗନେବେ। ଭୁବନେଶ୍ୱରସ୍ଥିତ ଓଜେଇଇ ଅଫିସରେ ପୂର୍ବାହ୍ନ ୧୧ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ କଟକ ଏସ୍‌ସିବି ମେଡିକାଲ କଲେଜ ପାଇଁ କାଉନ୍‌ସେଲିଂ କରାଯାଇଥିଲା। ସେହିପରି ଶୁକ୍ରବାର ଏଠାରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ, ୩୧ ତାରିଖରେ ବୁର୍ଲା ଭିମ୍‌ସାର, ସେପ୍ଟେମ୍ବର ୧ରେ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେ, ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ, ଯାଜପୁର ସରକାରୀ ମେଡିକାଲ କଲେଜ, ସେପ୍ଟେମ୍ବର ୨ରେ କଳାହାଣ୍ଡି ସରକାରୀ ମେଡିକାଲ କଲେଜ, ବାରିପଦାର ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ବଲାଙ୍ଗୀରର ଭୀମ ଭୋଇ ମେଡିକାଲ କଲେଜ ଏବଂ ୩ରେ କେନ୍ଦୁଝର ସରକାରୀ ମେଡିକାଲ କଲେଜ, ବାଲେଶ୍ୱର ଏଫ୍‌ଏମ୍ ମେଡିକାଲ କଲେଜ ଓ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପାଇଁ କାଉନସେଲିଂ ହେବ।

ସୂଚନାଯୋଗ୍ୟ, ଅଗଷ୍ଟ ୧୮ରେ ପ୍ରାଥମିକ ମେଧା ତାଲିକା ଓ ୨୦ ତାରିଖରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇଥିଲା। ଓଡ଼ିଶାର ଛାତ୍ରୀଛାତ୍ରଙ୍କୁ କେବଳ ରାଜ୍ୟ କୋଟା ଏବଂ ଅନ୍ୟ ରାଜ୍ୟର ଛାତ୍ରୀଛାତ୍ର ଓ ଏନ୍‌ଆରଆଇଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ସିଟ୍ ଲାଗି ଚୟନ କରାଯାଇଛି। ରାଜ୍ୟରେ ମୋଟ ୧୨ଟି ସରକାରୀ ମେଡିକାଲ କଲେଜର ୧୬୦୦ ଏବଂ ୩ଟି ଘରୋଇ ମେଡିକାଲ କଲେଜର ୩୫୦ ଏମ୍‌ବିବିଏସ୍ ସିଟ୍ ରହିଛି। ଏଥିସହ କଟକ ଏସ୍‌ସିବି ମେଡିକାଲ କଲେଜରେ ୬୭ ଏବଂ ଗୋଟିଏ ଘରୋଇ କଲେଜରେ ୧୦୦ଟି ବିଡିଏସ୍ ସିଟ୍‌ରେ ନାମଲେଖା ହେବ। ୮୫ ପ୍ରତିଶତ ସିଟ୍‌ରେ ରାଜ୍ୟର ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦିଆଯିବ। ନାମଲେଖା ପାଇଁ ପଞ୍ଜୀକରଣ କରିଥିବା ପିଲାଙ୍କ ମଧ୍ୟରୁ ୫,୪୨୧ ଜଣଙ୍କର ର୍‍ୟାଙ୍କ୍ ପ୍ରକାଶ ପାଇଥିଲା। ତେବେ ଏଥିରୁ ୧୮୧୩ ଜଣଙ୍କୁ ନାମଲେଖା ପାଇଁ ସିଟ୍ ଆଲଟ୍‌ମେଣ୍ଟ କରାଯାଇଛି।

# ଅଜୟ ଏବେ ରିଙ୍କି

**ଜଳେଶ୍ୱର, ୨୯।୮ (ନବୀନ ସାହୁ)**





ଥିଲେ ପୁଅ, ହେଲେ ଝିଅ। ଦିଲ୍ଲୀର ଏକ ଘରୋଇ ହସ୍‌ପିଟାଲରେ ବିରଳ ଅସ୍ତ୍ରୋପଚାର ପରେ ଜଣେ ଯୁବକ ପାଇଛନ୍ତି ନୂଆ ପରିଚୟ। ସମାଜରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ କନ୍ୟା ଭ୍ରୂଣ ହତ୍ୟାକୁ ରୋକିବା ସହ ଅବହେଳିତ ମହିଳାଙ୍କୁ ନ୍ୟାୟ ଦେବା ପାଇଁ ଏଭଳି ନିଷ୍ପତ୍ତି ନେଇଛନ୍ତି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନମକାନା ଗ୍ରାମର ଅଜୟ ବାରିକ(୩୮)। ପାଠପଢା ଶେଷ ହେବା ପରେ କୋଲକାତାରେ ରହି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପରେ ବି ନାରୀ ଅସୁରକ୍ଷିତ। ତେଣୁ ଆଜିର ସମାଜରେ ପୁଅ ଅପେକ୍ଷା ଝିଅ ଜନ୍ମ ହେଲେ ଲୋକଙ୍କ ମନରେ ଘୃଣା ଭାବ ଜାଗ୍ରତ ହେଉଛି। ମହିଳାମାନଙ୍କ ଦୁଃଖ, କଷ୍ଟ ଏବଂ ଯନ୍ତ୍ରଣାକୁ ଜଣେ ମହିଳା ହିଁ ବୁଝିପାରିବ। ତେଣୁ ପୁଅରୁ ଝିଅ ହୋଇ ସମାଜ ପାଇଁ କିଛି ନୂଆ ବାର୍ତ୍ତା ଦେବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ସେ କହିଛନ୍ତି। ନିଜ ପରିବାର ଲୋକଙ୍କ ସହମତି କ୍ରମେ ୨୦୨୨ ଡିସେମ୍ବରରେ ଦିଲ୍ଲୀସ୍ଥିତ ଓଲମେକ ହସପିଟାଲର ଡାକ୍ତର ନରେନ୍ଦ୍ର କୌଶିକଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର କରାଇଥିଲେ ଅଜୟ। ସମସ୍ତ ପରୀକ୍ଷା ନିରୀକ୍ଷା ପରେ ବିଶେଷଜ୍ଞ ଡାକ୍ତରୀ ଟିମ୍‌ଙ୍କ ଦ୍ୱାରା ଅନେକ ପ୍ରକାର ସର୍ଜରୀ କରାଯିବା ସହ ପ୍ରାୟ ୬ଲକ୍ଷ ଟଙ୍କା ଖର୍ଚ୍ଚ ହେବା ପରେ ସେ ଅଜୟ ବାରିକରୁ ରିଙ୍କି ବାରିକର ପରିଚୟ ପାଇଥିଲେ। ସେବେଠାରୁ ସେ ବିଭିନ୍ନ ସଙ୍ଗଠନ ସହ ଜଡିତ ହୋଇ ନାରୀ ସଶକ୍ତୀକରଣ ଏବଂ ସମାଜରେ ଅବହେଳିତ, ନିଷ୍ପେଷିତ ନାରୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କାର୍ଯ୍ୟ କରୁଛନ୍ତି। ନିକଟରେ ଗାଁକୁ ଆସିବା ପରେ ଅଜୟ ଲିଙ୍ଗ ପରିବର୍ତ୍ତନ କରିଥିବା ସମ୍ପର୍କରେ ଜଣାପଡ଼ିଛି।

# ଯୋଗ୍ୟତା ଭିତ୍ତିରେ ସ୍ଥାନ ସଂରକ୍ଷଣ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## କୋଭିଡ୍ ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ମାମଲା

**କଟକ,୨୯।୮ (କାର୍ତ୍ତିକ ସାହୁ)**

କୋଭିଡ୍ ମହାମାରୀବେଳେ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ନିଯୁକ୍ତି ପାଇଁ ଯୋଗ୍ୟତା ଭିତ୍ତିରେ ସ୍ଥାନ ସଂରକ୍ଷଣ କରି ପ୍ରକ୍ରିୟା ଜାରି ରଖିବାକୁ ହାଇକୋର୍ଟ ଗୁରୁବାର ଆଦେଶ ଦେଇଛନ୍ତି। ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ମାମଲାର ଶୁଣାଣି କରି ଆବେଦନକାରୀଙ୍କ ଲାଗି ରାଜ୍ୟ ସରକାର ଅଗ୍ରାଧିକାର ଦେବାକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, କୋଭିଡ୍ ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଠିକା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ନିମନ୍ତେ ୨୦୨୦ ମାର୍ଚ୍ଚ ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀମାନେ ନିଯୁକ୍ତି ପାଇବା ପରେ କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲେ। ସେହି ବର୍ଷ ଡିସେମ୍ବର ପରେ କେତେଜଣ କର୍ମଚାରୀଙ୍କୁ ଛଟେଇ କରାଯାଇଥିଲା। କୋଭିଡ୍ ଭୟାବହତା ହ୍ରାସ ପାଇବା ପରେ ପର୍ଯ୍ୟାୟକ୍ରମେ ସମସ୍ତ ଠିକା କର୍ମଚାରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ କୋଭିଡ୍‌ରେ କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କ ନିମନ୍ତେ ସୁପ୍ରିମ୍‌କୋର୍ଟ ନିଜଆଡୁ ଏକ ରିଟ୍ ପିଟିଶନ ଫାଇଲ କରିଥିଲେ। କୋଭିଡ୍‌ରେ ୧୦୦ ଦିନ କାର୍ଯ୍ୟ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର ଅଗ୍ରାଧିକାର ଦେଇ ନିଯୁକ୍ତି ଦେବାକୁ ଆଦେଶ ଦେଇଥିଲେ। ୨୦୨୧ ଏପ୍ରିଲ ୩୦ରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ କେନ୍ଦ୍ର ସରକାର ସବୁ ରାଜ୍ୟ ସରକାରଙ୍କୁ ଚିଠି ଦ୍ୱାରା ଏ ବାବଦରେ ଅବଗତ କରାଇଥିଲେ। ମାତ୍ର ଓଡ଼ିଶା ସରକାର ଏପର୍ଯ୍ୟନ୍ତ କୋଭିଡ୍ ସମୟରେ କାର୍ଯ୍ୟରତ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରିନାହାନ୍ତି। ଅପରପକ୍ଷରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ଲାଗି ପରୀକ୍ଷାରେ ୫% ଅଧିକ ଗ୍ରେସ୍ ମାର୍କ ପ୍ରଦାନ କରାଯାଉଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ମାତ୍ର ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ରାଜ୍ୟ ସରକାର କୋଭିଡ୍‌ରେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ଗୁରୁତ୍ୱ ଦେଇନାହାନ୍ତି। ଫଳରେ କେତେଜଣ ବ୍ୟକ୍ତି ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମାକାନ୍ତ ଷଡ଼ଙ୍ଗୀ ମାମଲା ପରିଚାଳନା କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## କ୍ରୀଡ଼ାବିତ୍‌ଙ୍କ ସଫଳତାରେ...

କ୍ରୀଡାବିତ୍‌ଙ୍କ ସଫଳତା ହେଉଛି ସାରା ଓଡ଼ିଶାର ସଫଳତା। ପ୍ରତ୍ୟେକ ଓଡ଼ିଆ ଏହି ସଫଳତାରେ ଗର୍ବିତ''। ଆମର କ୍ରୀଡାବିତ୍‌ମାନେ ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ଏବଂ ପରାକାଷ୍ଠା ପ୍ରମାଣ କରିଚାଲିଛନ୍ତି। ୧୯୭୨ ମସିହା ପରେ ପ୍ରଥମ ଥର ପାଇଁ ଭାରତୀୟ ହକି ଦଳ ୨୦୨୦ ଓ ୨୦୨୪ ଅଲମ୍ପିକ୍ସରେ କ୍ରମାଗତ ପଦକ ଜିତି ଇତିହାସ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସୁସ୍ଥ ଏବଂ ନିରାମୟ ଜୀବନ ଯାପନ କରିବା ପାଇଁ କ୍ରୀଡ଼ାକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବାକୁ ପ୍ରତିଜ୍ଞାବଦ୍ଧ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ହକି ଅଲିମ୍ପିଆନ ଲାଜରୁସ ବାର୍ଲାଙ୍କୁ ମୁଖ୍ୟମନ୍ତ୍ରୀ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ଆକାରରେ ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ଆଥଲେଟ୍ ପୁରସ୍କାର ପାଇଥିଲେ ଜାଭେଲିନ୍ ଥ୍ରୋ ତାରକା କିଶୋର ଜେନା। ତାଙ୍କୁ ଟ୍ରଫି ଓ ମାନପତ୍ର ସହ ୩ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ ମୁଖ୍ୟମନ୍ତ୍ରୀ। ଶ୍ରେଷ୍ଠ କୋଚ୍ ବିଜୟ କୁମାର ଲାକ୍ରା, ଟେକ୍ନିକାଲ୍ ଅଫିସିଆଲ୍ ରୂପାନ୍ୱିତା ପଣ୍ଡା, ପାରା ସ୍ପୋର୍ଟ୍ସ ପାଇଁ ଦୃଷ୍ଟିବାଧିତ କ୍ରିକେଟର ଜାଫର ଇକ୍‌ବାଲ, ଇମର୍ଜିଂ ପ୍ଲେୟର ଭାରୋତ୍ତୋଳନ ପ୍ରତିଭା ପ୍ରୀତିସ୍ମିତା ଭୋଇ, ଶ୍ରେଷ୍ଠ କ୍ରୀଡ଼ା ଖବରଦାତା ସୁକେଶ ରଞ୍ଜନ ବେହେରା ପ୍ରମୁଖଙ୍କୁ ଟ୍ରଫି ଓ ମାନପତ୍ର ସହ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ସ୍ପୋର୍ଟ୍ସ ପ୍ରମୋଶନ ପାଇଁ ନାଲ୍‌କୋକୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାରରେ ସମ୍ମାନିତ ହୋଇଥିବା କେନ୍ଦ୍ରାପଡା ଜିଲାର ଜୟନ୍ତୀ ମଲ୍ଲିକ ଓ ତାଙ୍କ ୧୨ ବର୍ଷର ପୁଅ ରୁଦ୍ର ମଲ୍ଲିକ ନିଜ ଜୀବନକୁ ବାଜି ଲଗାଇ ବ୍ରାହ୍ମଣୀ ନଦୀରେ ଭାସି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କର ଏହି ସାହସିକତା ପାଇଁ ୨ ଲକ୍ଷ ଟଙ୍କାର ଚେକ୍ ଓ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଓ ଯୁବସେବା, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇ କହିଥିଲେ, ହକିର ଯାଦୁଗର ଥିଲେ ମେଜର ଧ୍ୟାନଚାନ୍ଦ। କ୍ରୀଡ଼ା କ୍ଷେତ୍ର ପ୍ରତି ଆଗ୍ରହ ରଖିଥିବା ପ୍ରତିଭାମାନେ ଧ୍ୟାନଚାନ୍ଦଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କଲେ ନିଶ୍ଚିତ ରୂପେ ସଫଳତା ହାସଲ କରିବେ। ଅନ୍ୟତମ ଅତିଥିଭାବେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତିଶର୍ମା, କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ପର୍ଯ୍ୟନ୍ତ ବର୍ଷା...

ରାୟଗଡ଼ା, ଗଞ୍ଜାମ, କଳାହାଣ୍ଡି ଓ ନବରଙ୍ଗପୁର ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୧ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି। ଏହି ସମୟ ମଧ୍ୟରେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଥିବାବେଳେ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର ଜିଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସେହିପରି ସହରାଞ୍ଚଳରେ ମଧ୍ୟ ବର୍ଷାଜନିତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି।

## ଗୌତମ ଆଦାନୀ...

ମୂଲ୍ୟରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଆଦାନୀ ପୋର୍ଟ୍‌ସର ଶେୟାର ମୂଲ୍ୟ ୯୮ ପ୍ରତିଶତ ବଢ଼ିଥିବାବେଳେ ଆଦାନୀ ଏନର୍ଜି, ଆଦାନୀ ଗ୍ୟାସ୍, ଆଦାନୀ ଟ୍ରାନ୍ସମିଶନ ଏବଂ ଆଦାନୀ ପାୱାର ଶେୟାର ମୂଲ୍ୟ ହାରାହାରି ୭୬ ପ୍ରତିଶତ ବଢ଼ିଛି। ୧୦.୧୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ସହ ମୁକେଶ ଅମ୍ବାନୀ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ ଭାରତରେ ବିଲିୟନେୟାରମାନଙ୍କ ସଂଖ୍ୟା ୩୩୪କୁ ବୃଦ୍ଧି ପାଇଛି। ଭାରତରେ ବିଲିୟନେୟାରଙ୍କ ସଂଖ୍ୟା ୨୯% ବଢ଼ିଥିବାବେଳେ ଚାଇନାରେ ୨୫% ହ୍ରାସ ପାଇଛି। ଆଦାନୀ ଏବଂ ଅମ୍ବାନୀଙ୍କ ପରେ ଧନୀ ତାଲିକାର ତୃତୀୟ ସ୍ଥାନରେ ଏଚ୍‌ସିଏଲ୍ ଟେକ୍‌ନୋଲୋଜିର ଶିବ ନାଦର ଓ ତାଙ୍କ ପରିବାର ରହିଛନ୍ତି। ସେମାନଙ୍କ ସମ୍ପତ୍ତି ପରିମାଣ ୩.୧୪ ଲକ୍ଷ କୋଟି ଟଙ୍କା। ଚତୁର୍ଥ ଓ ପଞ୍ଚମ ସ୍ଥାନରେ ଯଥାକ୍ରମେ ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସାଇରସ୍ ଏସ୍. ପୁନାୱାଲା ଏବଂ ସନ୍ ଫାର୍ମାସ୍ୟୁଟିକାଲ୍ ଇଣ୍ଡଷ୍ଟ୍ରିଜ୍‌ର ଦିଲୀପ ସାଙ୍ଗଭି ରହିଛନ୍ତି। ପୁନାୱାଲାଙ୍କ ସମ୍ପତ୍ତି ୨.୮୯ ଲକ୍ଷ କୋଟି ହୋଇଥିବାବେଳେ ସାଙ୍ଗଭିଙ୍କ ସମ୍ପତ୍ତି ପରିମାଣ ୨.୪୯ ଲକ୍ଷ କୋଟି ଟଙ୍କା।

## ଜମି ନାହିଁ, ପଟ୍ଟା ଧରି...

ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯାଉଛି। କ୍ଷମତାସମ୍ପନ୍ନ କମିଟି ସୁପାରିସ କ୍ରମେ ଖାଲି ପଡ଼ିଥିବା ୭୮୯ ରାଜସ୍ୱ ନିରୀକ୍ଷକ, ୧୩୮୫ ଏଆରଆଇ ଏବଂ ୧୧୬୯ ଅମିନ ପଦବୀ ପ୍ରତ୍ୟକ୍ଷ ଚୟନ ପ୍ରକ୍ରିୟା ମାଧ୍ୟମରେ ପୂରଣ କରିବା ପାଇଁ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନଙ୍କୁ ପରାମର୍ଶ ଦିଆଯାଇଛି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ଅତିରିକ୍ତ ପ୍ରଶ୍ନରେ କହିଲେ, ମନ୍ତ୍ରୀଙ୍କ ସବୁ କଥା ଗ୍ରହଣ କରିପାରୁଛି ହେଲେ ଗ୍ୟାରେଣ୍ଟି କଥା ଗ୍ରହଣ କରିପାରୁ ନାହିଁ। ଦୀର୍ଘ ୨୪ ବର୍ଷ ବିଜେଡି ଶାସନରେ ଆରଆଇ, ଅମିନ ପଦବୀ ପୂରଣ ହୋଇପାରିଲା ନାହିଁ। ପୁରୁଣା ଲୋକ ସବୁ ଗଲେଣି। ପଟ୍ଟା ବାଣ୍ଟିଲେ। ଜାଗା ଦେଖା ନାହିଁ। ଯେଉଁ ଅଫିସର ପଟ୍ଟା ବାଣ୍ଟିଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି। ୨୦ ବର୍ଷ ହେଲା ବାପା ପଟ୍ଟା ଧରି ବୁଲୁଥିଲେ। ତା'ପରେ ପୁଅ ଧରି ବୁଲୁଥିଲେ। ଏବେ ନାତି ଧରି ବୁଲିବା ଆରମ୍ଭ କଲେଣି। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ଅତିରିକ୍ତ ପ୍ରଶ୍ନରେ କହିଲେ, ଗତ ସରକାର ଭୋଟ ପାଇଁ ପଟ୍ଟା ଦେବା ପୂର୍ବରୁ ଯୋଗ୍ୟତା ପତ୍ର ବାଣ୍ଟିଲେ। ଜମି ଦେଖାଇ ନାହାନ୍ତି। କେବେ ସୁଦ୍ଧା ସେହି ଲୋକଙ୍କୁ ପଟ୍ଟା ମିଳିବ। ମନ୍ତ୍ରୀ କହିଲେ ପଟ୍ଟା ଦିଆହୋଇଛି। ଜମି ଦିଆଯାଇ ନାହିଁ। ଏହା ଥିଲା କଂଗ୍ରେସର ଗ୍ୟାରେଣ୍ଟି। ଓଡ଼ିଶାରେ କଂଗ୍ରେସ ଓ ବିଜେଡି ଶାସନ କରୁଥିଲେ। ଏବେ ଭାଜପା ଶାସନକୁ ଆସିଛି। ଗରିବଙ୍କୁ ଜମି ପଟ୍ଟା ସହ ଜାଗା ମଧ୍ୟ ମିଳିବ। ବହୁ ଲୋକ ସରକାରୀ ଜମି ଜବରଦଖଲ କରି ରହିଛନ୍ତି। ବଡ଼ ବଡ଼ ଶିଳ୍ପ ସଂସ୍ଥା ଆବଶ୍ୟକତାଠାରୁ ଅଧିକ ଜମି ନେଇଛନ୍ତି। ସେ ସବୁର ତଦନ୍ତ ହେବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସକାଳୁ ପାରିବାରିକ କଥାକୁ କେନ୍ଦ୍ରକରି ମନରେ ଅସ୍ଥିରତା ସୃଷ୍ଟିହେବ। କିନ୍ତୁ ସଭାସମିତି ଓ ସଂଗଠନ, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ପ୍ରଶାସନିକ କିମ୍ବା ରାଜନୈତିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ। ବ୍ୟବସାୟ, ମନୋରଞ୍ଜନ, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିଷ୍ଠା ଓ ସମ୍ମାନ ପାଇବେ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉପରେ ନିର୍ଭର କରି କାମକୁ ପୂର୍ଣ୍ଣାଙ୍ଗ କରିବାରେ ସଫଳ ହେବେ। ଦୀର୍ଘମିଆଦୀ ଯୋଜନା ସକାଶେ ପୁଞ୍ଜିଲଗାଣ ନିମନ୍ତେ ଅର୍ଥ ଆବଶ୍ୟକ ହୋଇପାରେ। ପାରିବାରିକ କ୍ଷେତ୍ରରେ ଚାପ ବୃଦ୍ଧି ପାଇବାରୁ ମାନସିକ ସୁସ୍ଥତା ରହିବ ନାହିଁ। ବ୍ୟବସାୟ, ପରିବହନ, କର୍ମାରମ୍ଭ, ଅର୍ଥ ସମ୍ପର୍କ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମନକୁ ପାଇଲା ଭଳି କଥା କହି କାମ ହାସଲ କରିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ଲାଗି ବିବାଦରେ ବିଜୟୀ ହେବେ। ଦୀର୍ଘଦିନରୁ ରହିଆସିଥିବା ରୋଗପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ମୂଲ୍ୟବାନ ଜିନିଷ, ଘରୋଇ ଉପକରଣ, ନୂତନ ପୋଷାକ ପରିଚ୍ଛଦ ଆଜି କିଣିବା ସକାଶେ ମନ ବଳାଇପାରନ୍ତି।

**କର୍କଟ** ପ୍ରତ୍ୟେକ କ୍ଷେତ୍ରରେ ପଡ଼ୋଶୀ କିମ୍ବା ପରିବାର ଲୋକ ସହଯୋଗର ହାତ ବଢ଼ାଇବେ। ବ୍ୟବସାୟିକ ସ୍ଥିତି, ପରିବହନ, ଶେୟାର ବଜାର, ନିର୍ମାଣ, ଜମିଜମା ପ୍ରଭୃତିରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟ, ଶିକ୍ଷା, କଳା, ସାହିତ୍ୟ ଓ ସଭାସମିତିରେ ସମସ୍ୟା ସମାଧାନ ହେବ। ଆଜିର କାମଗୁଡିକୁ ଶେଷ କରିବାରେ ସଫଳତା ହାସଲ କରିପାରିବେ।

**ସିଂହ** ସବୁ କାମ ସମସ୍ୟାବହୁଳ ହୋଇପଡୁଥିବାରୁ ମନରୁ ସରସତା ଉଭେଇଯିବ। ବିବାଦ, ମାଲିମକଦ୍ଦମା, ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ। ପାଇବାର ହକ୍ ଥିଲେ ସୁଧା ଅନ୍ୟମାନଙ୍କ ଅବହେଳାରୁ ତାହା ନ ପାଇ ବ୍ୟସ୍ତତା ପ୍ରକାଶ କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**କନ୍ୟା** ପ୍ରତ୍ୟେକ ସମସ୍ୟାମୂଳକ ପରିସ୍ଥିତିକୁ ସୁଧାରି ନେବେ କିନ୍ତୁ ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି। ବିତର୍କ ବୃଦ୍ଧି କାରଣରୁ ସଭାସମିତିରେ କିମ୍ବା ଆଲୋଚନା ପରିସରରେ ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ହେବନାହିଁ। ଆର୍ଥିକ ସ୍ଥିତି ଭଲ ରହିବ। ହେଲେ ଖର୍ଚ୍ଚ ପରିମାଣ ବଢ଼ିଯିବ। ହୋଟେଲ, ଛୋଟ ଦୋକାନ ଓ ରେଷ୍ଟୁରାଣ୍ଟରୁ ଆଶାନୁରୂପ ଫଳ ମିଳିବ।

**ତୁଳା** ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇ ପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ମିଳିବ। ପଡ଼ୋଶୀଙ୍କ ପରାମର୍ଶରେ ଘରର ପୂର୍ବ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସଫଳ ହେବେ।

**ବିଛା** ସତର୍କତା କିମ୍ବା ଅସାବଧାନତା କାରଣରୁ ଅକସ୍ମାତ୍ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ନିଜ ଚିନ୍ତାଧାରାର ଓଲଟା କାର୍ଯ୍ୟ ଦେଖି ପଡ଼ୋଶୀଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଯେଉଁ ଘଟଣା ସକାଶେ ଆଶଙ୍କା କରୁଛନ୍ତି ସେଥିରେ ଅସୁବିଧା ହେବ ନାହିଁ। ପ୍ରଶାସନ, ସଭାସମିତି କ୍ଷେତ୍ରରେ ଆଶାଜନକ ଫଳ ଲାଭ କରିବେ।

**ଧନୁ** ଆଜି କେତେକ କ୍ଷେତ୍ରରେ ନିଜେ କିଛି ଭୁଲ୍ ନ କରି ମଧ୍ୟ ଦୋଷୀ ଭଳି ନୀରବ ରହିବାକୁ ବାଧ୍ୟ ହେବେ। କେତେକ ନୂତନ କାମର ଯୋଜନା ଓ ପରିକଳ୍ପନା କରି କାମକୁ ବଢାଇ ନେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ। ସାହାଯ୍ୟ ସକାଶେ ଅନୁରୋଧ କରିଥିବା ବ୍ୟକ୍ତିଙ୍କ କାର୍ଯ୍ୟରେ ନିୟୋଜିତ ରହିବେ।

**ମକର** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ବନ୍ଧୁ ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବା ସହ ଆର୍ଥିକ ଉନ୍ନତିରୁ ଖୁସି ରହିବେ।

**କୁମ୍ଭ** ବନ୍ଧୁଙ୍କ ସାହାଯ୍ୟରେ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧୁରି ଯିବାରୁ ସାମୟିକ ଅସ୍ଥିରତା ଦୂରହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉପରେ ବୃଥା ସନ୍ଦେହ କରି ପାଇବାକୁଥିବା ସୁବିଧା ସୁଯୋଗକୁ ହରାଇପାରନ୍ତି। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟତିକ୍ରମ ଭିତର ଦେଇ ରହିବ। ପିଲାଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ଓ ନିମ୍ନ ମାନର ଶିକ୍ଷାକୁ ନେଇ ଚିନ୍ତିତ ରହିପାରନ୍ତି ।

**ମୀନ** ଘର ଭିତରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ମଧ୍ୟ ରହିଛି। ପିଲାମାନଙ୍କ କଳହକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି। ଋଣ ପରିଶୋଧ ସକାଶେ ପ୍ରବଳ ଚାପର ସମ୍ମୁଖୀନ ହେବାକୁ ପଡ଼ିବ। ପରିଜନଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସୁଧାରିବାରେ ସଫଳତା ହାସଲ କରିବେ।

ଆଜି ଅଗଷ୍ଟ ୩୦ ତାରିଖ, ଲଘୁ ଉଦ୍ୟୋଗ ଦିବସ, ଭାଦ୍ରବ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ବେଶ, ବୈଷ୍ଣବ ସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ଉପବାସ, ରାଶିନକ୍ଷତ୍ର–ପୁନର୍ବସୁ/ମିଥୁନ, ଦିବା ଘ.୧୧.୩୪ମି. ଗତେ କର୍କଟଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୩୪ମି. ଗତେ ଘ.୦୬.୨୪ମି. ମଧ୍ୟେ, ଘ.୦୭.୧୩ମି. ଗତେ ଘ.୦୮.୪୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୩ମି. ଗତେ ଘ.୧୧.୪୭ମି. ମଧ୍ୟେ ରାହୁ କାଳ।




# देने आपको अधिकार...
# फिर से आ रही हेमन्त सरकार आपके द्वार

अधिक जानकारी के लिए :- **https://sarkaraapkedwar.jharkhand.gov.in/**

सूचना एवं जनसंपर्क विभाग, झारखण्ड सरकार

PR-334130 (IPRD) 2024-25

"ଯେଉଁମାନେ ଗରିବ, ଅଜ୍ଞାନ, ନୀଚକୁଳରେ ଜାତ ଓ କଦର୍ଯ୍ୟ ପରିବେଶରେ ପ୍ରତିପାଳିତ ସେମାନଙ୍କୁ ଆମେ ଇତର ସାଧାରଣ ମଣିଷ ବୋଲି କହିବା ନାହିଁ ବରଂ ଅନ୍ୟପକ୍ଷରେ, ଆମେ ସେଇମାନଙ୍କୁ ହିଁ ଇତର ସାଧାରଣ ମଣିଷ କହିବା- ଯେଉଁମାନେ ଛୋଟ ଛୋଟ କଥାଗୁଡ଼ିକୁ ନେଇ ବଞ୍ଚିଥାନ୍ତି ଓ ଏକ ସାଧାରଣ ଜୀବନକୁ ନେଇ ସନ୍ତୁଷ୍ଟ ଥାନ୍ତି। -ଶ୍ରୀଅରବିନ୍ଦ

# ବାଂଲାଦେଶ ସ୍ଥିରତା ପ୍ରତି ବିପଦ



କୌଶିକ ବସୁ

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଏତେ ଶୀଘ୍ର କ୍ଷମତାଚ୍ୟୁତ ହେବେ ବୋଲି କେହି ପ୍ରାୟତଃ ଆଶାକରି ନ ଥିଲେ। ଜୁଲାଇ ପ୍ରାରମ୍ଭରେ ଛାତ୍ରମାନେ ଚାକିରିରେ ସଂରକ୍ଷଣ ବିଷୟକୁ ନେଇ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇଥିଲେ। ୧୯୭୧ ମୁକ୍ତିଯୁଦ୍ଧର ସଂଗ୍ରାମୀଙ୍କ ଦାୟାଦଙ୍କ ପାଇଁ ସିଭିଲ ସର୍ଭିସ୍ ପଦବୀରେ ୩୦% ସଂରକ୍ଷଣର ପ୍ରତିବାଦ ସ୍ୱରୂପ ଏହି ଛାତ୍ର ଆନ୍ଦୋଳନ ଦେଖାଯାଇଥିଲା। ଧୀରେ ଧୀରେ ସ୍ଥିତି ଅଶାନ୍ତ ହୋଇପଡ଼ିଲା ଏବଂ ଏହାକୁ ଦମନ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଗଲା। ଏପରିକି ଗୁଳି କରିବାକୁ କୁହାଗଲା। ୫ ଅଗଷ୍ଟ ସୁଦ୍ଧା ପାଖାପାଖି ୩୦୦ ଲୋକଙ୍କର ମୃତ୍ୟୁ ଘଟିଲା। ଏହାପରେ ସେନାର ଅତ୍ୟଧିକ ଚାପର ସମ୍ମୁଖୀନ ହୋଇ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫାଦେଇ ଦେଶ ଛାଡ଼ି ପଳାଇଗଲେ।

ବୃଦ୍ଧି ପାଉଥିବା ଆର୍ଥିକ ଜଟିଳତା, ବଢ଼ୁଥିବା ବେରୋଜଗାର ଏବଂ ଉପରମୁହାଁ ମୁଦ୍ରାସ୍ଫୀତି ଦେଇ ଦେଶ ଗତି କରୁଥିବା ସମୟରେ ବିବାଦୀୟ ଚାକିରି ସଂରକ୍ଷଣ ବ୍ୟବସ୍ଥାର ଅସନ୍ତୋଷକୁ ଏହି ଆନ୍ଦୋଳନର ଏକ ବଡ଼ କାରଣ ଭାବେ ଦେଖାଯାଏ। କିନ୍ତୁ ଏହି ଆନ୍ଦୋଳନ କେବଳ ଗୋଟିଏ କାମରୁ ଆରମ୍ଭ ହୋଇଥିଲା। ସବୁଠୁ ଗମ୍ଭୀର ଓ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଥିଲା ହାସିନାଙ୍କ ଅଧିକ ଏକଚ୍ଛତ୍ରବାଦ ମନୋଭାବ। ଏହା ବାଂଲାଦେଶର ରାଜନୈତିକ ଦୃଶ୍ୟପଟକୁ ଏପାଖସେପାଖ କରିଦେବା ସହ ଅସନ୍ତୋଷ ତଥା ଅସହମତିର କାରଣ ପାଲଟିଥିଲା। ଗତବର୍ଷ ବାଂଲାଦେଶ ଗସ୍ତ ସମୟରେ ମୁଁ ଏହା ଅନୁଭବ କରିଥିଲି। ହାସିନାଙ୍କ ଆୱାମୀ ଲିଗ୍‌ର ଅନେକ ସମର୍ଥକଙ୍କ ସମେତ ଅନ୍ୟ ଲୋକଙ୍କ ସହ କଥା ହୋଇଥିଲି ଏବଂ ହାସିନାଙ୍କର ଅଧିକ ଏକଚ୍ଛତ୍ରବାଦ, ଅସହିଷ୍ଣୁତାର ଅସନ୍ତୋଷ ଏବଂ ଗଣମାଧ୍ୟମକୁ ଧମକଦେବା ଆଦି ବିଷୟକୁ ନେଇ ସେମାନେ ଚିନ୍ତାପ୍ରକଟ କରିଥିଲେ। ଯଦିଓ ସ୍ୱର ନରମ ଥିଲା ,ତଥାପି ବାଂଲାଦେଶର ମୂଳନୀତି ଗଣତନ୍ତ୍ର ଓ ଧର୍ମନିରପେକ୍ଷବାଦର ପତନକୁ ନେଇ ସେମାନେ ଦୁଃଖ ପ୍ରକାଶ କଲେ । ଉଲ୍ଲେଖନୀୟ ଯେ, ହାସିନାଙ୍କ ପିତା ଶେଖ୍ ମୁଜିବୁର ରେହମାନଙ୍କ ନେତୃତ୍ୱରେ ଆୱାମୀ ଲିଗ୍ ପାର୍ଟି ବାଂଲାଦେଶ ସ୍ୱାଧୀନତା ଲଢ଼େଇରେ ପ୍ରମୁଖ ଭୂମିକା ନେଇଥିଲା।

ଦୁଃଖଦ ବିଷୟ ହେଉଛି, ଏହି ବାଟରେ ଏହା ହେବାର ନ ଥିଲା। ହାସିନା ଜଣେ ସାହସୀ ଓ ଧର୍ମନିରପେକ୍ଷ ନେତା। ଆର୍ଥିକ ଓ ସାମାଜିକ ପ୍ରଗତିରେ ଧର୍ମୀୟ ମୌଳବାଦ ବାଧକ ସାଜିବାର ସମ୍ଭାବନାକୁ ଲକ୍ଷ୍ୟକରି ତା'ଠାରୁ ବାଂଲାଦେଶକୁ



ସେ ଦୂରେଇ ରଖିଥିଲେ। ସେହି ସମୟରେ ସେ ଦେଶର ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ମାର୍ଗଦର୍ଶନ କରିଥିଲେ। ୨୦୧୯ରେ ବାଂଲାଦେଶର ମୁଣ୍ଡ ପିଛା ଘରୋଇ ଉତ୍ପାଦ ଭାରତକୁ ଟପିଯାଇଥିଲା। ଏହା ଏପରି ଏକ ସଫଳତା ୫ କିମ୍ବା ୧୦ବର୍ଷ ପୂର୍ବେ ଅସମ୍ଭବ ଲାଗୁଥିଲା। ଏହା ନିଶ୍ଚିତ ଯେ, ଭାରତର ୨୦୧୬ ବିମୁଦ୍ରୀକରଣ ନୀତି ଏହି ସଫଳତାର ଏକ ଆଂଶିକ କାରଣ। କଳା ଟଙ୍କା ଓ ଦୁର୍ନୀତି ରୋକିବା ପାଇଁ ବିମୁଦ୍ରୀକରଣ କରାଯାଇଥିଲା, କିନ୍ତୁ ତାହା ବିଫଳ ହେଲା। ଏହା ଯୋଗୁ ପରବର୍ତ୍ତୀ ୫ ବର୍ଷରେ ଭାରତର ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିରେ କ୍ରମାଗତ ହ୍ରାସ ଘଟିଥିଲା। ହେଲେ ବାଂଲାଦେଶର ମଜଭୁତ ରପ୍ତାନି ବ୍ୟବସ୍ଥା ଓ ବିକାଶ ତାହାର ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ନେଇଥିଲା।

ନେତୃତ୍ୱ ଅଭାବ ଯୋଗୁ ଦେଖାଦେଇଥିବା ଏହି ଅପ୍ରତ୍ୟାଶିତ ବିଦ୍ରୋହ ବାଂଲାଦେଶର ସ୍ଥିରତାରେ ବିପଦ ଆଣିପାରେ। ଇତିହାସରୁ ବହୁବାର ଦର୍ଶାଇଛି ଯେ, ଯେତେ ଯୁକ୍ତିଯୁକ୍ତ ହୋଇଥାଉ ନା କାହିଁକି ଏକ ବିଦ୍ରୋହ ପରେ ଦେଶଗୁଡ଼ିକ ପ୍ରାୟତଃ ଅପ୍ରତ୍ୟାଶିତ ମୋଡ଼ ନେଇଥାନ୍ତି। ଏହା ନିଃସନ୍ଦେହ ଯେ, ବାଂଲାଦେଶରେ ବିଦ୍ରୋହୀ ଚରମପନ୍ଥୀ ଗୋଷ୍ଠୀ କ୍ଷମତା ଦଖଲ କରିବାକୁ ଚେଷ୍ଟା କରିବେ। ଯଦି ତାହା ଘଟେ, ତେବେ ଏହା ବାଂଲାଦେଶର ସଫଳ ଧାରାକୁ ଶେଷ କରିଦେଇପାରେ। ତଥାପି ଏହି ସ୍ଥିତିରେ କିଛି ଆଶାର ଆଧାର ରହିଛି। କାରଣ ଆନ୍ଦୋଳନର ନେତୃତ୍ୱ ନେଇଥିବା ଛାତ୍ରମାନେ ଏବଂ ଦେଶର ସେନା ପଦାଧିକାରୀମାନେ ଦାୟିତ୍ୱର ସହ କାମ କରିଛନ୍ତି। ସେମାନେ ନିଜେ କ୍ଷମତା ଦଖଲ କରିବା ପରିବର୍ତ୍ତେ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଗଠନ କରିଛନ୍ତି। ଏଭଳି ଏକ ସରକାର କେତେ ସମୟ କାର୍ଯ୍ୟ କରିବ ସେ ସମ୍ପର୍କରେ ବାଂଲାଦେଶ ସମ୍ବିଧାନ କୌଣସି ସ୍ପଷ୍ଟ ମାର୍ଗ ସୂଚିତ କରିନାହିଁ। ତେବେ କେତେକେ ନିର୍ବାଚନଗୁଡ଼ିକୁ ତ୍ୱରିତ କରିବା ପାଇଁ ଦାବି କରିଛନ୍ତି। କିନ୍ତୁ ମୁଁ ଭାବୁଛି , ସେସବୁକୁ ଅନ୍ତତଃପକ୍ଷେ ଆସନ୍ତା ଗ୍ରୀଷ୍ମରେ କରାଯିବା ଉଚିତ। ଏକ ସାଧାରଣ ନିର୍ବାଚନ ପୂର୍ବରୁ ଅର୍ଥ ବ୍ୟବସ୍ଥା ସ୍ଥିରହେବା ଦରକାର ଏବଂ ରାଜନୈତିକ ସଂସ୍ଥାଗୁଡ଼ିକର ପୁନଃ ନିର୍ମାଣ କରାଯିବା ଆବଶ୍ୟକ।

ବିଶ୍ୱରେ ଆଖିଦୃଶିଆ ଆର୍ଥିକ ସଫଳତା ହାସଲ କରିଥିବା ସତ୍ତ୍ୱେ ବାଂଲାଦେଶ କିଛି ବର୍ଷ ହେଲା ସଂଘର୍ଷ କରିଆସୁଛି। ଦେଶର ଦୁଇଟି ବୃହତ୍ ଆର୍ଥିକ ଆହ୍ୱାନ ସାମ୍ନାକୁ ଆସିଛି। ଗୋଟିଏ ହେଉଛି ଅଧିକ ଯୁବକ ବେରୋଜଗାର ଓ ଉଚ୍ଚ ମୁଦ୍ରାସ୍ଫୀତି ହାର। ଏଗୁଡ଼ିକୁ ସପ୍ତାହ କେଇଟାରେ ସମାଧାନ କରାଯାଇପାରିବ ନାହିଁ। ବିଗତ କିଛି ବର୍ଷ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାଧୀନତା ସମ୍ପୂର୍ଣ୍ଣ ଭାବେ କ୍ଷୁଣ୍ଣ ହୋଇଛି ଏବଂ ଏହାକୁ ପୁନଃ ସ୍ଥାପିତ କରାଯିବା ଦରକାର। ଏହା ସହ ସରକାର ନିଯୁକ୍ତି ବୃଦ୍ଧି ପାଇଁ ଅନେକ ବିତ୍ତୀୟ ସଂଶୋଧନ କରିବା ଆବଶ୍ୟକ।

ରାଜନୈତିକ ପରିପ୍ରେକ୍ଷୀରେ, ମଧ୍ୟବର୍ତ୍ତିକାଳୀନ ସରକାରଙ୍କୁ ପକ୍ଷପାତହୀନ ଦୃଷ୍ଟିକୋଣ ଗ୍ରହଣ କରିବାକୁ ହେବ। କେତେକ ଦଳ ଆୱାମୀ ଲିଗ୍ ଓ ତାହାର ଅନୁବନ୍ଧିତ ଗୋଷ୍ଠୀଗୁଡ଼ିକ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚେଷ୍ଟା କରିପାରନ୍ତି। ଏହା ଏକ ଭୁଲ୍ ପଦକ୍ଷେପ ହେବ। ବ୍ୟକ୍ତିଗତ ଭାବେ ଯେଉଁମାନେ ଅପରାଧ କରିଛନ୍ତି ସେମାନଙ୍କୁ ନିର୍ବାଚନରେ ଲଢ଼ିବାକୁ ଅନୁମତି ଦେବା ଉଚିତ ନୁହେଁ। ତେବେ ଗୋଟିଏ ଦଳ ଭାବେ ଆୱାମୀ ଲିଗ୍ ଏକ ପ୍ରଗତିଶୀଳ ଶକ୍ତି ରୂପେ ପ୍ରମୁଖ ଭୂମିକା ନେଇଛି ଓ ଉଗ୍ରବାଦକୁ ପ୍ରତିରୋଧ କରିଛି। ଏହାର ଅନେକ ସଦସ୍ୟ କିଛି ବର୍ଷ ହେଲା ହାସିନାଙ୍କ ଏକଚ୍ଛତ୍ରବାଦ ଆଭିମୁଖ୍ୟର ବିରୋଧରେ ଥିଲେ ବି ସ୍ୱର ଉତ୍ତୋଳନକରି କୌଣସି ପଦକ୍ଷେପ ନେବାକୁ ଭୟ କରିଥିଲେ।

ବିଶ୍ୱ ବ୍ୟାଙ୍କରେ ୧ ମେ ୨୦୨୩ରେ ହାସିନାଙ୍କ ସହ ମୋର ଶେଷ ସାକ୍ଷାତ ହୋଇଥିଲା। ସେତେବେଳର ବିଶ୍ୱବ୍ୟାଙ୍କର ଅଧ୍ୟକ୍ଷ ଡାଭିଡ୍ ମାଲପାସ୍ ବ୍ୟାଙ୍କ ଓ ବାଂଲାଦେଶ ମଧ୍ୟରେ ୫୦ ବର୍ଷର ସହଭାଗିତା ପାଳନ କରିବା ସକାଶେ ହାସିନାଙ୍କୁ ଆମନ୍ତ୍ରଣ କରିଥିଲେ। ମୁଁ ୱାଶିଂଟନସ୍ଥିତ ବ୍ୟାଙ୍କର ମୁଖ୍ୟ ବିଲ୍ଡିଂକୁ ଯିବାବେଳେ ହାସିନାଙ୍କୁ ବିରୋଧ କରିବାକୁ ବାହାରେ ଏକାଠି ହୋଇଥିବା ବାଂଲାଦେଶ ଲୋକଙ୍କ ଏକ ଭିଡ଼ ଦେଇ ଯାଇଥିଲା। ଏହି ସଭାରେ ହାସିନାଙ୍କୁ ଏକ ଛୋଟ କର୍ମଚାରୀ ଗୋଷ୍ଠୀ ଓ ପରାମର୍ଶଦାତା ଘେରି ରହିଥିଲେ ଏବଂ ସେ ଯାହା କହିଥିଲେ ସେଥିରେ ସେମାନେ ସହମତ ହୋଇଥିଲେ। ସେମାନେ ପ୍ରକୃତରେ ହାସିନାଙ୍କ ସହ ସହମତ ହୋଇଥିଲେ ନା ଅସହମତ ହେବା ଅତି କଠିନ ଥିଲା ?

**ପୂର୍ବତନ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା**

# ବିଶେଷ୍ୟ ବଦଳାଇବାର ବେଳ



ଚନ୍ଦନ କୁମାର ଦାସ

ସେଦିନ ଚିଲିକା ରୂପେ ଯେଉଁ ବିଶେଷ୍ୟ କବିବର ରାଧାନାଥଙ୍କ ସମ୍ମୁଖରେ ଉଭା ହୋଇଥିଲା, ତାହା ତାଙ୍କୁ ଏମିତି ପରିତୃପ୍ତ କରିଥିଲା ; ଯେଉଁଥିପାଇଁ ସେ ରଚି ବସିଥିଲେ ଚିଲିକା ଭଳି ଏକ ମହାନ୍ କାବ୍ୟ। ସେହି ପରିତୃପ୍ତ ଆତ୍ମାର ପ୍ରାକୃତିକ ଉଦ୍‌ଗିରଣରୁ ପଦଟିଏ ଏଠାରେ ଉଲ୍ଲେଖ କରିବା ଏ ବିଷୟକୁ ଅଧିକ ପ୍ରାସଙ୍ଗିକ କରିପାରିବ।

''ଆହା ଏ ଶୋଭାର କାହିଁ ପଟାନ୍ତର ?
ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର
ପାସୋରିବ ଦେଖି କହ କେହୁ ଜନ
ଏ ଶୋକ-ପାସୋରା ଅପ୍ସରା ଭୁବନ ?
ବଚନ ବିଷୟ ନୁହଇଁ ଏ ଛବି
ହୃଦ ସେ କେବଳ ପାରେ ଅନୁଭବି ।''

ଚିଲିକାର ବିଶେଷତା- ତା'ର ସୌନ୍ଦର୍ଯ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ଆକର୍ଷିତ କରିବା ସ୍ୱାଭାବିକ। ଆଉ ଏହି ସୂତ୍ରରେ କବିଟିଏ ବା କେମିତି ବାଦ୍ ପଡ଼ିବ ! ଖାଲି ଚିଲିକା ନୁହେଁ, ଏମିତି ଅନେକ ବିଶେଷ୍ୟ ସହିତ ପ୍ରତିକ୍ଷଣେ ଆମେ ଦୈନନ୍ଦିନ ଜୀବନରେ ଭେଟୁ ଏବଂ ସେଥିରୁ ଆମେ ଅର୍ଥାତ୍ ମଣିଷ ମଧ୍ୟ ଏକ ବିଶେଷ୍ୟ ରୂପେ ଅଭିହିତ।

ତେବେ ପ୍ରସଙ୍ଗ ହେଉଛି ଏହା ଯେ ଏମିତି କିଛି ବିଶେଷ୍ୟ ପୂର୍ବରୁ ଆମେ କିଛି ବିଶେଷଣର ପ୍ରୟୋଗ ବର୍ତ୍ତମାନ ସମୟରେ କରି ଚାଲୁଛୁ ଯେ ସେ ବିଶେଷଣଟି ଏକ ନିର୍ଦ୍ଦିଷ୍ଟ ବିଶେଷ୍ୟ ପୂର୍ବରୁ ବସି ତା'ର ସୌନ୍ଦର୍ଯ୍ୟ ତଥା ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି। ଏଠାରେ କୁହାଯାଇପାରେ ଚିଲିକା ରୂପୀ ବିଶେଷ୍ୟ ପୂର୍ବରୁ ଯେଉଁ ସବୁ ବିଶେଷଣର ପ୍ରୟୋଗ ହୋଇଥିଲା ସେ ସବୁ ତା'ର ସୌନ୍ଦର୍ଯ୍ୟ ତଥା ମର୍ଯ୍ୟାଦା ପାଇଁ ବିଧିମାନ୍ୟ। ମାତ୍ର ଅଧୁନା ଚିଲିକାର ପ୍ରଦୂଷିତ ରୂପ ଦେଖି କବିଟିଏ ସେହି ପୂର୍ବ ବିଶେଷଣର ପ୍ରୟୋଗ କଲେ ବୋଧେ ତାହା ପୂର୍ବବତ୍ ବିଧିମାନ୍ୟ ହୋଇ ନ ପାରେ। ତେଣୁ ସେହି ସମାନ ବିଶେଷଣର ପ୍ରୟୋଗ ପାଇଁ ଚିଲିକାର ପୂର୍ବ ପରିପାଟୀ ତଥା ସ୍ୱଚ୍ଛ ସୁନ୍ଦର ରୂପକୁ ଫେରାଇ ଆଣିବାକୁ ହେବ ଅର୍ଥାତ୍ ବିଶେଷ୍ୟକୁ ବଦଳାଇବାକୁ ହେବ।

ଏତିକିରେ ପ୍ରସଙ୍ଗଟିର ପୂର୍ଣ୍ଣଚ୍ଛେଦ ହେଉନାହିଁ। ଯଦିଓ ପ୍ରସଙ୍ଗଟି ଚିଲିକାରୁ ଆରମ୍ଭ ହୋଇଛି , ବର୍ତ୍ତମାନ ସିଧାସଳଖ ଯିବା ସର୍ବଶ୍ରେଷ୍ଠ ବିଶେଷ୍ୟର ଗୁଣାବଳୀ ଧାରଣ କରିଥିବା ଆମ ନିଜ ଜାତି ଅର୍ଥାତ୍ ମନୁଷ୍ୟ ନିକଟକୁ। ଆଜି ମନୁଷ୍ୟ ଅଧିକାଂଶ ବିଶେଷ୍ୟ ପୂର୍ବରୁ ଯେଉଁ ସବୁ ବିଶେଷଣର ପ୍ରୟୋଗ କରୁଛି, ତାହା କେଉଁଠି ନା କେଉଁଠି ତା'ର ମର୍ଯ୍ୟାଦା ହରାଇ ବସୁଛି। ଏହାର କୁ-ପ୍ରଭାବ ଆମର ନୂତନ ପିଢ଼ି ଉପରେ ପଡ଼ି ଚାଲିଛି। ଯେମିତି କି ଏଠାରେ ଏକ ଉଦାହରଣ ନିଆଯାଇପାରେ- ଆମେ ଯେତେବେଳେ କୌଣସି ସଭା ସମିତିର ଆୟୋଜନ କରୁଛୁ, ସେତେବେଳେ କୌଣସି ଅତି ସାଧାରଣ ବିଶେଷତା ଧାରଣ କରିଥିବା ବ୍ୟକ୍ତିଙ୍କ ପୂର୍ବରୁ ଆମେ 'ସ୍ୱେଚ୍ଛାସେବୀ','ଜନସେବକ','ରାଷ୍ଟ୍ରଭକ୍ତ' ଇତ୍ୟାଦି ବିଶେଷଣ ଅବସ୍ଥାପିତ କରିବାକୁ ପଛଘୁଞ୍ଚା ଦେଉନାହୁଁ। ଅଥଚ ଯେଉଁ ବ୍ୟକ୍ତି ପୂର୍ବରୁ ଏ ସବୁ ବିଶେଷଣର ପ୍ରୟୋଗ ହେଲା, ସେ ତାଙ୍କ ଜୀବଦ୍ଦଶା ମଧ୍ୟରେ ନା କେବେ କାହାର ନିଃସ୍ୱାର୍ଥପର ସେବା ସାଧନ କରିଛନ୍ତି ନା ରାଷ୍ଟ୍ରବାବଦରେ କିଛି ଭାବିଛନ୍ତି। ଏହା ହେଲେ ତ ଚଳିବ ; ବାକି ରହିଲା ଏହାଠାରୁ ମଧ୍ୟ କିଛି ନ୍ୟୂନତର କାର୍ଯ୍ୟ ଯଦି ସେ ବ୍ୟକ୍ତିସ୍ୱରୂପୀ ବିଶେଷ୍ୟ ଦ୍ୱାରା ସମ୍ପାଦିତ ହେଉଥାଏ, ତେବେ ଏହା ସେ ବିଶେଷଣମାନଙ୍କର ପରମ ଦୁରୁପଯୋଗ ବୋଲି କୁହାଯାଇପାରେ। ଏତଦ୍‌ଭିନ୍ନ ଏହାର ଅନ୍ୟତମ ଦିଗ ହେଉଛି ସେହି ସଭାରେ ଉପସ୍ଥିତ ଥିବା ଆମର ନୂତନ ପିଢ଼ି ; ଯେଉଁମାନଙ୍କଠାରେ ଏକ ନକାରାତ୍ମକ ବାର୍ତ୍ତା ପହଞ୍ଚିବ ଯେ ବୋଧେ ଏ ବିଶେଷଣର ପ୍ରୟୋଗ ଏହି ବିଶେଷ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ, ଯାହା ସେମାନଙ୍କୁ ଏକ ସାମାଜିକ ଉପାଦାନ ହିସାବରେ ବିପଥଗାମୀ କରିବା ସାର ହେବ। ଯେଉଁ ମହତ୍ତ୍ୱର ଶବ୍ଦଗୁଡ଼ିକର ପ୍ରୟୋଗ ଦିନେ ଗାନ୍ଧୀ, ଗୋପବନ୍ଧୁଙ୍କ ପୂର୍ବରୁ ପ୍ରୟୋଗ କରାଯାଉଥିଲା, ଆଜି ସେଗୁଡ଼ିକ ଯେଉଁ ବିଶେଷ୍ୟ ପୂର୍ବରୁ ବ୍ୟବହାର ହେଉଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଏ ବିଶେଷଣରୂପୀ ଅଳଂକାରର ଅଧିକାରୀ ହେବାକୁ ନିଶ୍ଚିତ ରୂପେ ବିଶେଷ୍ୟକୁ ବଦଳାଇବାକୁ ହେବ।

ଆମେ ସଦାସର୍ବଦା ଜନ୍ମଭୂମିର ଅବତାରଣା କରିବାକୁ ଯାଇ ତା'ର ବନ, ଲତା, ପାହାଡ଼ର ସୌନ୍ଦର୍ଯ୍ୟର ଜୟଗାନ କରୁ । ମାତ୍ର ଗ୍ରାମରେ ଏମିତି ମାତ୍ରାଧିକ ଗଛ କଟା ଚାଲିଛି ଯେ ବଣ ତ ଦୂରର କଥା ଗଛଟିଏ କେଉଁଠି ଫାଳେ ଅଧେ ବଞ୍ଚିଛନ୍ତି। ତେଣୁ ଆମର ନୈତିକ ଅଧିକାର ଅଛି ତ ଗ୍ରାମର ସ୍ୱଚ୍ଛ, ସୁନ୍ଦର, ନିର୍ମଳ ରୂପକାର ହେବା ପାଇଁ ! ତେଣୁ ଏ ବିଶେଷ୍ୟ ରୂପୀ ଜନ୍ମଭୂମିକୁ ମଧ୍ୟ ଆମର ବକ୍ତବ୍ୟ ଅନୁସାରେ ବଦଳାଇବାକୁ ପଡ଼ିବ।

ଏଣୁ ଆଜି ଆମେ ଅନେକ ବିଶେଷଣ ପଦର ବ୍ୟବହାର କରୁଛୁ ସତ, ମାତ୍ର ବିଶେଷ୍ୟର ଅପଭ୍ରଂଶ କରି ଏହାର ମର୍ଯ୍ୟାଦା ହରାଇ ଚାଲିଛୁ। ତେଣୁ ଏ ବିଶେଷଣଗୁଡ଼ିକ ଯେପରି ଆମ ସମାଜରେ ଏକ ମହତ୍ ଆକାଂକ୍ଷା ସୃଷ୍ଟିପୂର୍ବକ ଆଗାମୀ ପିଢ଼ିକୁ ଯେମିତି ଅନୁପ୍ରାଣିତ କରିବ ସେଥିପାଇଁ ଏ ବିଶେଷଣର ମର୍ଯ୍ୟାଦା ରକ୍ଷା ନିମନ୍ତେ ଅଧୁନା ବିଶେଷ୍ୟକୁ ବଦଳାଇବାର ବେଳ ଦଣ୍ଡାୟମାନ।

**ଭୋଗରାଇ, ବାଲେଶ୍ୱର**
**ମୋ:୮୧୧୪୩୪୫୯୮୮**

## ଏଇ ଭାରତରେ

ଦିଲ୍ଲୀ ପୋଲିସ କନଷ୍ଟେବଲ ଅମିତ ଲାଥିଆ ଅସହାୟ ଶିଶୁଙ୍କ ସାହାରା ପାଲଟିଛନ୍ତି। ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରି ଆତ୍ମନିର୍ଭରଶୀଳ କରିବାରେ ସକ୍ଷମ ହୋଇଛନ୍ତି। ୨୦୧୦ରେ ଅମିତ କନଷ୍ଟେବଲ ଚାକିରି ପାଇଥିଲେ। ପରେ ସେ ୨୦୧୨ରେ ୧୦ ଜଣ ଗରିବ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ ; ଯେଉଁମାନଙ୍କ ପିତା ରିକ୍ସାଚାଳକ କିମ୍ବା ଦିନ ମଜୁରିଆ ଭାବେ କାମ କରୁଥିଲେ। ପରେ ଏହି ଧାରା ସେ ଜାରି ରଖିଛନ୍ତି। ପ୍ରତିବର୍ଷ ଏଭଳି ୩୦ ଗରିବ ଶ୍ରେଣୀର ପିଲାଙ୍କୁ ସେ ଚୟନ କରି ପଢ଼ାଇବା ବ୍ୟବସ୍ଥା କରୁଛନ୍ତି। ଆର୍ଥିକ ସମସ୍ୟା ଥିବାରୁ ସେ ଅଧିକ ପିଲା ପଢ଼ାଇପାରୁ ନାହାନ୍ତି। ଏଥିପାଇଁ ସେ ସୋନିପଥ, ହରିୟାଣାରେ ୪ଟି ଫ୍ଲାଟର ପାଖାପାଖି ୧୪୦୦ ବର୍ଗଫୁଟ ଭଡ଼ାରେ ନେଇ ସେଠାରେ ପିଲାଙ୍କୁ ପଢ଼ାଉଛନ୍ତି। ଏଠାରେ ଚେୟାର, ଟେବୁଲ, ବେଡ୍ ରହିଛି। ଲାଇବ୍ରେରି ମଧ୍ୟ ଅଛି। ପିଲାମାନେ ସେଠାରେ ରହୁଛନ୍ତି ଓ ପଢୁଛନ୍ତି । ପିଲାଙ୍କୁ ପଢ଼ାଇବାରେ ଅମିତଙ୍କ ସାଥୀ କର୍ମଚାରୀମାନେ ସହଯୋଗ କରୁଛନ୍ତି। ଏହି କାର୍ଯ୍ୟରେ ଅମିତଙ୍କ ପୂରା ଦରମା ଖର୍ଚ୍ଚ କରୁଛନ୍ତି। ତାଙ୍କ ସ୍ତ୍ରୀ ଜଣେ ଗଣିତ ଅଧ୍ୟାପିକା ହୋଇଥିବାରୁ ତାଙ୍କ ଦରମାରେ ଘର ଚଳୁଛି ଓ ବହୁ ସମୟରେ ସେ ପିଲାଙ୍କୁ ପଢ଼ାଉଛନ୍ତି। ୧୨ ବର୍ଷ ମଧ୍ୟରେ ୩୫୦ ପିଲା ସରକାରୀ ଚାକିରି ପାଇସାରିଲେଣି। ଅମିତ ପିଲାଦିନେ ବହୁ କଷ୍ଟରେ ଚା' ଦୋକାନ କରି ଟଙ୍କା ଯୋଗାଡ଼ କରିବା ପରେ କୋଚିଂ ନେଇ କନଷ୍ଟେବଲ ହୋଇଥିବାରୁ ଗରିବ ପିଲାମାନଙ୍କୁ ପଢ଼ାଇ ମଣିଷ କରିବା ଲାଗି ନିଷ୍ପତ୍ତି ନେଇଥିଲେ।

## ଚିରନ୍ତନୀ

ଥରାଇ ଧୀରେ ଧୀରେ କୁସୁମ ବନ
ପବନ ଉଲୁସାଏ ପରାଣ ମନ
ସରସୀ ନୀଳ ନୀରେ ସରୋଜ ଢଳେ ଧୀରେ
ଚଳଇ ହଂସ କରି ମଧୁର ସ୍ୱନ
ପବନ ଉଲୁସାଏ ପରାଣ ମନ। -(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 3 | | 6 | 2 | |
| | | | | 1 | 5 | | | |
| | | | | | | 3 | | |
| | 6 | | 8 | | | 1 | 3 | |
| 2 | | | | | | | 5 | |
| | | | | | | | 4 | 2 |
| 5 | | | | 7 | 3 | | | |
| | 3 | | | 8 | | 2 | 1 | |
| 9 | | 6 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 9 | 6 | 8 | 3 | 5 | 2 | 1 |
| 1 | 3 | 8 | 4 | 5 | 2 | 7 | 9 | 6 |
| 5 | 2 | 6 | 9 | 1 | 7 | 4 | 3 | 8 |
| 3 | 6 | 4 | 5 | 2 | 9 | 1 | 8 | 7 |
| 2 | 8 | 5 | 7 | 4 | 1 | 3 | 6 | 9 |
| 7 | 9 | 1 | 3 | 6 | 8 | 2 | 4 | 5 |
| 6 | 4 | 7 | 2 | 9 | 5 | 8 | 1 | 3 |
| 8 | 5 | 2 | 1 | 3 | 6 | 9 | 7 | 4 |
| 9 | 1 | 3 | 8 | 7 | 4 | 6 | 5 | 2 |

ଗତକାଲିର ଉତ୍ତର

# ଭାରତର ଜଳବାୟୁ ଅନୁଚିନ୍ତା-୨୦୩୦



ଡ.ବିଜୟ କେତନ ପଟ୍ଟନାୟକ

ଗତ ଲୋକ ସଭା ନିର୍ବାଚନ ସମୟରେ ଉଭୟ ଭାରତୀୟ ଜନତା ପାର୍ଟି ଶକ୍ତି ଉତ୍ପାଦନ ନିମନ୍ତେ ଜୀବାଶ୍ମ ଇନ୍ଧନରୁ ସ୍ୱଚ୍ଛ ବା ନବୀକରଣୀୟ ଇନ୍ଧନ ଉତ୍ସକୁ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇଥିଲା। କଂଗ୍ରେସ ମଧ୍ୟ ନୂତନ ଭାବେ ସବୁଜ ପୁଞ୍ଜି ବିନିଯୋଗ କରି ନବୀକରଣୀୟ ଶକ୍ତି ଉତ୍ପାଦନ ଓ ସବୁଜ କର୍ମଯୋଗାଣ ପାଇଁ ପ୍ରସ୍ତାବ ଦେଇଥିଲା। ବିକାଶ ନିମନ୍ତେ ଶକ୍ତିର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ। ହେଲେ ଜୀବାଶ୍ମ ଇନ୍ଧନ ବ୍ୟବହାର କରି କରାଯାଉଥିବା ଶକ୍ତି ଉତ୍ପାଦନ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଉତ୍ସର୍ଜନ ବୃଦ୍ଧିର କାରକ। ଅଙ୍ଗାରକାମ୍ଳ ବାଷ୍ପ ହିଁ ବାୟୁମଣ୍ଡଳରେ ଥିବା ସବୁଜ ଗୃହ ବାଷ୍ପର ମୁଖ୍ୟାଂଶ। ତାପଜ ବିଦ୍ୟୁତ୍ କେନ୍ଦ୍ର, ପରିବହନ କ୍ଷେତ୍ର, ଶିଳ୍ପାୟନ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ କାରବାରରୁ ନିର୍ଗମନ ହେଉଥିବା ଅଙ୍ଗାରକାମ୍ଳ ବାଷ୍ପହିଁ ମୁଖ୍ୟ ପ୍ରଦୂଷକ। ପ୍ରକାରାନ୍ତରେ ବିଶ୍ୱ ତାପନର କାରକ ''ବାୟୁ ପ୍ରଦୂଷଣ ହ୍ରାସ କରିବାକୁ ହେଲେ ବିକାଶମୂଳକ ପରିଯୋଜନାରେ ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ କରି ସ୍ୱଚ୍ଛ, ଅଣ ପାରମ୍ପରିକ ତଥା ନବୀକରଣୀୟ ଇନ୍ଧନ ବ୍ୟବହାର କରିବା ଏକ ପ୍ରାଥମିକ ଆବଶ୍ୟକତା।

୨୦୨୧ରେ ସ୍କଟ୍‌ଲାଣ୍ଡର ଗ୍ଲାସଗୋଠାରେ ଅନୁଷ୍ଠିତ ଆନ୍ତର୍ଜାତିକ ଜଳବାୟୁ ସମ୍ମିଳନୀ (କୋପ୍ ୨୬)ରେ ଭାରତ ତରଫରୁ 'ପଞ୍ଚାମୃତ' କାର୍ଯ୍ୟ ଖସଡାରେ ଅଙ୍ଗାରକାମ୍ଳ ପ୍ରଦୂଷଣ ହ୍ରାସ କରିବା ଉଦ୍ଦେଶ୍ୟରେ ପାଞ୍ଚଗୋଟି ପ୍ରତିଶ୍ରୁତି ଦିଆଯାଇଥିଲା।

(୧) ୨୦୩୦ ମସିହା ସୁଦ୍ଧା ଦେଶର ଅଣ ଜୀବାଶ୍ମ ଇନ୍ଧନ ବା ଅଣ ପାରମ୍ପରିକ ଶକ୍ତି ଉତ୍ପାଦନ କ୍ଷମତା ୫୦୦ ଜିଗାୱାଟ (୧ଜିଗାୱାଟ=୧୦୦୦ ମେଗାୱାଟ, ୧ ମେଗାୱାଟ=୧୦୦୦ କିଲୋୱାଟ) ସ୍ତରରେ ପହଞ୍ଚାଇବା। (୨) ଭାରତର ଶକ୍ତି ଆବଶ୍ୟକତାର ୫୦ ପ୍ରତିଶତ ନବୀକରଣୀୟ ଶକ୍ତିରୁ ହାସଲ କରିବା। (୩) ଦେଶର ଅର୍ଥନୀତିରେ ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳ ଉତ୍ସର୍ଜନର ପ୍ରଭାବ ୪୫ ପ୍ରତିଶତ ହ୍ରାସ। (୪) ଦେଶର ସାମଗ୍ରିକ ଅଙ୍ଗାରକାମ୍ଳ ଉତ୍ସର୍ଜନର ପରିମାଣ ୧ ବିଲିୟନ ଟନ୍ ହ୍ରାସ କରିବା।(୫) ଉପରୋକ୍ତ ପଦ୍ଧତିମାନ ଆପଣେଇ ୨୦୭୦ ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ସ୍ଥିତିରେ ପହଞ୍ଚାଇବା।

ଦେଶର ବିକାଶରେ ଶକ୍ତି ବ୍ୟବହାର ଚାହିଦାକୁ ଲକ୍ଷ୍ୟ ରଖି ଉପରୋକ୍ତ ଅନୁଚିନ୍ତାକୁ ୨୦୩୦ ସୁଦ୍ଧା ପୂରଣ କରିବା ନିମନ୍ତେ ଭାରତ ସରକାରଙ୍କର ନବ୍ୟ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ସଂଯୋଜକ ରୂପେ କାର୍ଯ୍ୟ କରୁଛି। ଅଣପାରମ୍ପରିକ ଶକ୍ତି ଉତ୍ପାଦନ କ୍ଷମତା ମୋଟ ଶକ୍ତି ଚାହିଦାର ୫୦ ପ୍ରତିଶତରେ ପହଞ୍ଚାଇବା ପ୍ରଚେଷ୍ଟାରେ, ବିଗତ ୮ ବର୍ଷରେ ଦେଶର ସୌରଶକ୍ତି ଉତ୍ପାଦନ କ୍ଷମତା ୧୨ ଗୁଣା ବଢ଼ି ପାରିଛି। ୨୦୧୫ ପ୍ୟାରିସ ଆନ୍ତର୍ଜାତିକ ସମ୍ମିଳନୀ (କୋପ ୨୧)ରେ ଭାରତ ଅଣପାରମ୍ପରିକ ଶକ୍ତି ଉତ୍ପାଦନରେ ଜୀବାଶ୍ମ ଇନ୍ଧନରୁ ଉତ୍ପନ୍ନ ଶକ୍ତିର ୪୦ ପ୍ରତିଶତ ହାସଲ କରିବାର ଲକ୍ଷ୍ୟ ରଖିଥିଲା। ଏହାପରେ ଭାରତ ଓ ଫ୍ରାନ୍ସର ମିଳିତ ଉଦ୍ୟମରେ ଏକ ଆନ୍ତର୍ଜାତିକ ସୌର ସଂଗୋଷ୍ଠୀ ଗଠନ କରାଯାଇଥିଲା। ବିଷୁବକ୍ରାନ୍ତି ଓ କର୍କଟକ୍ରାନ୍ତି ମଧ୍ୟରେ ଥିବା ଦେଶଗୁଡ଼ିକରେ ବର୍ଷକୁ ଅତିକମ୍‌ରେ ୨୦୦ରୁ ଅଧିକ ଦିନ ସୂର୍ଯ୍ୟକିରଣ ପ୍ରାପ୍ତ ହୋଇଥାଏ।



ଏହି ଦେଶଗୁଡ଼ିକରେ ଅଧିକରୁ ଅଧିକ ସୌରଶକ୍ତି ଉତ୍ପାଦନ କରିପାରିବେ, ଯାହା ସ୍ୱଚ୍ଛ ନବୀକରଣୀୟ ଓ ଅଣପାରମ୍ପରିକ ଶକ୍ତିର ପ୍ରମୁଖ ଅଂଶ ହେବ। ଭାରତ ସୂର୍ଯ୍ୟ ଘର ଆଦି ଯୋଜନା ଜରିଆରେ ଅଧିକରୁ ଅଧିକ ସୌରଶକ୍ତି ଉତ୍ପାଦନ କରିବାର ପ୍ରଚେଷ୍ଟା ଜାରି ରଖିଛି। ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ଭାରତର ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ୧୯୦.୭ ଗିଗାୱାଟରେ ପହଞ୍ଚିଛି। ଏହା ୨୦୨୩-୨୪ରେ ଦେଶର ସବୁ ସୂତ୍ରରୁ ଶକ୍ତି ଉତ୍ପାଦନ କ୍ଷମତା ୪୪୧.୯ ଗିଗାୱାଟର ୪୬ ପ୍ରତିଶତ ମାତ୍ର। ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି ମୁତାବକ ଆଣବିକ ସୌର, ପବନ, ବାୟୋ ଗ୍ୟାସ ଏବଂ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପକୁ ବିଚାରକୁ ନେଲେ ଏହି କ୍ଷମତା ୧୯୦ରୁ ୨୦୩ ଗିଗାୱାଟକୁ ବୃଦ୍ଧି ପାଇବ। ଭାରତବର୍ଷ ପ୍ୟାରିସ ରାଜିନାମାରେ ଘୋଷିତ ଅଣପାରମ୍ପରିକ ସୂତ୍ରରୁ ଉତ୍ପାଦିତ ଶକ୍ତି ୪୦ ପ୍ରତିଶତ ଲକ୍ଷ୍ୟକୁ ୨୦୨୩-୨୪ରେ ହିଁ ଅତିକ୍ରମ କରିସାରିଛି। ଆଶା କରାଯାଏ ୨୦୨୯-୩୦ ବେଳକୁ ପାଖାପାଖି ୫୦୦ ଗିଗାୱାଟ ସୌରଶକ୍ତି ଉତ୍ପାଦନ କରି ଆମ ଦେଶ ୫୦ ପ୍ରତିଶତ ଲକ୍ଷ୍ୟକୁ ମଧ୍ୟ ଟପିଯିବ।

ତୃତୀୟ ଓ ଚତୁର୍ଥ ପ୍ରତିଶ୍ରୁତି ଅନୁସାରେ ୨୦୩୦ ସୁଦ୍ଧା ଦେଶର ଅର୍ଥନୀତିରେ ଅଙ୍ଗାରକାମ୍ଳ ଉତ୍ସର୍ଜନ ପରିମାଣ ୪୫ ପ୍ରତିଶତ ହ୍ରାସ କରିବା ଏବଂ ଦେଶର ସାମଗ୍ରିକ ଉତ୍ସର୍ଜନ ଅଙ୍ଗାରକାମ୍ଳ ବାଷ୍ପର ପରିମାଣ ୧ ବିଲିୟନ ଟନ୍ ବା ୧୦୦ କୋଟି ଟନ୍ କମାଇବାର ଲକ୍ଷ୍ୟ ରଖାଯାଇଛି। ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇଥିଲେ ମଧ୍ୟ ଆମର ହାରାହାରି ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନ ବିଶ୍ୱ ହାରାହାରି ନିର୍ଗମନ ତୁଳନାରେ ଏକ ତୃତୀୟାଂଶ ମାତ୍ର। ୨୦୧୯ ସୁଦ୍ଧା ଭାରତ ସବୁଜ ଗୃହ ବାଷ୍ପ ଉତ୍ସର୍ଜନର ତୀବ୍ରତା ୨୦୦୫ରେ ଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୩୩ ପ୍ରତିଶତ କମାଇବାରେ ସଫଳ ହୋଇଛି। ତେଣୁ ୨୦୩୦ ମସିହା ଅବଧି ୪୫ ପ୍ରତିଶତ କମାଇବାର ଲକ୍ଷ୍ୟ ନିଶ୍ଚିତ ସଫଳ ହେବ। ଏଥିରେ ସନ୍ଦେହ ନାହିଁ। ଏହା ବ୍ୟତୀତ ଦେଶର ସାମଗ୍ରିକ ଭାବେ ଅଙ୍ଗାରକାମ୍ଳ ଉତ୍ସର୍ଜନ ପରିମାଣ ୧ ବିଲିୟନ ଟନ୍‌କୁ କମାଇବାର ଲକ୍ଷ୍ୟ ମଧ୍ୟ ହାସଲ ହୋଇପାରିବ। ଜାତୀୟ ବନ ସର୍ବେକ୍ଷଣ ସଂସ୍ଥା ଦ୍ୱାରା କରାଯାଇଥିବା ୨୦୧୫ ମସିହାର ଆକଳନ ଅନୁସାରେ ଆମ ଦେଶର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳରେ ୨୫.୭ ବିଲିୟନ ଟନ୍ ଅଙ୍ଗାରକାମ୍ଳ ସମତୁଲ ଗଚ୍ଛିତ ଅଛି। ପରବର୍ତ୍ତୀ ସର୍ଭେ ରିପୋର୍ଟରୁ ଜଣାପଡେ ବିଗତ କିଛି ବର୍ଷ ହେଲା ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ବୃଦ୍ଧି ପାଉଥିବା କାରଣରୁ ବର୍ଷକୁ ପ୍ରାୟ ୧୨୮ ମିଲିୟନ ବା ୦.୧୨୮ ବିଲିୟନ ଟନ୍ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳରୁ ଅବଶୋଷିତ ହୋଇପାରୁଛି। ଏହି ହାରରେ ୨୦୩୦ ସୁଦ୍ଧା ଅଙ୍ଗାରକ କୁଣ୍ଡ ହିସାବରେ ଜଙ୍ଗଲର କ୍ଷମତା ୧.୯୨ ବିଲିୟନ ଟନ୍ ବୃଦ୍ଧି ପାଇବ।

ଭାରତର ୨୦୩୦ ଜଳବାୟୁ ଅନୁଚିନ୍ତା କାର୍ଯ୍ୟକାରୀ କରିବାକୁ ବଜେଟରେ ଯଥେଷ୍ଟ ବ୍ୟୟବରାଦର ଆବଶ୍ୟକତା ରହିଛି। ୨୦୧୪ରୁ ୨୦୨୩ ମଧ୍ୟରେ ଅକ୍ଷୟଶକ୍ତି ବିକାଶ ଦିଗରେ ୮.୫ ଲକ୍ଷ କୋଟି ବିନିଯୋଗ ହୋଇସାରିଛି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ୨୦୨୩ ଡିସେମ୍ବରରେ ଭାରତ 'ୟୁଏନ୍‌ଏଫ୍‌ସିସିସି' ଅର୍ଥାତ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ଆଧାରକ ସମ୍ମିଳନୀ ନିକଟରେ ୨୦୩୦ ପର୍ଯ୍ୟନ୍ତ ଅଧିକ ୫୬.୬୮ କୋଟିର ଅଧିକ ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଦେଇଛି। ଆମେରିକୀୟ ମୁଦ୍ରାରେ ଏହା ହେଉଛି ୬୭୯ ବିଲିୟନ ଡଲାର। ଜଳବାୟୁ ସଂକଟ ଓ ତଜ୍ଜନିତ ବାଦାନୁବାଦରେ ପ୍ରପୀଡିତ ବିଶ୍ୱ ସମ୍ମୁଖରେ ଭାରତର ୨୦୩୦ ଅନୁଚିନ୍ତା ନେତୃତ୍ୱ ନେବା ପାଇଁ ଏକ ସୁଯୋଗ ସୃଷ୍ଟି କରିଛି। ଦେଶରୁ ସାମଗ୍ରିକ ଭାବେ ଅଙ୍ଗାରକାମ୍ଳ ଉତ୍ସର୍ଜନ ହ୍ରାସ କରି ୨୦୭୦ ମସିହା ସୁଦ୍ଧା 'ଶୂନ୍ୟ କାର୍ବନ ନିର୍ଗମନ' କ୍ଷମତା ହାସଲ କରିବା ନିମନ୍ତେ ମଧ୍ୟ ଦୃଢ଼ ପଦକ୍ଷେପ ନେଇଛି।

**-ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ମୋ: ୯୪୩୭୦୦୦୯୦୪**

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଶବ୍ଦ ପ୍ରଦୂଷଣ ବଢ଼ାଉଛି

ମହାଶୟ,

ଆଗକୁ ଗଣେଶ ପୂଜା ପରେ ପରେ ଦଶହରା ରହିଛି। ତେବେ କେଉଁଝର ଜିଲା ଘସିପୁରା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ବେଲବାହାଳୀ ପଞ୍ଚାୟତରେ ଗଣେଶ ପୂଜା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଚଳିତବର୍ଷ ପୂଜାରେ ଡିଜେ ସାମିଲ ହେଲେ ଶବ୍ଦ ପ୍ରଦୂଷଣ ବଢିବ। ଏହାକୁ ନେଇ ପ୍ରଶାସନିକ କଠୋର ନିୟମାବଳୀ ଥାଇ କିଛି କାମ କରୁ ନାହିଁ। ଏହାର ଉଲ୍ଲଂଘନ ହେଉଛି ଓ ପ୍ରଶାସନ ଏହାକୁ କଠୋର ଭାବେ ନିୟନ୍ତ୍ରଣ କରିପାରୁନାହିଁ। ଏହି ଅଞ୍ଚଳରେ ଶିକ୍ଷାୟନ ଓ ସ୍ୱାସ୍ଥ୍ୟସେବା ତଥା ଚିକିତ୍ସା ପ୍ରତିଷ୍ଠାନ ମଧ୍ୟ ରହିଛି। ଯାହାର ସର୍ବନିମ୍ନ ନିର୍ଦ୍ଦିଷ୍ଟ ପରିଧି ଭିତରେ ଡିଜେ କିମ୍ବା କୌଣସି ଉଚ୍ଚସ୍ୱରର ବାଦ୍ୟ ଯନ୍ତ୍ର କିମ୍ବା ମାଇକ ବ୍ୟବହାର ମନା ଥିଲେ ମଧ୍ୟ ଏହି ନିୟମକୁ କେହି ମାନୁ ନାହାନ୍ତି। ବେଲବାହାଳୀ ଭଳି ଏକ ଛୋଟିଆ ଜାଗାରେ ଏକକାଳୀନ ଯଦି ପନ୍ଦରରୁ ଊର୍ଦ୍ଧ୍ୱ ମାଇକ ଓ ଡିଜେ ବାଜେ ତେବେ ବୃଦ୍ଧାବୃଦ୍ଧ, ହୃଦ୍‌ରୋଗୀ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଏଣୁ ବେଲବାହାଳୀ ସମେତ ଆନନ୍ଦପୁର ଅଞ୍ଚଳରେ ଡିଜେ ବଜାଇବା ଉପରେ କଟକଣା ଜାରି କରିବାକୁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ।

**-ଯୁଧିଷ୍ଠିର ମହାରଣା, ଆଇନଜୀବୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମୁଖ୍ୟ ସଚିବ, ୨ ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

## ସାପ କାମୁଡ଼ାଜନିତ ମୃତ୍ୟୁ, ସୁରକ୍ଷା ପଦକ୍ଷେପ ରିପୋର୍ଟ ମାଗିଲେ

କେନ୍ଦୁଝର,୨୯।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟରେ ସାପ କାମୁଡ଼ାରେ ଲୋକଙ୍କ ମୃତ୍ୟୁ ଓ ମୃତ୍ୟୁ ହାର ହ୍ରାସ କରିବା ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ସରକାରଙ୍କୁ ନୋଟିସ କରିଛନ୍ତି। ଏଥିସହ କେନ୍ଦୁଝର ଓ ସୋନପୁର ଜିଲାପାଳଙ୍କଠାରୁ ଆକ୍ସନ ଟେକେନ ରିପୋର୍ଟ (ଏଟିଆର୍) ମଧ୍ୟ ମାଗିଛନ୍ତି। ବରିଷ୍ଠ ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ପକ୍ଷରୁ ଦାଖଲ ଆବେଦନକୁ ବିଚାରକୁ ନେଇ ଏନ୍‌ଏଚ୍‌ଆର୍‌ସି ଅଗଷ୍ଟ ୨୮ରେ ଏହି ନିର୍ଦ୍ଦେଶ ଦେଇଛନ୍ତି।୮ ସପ୍ତାହରେ ରିପୋର୍ଟ ଦେବାକୁ ଆଦେଶ କରିଛନ୍ତି। ଡାକ୍ତରଖାନା, ପୋଲିସ ଷ୍ଟେଶନ, ସ୍କୁଲ, ଅଙ୍ଗନୱାଡ଼ି, ଓଡ଼ିଶାର ଆବାସିକ ଘର ତଥା ସରକାରୀ କାର୍ଯ୍ୟାଳୟ ସମେତ ସର୍ବସାଧାରଣ ସ୍ଥାନରେ ସର୍ପ ଦଂଶନରୁ ସୁରକ୍ଷା ତଥା ନିରାପତ୍ତା ସୁନିଶ୍ଚିତ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ଅଭିଯୋଗରେ ଦର୍ଶାଯାଇଛି।

ପ୍ରକାଶ ଯେ, କେନ୍ଦୁଝର ଜିଲାର ଆନନ୍ଦପୁରର ସବ୍ ଡିଭିଜନାଲ ହସ୍ପିଟାଲ ବାରଣ୍ଡାରେ ଶୋଇଥିବା ବେଳେ ବାଲୁ ଚମ୍ପିଆ (୨୩) ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମାଆ ଡାଇରିଆ ପାଇଁ ଡାକ୍ତରଖାନାରେ ଚିକିତ୍ସିତ ଥିବା ବେଳେ ସେ ପାଖରେ ଥିଲେ। ଅନ୍ୟ ଏକ ଘଟଣାରେ ଆନନ୍ଦପୁର ଥାନା ଅନ୍ତର୍ଗତ ଘଟୁଆଁ ଗ୍ରାମରେ ୪ ମାସର ଝିଅ ମା' ସହ ଶୋଇଥିବା ବେଳେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ସେହିପରି ୨୪ ଜୁନ୍ ୨୦୨୪ରେ ସୋନପୁର ଜିଲାର ବୀରମହାରାଜପୁର ପୋଲିସ ଷ୍ଟେଶନରେ ଗୁରା କୁମ୍ଭାର ନାମକ ବ୍ୟକ୍ତି ସାପ ଧରୁଥିବା ବେଳେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ଘଟଣା ପୋଲିସ ଷ୍ଟେଶନର ଅଧିକାରୀମାନେ ଦେଖୁଥିଲେ। ଏଭଳି ଅନେକ ସାପ କାମୁଡ଼ା ଘଟଣା ଦର୍ଶାଇ ଆବେଦନକରୀ ସରକାର ଲୋକଙ୍କ ଜୀବନ ରକ୍ଷା କରିବାରେ ବିଫଳ ହେଉଥିବା କହିଥିଲେ। ଅବହେଳା ଯୋଗୁ ଗତ ୮ ବର୍ଷରେ ୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇଥିଲେ। ପ୍ରସଙ୍ଗର ଗମ୍ଭୀରତାକୁ ବିଚାରକୁ ନେଇ ଏନ୍‌ଏଚ୍‌ଆର୍‌ସି ସାପ କାମୁଡ଼ା ଘଟଣାକୁ କମ୍ କରିବା ପାଇଁ ବିଶେଷଜ୍ଞଙ୍କ ମତାମତ, ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପରିମାଣର ଆଣ୍ଟି-ଭେନମ ସେରମ ଉପଲବ୍ଧତା ସୁନିଶ୍ଚିତ କରିବାକୁ ଆଦେଶ କରିଛନ୍ତି। ସାପକାମୁଡ଼ାର ଶିକାର ହୋଇଥିବା ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ବିଷୟରେ ଜାଣିବାକୁ ଚାହିଁଛନ୍ତି। ସେହିପରି ବିଷାକ୍ତ ସାପକୁ ଧରିବା ଏବଂ ସେମାନଙ୍କୁ ମାନବ ବାସସ୍ଥାନଠାରୁ ଦୂରରେ ରଖିବା ପାଇଁ ନିୟୋଜିତ ତାଲିମପ୍ରାପ୍ତ ସାପ ଧରାଳିଙ୍କ ବିବରଣୀ, ଯୋଗାଯୋଗ ନମ୍ବର ଇତ୍ୟାଦି ବିଷୟରେ ଜଣାଇବାକୁ ଏନଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

# ସ୍ମାର୍ଟ ମିଟରକୁ ବିରୋଧ, ତେଜୁଛି ଆନ୍ଦୋଳନ



ଚାଷୀମାନେ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

- ଅତାବିରାରେ ବିକ୍ଷୋଭ ଶୋଭାଯାତ୍ରା
- ବ୍ଲକରୁ ବ୍ଲକ ବ୍ୟାପୁଛି ଆନ୍ଦୋଳନ
- ଘରୁ ସ୍ମାର୍ଟ ମିଟର ଖୋଲି ଫେରାଉଛନ୍ତି
- ବିଭାଗୀୟ ମୁଖ୍ୟ ଦେଲେ ସ୍ପଷ୍ଟୀକରଣ

ବରଗଡ଼/ସରଣ୍ଡା,୨୯।୮ (ପ୍ରେମାନନ୍ଦ ଖମାରୀ/ ଯୁଧିଷ୍ଠିର ମହାପାତ୍ର)

ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାର ଉପଭୋକ୍ତାଙ୍କ ଘରେ ଲାଗିଥିବା ପୁରୁଣା ମିଟରକୁ କାଢ଼ି ଦେଇ ନୂତନ ସ୍ମାର୍ଟ ମିଟର ସ୍ଥାପନ କରୁଛି। ତେବେ ପୂର୍ବରୁ ସ୍ଥାପିତ ମିଟର ଅପେକ୍ଷା ସ୍ମାର୍ଟ ମିଟରରେ ମାତ୍ରାଧିକ ବିଲ୍ ଆସୁଥିବା ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବାବେଳେ ସ୍ମାର୍ଟ ମିଟରକୁ ନେଇ ବରଗଡ଼ ଜିଲାରେ ଆନ୍ଦୋଳନ ତେଜି ଉଠିଛି। ଚାଷୀ ତଥା ଗ୍ରାମବାସୀ ଘରେ ଲାଗିଥିବା ସ୍ମାର୍ଟ ମିଟରକୁ କାଢ଼ି ଦେଇ ବିଦ୍ୟୁତ ବିଭାଗକୁ ଫେରାଇ ଦେଉଛନ୍ତି। ବିଭିନ୍ନ ସ୍ଥାନରେ ସଭା, ସମିତି ଏବଂ ଶୋଭାଯାତ୍ରାରେ ମଧ୍ୟ ସ୍ମାର୍ଟ ମିଟରକୁ ନେଇ ବିରୋଧ ପ୍ରଦର୍ଶନ କରାଯାଉଛି। ଗୁରୁବାର ଅତାବିରାରେ ମଧ୍ୟ ଏଭଳି ଆନ୍ଦୋଳନ ତାତି ଦେଖିବାକୁ ମିଳିଥିଲା।

ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, ଅତାବିରା ବ୍ଲକ ଶାଖାର ଆହ୍ୱାନକ୍ରମେ ଶତାଧିକ ଚାଷୀ ଏବଂ ବିଦ୍ୟୁତ ଉପଭୋକ୍ତା ଲାଦେରପାଲି ରାମଚଣ୍ଡୀ ମନ୍ଦିର ପରିସରରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ସ୍ଥାନୀୟ ଟାଟା ପାୱାର ଏସ୍‌ଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣାରେ ବସିଥିଲେ। ସଙ୍ଗଠନ ସଭାପତି ବୀରେନ୍ଦ୍ର କର, ତୃତୀୟା ପ୍ରଧାନ, କ୍ଷୀରସିନ୍ଧୁ ବାଗ, ସୁବାଷ ବିଶ୍ୱାଳ, ପ୍ରଦୀପ ପ୍ରଧାନ, ସୁବ୍ରତ ସାହୁ, ଦଶରଥ ଭୋଇ, ବୁଦ୍ଧଦେବ ନନ୍ଦ ପ୍ରମୁଖ ସ୍ମାର୍ଟ ମିଟର ବିରୋଧରେ ଉଦ୍‌ବୋଧନ ଦେଇଥିଲେ। ପରେ ସେମାନେ ଟାଟା ପାୱାରର ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଏସ୍‌ଡିଓ ରବିନାରାୟଣ ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଅତାବିରା ବ୍ଲକର ଉପଭୋକ୍ତାଙ୍କ ଘରେ ଲାଗିଥିବା ସମସ୍ତ ସ୍ମାର୍ଟ ମିଟରକୁ ତୁରନ୍ତ ହଟାଇବା, ନୂତନ ସ୍ମାର୍ଟ ମିଟର ସଂଯୋଗୀକରଣ ବନ୍ଦ, ବକେୟା ବିଦ୍ୟୁତ୍ ଦେୟ ଅସୁଲ ବନ୍ଦ, ଚାଷକାର୍ଯ୍ୟ ପାଇଁ ବିଦ୍ୟୁତ୍ ବିଲ୍ ସମ୍ପୂର୍ଣ୍ଣ ଛାଡ଼, ଟାଟା ପାୱାର କମ୍ପାନୀକୁ ରାଜ୍ୟରୁ ହଟାଇବା ଆଦି ଦାବି ରହିଛି। ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ଉକ୍ତ ଦାବି ସମୂହ ପୂରଣ କରା ନ ଗଲେ ସମସ୍ତ ସ୍ମାର୍ଟ ମିଟର ଖୋଲି ଟାଟା ପାୱାର କାର୍ଯ୍ୟାଳୟରେ ଜମା ଦେବାକୁ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। କେବଳ ଅତାବିରା ନୁହେଁ, ଏହା ପୂର୍ବରୁ ଜିଲାର ଅନ୍ୟ କେତେକ ବ୍ଲକରେ ମଧ୍ୟ ସ୍ମାର୍ଟ ମିଟର ସ୍ଥାପନକୁ ନେଇ ଅନୁରୂପ ପ୍ରତିବାଦ କରାଯାଇଛି। ଜିଲାର ଅମ୍ବାଭୋନା ବ୍ଲକରୁ ଏଭଳି ପ୍ରତିବାଦ ଆରମ୍ଭ ହୋଇଥିଲା। ଏହାପରେ ଜିଲାର କେନ୍ଦପାଲି, ବୁଧିଆପାଲି, ଝାଙ୍କରପାଲି, ବିଶିପାଲି ସମେତ ବରଗଡ଼ ବ୍ଲକର ତୋରା, ଭଟଲି ଏବଂ ସୋହେଲା ବ୍ଲକରେ ସ୍ମାର୍ଟ ମିଟରକୁ ବିରୋଧ କରି ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ।

ବରଗଡ଼ ଜିଲାରେ ସ୍ମାର୍ଟ ମିଟରକୁ ନେଇ ଆନ୍ଦୋଳନ ତେଜି ଉଠୁଥିବାବେଳେ ଗୁରୁବାର ବୁର୍ଲାସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କର୍ପୋରେଟ୍ କାର୍ଯ୍ୟାଳୟର କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ମନୋଜ ପଟ୍ଟନାୟକ ଏକ ପ୍ରେସ ବିବୃତିରେ ଏ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି। ସେଥିରେ ଉଲ୍ଲେଖ ରହିଛି, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସ୍ମାର୍ଟ ମିଟର କାର୍ଯ୍ୟକାରୀ କରାଯାଇଛି। ଏହି ମିଟର ସମ୍ପୂର୍ଣ୍ଣ ଭାବେ ଠିକ୍ ଭାବେ ବିଦ୍ୟୁତ ବିଭାଗକୁ ପରଖିଥାଏ। ଠିକ୍‌ଭାବେ ଗ୍ରାହକଙ୍କ ବ୍ୟବହାର ଅନୁଯାୟୀ ମିଟର ରିଡିଙ୍ଗ ଦର୍ଶାଇଥାଏ। ଯଦି ସ୍ମାର୍ଟ ମିଟର ଉପକାରିତା ନେଇ କୌଣସି ସନ୍ଦେହ ଉପୁଜେ, ତେବେ କମ୍ପାନୀର ଦେୟମୁକ୍ତ ଗ୍ରାହକ ସେବା କେନ୍ଦ୍ର ସହିତ ସମ୍ପର୍କ ରଖିପାରିବେ ବୋଲି ପଟ୍ଟନାୟକ ବିବୃତିରେ ସୂଚନା ଦେଇଛନ୍ତି।

# ୧କିଲୋମିଟର ଷ୍ଟ୍ରେଚରରେ ବୁହାହେଲେ ରୋଗୀ



ଆମ୍ବୁଲାନ୍ସ କର୍ମଚାରୀମାନେ ରୋଗୀଙ୍କୁ ଷ୍ଟ୍ରେଚରରେ ନେଉଛନ୍ତି।

ବାଲିଶଙ୍କରା,୨୯।୮ (ହୃଦାନନ୍ଦ ବାରିକ)

ରାସ୍ତା ଖରାପ ଯୋଗୁ ଗାଁକୁ ଯାଇପାରିଲା ନାହିଁ ଆମ୍ବୁଲାନ୍ସ। ଏହି ସମୟରେ ଆମ୍ବୁଲାନ୍ସ କର୍ମଚାରୀ ଷ୍ଟ୍ରେଚରରେ ରୋଗୀଙ୍କୁ ପ୍ରାୟ ୧କିଲୋମିଟର ପର୍ଯ୍ୟନ୍ତ ବୋହିକି ଆଣିଥିଲେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତ କିସାନପଡ଼ାରେ। ଉକ୍ତ ପଡ଼ାର ଶୁକ୍ରୁ ବାଘ(୫୫)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ବର୍ଷା ଯୋଗୁ ପଡ଼ା ରାସ୍ତା କାଦୁଅ ପଚପଚ ହୋଇଥିବାରୁ ଆମ୍ବୁଲାନ୍ସ ଯାଇ ନ ପାରି ୧ କିଲୋମିଟର ଦୂରରେ ଅଟକି ରହିଥିଲା। ଆମ୍ବୁଲାନ୍ସ କର୍ମଚାରୀ ପପୁ କୁମାର ବେହେରା (କମ୍ପାଉଣ୍ଡର), ମନୋଜ କୁମାର ନାଗ (ଡ୍ରାଇଭର), ପ୍ରମୋଦ ଲାକ୍ରା (ହେଲ୍ପର) ଓ ଗ୍ରାମବାସୀ ଅନୁଗ୍ରହ ଏକ୍କା ଷ୍ଟ୍ରେଚର ସାହାଯ୍ୟରେ ରୋଗୀଙ୍କୁ ବୋହିକି ଆଣିଥିଲେ। ପ୍ରକାଶଥାଉ କି, ଉକ୍ତ ପଡ଼ାର ସୁବିଧା ପାଇଁ ନୂତନ ପୋଲ ନିର୍ମାଣ ପାଇଁ ସରକାରଙ୍କ ପାଖରୁ କାର୍ଯ୍ୟାଦେଶ ଦିଆଯାଇଛି। ହେଲେ ପୋଲ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଏଥିପାଇଁ ପଡ଼ାବାସୀ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସମିତି ସଭ୍ୟ ପ୍ରମୋଦ କୁମାର ମିଞ୍ଜ, ୱାର୍ଡମେମ୍ବର ପରକ୍ଷିତ ମାଝୀ, ଅନୁଗ୍ରହ ଏକ୍କା ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଠିକାଦାରଙ୍କୁ ତାଗିଦ୍ କରି ଅସମ୍ପୂର୍ଣ୍ଣ ପୋଲକୁ ସମ୍ପୂର୍ଣ୍ଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପ୍ରବଳ ବର୍ଷା ସୂଚନା: ଆଜି କୋରାପୁଟ ଜିଲାରେ ସବୁ ସ୍କୁଲ ବନ୍ଦ

କୋରାପୁଟ,୨୯।୮(ଅମିତାଭ ବେହେରା)

ଲଘୁଚାପ ଯୋଗୁ ଆସନ୍ତା ୪୮ ଘଣ୍ଟା ଧରି କୋରାପୁଟ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଗୁରୁବାର ଆଇଏମ୍‌ଡି ପକ୍ଷରୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହିପରି ଏସ୍‌ଆର୍‌ସିଙ୍କ ପକ୍ଷରୁ କୋରାପୁଟ ଜିଲା ପ୍ରଶାସନକୁ ସର୍ତକ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେଥିନେଇ ଗୁରୁବାର ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ କରାଯାଇ ଶୁକ୍ରବାର ଜିଲାର ସମସ୍ତ ସ୍କୁଲ ବନ୍ଦ ରହିବା ନେଇ ନିଷ୍ପତ୍ତି ନିଆଯାଇଥିବା ଜିଲା ଜରୁରିକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି । ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର, ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜିଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବସ୍‌ରେ ଚାଲିଗଲା ବୃଦ୍ଧଙ୍କ ଜୀବନ

ଛେଣ୍ଡିପଦା,୨୯।୮ (ଅଜିତ ଧଳ)

ଝିଅ ଘରୁ ଫେରୁଥିବା ଜଣେ ବୃଦ୍ଧଙ୍କ ବସ୍ ଭିତରେ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ବାଗଡିଆ ଥାନା ଅଞ୍ଚଳରେ ଗୁରୁବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ କିଶୋରନଗର ବ୍ଲକ ହଣ୍ଡପା ଥାନା ସାନଗୋବିନ୍ଦପୁର ଗ୍ରାମର ନିରାକାର ଦେହୁରୀ। ସୂଚନା ଅନୁଯାୟୀ, ସାନଗୋବିନ୍ଦପୁର ଗ୍ରାମର ନିରାକାର କିଛିଦିନ ହେବ ରିଆମାଳ ଥାନା ଅଞ୍ଚଳରେ ରହୁଥିବା ଝିଅ ଘରକୁ ବୁଲିବାକୁ ଯାଇଥିଲେ। ସେଠାରୁ ସେ ଏକ ଘରୋଇ ବସ୍‌ରେ ସାନଗୋବିନ୍ଦପୁରସ୍ଥିତ ଘରକୁ ଫେରୁଥିବାବେଳେ ବାଗଡିଆଠାରେ ଅଚେତ ହୋଇଯାଇଥିଲେ। ବସ୍ କର୍ମଚାରୀମାନେ ସନ୍ଦେହ କରି ତାଙ୍କୁ ବାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାଗଡିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି।


**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, लोहरदगा**
**(rdsd.lohardaga@rediffmail.com)**

ई–अति अल्पकालीन निविदा आमंत्रण सूचना

ई–अति अल्पकालीन निविदा सूचना संख्या– RDD/SD/LOHARDAGA/E-03/2024-25(2nd call)

1. कार्य की विस्तृत विवरणी :–

| क्रम संख्या | कार्य का नाम | परिमाण विपत्र की राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | लोहरदगा जिला के किस्को प्रखण्ड में ग्राम पंचायत पाखर में बन्दरीतरिया से डहरबाटी जाने वाले पथ में बन्दरीतरिया नदी पर उच्च स्तरीय सेतु निर्माण। | 2,17,20,100.00 | 5,66,700.00 | 10,000.00 | 18 माह |

2. वेबसाइट में निविदा प्रकाशन की तिथि :– 02.09.2024
3. ई–निविदा प्राप्ति की तिथि एवं समय :– दिनांक 02.09.2024 से दिनांक 10.09.2024 को अपराह्न 5:00 बजे तक।
4. ई–निविदा खोलने का स्थान :– कार्यपालक अभियंता, कार्यालय ग्रामीण विकास विशेश प्रमण्डल, लोहरदगा।
5. ई–निविदा खोलने की तिथि एवं समय :– दिनांक 11.09.2024 पूर्वाह्न 11:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल,लोहरदगा।
7. ई–निविदा प्रकोशठ का दुरभाश संख्या :– 06526–295021
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान संवेदक द्वारा जिस बैंक खाता से किया जायेगा, उसी खाते में अग्रधन की राशि वापस होगी। अगर बैंक खाता को बंद कर दिया जाता है तो उसकी सारी जवाबदेही संवेदक की होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल,
लोहरदगा।

PR 333981 (Lohardaga) 24-25 (D)

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, दुमका**
**(rdsddumka1@gmail.com)**

अतिअल्पकालीन ई–निविदा आमंत्रण सूचना

ई–निविदा सूचना संख्या– RDSD/DMK/MMGSY/20/2024-25

1.कार्य की विस्तृत विवरणी :–

| क्रम संख्या | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य पूर्ण करने की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | दुमका जिला अन्तर्गत प्रखंड काठीकुण्ड के पंचायत बिछियापहाड़ी के ग्राम आमगाछी से कुलकांठ पथ स्थित नदी में उच्चस्तरीय पुल निर्माण। | 3,34,72,500 | 6,70,000 | 10,000 | 18 माह |

2. वेबसाइट में निविदा प्रकाशन की तिथि :– 03.09.2024
3. ई–निविदा प्राप्ति की तिथि एवं समय :– दिनांक 03.09.2024 से दिनांक 11.09.2024 को अपराह्न 5:00 बजे तक।
4. निविदा शुल्क एवं अग्रधन की राशि केवल Online Mode द्वारा ही स्वीकार्य होगी।
5. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही आपकी होगी।
6. निविदा खोलने का स्थान :– e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमंडल दुमका।
7. निविदा खोलने की तिथि एवं समय :– दिनांक 13.09.2024 अपराह्न 2:00 बजे
8. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल,दुमका।
9. ई–निविदा प्रकोष्ठ का दुरभाष संख्या :– 7091279444
10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल, दुमका।

PR 333996 (Rural Work Department) 24-25 (D)

**कार्यपालक अभियंता का कार्यालय ग्रामीण विकास विशेष प्रमण्डल,जामताड़ा**
**Email Id:rdsdjmt@gmail.com**

अल्पकालीन ई0–निविदा आमंत्रण संख्या–**RDD/SD/JAMTARA/08/2024-25**

1.कार्य की विस्तृत विवरणी :–

| क्र0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | सदर अस्पताल, जामताड़ा में Integrated Public Health Laboratory (IPHL) की स्थापना कार्य। | 1,41,89,800.00 | 2,84,000.00 | 10,000.00 | 8 माह |

| | | | |
|---|---|---|---|
| 2. | वेबसाईट में निविदा प्रकाशन की तिथि | :– | दिनांक–03.09.2024 |
| 3. | ई0–निविदा प्राप्ति की तिथि एवं समय | :– | दिनांक–04.09.2024 से दिनांक–11.09.2024 (अपराह्न 5:00 बजे) |
| 4. | निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी। | | |
| 5. | निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी। | | |
| 6. | निविदा खोलने का स्थान | :– | e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा। |
| 7. | निविदा खुलने की तिथि एवं समय | :– | दिनांक–13.09.2024 (अपराह्न 2:00 बजे) |
| 8. | निविदा आमंत्रित करने वाले पदाधिकारी का नाम एवं पता | :– | कार्यपालक अभियंता, ग्रामीण विकास विशेष प्रमण्डल, जामताड़ा। |
| 9. | ई0–निविदा प्रकोष्ठ का दुरभाष संख्या | :– | 9973957543 |
| 10. | अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा। | | |
| 11. | B.O.Q की राशि घट–बढ़ सकती है, तदनुसार अग्रधन की राशि देय होगी। | | |

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

ह0/–
कार्यपालक अभियंता
ग्रामीण विकास विशेष प्रमण्डल,जामताड़ा

PR 333941 (Rural Development)24-25*D

**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି : ୨୪-ଇଏଲ୍-ଡବ୍ଲ୍ୟୁଟି-୨୦୨୪-୨୫।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନରେ ଶକ୍ତି ଯୋଗାଣ ପ୍ରଣାଳୀର ପରିବର୍ଦ୍ଧନ, ଉନ୍ନତୀକରଣ ଏବଂ ପରିବର୍ତ୍ତନ ତଥା ଏସ୍‌ସିଏଡିଏ ସମେତ ଅନ୍ୟାନ୍ୟ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୧,୧୦,୯୮,୯୨୧। **ଇଏମ୍‌ଡି:** ₹୨,୦୫,୫୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ ଟଙ୍କାରେ:** ଶୂନ୍ୟ। **ବନ୍ଦ ହେବା/ଖୋଲାଯିବା ତାରିଖ:** ୨୬।୦୯।୨୦୨୪, ୧୫.୦୦ ଘଟିକା। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ।

(PR-534)

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(A Government of Jharkhand Undertaking)**
**JUIDCO Bhawan, Kutchery Chowk, Ranchi-834001**
**E-MailId - juidcolimited@gmail.com**
**CIN: U45200JH2013SGC001752**

**CORRIGENDUM – 01**

**Project Name :- Renovation and Redevelopment of Existing Townhall Building at Madhupur, Jharkhand**
Ref. PR No.: 332623
NIT No: - JUIDCO/Redev./TH Madhupur/628
Tender ID: - 2024_UDD_90518_1
All the bidders are hereby intimated that **Corrigendum – 01** for the tender bearing **Tender ID 2024_UDD_90518_1** for **"Renovation and Redevelopment of Existing Townhall Building at Madhupur, Jharkhand"** has been published on e-procurement website of the Government of Jharkhand.
The same may be taken into account before submission of bids.
e-procurement website : jharkhandtenders.gov.in

Sd/-
Project Director (Technical)
JUIDCO Ltd.

PR 334048 Urban Development and Housing (24-25)_D

No. KK-142

SAMS Student Academic Management System — Skilled in ODISHA

**DIRECTORATE OF TECHNICAL EDUCATION & TRAINING, ODISHA**
KILLAMAIDAN, BUXIBAZAR, CUTTACK-753001.
Email: ccrdiploma2024@gmail.com , website: dtetodisha.gov.in

**No 12847** **Date 28.08.2024**

**DIPLOMA & POST-DIPLOMA SPOT ADMISSION 2024-25**
FOR ADMISSION INTO DIPLOMA IN ENGINEERING/NON-ENGINEERING, LATERAL ENTRY, WORKING PROFESSIONALS-LE & POST DIPLOMA COURSES

This is for information of aspirant candidates for spot admission into vacant seats at various Engineering Schools and Polytechnics (both Government & Private) of the State for the academic session 2024-25. The SAMS portal (https://skill.samsodisha.gov.in/) will be opened for spot admission as per the following timeline:

| Course | Spot Admission |
|---|---|
| Diploma in Engineering & Non-Engineering **(FRESH)** | 2nd and 3rd September 2024 |
| Diploma in Engineering – **Lateral Entry** | 5th and 6th September 2024 |
| **Post Diploma** Courses | 3rd September 2024 |
| Diploma in Engineering- LE- **Working Professionals** | 10th and 11th September 2024 |

The SOP for Second Round Spot Admission will be available on SAMS portal.
The SAMS portal will be enabled for fresh registration for admission into Spot Round w.e.f. ***30th August 2024.***

For any specific query, contact Diploma Admission Call Centre Phone No 155335/ 1800-345-6770 (Toll Free) (from 9AM to 6PM) or email to ccrdiploma2024@gmail.com or contact / visit nearby Govt. Polytechnic / Engineering School for assistance.

Sd/-
Director
Technical Education & Training,
Odisha, Cuttack

OIPR-44008/11/0022/2425

## ସଂକ୍ଷେପରେ

### ବଜ୍ରପାତରେ ବୃଦ୍ଧାଙ୍କ ମୃତ୍ୟୁ

**ଥୁଆମୂଳ ରାମପୁର,୨୯।୮(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଡୁମେରପଦରଠାରୁ ଅଡ୍ରି ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାରେ ଗୁରୁବାର ବଜ୍ରପାତ ଯୋଗୁ ଗୌରୀ ନାଏକ (୬୮) ନାମ୍ନୀ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଥିଲା। ହେଲେ ମହାପ୍ରୟାଣ ଗାଡି ପାଇଁ ପୋଲିସ ଯୋଗାଯୋଗ କରିଥିଲେ ମଧ୍ୟ ସୁଫଳ ନ ପାଇବାରୁ ଶେଷରେ ପରିବାର ଲୋକେ ଏକ ଅଟୋ ଯୋଗେ ମୃତଦେହକୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତର ପୋଲିସକୁ ସୂଚନା ଦେଇଛନ୍ତି।

### ବଜ୍ରପାତରେ ବଳଦ ମୃତ

**କର୍ଲାମୁଣ୍ଡା,୨୯।୮(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଗଡ଼ା ପଞ୍ଚାୟତ ବିଜାପାଟିଠାରେ ଗୁରୁବାର ସକାଳେ ବଜ୍ରପାତ ଯୋଗୁ ଏକ ବଳଦର ମୃତ୍ୟୁ ହୋଇଛି। ସୂଚନାମତେ ବିଜାପାଟି ଗାଁର ଚାଷୀ ସାଲେବନ ଭୋଇ ତାଙ୍କ ଘର ପାଖ ଗଛ ତଳେ ଥିବା ଗୁହାଳରେ ବଳଦ ବାନ୍ଧିଥିଲେ। ସକାଳ ପ୍ରାୟ ସାଢେ ୭ଟାରେ ବର୍ଷାପବନ ସହ ବଜ୍ରପାତ ହେବାରୁ ବଳଦର ମୃତ୍ୟୁ ଘଟିଥିବା ଚାଷୀ ଜଣକ କହିଛନ୍ତି। ଗରିବ ଶ୍ରେଣୀର ସାଲେବନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ

**ରିଷିଡ଼ା,୨୯।୮ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ତେରେସିଂହା ଗ୍ରାମର ମା’ ମାଣିକେଶ୍ୱରୀ ଯୁବ କଳା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୂଆଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଶ୍ୱମ୍ଭର ଭୋଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନ ସମ୍ପାଦକ ରୋହିତ ରଣା, ଦେବେନ୍ଦ୍ର ରଣା, ବୁଲୁ ରଣା, ସମ୍ପଦ ରଣା, ନଟୁ ରଣା, ଅଜୟ ରଣା, ବିନୟ ରଣା, ଯଶୋବନ୍ତ ଭୋଇ, ହରିଶଙ୍କର ମାଝି, ଚିନ୍ତାମଣି ପରାଭୁଏ ପ୍ରମୁଖ ଯୋଗଦେଇଥିଲେ। ପ୍ରତିବର୍ଷ ପରି ଚଳିତଥର କୃଷି, ଶିକ୍ଷା, କଳା, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବାକୁ କମିଟି ସ୍ଥିର କରିଛି।

### ପ୍ରବଳ ବର୍ଷାରେ ଘର ଭାଙ୍ଗିଲା



**କର୍ଲାମୁଣ୍ଡା,୨୯।୮(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ରେ ବୁଧବାର ରାତିରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଗାଁରେ ମାଟିଘର ଭାଙ୍ଗିଯାଇଛି। ସୂଚନା ମତେ କର୍ଲାମୁଣ୍ଡାର କମଳ ସାହୁ ଓ ନକୁଳ ସାହୁ, ସ.ମାଲପଡା ପଞ୍ଚାୟତ ପୁଟିଗାଁର ଭଜମନ ସାହୁ, ରିଞ୍ଜା ପଞ୍ଚାୟତ ରିଞ୍ଜାର ନରେନ୍ଦ୍ର ସାହୁଙ୍କ ଘର ଭାଙ୍ଗିଥିବା ଖବର ମିଳିଛି। ଏ ନେଇ କର୍ଲାମୁଣ୍ଡା ଭାରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ଭରତ ସାହୁଙ୍କୁ ପଚାରିବାରୁ ବର୍ଷାରେ ଘର ଭାଙ୍ଗିଥିବା ଲୋକଙ୍କ ଅଭିଯୋଗ ପାଇବା ପରେ ଗାଁକୁ ଯାଇ ତଦନ୍ତ କରୁଛୁ, ଯାହା ସରକାରୀ ସହଯୋଗ ଥିବ ସେମାନେ କିଭଳି ପାଇପାରିବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଜାନୁଆରୀ ୬ରେ ଚୂଡ଼ାନ୍ତ ଭୋଟର ତାଲିକା

**ନୂଆପଡ଼ା,୨୯।୮ (ମକାରୁ ବେମାଲ)**



ଭୋଟର ତାଲିକା ସଂଶୋଧନ ପାଇଁ ଆଲୋଚନା କରାଯାଉଛି।

**ଭୋଟର ତାଲିକା ସଂଶୋଧନ ନେଇ ବୈଠକ**

ନୂଆପଡା ଜିଲାରେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ନେଇ ଅଗଷ୍ଟ ୨୦ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟସୂଚୀ ସମ୍ବନ୍ଧରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବୁଧବାର ଜିଲାର ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ନିର୍ବାଚନ ଅଧିକାରୀ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଡେପୁଟି କଲେକ୍ଟର ନିର୍ବଚନ ଶେଖ ନସିମ ପ୍ରମୁଖ ଯୋଗ ଦେଇଥିଲେ। ଭୋଟର ତାଲିକା ସଂଶୋଧନ କାର୍ଯ୍ୟସୂଚୀ, ପ୍ରଣାଳୀ, ରାଜନୈତିକ ଦଳ ପ୍ରତିନିଧିଙ୍କ ଦାୟିତ୍ୱ, ବୁଥ୍ ଲେବଲ ଅଫିସର, ବୁଥ୍ ଏଜେଣ୍ଟଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା। ବୁଥ୍ ଲେବଲ ଅଫିସରମାନେ ଅକ୍ଟୋବର ୧୮ ପର୍ଯ୍ୟନ୍ତ ଘରକୁ ଘର ଯାଇ ଭୋଟର ତାଲିକା ସଂଶୋଧନ କରିବେ। ୨୦୨୫ ଜାନୁଆରୀ ୧ ସୁଦ୍ଧା ତାଲିକା ପ୍ରସ୍ତୁତ କରାଯିବ। ଜାନୁଆରୀ ୬ରେ ସଂଶୋଧିତ ଚୂଡାନ୍ତ ତାଲିକା ପ୍ରକାଶିତ ହେବ। ନୂତନ ଭୋଟର ଯୋଗଦାନ ପାଇଁ ଜାନୁଆରୀ, ଏପ୍ରିଲ, ଜୁଲାଇ ଓ ଅକ୍ଟୋବର ୧ରେ ତାରିଖ ରହିଛି। ଏହି ଅବସରରେ ଜିଲାପାଳ ଦାସ କହିଥିଲେ, ଏକ ସୁସ୍ଥ ଗଣତନ୍ତ୍ର ପାଇଁ ନିର୍ଭୁଲ ଭୋଟର ତାଲିକା ଅତ୍ୟନ୍ତ ଜରୁରୀ। ଏଥିପାଇଁ ସେ ଜିଲାର ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ରାଜନୈତିକ ଦଳର ପ୍ରତିନିଧି ରୂପେ ଭାଜପାରୁ କମଲେଶ ଦିକ୍ଷୀତ, ବିଜେଡିରୁ ସ୍ୱାଗତ ଯୋଶୀ, ଆଇଏନ୍‌ସିରୁ ଦେବଦତ୍ତ ଦିକ୍ଷୀତ, ଆପ୍‌ରୁ ଲକ୍ଷ୍ମୀକାନ୍ତ ତାଣ୍ଡି, ବିଏସ୍‌ପିରୁ ସୁଖଧର ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଫୁଟ୍‌ବଲ: ଚନ୍ଦନପୁର ଏସ୍‌ୱାଇଏସ୍ ଚାମ୍ପିୟନ

**ଲାଞ୍ଜିଗଡ଼,୨୯।୮(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତ ଚନ୍ଦନପୁର ଖେଳ ପଡିଆଠାରେ ଗୁରୁବାର ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲ ଖେଳରେ ଚନ୍ଦନପୁର ଶିବରାମ ଯୁବକ ସଂଘ ଦଳ ଚାମ୍ପିୟନ ହୋଇଛି। ଗତ ୨୭ ତାରିଖରେ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ଚନ୍ଦନପୁର ଶିବରାମ ଯୁବକ ସଂଘ (ଏସ୍‌ୱାଇଏସ୍)ଏବଂ ମଣି ଏଫ୍‌ସି ମଧ୍ୟରେ ହୋଇଥିଲା। ଯୁବକ ସଂଘ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ରେଫରି ଭାବେ ଦେବରାଜ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଚମ୍ପାଦେଇ ପୁର ସରପଞ୍ଚ ନରେନ୍ଦ୍ର ମାଝି ଓ ସମ୍ମାନୀତ ଅତିଥିଭାବେ ଗାଁ ଗୌଟିଆ କରୁଣାକର ପ୍ରଧାନି, ବେଦାନ୍ତ ସିଏସ୍‌ଆର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜେତା ଦଳକୁ ଟ୍ରଫି ସହ ୮ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ଦିଆଯାଇଥିଲା।

## ଆୟୁଷ୍ମାନ ଆରୋଗ୍ୟ ଶିବିର

**କେସିଙ୍ଗା,୨୯।୮(ଡୁମେଶ୍ୱର ସାହୁ)**

କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମେଡିସିନ ସ୍ପେଶାଲିଷ୍ଟ ଡା. ମହେଶ ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଆଖପାଖ ଅଞ୍ଚଳରୁ ୧୦୭ଜଣ ରୋଗୀ ଶିବିରରେ ଯୋଗଦାନ କରିଥିଲେ। ଶିବିରରେ ଡ଼ା. ପ୍ରୟାଗ ପ୍ରତିଶ୍ରୁତି ମାଝି, ଡ଼ା. ବିନୟ ଦାସ, ଡ଼ା. ଲଳିତ ଅଗ୍ରୱାଲ, ଡା. ଶ୍ରଦ୍ଧା ଅଗ୍ରୱାଲ, ହିସାବ ରକ୍ଷକ ବିଶ୍ୱଭୂଷଣ ପ୍ରଧାନି, ଫାର୍ମାସୀ ଅଫିସର ଗୋପାଳ କୃଷ୍ଣା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

**ବେହେରା,୨୯।୮(ଭୂପେଶ ତିୱାରୀ)**

**ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନବପଲ୍ଲବ’ କାର୍ଯ୍ୟକ୍ରମ**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ‘ନବପଲ୍ଲବ’ ଶିରୋନାମାରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ପ୍ରଥମବର୍ଷର ଶିକ୍ଷାର୍ଥୀଙ୍କୁ ଫୁଲ, ଚନ୍ଦନ ଦେଇ ଶୁଭେଚ୍ଛା ଅର୍ପଣ କରିଥିଲେ। କଲେଜ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ନିକୁଞ୍ଜ ସାହୁ, ଅଧ୍ୟାପକ ମୋହନ ଚରଣ ବିଶି, ଗ୍ରନ୍ଥାଗାର ସହାୟକ ଫକିର ଚଣ୍ଡି, ଖେଳ ଶିକ୍ଷକ ସୁରେନ୍ଦ୍ର ସାହୁ, ବିଦ୍ୟାଳୟର ପୁରାତନ ଛାତ୍ର ତଥା ଯୁବ କବି ରଜତ ବଂଶଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଦିଗ୍‌ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଦ୍ୱିତୀୟବର୍ଷ ଛାତ୍ରୀଛାତ୍ରମାନେ ଅନୁଭୂତି ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ବର୍ଷର ଋତୁରାଜ ବାରିକ ଓ ହେମାଙ୍ଗିନି ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ କର୍ଣ୍ଣ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣିରେ ବୁଡ଼ି ଶିଶୁ ମୃତ

**ଖଡ଼ିଆଳ,୨୯।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଲଛିପୁର ଗ୍ରାମର ଲୋଚନ ସତନାମୀଙ୍କ ୨ବର୍ଷର ଶିଶୁପୁତ୍ର କଇରଫ ସତନାମୀ ଘର ନିର୍ମାଣ ପାଇଁ ଖୋଳାଯାଇଥିବା କଲମ ଖାଲ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଛି। ଶିଶୁଜଣକ ସକାଳେ ୮ଟାରେ ବର୍ଷା ହେଉଥିବା ବେଳେ ଛତା ଧରି ଖେଳୁଥିବା ବେଳେ ଖାଲରେ ପଡିଯାଇଥିଲେ। ପରିବାର ଲୋକେ ଉଦ୍ଧାର କରି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବାଗ ପ୍ରକାଶ କରିଛନ୍ତି।

## ଆଶ୍ରମ ବିଦ୍ୟାଳୟରେ ଛାତ୍ରୀ ମାଡ଼ ଘଟଣାର ତଦନ୍ତ

**ନୂଆପଡ଼ା,୨୯।୮ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାମକେଡା ଆଶ୍ରମ ବିଦ୍ୟାଳୟରେ ଛାତ୍ରୀ ମାଡ଼ ଘଟଣାକୁ ନେଇ ଗୁରୁବାର ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । କୋମନା ବିଡିଓ ହିତାଂଶୁ ଶେଖର ସାମଲ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ସଞ୍ଜୟ କୁମାର ଭୋଇ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମ ସୁନ୍ଦର ଧରୁଆ ପହଞ୍ଚି ସମବେତ ଅଭିଭାବକଙ୍କୁ ବୁଝାଶୁଝା କରି ଶାନ୍ତ କରିଥିଲେ। ପରେ ବିଦ୍ୟାଳୟର ଶିକ୍ଷକ, ପରିଚାଳନା କମିଟି ସହ ଆଲୋଚନା କରିଥିଲେ । ପରିଚାଳନା କମିଟି ଓ ଶିକ୍ଷକମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବିଦ୍ୟାଳୟ ପରିଚାଳନା କମିଟିକୁ ସବୁ ତଥ୍ୟ ଦେବା ପାଇଁ ବିଡିଓ ଦାୟିତ୍ୱ ଦେଇଛନ୍ତି । ତଥ୍ୟ ମିଳିବା ପରେ ଜିଲାପାଳଙ୍କଠାରେ ଜମା ଦେବୁ। ଏହା ଉପରେ ବିଚାର କରି ଜିଲାପାଳ ପଦକ୍ଷେପ ନେବେ ବୋଲି ବିଡିଓ କହିଛନ୍ତି।

## ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଛାତ୍ରୀ ନିଖୋଜ

**ଖଡ଼ିଆଳ,୨୯।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ଜଣେ ଛାତ୍ରୀ ନିଖୋଜ ହୋଇଥିବା ନେଇ କଲେଜ ଅଧ୍ୟକ୍ଷ ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି। କଲେଜ ହଷ୍ଟେଲ ୱାର୍ଡେନ ଛାତ୍ରୀ ନିଖୋଜ ହୋଇଥିବା ନେଇ ଜଣାଇବା ପରେ ଛାତ୍ରୀଙ୍କ ପରିବାର ପକ୍ଷରୁ ଖଡ଼ିଆଳ ଥାନାରେ ଅଭିଯୋଗ କରାଯାଇଛି। ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ କହିଛନ୍ତି, ଘଟଣାର ତଦନ୍ତ ଚାଲୁରହିଛି। ଛାତ୍ରୀ ଜଣକ କାହା ସହିତ ଫୋନରେ କଥା ହୋଇଛନ୍ତି ସିଡିଆର୍ ଆସିଲା ପରେ ପ୍ରକୃତ ତଥ୍ୟ ଜଣାପଡିବ।

# ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଖଡ଼ିଆଳ,୨୯।୮ (ସୁଜିତ କୁମାର ପ୍ରଧାନ)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ରୀଡ଼ା ସଂସଦ ତରଫରୁ ଜାତୀୟ କ୍ରୀଡ଼ା ଦିବସ ଅଧ୍ୟକ୍ଷ ଡ. ତରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ କ୍ରୀଡ଼ାବିତ୍ ଅଶ୍ୱିନ କୁମାର ପାଢ଼ୀ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଡ. ରଣବୀର ସିଂ, ଖେଳ ଶିକ୍ଷକ ଡ. ସରୋଜ କୁମାର ପଣ୍ଡା ଏହି ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଖଡ଼ିଆଳର ୨ ଜଣ ବରିଷ୍ଠ କ୍ରୀଡ଼ାବିତ୍ ସନ୍ତୋଷ କୁମାର ପଟ୍ଟନାୟକ (ସନ୍ତୁ), ମମତା ମୁଣ୍ଡ (ଲାଲା)ଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ଗୁଣବନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ସୁରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଜାତୀୟ କ୍ରୀଡ଼ା ଦିବସରେ ସଚେତନତା ଶୋଭାଯାତ୍ରା

**ନୂଆପଡ଼ା,୨୯।୮ (ମକାରୁ ବେମାଲ)**

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସରେ ଗୁରୁବାର ସାରା ଦେଶରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଉଛି । ଏହି ଅବସରରେ ଜିଲା କ୍ରୀଡା ବିଭାଗ ନୂଆପଡ଼ା ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାତଃ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ପ୍ରତିଛବିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଉତ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ରଉତ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ଓ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ମହୋନ ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରମିକ ସହାୟତା ଯୋଜନାରେ ହିତାଧିକାରୀଙ୍କୁ ସହାୟତା ବଣ୍ଟନ

**ଭବାନୀପାଟଣା,୨୮।୮ (ଉତ୍ତମ କୁମାର ଦାଶ)**




ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଗୁରୁବାର କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଅର୍ଥରାଶି ବଣ୍ଟନ କରାଯାଇଥିଲା। ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲାପାଳ ସଚିନ ପାୱାର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୃତ୍ୟୁକାଳୀନ ସହାୟତା ୨୧୬ ଜଣଙ୍କୁ ମୋଟ ୪୩ଲକ୍ଷ ଟଙ୍କା, ବିବାହ ସହାୟତା ୧୯୪ଜଣଙ୍କୁ ୯୪,୫୦,୦୦୦ ଟଙ୍କା, ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ୧୮୭ ଜଣଙ୍କୁ ୯,୩୫,୦୦୦ ଟଙ୍କା, ଶିକ୍ଷା ସହାୟତା ୫୫ ଜଣଙ୍କୁ ୪,୬୫,୨୦୦ଟଙ୍କା, ପ୍ରସୂତିକାଳୀନ ସହାୟତା ୧୦ ଜଣଙ୍କୁ ୧ଲକ୍ଷ ଟଙ୍କା ବଣ୍ଟନ କରାଯାଇଥିଲା। ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ଓ ସହ ଶ୍ରମ ଅଧିକାରୀ ଜିତମ ମାଝି ଉପସ୍ଥିତ ଥିଲେ ।

## କୀଟନାଶକ ଦୋକାନରେ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ



ଦୋକାନରେ ଯାଞ୍ଚ କରୁଛନ୍ତି ଟିମ୍ ସଦସ୍ୟ।

**କର୍ଲାମୁଣ୍ଡା,୨୯।୮(ପ୍ରଦୀପ କୁମାର ସାହୁ)**

ଜ୍‌କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଥିବା ସାର ଓ କୀଟନାଶକ ଦୋକାନରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଟିମ୍ ସଦସ୍ୟ ଦୋକାନର କାଗଜପତ୍ର, ଷ୍ଟକ୍ ଆଦି ଯାଞ୍ଚ କରିଛନ୍ତି। ଏଥିରେ ଏନ୍‌ଫୋର୍ସମେଣ୍ଟ କମିଟି ଅଧ୍ୟକ୍ଷ ତଥା ତହସିଲଦାର ଅରୁଣ ବର୍ଗେ, ଏଏଓ କୁମାର ଚିରଞ୍ଜୀବୀ, ପୋଲିସ ଏସ୍‌ଆଇ ଥବୀର ବରିହା, ଗ୍ରାମ୍ୟ କୃଷି କର୍ମୀ ସନ୍ତୋଷିନୀ ବରାହ ପ୍ରମୁଖ ସାମିଲ ହୋଇଥିଲେ। ଅଧିକାରୀମାନେ ବୋରପଦର, ସାପଲହରା, କର୍ଲାମୁଣ୍ଡା ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଦୋକାନର ଲାଇସେନ୍ସ, ଏକ୍ସପାଏରି କୀଟନାଶକ, ବିକ୍ରୟ ଚାର୍ଟ, ଷ୍ଟକ୍ ଆଦି ଯାଞ୍ଚ କରିଥିଲେ। ଜ୍‌କେତେଜଣ ଦୋକାନୀ ବିକ୍ରୟ ଚାର୍ଟ ଲଗାଇ ନ ଥିବାରୁ ତୁରନ୍ତ ଲଗାଇବାକୁ କଡା ନିର୍ଦ୍ଦେଶ ଦିଆଯାଇଥିଲା।

## କୋକସରା ସିଏଚ୍‌ସିରେ ଆୟୁଷ୍ମାନ ଆରୋଗ୍ୟ ଶିବିର

**କୋକସରା,୨୯।୮ (ଦୁଷ୍ମନ୍ତ କୁମାର ପାଢଯୋଷୀ)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଏଚ୍‌ସିର ଭାରପ୍ରାପ୍ତ ଡା. ତତ୍ତ୍ୱଦର୍ଶୀ ଦାସଙ୍କ ତତ୍ତ୍ୱାବଧାନରେ ଶିଶୁ ରୋଗ ବିଶେଷଜ୍ଞ ଡା. ବିଶ୍ୱଜିତ ପାଣିଗ୍ରାହୀ ଉପସ୍ଥିତ ରହି ୧୦୭ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଶିବିର ପ୍ରତିମାସ ଶେଷ ଗରୁବାର ଜାରି ରହିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଶିବିରରେ ପିଏଚ୍‌ଇଓ ଶର୍ମିଳା ଛତ୍ରିଆ, ବିପିଏମ୍ ସୁରଜିତ ସିଂ କୁମାର, ସିଏଚ୍‌ଓ ଗୀତାଞ୍ଜଳି ସେଠୀ, ସୁଚିସ୍ମିତା ନାୟକ, ସ୍ୱାସ୍ଥ୍ୟକର୍ମୀ ରମେଶ ସାହୁ, ସରୋଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ସଂସ୍କୃତି ଦିବସ ପାଇଁ ପ୍ରସ୍ତୁତି ବୈଠକ

**ଭବାନୀପାଟଣା,୨୯।୮(ଉତ୍ତମ କୁମାର ଦାଶ)**



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ସଂସ୍କୃତି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଂସ୍କୃତି ସଂଘ ସଭାପତି ସୁବାସ ଚନ୍ଦ୍ର ବରାଡ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୫ରେ ଭବାନୀପାଟଣାସ୍ଥିତ ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ସଂସ୍କୃତି ଦିବସ ପାଳନ କରାଯିବା ନେଇ ବୈଠକରେ ବିଷ୍ପତ୍ତି ହୋଇଥିଲା। ସଂଘ ସମ୍ପାଦକ ପଦ୍ମଲୋଚନ ଶତପଥି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହ ଶିକ୍ଷୟିତ୍ରୀ/ଶିକ୍ଷକଙ୍କୁ ଦାୟିତ୍ୱ ବଣ୍ଟନ କରିଥିଲେ। ବୈଠକରେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ତ୍ରିପାଠୀ, ସଙ୍ଗୀତା ମହାପାତ୍ର, ଶିକ୍ଷକ ଦେବୀ ପ୍ରସାଦ ଆଚାରୀ, ଧିରେନ୍ଦ୍ର କୁମାର ପଣ୍ଡା, ପ୍ରେମଲାଲ ବାଗ, ଅନନ୍ତ ଥାଟି, ଶାରଦା ମହାନ୍ତି, ସ୍ଥିତପ୍ରଜ୍ଞ ବହିଆ, ନରସିଂହ ସାହୁ, ବୁଦ୍ଧୁ ପାନ, ନୃସିଂହ ଚରଣ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଦେବୀ ପ୍ରସାଦ ଆଚାରୀ ଧନ୍ୟବାଦ ଦେଇଥିଲେ।

# ବର୍ଷାରେ ଭାଙ୍ଗିଲା ଘର, ବର୍ତ୍ତିଲା ପରିବାର

**କଲମପୁର, ୨୯।୮(ଗଣେଶରାମ ବାଗ)**



ବିଜୟ ମାଝିଙ୍କ ଘର ଭାଙ୍ଗିଯାଇଛି।

ପ୍ରବଳ ବର୍ଷା ଯୋଗୁ କଳାହାଣ୍ଡି ଜିଲା କଲମପୁର ମାଝିପଡ଼ାର ଏକ ଘର ଭାଙ୍ଗିଯାଇଛି। ଏହି ସମୟରେ ଘରେ ଥିବା ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ମାଝିପଡ଼ାର ବିଜୟ ମାଝି, ସ୍ତ୍ରୀ ମୁକ୍ତା ମାଝି ଓ ଏକମାତ୍ର ଝିଅ ବିଳାସିନୀ ମାଝି ନିଜ ମାଟି ଘରେ ରହୁଥିଲେ। ଗୁରୁବାର ସକାଳ ସମୟରେ ପ୍ରବଳ ବର୍ଷା ହେବାରୁ ମାଟି ଘର ସମ୍ପୂର୍ଣ୍ଣ ଭୁଶୁଡି ପଡିଥିଲା। ବିଳାସିନୀଙ୍କ ଉପରେ ମାଟି କାନ୍ଥ ପଡିଯାଇଥିବାବେଳେ ପଡିଶା ଘର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ କଲମପୁର ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି, ତହସିଲଦାର ମୋହନ ଜେନା, ଆର୍‌ଆଇ ଅର୍ଚ୍ଚନା ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅପରାହ୍ନରେ କଲମପୁର ଭାଜପା ମଣ୍ଡଳ ସଭାପତି କମଳ ବାଗ, ଶକ୍ତିକେନ୍ଦ୍ର ପ୍ରମୁଖ ଦେପୁର ସୁଧୀର ବାଗ, ସୁଶିଲ ପତି, ଦୟାନିଧି ବାଣୁଆଁ, ସୁଦର ବାଗ ପ୍ରମୁଖ କାର୍ଯ୍ୟକର୍ତ୍ତା ପହଞ୍ଚି ପରିବାରକୁ ସମବେଦନା ଜଣାଇଥିଲେ।

# ପୌର କାର୍ଯ୍ୟାଳୟ ଆଗରେ ଧାରଣା


ଦରମା ଦାବିରେ ପୌର କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

**ବରଗଡ଼,୨୯।୮(ପ୍ରେମାନନ୍ଦ ଖମାରୀ)**

## ନୂଆଁଖାଇ ପୂର୍ବରୁ ବକେୟା ଦରମା ଦାବି

ବରଗଡ ପୌର ପରିଷଦ ଅଧୀନରେ କାର୍ଯ୍ୟରତ ସ୍ୱଚ୍ଛସାଥୀ, ସୁପରଭାଇଜରଙ୍କୁ ଠିକ୍‌ଭାବେ ଦରମା ମିଳୁନାହିଁ। ଏଭଳି ଅଭିଯୋଗ କରି ଗୁରୁବାର ସେମାନେ ପୌର ପରିଷଦ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ନୂଆଁଖାଇ ପୂର୍ବରୁ ବକେୟା ଦରମା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ପୌର ପ୍ରଶାସନ ପକ୍ଷରୁ ଦରମା ପ୍ରଦାନ ନେଇ ନିର୍ଭର ପ୍ରତିଶ୍ରୁତି ଦିଆଯିବା ପରେ ସେମାନେ ଧାରଣାରୁ ଉଠିଥିଲେ। ତେବେ ପ୍ରତିଶ୍ରୁତି ମୁତାବକ ସେମାନଙ୍କୁ ଦରମା ନ ମିଳିଲେ ଆଗକୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ପୌର ପରିଷଦରେ କାର୍ଯ୍ୟରତ ସ୍ୱଚ୍ଛସାଥୀମାନେ ଠିକ୍‌ଭାବେ ଦରମା ପ୍ରଦାନ ପାଇଁ ଦାବି କରିଆସୁଛନ୍ତି। କିନ୍ତୁ ପୌର ପ୍ରଶାସନ ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ପ୍ରତି ମାସ ୭ତାରିଖ ସୁଦ୍ଧା ସେମାନଙ୍କୁ ଦରମା ପ୍ରଦାନ କରାଯିବା କଥା। କିନ୍ତୁ ତାହା କରା ନ ଯାଇ ମାସର ତୃତୀୟ ସପ୍ତାହରେ ଦରମା ପ୍ରଦାନ କରାଯାଉଥିଲା। କିନ୍ତୁ ତିନିମାସ ହେଲା ସେମାନଙ୍କୁ ଦରମା ମିଳିନାହିଁ ବୋଲି ସ୍ୱଚ୍ଛସାଥୀମାନେ ଅଭିଯୋଗ କରି ସ୍ୱଚ୍ଛସାଥୀ, ସୁପରଭାଇଜର ସଂଘର ସଭାନେତ୍ରୀ ସୀମାରାଣୀ ନାଗଙ୍କ ନେତୃତ୍ୱରେ ଧାରଣାକୁ ଓହ୍ଲାଇଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି ଧାରଣାକାରୀଙ୍କ ଏକ ପ୍ରତିନିଧି ଦଳକୁ ନିଜ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ଧାରଣାସ୍ଥଳକୁ ଆସି ସେମାନଙ୍କ ବକେୟା ଦରମା ପ୍ରଦାନ ନେଇ ପ୍ରତିଶ୍ରୁତି ଦେବାକୁ ସେମାନେ କହିଥିଲେ। କିନ୍ତୁ ଦୀର୍ଘ ସମୟ ଧରି ପୌରାଧ୍ୟକ୍ଷା ଧାରଣାସ୍ଥଳୀକୁ ନ ପହଞ୍ଚିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା।

## ସଂକ୍ଷେପରେ

### ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ

**ପଦ୍ମପୁର,୨୯।୮(ପ୍ରଦୀପ୍ତ ଦାଶ):** ବରିକେଲସ୍ଥିତ ଲାଲାଜି ଗୋପାଳ ଜୀ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ସାହିତ୍ୟକ ସୁରେଶ ଚନ୍ଦ୍ର ଚୌହାନ ଯୋଗଦେଇଥିଲେ। ଅଧ୍ୟାପକ ଭାଗୀରଥି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୀତାରାମ ସାହୁ, ରମେଶ ପୂଝାରୀ, ମନ୍ଦାକିନୀ ପାଢ଼ୀ, ସଙ୍ଗୀତା ବେହେରା, ବିଭୂତି ଗିରି, ସୁକାନ୍ତି ସାହୁ, ବିଜୟ ମେହେର,ରାଜକୁମାର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ପୌଲସ୍ତ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

### ମେଧାବୀ ଛାତ୍ରଙ୍କୁ ମିଳିଲା ସହାୟତା



**ବରଗଡ଼,୨୯।୮(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ବିର୍ଜାମ ଗ୍ରାମର ଶୁଭମ ରାଜହଂସ ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। କୋରାପୁଟ ମେଡ଼ିକାଲ କଲେଜରେ ନାମ ଲେଖାଇବା ପାଇଁ ସେ ଚୟନ ମଧ୍ୟ ହୋଇଛନ୍ତି। ତେବେ ନାମ ଲେଖାଇବା ପାଇଁ ୪୦ହଜାର ଟଙ୍କା ଆବଶ୍ୟକତା ଥିଲା। କିନ୍ତୁ ତାଙ୍କ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଶୁଭମଙ୍କ ବାପା ଭାବଗ୍ରାହୀ ଏ ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫିଡ୍‌କୁ ଜଣାଇଥିଲେ। ଏହାପରେ ଉକ୍ତ ଅନୁଷ୍ଠାନର ଚେୟାରମ୍ୟାନ ଫଣୀନ୍ଦ୍ର କୁମାର ତାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଙ୍କ ଘରକୁ ଯାଇଥିଲେ ଏବଂ ଶୁଭମଙ୍କୁ ୧୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସମୟରେ ଅନୁଷ୍ଠାନର ପ୍ରଦୀପ ନାଗ, ସୁବାସ ତାଣ୍ଡି, ଗୋପାଳ ନାଗ, ସଞ୍ଜୁ ନାରାୟଣ, ଲକ୍ଷ୍ମଣ ଛୁରିଆ, ଯମୁନା ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା


କାର୍ଯ୍ୟକ୍ରମରେ ଅତିଥି ଏବଂ ଛାତ୍ରୀଛାତ୍ର।

**ସରଣ୍ଡା,୨୯।୮(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ରେଙ୍ଗାଲିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ଝାଙ୍କର ଏବଂ ସିଆରସିସି ରଞ୍ଜନ ବାଗ ମଞ୍ଚାସୀନ ଥିଲେ। ଏଥିରେ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଦେବାହାଲର ଶିକ୍ଷକ ଅମୃତ ବାରିକଙ୍କ ନିର୍ଦ୍ଦେଶନାରେ ପରିବେଷଣ କରିଥିବା ଡ୍ରାମା ଦଳ ପ୍ରଥମ ହୋଇ ଜିଲା ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଏଥିରେ ସିଆରସିସି ନନ୍ଦିଘୋଷ ଭୁଏ, ଧରମ ନାଏକ, କୃତାର୍ଥ ଚନ୍ଦ୍ର ଭୁଏ, ରଷ୍ଟୁଭ ପଣ୍ଡା,ନୃପ ଭୋଇ,ଜୟଦେବ ନାଏକ, ରାଜିବ ବିଶାଳ ଏବଂ ଶିକ୍ଷକ ହାରାଧନ ବାଞ୍ଛୋର ସହଯୋଗ କରିଥିଲେ ।

# ଆଗ କ୍ଷତିପୂରଣ, ପରେ ଉଚ୍ଛେଦ କର

**ବରଗଡ଼,୨୯।୮(ପ୍ରେମାନନ୍ଦ ଖମାରୀ)**


କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ।

## ଜିଲାପାଳଙ୍କୁ ପ୍ରଭାବିତ ପରିବାରଙ୍କ ଫେରାଦ

ଦ୍ୱରଗଡ଼ ସହର ଉପକଣ୍ଠ କଲାପାଣି ମାର୍କେଟ ଛକର କିଛି ପରିବାର ଲୋକଙ୍କୁ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା (ଏନ୍‌ଏଚ୍‌ଏଆଇ) ଉଚ୍ଛେଦ ନୋଟିସ୍ ଜାରି କରିଛି। ଏହାକୁ ନେଇ ପ୍ରଭାବିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗ କ୍ଷତିପୂରଣ ଦିଆଯାଉ ଏବଂ ପରେ ଉଚ୍ଛେଦ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହି ଦାବି ନେଇ ଗୁରୁବାର ପ୍ରଭାବିତ ଲୋକେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟିଥିଲେ।

ପ୍ରକାଶ ଯେ, ଜାତୀୟ ରାଜପଥ ପ୍ରଶସ୍ତୀକରଣ ସମୟରେ ଏନ୍‌ଏଚ୍‌ଏଆଇ ପ୍ରଭାବିତ ଲୋକଙ୍କୁ ଉଚ୍ଛେଦ ନୋଟିସ ଜାରି କରିଥିଲା। ସେତେବେଳେ ସେମାନେ କ୍ଷତିପୂରଣ ଦାବି କରିଥିଲେ ଏବଂ ଏ ନେଇ ଉଦ୍ଦିଷ୍ଟ କାଗଜାତ୍ ମଧ୍ୟ ଏନ୍‌ଏଚ୍‌ଏଆଇଠାରେ ଦାଖଲ କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ କିଛି କ୍ଷତିପୂରଣ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବୁଧବାର ଏନ୍‌ଏଚ୍‌ଏଆଇ ପୁଣି ସେମାନଙ୍କୁ ନୋଟିସ୍ ଜାରି କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସେମାନଙ୍କୁ ଉଚ୍ଛେଦ କରାଯିବ ଏବଂ ଘର ଖାଲି କରିବାକୁ ସୂଚନା ଦିଆଯାଇଛି। ଏହି ନୋଟିସ୍ ପାଇବା ପରେ ପ୍ରଭାବିତ ଲୋକଙ୍କ ମଧ୍ୟରେ ପୁଣି ଅସନ୍ତୋଷ ତେଜି ଉଠିଛି। ଉଚ୍ଛେଦ ପୂର୍ବରୁ ସେମାନଙ୍କୁ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଛନ୍ତି। ନିର୍ଭୟ ଗୁପ୍ତାଙ୍କ ନେତୃତ୍ୱରେ ପ୍ରଭାବିତ ଲୋକେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ।

### ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

**ପଦ୍ମପୁର,୨୯।୮(ପ୍ରଦୀପ୍ତ ଦାଶ):** ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣଗ୍ରାହୀଙ୍କ ସଭାପତିତ୍ୱରେ ଏକ ସଭାରେ ହକିର ଯାଦୁଗର ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ନିଲିମା ରାଣୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଛାତ୍ରୀଙ୍କୁ ଶୈକ୍ଷିକ ସଙ୍ଗେ ସଙ୍ଗେ କ୍ରୀଡ଼ା କ୍ଷେତ୍ରରେ ମଧ୍ଧ ପାରଙ୍ଗମତା ହାସଲ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବିଦ୍ୟାଳୟର ଜ୍ୟୋସ୍ନା ରାଣୀ ସାହୁ, ମାନସ ରଞ୍ଜନ ଶତପଥୀ, ପୂଜାରାଣୀ ନାୟକ, ରବୀନା ପଧାନ, ସଂଯୁକ୍ତା ଭୋଇ, ମନୀଷା ଭୋଇ, ବୃନ୍ଦାବତୀ ସାହୁ, ଖୁସବୁ ବରିହା,ଜ୍ୟୋତି ରେଖା ମହାନନ୍ଦ,ଚକ୍ରଧର ନାୟକ, ପ୍ରଭାତୀ ପଟ୍ଟନାୟକ,ମମତା ମିଶ୍ର,ଦୁଷ୍ମନ୍ତ ଛତର ସହଯୋଗ କରିଥିଲେ।

# କ୍ରୀଡ଼ା ମଣିଷ ଜୀବନର ଏକ ଅଭିନ୍ନ ଅଙ୍ଗ


ଜାତୀୟ କ୍ରୀଡ଼ା ଦିବସରେ କ୍ରୀଷ୍ଣା ବିକାଶ ଗ୍ରୁପ ଅଫ୍ ଇନଷ୍ଟିଟ୍ୟୁଶନ୍ସର ପଦଯାତ୍ରା।

**ବରଗଡ଼,୨୯।୮(ପ୍ରେମାନନ୍ଦ ଖମାରୀ)**

## କ୍ରୀଷ୍ଣା ବିକାଶ ଗ୍ରୁପ ଅଫ୍ ଇନଷ୍ଟିଟ୍ୟୁଶନ୍ସ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ୍ସ ଆନୁକୂଲ୍ୟରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରୁ ଅତିଥିମାନେ ଧ୍ୟାନଚାନ୍ଦଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ଏସ୍‌ପି ପି.ଏସ୍ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମୟର ସଦୁପଯୋଗ ଉପରେ ଅବଗତ କରିବା ସହିତ କ୍ରୀଡ଼ା ମଣିଷ ଜୀବନର ଏକ ଅଭିନ୍ନ ଅଙ୍ଗ ବୋଲି ମତପ୍ରକାଶ କରିଥିଲେ।

କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ମୁଖ୍ୟଅତିଥିଙ୍କୁ ଉପାୟନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାସହିତ ଚେୟାରମ୍ୟାନ କ୍ରୀଷ୍ଣା ତାଙ୍କ ଅଭିଭାଷଣରେ ବରଗଡ଼ ଜିଲାର ବିଶିଷ୍ଟ କ୍ରୀଡ଼ାବିତ୍ ସ୍ୱର୍ଗତ ଧ୍ରୁବ ଡାଗଙ୍କ ଅବଦାନକୁ ସ୍ମୃତିଚାରଣ କରିଥିଲେ। ସୁସ୍ଥ, ସବଳ, ନିରୋଗ ଶରୀର ପାଇଁ କ୍ରୀଡ଼ା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବରଗଡ଼ ଜିଲାର ଜାତୀୟ, ଅନ୍ତର୍ଜାତୀୟ ବରିଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ, କ୍ରୀଡ଼ା ସଙ୍ଗଠକ ଯୁଗଳ ପ୍ରସାଦ ସିଂ, ପ୍ରଭାତ ଆଦିତ୍ୟ ମିଶ୍ର, ସୁବ୍ରତ ଚାଟାର୍ଜୀ, କିଶୋର ମିଶ୍ର, ହରଦୀପ ସିଂ, ତୁଷାରକାନ୍ତି ମିଶ୍ର, ନିଶିକାନ୍ତ ମହାନ୍ତି, ଏସ. କେ. ଶବଦର, ପ୍ରେମନାଥ ଗିରି, ଜ୍ଞାନରଞ୍ଜନ ପୂଜାରୀ, ହାରାଧନ ଭୋଇ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

ବିକାଶ ଆବାସିକ ବିଦ୍ୟାଳୟର ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତିଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ଡିସିଏର ସମ୍ପାଦକ ରବିନାରାୟଣ ପଣ୍ଡା, ବରଗଡ଼ ଫିଜିକାଲ ଆସୋସିଏଶନର ପ୍ରତିଷ୍ଠାତା ସୁରେଶ ଦାଶ ପ୍ରମୁଖ ସହଯୋଗ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ କ୍ରୀଡ଼ା ଜିଲା କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ବିମଳ ଦେବତାଙ୍କ ଘରକୁ ଯାଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ବିଜୁ ପଟ୍ଟନାୟକ ଟାଉନ ହଲରୁ ଗାନ୍ଧୀଛକ ପର୍ଯ୍ୟନ୍ତ ସମୂହ ପଦଯାତ୍ରାରେ ଯାଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ସଙ୍ଗୀତ, ନୃତ୍ୟ ପରିବେଷଣ କରିଥିଲେ।

# ସରଣ୍ଡାପାଲିରେ ସଂସ୍କୃତ ଦିବସ

**ବରପାଲି,୨୯।୮(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ସରଣ୍ଡାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଛି। ସଂସ୍କୃତ ଶିକ୍ଷୟିତ୍ରୀ ସୁନୀତି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି କରିଥିଲେ। ସେହିପରି ସଂସ୍କୃତ ଭାଷାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହିନ୍ଦୀ ଶିକ୍ଷକ ଧର୍ମପାଳ ସେଟ, ଅଜୟ କୁମାର ଭୋଇ, ମଦନେଶ୍ୱରୀ ଦେହେରୀ, ତୃଷ୍ଣା ତ୍ରିପାଠୀ, ବେବି ମହାକୁଡ଼, ବବିତା ସେଟ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ବାଞ୍ଜି ଧନ୍ୟବାଦ ଅର୍ପଣ କରିଥିଲେ।


ସଂସ୍କୃତ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ରେଳ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ବରଗଡ଼ବାସୀ

**ପାଇକମାଲ,୨୯।୮( ବଡ଼ ଶତପଥୀ)**


ମୁଖ୍ୟମନ୍ତ୍ରୀଙ୍କ ସହ ବରଗଡ଼ ଏମ୍‌ପି ଓ ଅଞ୍ଚଳବାସୀ।

ବରଗଡ଼ରୁ ନୂଆପଡ଼ା ରେଳଲାଇନ୍ ମଞ୍ଜୁରୀ ପରେ ବରଗଡ଼ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏନେଇ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ସମେତ ଅଞ୍ଚଳବାସୀଙ୍କ ମଧ୍ୟରୁ କେତେ ଜଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୁରୁବାର ଭୁବନେଶ୍ୱର ଲୋକସେବା ଭବନରେ ଭେଟି ଶୁଭେଚ୍ଛା ଜ୍ଞାପନ କରିବା ସହ ଶୀଘ୍ର ଉକ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଅନୁରୋଧ କରିଛନ୍ତି। ଏମ୍‌ପିଙ୍କ ଅନୁରୋଧକୁ ରକ୍ଷା କରି ଶୀଘ୍ର ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅଞ୍ଚଳବାସୀଙ୍କ ସହ ପଶ୍ଚିମ ଓଡ଼ିଶାବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ସମୟରେ ଏମ୍‌ପିଙ୍କ ସମେତ ପ୍ରୀତେଶ ବହିଦାର, ରମେଶ ଗର୍ଗ, ସୁଶାନ୍ତ ନାଗ, ଆଶୁତୋଷ ସାହୁ, ସତ୍ୟ ବେହେରା, ନୀଳାଞ୍ଚଳ ଦରୁଆନ, କୋକିଳ ସାହୁ, ସୁରେଶ ପଣ୍ଡା, ରାଜୀନ୍ଦ୍ର ସେଠ, ଅରୁଣ ନାଏକ, ଚିନ୍ମୟ ପଣ୍ଡା, ପ୍ରମୋଦ ମେହେର, ଯୁଗଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମ

**ଖଡ଼ିଆଳ,୨୯।୮(ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦନ୍ତି ଛାତ୍ରୀ ନିବାସଠାରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରୋତ୍ସାହନ ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଇଗ୍‌ନୁ ସଂଯୋଜକ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନ ମୁଖ୍ୟ ଅତିଥି, ପ୍ରାକ୍ତନ ଇଗ୍‌ନୁ ସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ କୁମାର ସାହୁ ମୁଖ୍ୟ ବକ୍ତା ଓ କ୍ରୀଡ଼ା ଶିକ୍ଷକ ଡ. ସରୋଜ କୁମାର ପଣ୍ଡା, ଅଧ୍ୟାପକ ତଥାଗତ ରାଉତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରୀମାନେ ଶିକ୍ଷା ସମାପ୍ତ କରି ଜୀବନରେ କିପରି ସଫଳ ହେବେ, ଏକ ଶୃଙ୍ଖଳିତ ଜୀବନ ଗଢ଼ିବାରେ ସେମାନଙ୍କ ଭୂମିକା କଣ ରହିବା ଆବଶ୍ୟକ ସେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଏଥିରେ ଛାତ୍ରୀ ନିବାସର ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ସୁମନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଲିଛି ଗଣେଶ ମୂର୍ତ୍ତି ଗଢ଼ା

**ପଦ୍ମପୁର,୨୯।୮(ପ୍ରଦୀପ୍ତ ଦାଶ)**

ଦିନ କେଇଟା ପରେ ଗଣେଶପୂଜା। ତେଣୁ କାରିଗରମାନେ ମୂର୍ତ୍ତି ତିଆରିରେ ଲାଗିପଡ଼ିଛନ୍ତି। ୩୦୦ଟଙ୍କାରୁ ଆରମ୍ଭକରି ୧୫ହଜାର ଟଙ୍କା ପର୍ଯ୍ୟନ୍ତ ମୂର୍ତ୍ତି ତିଆରି କରିଥିବା କହିଛନ୍ତି ପଦ୍ମପୁର ବ୍ଲକ୍ ଗଡ଼ଭାଟି ଗାଁର କାରିଗର ଗିରିଧାରୀ ବରିହା। ବଲାଙ୍ଗୀର ଜିଲା ପାଟଣାଗଡ଼ରେ ସେ ଏହି କଳା ଶିଖିଥିବା କହିଛନ୍ତି। ମୂର୍ତ୍ତି ତିଆରିକରି ବେଶ୍ ଦୁଇପଇସା ରୋଜଗାର ହୁଏ ବୋଲି ସେ କହିଛନ୍ତି।


କାରିଗରମାନେ ଗଣେଶ ମୂର୍ତ୍ତି ନିଆରିରେ ବ୍ୟସ୍ତ।

# ବାଳିକା ବର୍ଗରେ ବରପାଲି, ବାଳକରେ ଭେଡେନ ଚାମ୍ପିୟନ

**ଗାଇସିଲେଟ,୨୯।୮(ଦୁର୍ଗାପ୍ରସାଦ ଦ୍ୱିବେଦୀ)**



ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

## ଜିଲା ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

ବରଗଡ଼ ଜିଲା ଗାଇସିଲେଟ ମିନି ଷ୍ଟାଡିୟମଠାରେ ଜିଲା ସ୍ତରୀୟ ୧୭ ବର୍ଷରୁ କମ ବାଳିକା ଓ ବାଳିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷାବିଭାଗ ତରଫରୁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲାର ୧୨ଟି ବ୍ଲକର ୪୮୦ ଜଣ ଖେଳାଳି ଯୋଗଦେଇଥିବା ବେଳେ ୪୨ ଜଣ କ୍ରୀଡା ଶିକ୍ଷକ ଯୋଗଦେଇଥିଲେ। ଗତ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଗାଇସିଲେଟ,ସରଧାପାଲି ଓ ବାରିହାପୁଖାପାଣି ଖେଳପଡିଆଠାରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଗାଇସିଲେଟ ମିନି ଷ୍ଟାଡିୟମଠାରେ ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଦମପୁର ଉପଖଣ୍ଡ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଦୀପ୍ତ କୁମାର ନାୟକ, ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ରାମଲାଲ ବରିହା, ସରପଞ୍ଚ ଶରତ କାଲୋ, ଯୁଥ କ୍ଲବ ସଭାପତି ରଞ୍ଜନ ପଣ୍ଡା, ସମିତି ସଭ୍ୟ ଦେବେନ୍ଦ୍ର ଯୋଷୀ ଏବଂ ୧୨ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ ବାଳିକା ବର୍ଗରେ ପାଇକମାଲ ଓ ବରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିର ପାଇକମାଲ ଦଳକୁ ୨-୦ ଗୋଲରେ ପରାସ୍ତ କରି ବରପାଲି ଦଳ ଚମ୍ପିୟାନ ହୋଇଥିଲା। ବାଳକ ବର୍ଗରେ ଭେଡେନ ଓ ଝାରବନ୍ଧ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରବନ୍ଧ ଦଳକୁ ୩-୦ ଗୋଲରେ ପରାସ୍ତ କରି ଭେଡେନ ଦଳ ଚମ୍ପିୟାନ ହୋଇଥିଲା। ଖେଳ ଶେଷରେ ଅତିଥିଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ନବୀନ ବରିହା ପରିଚାଳନା କରିଥିଲେ। ଶେଷରେ ଗାଇସିଲେଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନିଲ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲା ଡିଏଲ୍ଓଙ୍କୁ ୬ଘଣ୍ଟା ଜେରା, ତାଲିକାରେ ଆଉ ୧୫

ରାଉରକେଲା,୨୯।୮(ସଙ୍ଗୀତା ଜେନା)

ରାଉରକେଲା ଯୁଗ୍ମ ଶ୍ରମ ସଂସ୍ଥାପକ କାର୍ଯ୍ୟାଳୟରେ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ବେଆଇନ କାରବାରରେ ଗୁରୁବାର ଡିଏଲ୍ଓଙ୍କୁ ଜେରା କରିଛି ଭିଜିଲାନ୍ସ ବିଭାଗ। ପୂର୍ବାହ୍ନ ୧୧ଟାରୁ ପ୍ରାୟ ୫/୬ ଘଣ୍ଟା ଜେରା କରାଯିବା ପରେ ଡିଏଲ୍ଓଙ୍କୁ ଯିବାକୁ ଦିଆଯାଇଥିଲା। ଏହି ତାଲିକାରେ ବୁଧବାର ଜଣେ ଆଉଟସୋର୍ସିଂ କର୍ମଚାରୀଙ୍କୁ ମଧ୍ୟ ସମାନ ଉପାୟରେ ଜେରା କରାଯାଇଥିଲା। ଆଗାମୀ ଦିନରେ ଆହୁରି ୧୫ ଜଣଙ୍କୁ ଏପରି ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିବ ବୋଲି ରାଉରକେଲା ଭିଜିଲାନ୍ସ ଏସ୍‌ପି ଦେବନାରାୟଣ ଦାସ ସୂଚନା ପ୍ରଦାନ କରିନ୍ତି। ସୂଚନାଯୋଗ୍ୟ, କିଛିଦିନ ତଳେ ଜଣେ ଶ୍ରମିକ ନେତା ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ଭିଜିଲାନ୍ସ ବିଭାଗକୁ ଅବଗତ କରାଇ ତଦନ୍ତ ପାଇଁ ଚିଠି ଲେଖିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ସମ୍ପୃକ୍ତ ବିଭାଗକୁ (ଶ୍ରମ ବିଭାଗ)କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା।

# ନିର୍ମାଣରେ ବିଳମ୍ବ, ବଢ଼ୁଛି ଅସନ୍ତୋଷ

ରାଉରକେଲା,୨୯।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାରେ କୃଷି ବିଜ୍ଞାନ କେନ୍ଦ୍ର-୨ ସ୍ଥାପନ ପାଇଁ ଆର୍ଥିକ ବର୍ଷ ୨୦୨୨-୨୩ରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅର୍ଥ ମିଳିଛି। ମାତ୍ର ୨ବର୍ଷ ବିତିଯାଇଥିଲେ ମଧ୍ୟ କୃଷି ବିଜ୍ଞାନ କେନ୍ଦ୍ର କେବଳ ପାଚେରିରେ ସୀମିତ ରହିଛି। ଏହି କେନ୍ଦ୍ର ଶୀଘ୍ର ନିର୍ମାଣ ହେଲେ ପାନପୋଷ ଓ ବଣେଇ ଉପଖଣ୍ଡର ୪୦ ହଜାରରୁ ଊର୍ଦ୍ଧ୍ୱ କୁଶଳୀ, ଅଣକୁଶଳୀ କୃଷକ ଉପକୃତ ହେବେ। ମାତ୍ର କେନ୍ଦ୍ର ସ୍ଥାପନରେ ଅହେତୁକ ବିଳମ୍ବ ଯୋଗୁ କୃଷକ ସମାଜ ଉପକୃତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶଥାଉକି, ପାନପୋଷ ଓ ବଣେଇ ଉପଖଣ୍ଡ ଅଞ୍ଚଳରେ ବ୍ୟାପକ ଶସ୍ୟ, ତୈଳବୀଜ ଜାତୀୟ ଫସଲ ଉତ୍ପାଦନ ହୋଇଥାଏ। ଏଣୁ ଏହି ଉଭୟ ଅଞ୍ଚଳର ଚାଷୀମାନେ ବିଭିନ୍ନ ଫସଲ କରି କିଭଳି ଅଧିକ ଅମଳ କରିପାରିବେ ଓ ଅଧିକରୁ ଅଧିକ ରୋଜଗାର କରିବେ ସେ ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର-୨ ସ୍ଥାପନ କରିବାକୁ ସରକାର ନିଷ୍ପତ୍ତି ନେଇ ଅର୍ଥ ମଞ୍ଜୁର କଲେ। ଏହାସତ୍ତ୍ୱେ କେନ୍ଦ୍ର ସ୍ଥାପନ ହୋଇପାରୁନି। ରାଉରକେଲା ବିମାନ ବନ୍ଦର ସ୍ଥିତ ବାଙ୍କେଇରେ ଚାଲିଥିବା ଉକ୍ତ କେନ୍ଦ୍ରର ପାଚେରି ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଥିବାବେଳେ ଏହି ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ସ୍ଥାନୀୟ ଅଞ୍ଚଳର କୃଷକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ, କୃଷି ବିଜ୍ଞାନ କେନ୍ଦ୍ର-୨ ନିର୍ମାଣ କାର୍ଯ୍ୟ କେବେଠୁ ଆରମ୍ଭ ହେବା କଥା। ମାତ୍ର ପ୍ରଧାନପାଲିବାସୀଙ୍କ ପକ୍ଷରୁ ହାଇକୋର୍ଟରେ ୨୦୧୬ରେ ମାମଲା ରୁଜୁ ଯୋଗୁ ନିର୍ମାଣ କାର୍ଯ୍ୟ ସ୍ଥଗିତ ରହିଥିଲା। ୨୦୨୧ରେ ହାଇକୋର୍ଟର ରାୟ ସରକାରଙ୍କ ସପକ୍ଷରେ ଆସିବା ପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଅର୍ଥ ମଞ୍ଜୁର ହେଲା। କୃଷି ବିଜ୍ଞାନ କେନ୍ଦ୍ର ପ୍ରଶାସନିକ ଭବନ ପାଇଁ ୧କୋଟି ୫୨ଲକ୍ଷ ଏବଂ କୃଷକ ହଷ୍ଟେଲ ପାଇଁ ୭୧ଲକ୍ଷ ଟଙ୍କାର ଟେଣ୍ଡର ହେବା ପରେ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ପାଚେରିରେ ସୀମିତ ରହିଛି। ଏହି କାମ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର-୨ର କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଜୟନ୍ତ ପତିଙ୍କୁ ପଚାରିବାରୁ ସେ କହିଲେ, ବିଜ୍ଞାନ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ପୂର୍ବରୁ ଏହି କୃଷି ବିଜ୍ଞାନ କେନ୍ଦ୍ର ୨ ମହଲା ବିଶିଷ୍ଟ ଥିଲା। ଏବେ ଏହା ବହୁ ମହଲା ବିଶିଷ୍ଟ ହେବ। ଏଥିସହିତ ପାନପୋଷ ଓ ବଣେଇ ଅଞ୍ଚଳ ଅଧୀନ ୮ଟି ବ୍ଲକର ଚାଷୀମାନଙ୍କ ପାଇଁ ବିଭିନ୍ନ ଚାଷଜନିତ ଜ୍ଞାନ କୌଶଳ ପ୍ରଦାନ ଲାଗି ବହୁ ୟୁନିଟ୍ ନିର୍ମାଣ ହେବ। ୨ହଜାର ଚାଷୀଙ୍କୁ କେନ୍ଦ୍ର ଦ୍ୱାରା ତାଲିମ ପ୍ରଦାନ କରାଯିବ। ଏହାଦ୍ୱାରା ଜିଲାର ୨ଟି ବ୍ଲକର ହଜାର ହଜାର ଚାଷୀ ଧାନ, ଛତୁ, ମକା, ପନିପରିବା, ମାଛ ଆଦି ଚାଷଜନିତ ଆଧୁନିକ ଜ୍ଞାନକୌଶଳ ହାସଲ କରିବେ ଓ ଚାଷୀକୁଳଙ୍କ ଆର୍ଥିକ ସମୃଦ୍ଧି ହେବ ବୋଲି ସେ କହିଥିଲେ।



ପାନପୋଷ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର-୨ କାର୍ଯ୍ୟାଳୟ।

**ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର-୨**

# ଆର୍‌ଏସ୍‌ପିକୁ ଜାତୀୟ ପୁରସ୍କାର



ଆର୍‌ଏସ୍‌ପି ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ରାଉରକେଲା,୨୯।୮(ବିପ୍ଳବ ରଞ୍ଜନ ଦାଶ)

ସେଲ୍‌ର ଅନ୍ୟତମ ୟୁନିଟ ଆରଏସ୍‌ପିର କର୍ପୋରେଟ ଯୋଗାଯୋଗ ଓ ରାଜଭାଷା ବିଭାଗକୁ ମିଳିଛି ଜାତୀୟ ପୁରସ୍କାର ସମ୍ମାନ-୨୦୨୪। ଶ୍ରେଷ୍ଠ ଆନ୍ତରିକତା ମୂଲ୍ୟବୋଧ ଓ ବୃତ୍ତିଗତ ନେତୃତ୍ୱ ଉପରେ ଆଧାରିତ ଏହି ଜାତୀୟ ପୁରସ୍କାର ସମ୍ମାନ ପ୍ରଦାନ ସମାରୋହ କେରଳର କୋଜିକୋଡୋଠାରେ ଆୟୋଜିତ ହୋଇଥିଲା। ଟସ୍କର ଏଣ୍ଟରପ୍ରିନ୍ୟୁରଶିପ୍ ଏବଂ ପ୍ରଫେଶନାଲ ଲିଡରଶିପ୍ ଆୱାର୍ଡ-୨୦୨୪ରେ ସେଲ୍ ଆରଏସ୍‌ପିର କର୍ପୋରେଟ ଯୋଗାଯୋଗ ବିଭାଗର ଶ୍ରେଷ୍ଠ ଯୋଗାଯୋଗ କାର୍ଯ୍ୟଧାରା ପାଇଁ ସ୍ୱର୍ଣ୍ଣ ଓ ରାଜଭାଷା ଉନ୍ନତୀକରଣ ଜନିତ ଶ୍ରେଷ୍ଠ ପ୍ରୟାସ ପାଇଁ ରାଜଭାଷା ବିଭାଗ ରୌପ୍ୟ ପୁରସ୍କାର ହାସଲ କରିଥିଲା। ସମାରୋହରେ ଆରଏସ୍‌ପି ପକ୍ଷରୁ ଲୋକସମ୍ପର୍କ ବିଭାଗ ଜିଏମ୍ ଓ ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ଏବଂ ଲୋକସମ୍ପର୍କ ରାଜଭାଷା ବିଭାଗର ଏଜିଏମ୍ ସୁଶ୍ରୀ ଲୋଲାଟି ଟପ୍ପୋ ପ୍ରତିନିଧିତ୍ୱ କରି କେରଳ ସରକାରଙ୍କ ପିଡବ୍ଲ୍ୟୁଡି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପି.ଏ ମହମ୍ମଦ ରିୟାସ ଏବଂ ଅବସରପ୍ରାପ୍ତ ଆଇଏଏସ୍ ଓରେରା ଅଧ୍ୟକ୍ଷ ପି.ଏଚ କୁରିଆନଙ୍କ ଠାରୁ ଉଭୟ ଜାତୀୟ ସମ୍ମାନ ଗ୍ରହଣ କରିଥିଲେ।

# ଶିଶୁ ସାହିତ୍ୟ ଆସର ଉଦ୍‌ଯାପିତ

ରାଉରକେଲା,୨୯।୮(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ବାସନ୍ତୀ ପାଠାଗାର ସଭାଗୃହରେ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ୩ୟ ଶିଶୁ ସାହିତ୍ୟ ଆସର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପାଠାଗାର ସଭାପତି ଶକ୍ତି ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଞ୍ଚାଳିକା ସୁଶ୍ରୀ ଗାୟତ୍ରୀ ସେଠୀ କହିଥିଲେ, ଶିଶୁ ସାହିତ୍ୟ ଆସରକୁ ମୁକ୍ତ ମଞ୍ଚ, ସାହିତ୍ୟ ଦର୍ପଣ, ମାଧୁର୍ଯ୍ୟ ଭଳି ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ମୁକ୍ତ ମଞ୍ଚରେ ଶିଶୁମାନେ ନିଜର ଦକ୍ଷତା ସ୍ୱରୂପ ଦେଶଭକ୍ତି କବିତା ଗଳ୍ପ, ସଙ୍ଗୀତ, ନୃତ୍ୟର ପ୍ରଭୃତି କଳା ପ୍ରତିପାଦନ କରିଥିଲେ। ସାହିତ୍ୟ ଦର୍ପଣ ବିଭାଗରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୀବନଧାରା ଓ ତାଙ୍କର କାଳଜୟୀ କବିତାଗୁଡ଼ିକ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଶେଷ ପର୍ଯ୍ୟାୟରେ ଶିକ୍ଷକ ରାଜ କୁମାର ମହାନ୍ତି ଛାତ୍ରୀଛାତ୍ରମାନଙ୍କୁ ନୀତିଶିକ୍ଷା ସମ୍ବଳିତ କାହାଣୀ ଶୁଣାଇଥିଲେ ଓ ଉକ୍ତ କାହାଣୀ ଉପରେ ଆଧାରିତ ୫ଟି ପ୍ରଶ୍ନ ପିଲାମାନଙ୍କୁ ପଚାରି ଠିକ୍ ଉତ୍ତରଦାତାଙ୍କୁ ପୁରସ୍କୃତ କରିଥିଲେ। ବିଶେଷ ବକ୍ତା ଭାବେ ଶିଶୁ ସାହିତ୍ୟିକ ସୁନୀଲ କୁମାର ମହାନ୍ତି ଉପସ୍ଥିତ ରହି ଶିଶୁ ସାହିତ୍ୟର ବିକାଶ ପାଇଁ ଏପରି ନିଆରା ପ୍ରୟାସ ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ। ପାଠାଗାର ସାଂସ୍କୃତିକ ସମ୍ପାଦିକା ସୁବାଶିନୀ ସାହୁ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ, ଗଦାଧର ରଥ, ରାଜଲକ୍ଷ୍ମୀ ସେନାପତି, ସମୃଦ୍ଧି ମହାରଣା, ଅଶୋକ ପଟ୍ଟନାୟକ, ବିଭୁଦତ୍ତ ବେହେରା, ଶ୍ରୀକାନ୍ତ ପାଣିଗ୍ରାହୀ, ସୁମନ୍ତ ପତି, ଗୀତାଞ୍ଜଳି ମହାରଣା, ସମୀକ୍ଷା ପାତ୍ର, ଓମ୍ ପ୍ରକାଶ ପାତ୍ର, ସଞ୍ଜୟ କୁମାର ବିଶ୍ୱାଳ, ଦିଲୀପ ପାତ୍ର, ଶ୍ରୀକାନ୍ତ ଜେନା, ଅର୍ଚ୍ଚନା ଜେନା, ପ୍ରଭାସିନୀ ଦାଶ, ସସ୍ମିତାରାଣୀ ପୋଥାଳ, ପ୍ରିୟଙ୍କା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସହ ସମ୍ପାଦକ ବସନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ଉପସ୍ଥିତ ଶିଶୁମାନେ।

# 'ଉଦୟ ଓ ଅସ୍ତର ରଙ୍ଗ ଲୋହିତ' ଶୀର୍ଷକ ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୨୯।୮(ଦିନେଶ ମିଶ୍ର)

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ଓଡିଆ ବିଭାଗ ପକ୍ଷରୁ ବିଦାୟୀ ଛାତ୍ରୀଛାତ୍ର ଓ ନବାଗତ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅବସରରେ 'ଉଦୟ ଓ ଅସ୍ତର ରଙ୍ଗ ଲୋହିତ' ଶୀର୍ଷକ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ଡକ୍ଟର ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ଚିନ୍ମୟ ଇଂରାଜୀ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟା ରଶ୍ମିପ୍ରଭା ମଥାନ ଛାତ୍ରୀଛାତ୍ରମାନଙ୍କ ସଫଳତା ପ୍ରାପ୍ତିର ଆଶାପୋଷଣ କରିଥିଲେ। ଅଧ୍ୟାପକ କରୁଣାକର ପାଣ୍ଡଶାଣୀ ଆଲୋଚନା ଚକ୍ରର ଲୋହିତ ଭାବକୁ ରକ୍ତ, ସମ୍ପର୍କ, ସମ୍ପୃକ୍ତି, ଆସକ୍ତି ଓ ଦୁଃଖ ସହ ସମ୍ପର୍କୀକୃତ କରାଇ ବିଦ୍ୟାର୍ଥୀମାନଙ୍କୁ ସ୍ୱପ୍ନ, ଶୃଙ୍ଖଳା, ଏକତା ଓ ସଫଳତାର ମୂଳମନ୍ତ୍ରକୁ ଘୋଷାଇ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ର ସୁମାନ୍ତି ଏକ୍କା, ସ୍ୱପ୍ନା ବୁଡା, ଏଞ୍ଜେଲା କୁଜୁର, ଚାନ୍ଦିନୀ ସେଠୀ, ସାଗୋରୀ କିଷାନ, ପୂଜା କୁସୁମ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଛାତ୍ର ସୌମ୍ୟ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କଲେଜର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶତପଥୀ ତାଙ୍କ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଚ୍ଚିଦାନନ୍ଦ କବି ଶତପଥୀ ସ୍ମୃତି ଟ୍ରଷ୍ଟ ପକ୍ଷରୁ ଆଗାମୀ ୫ ବର୍ଷ ପାଇଁ ଶ୍ରେଷ୍ଠ ଓଡିଆ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ସେହିପରି ଅଧ୍ୟାପକ ପାଣ୍ଡଶାଣୀ ତାଙ୍କ ଗୁରୁ ଡକ୍ଟର ବିଜୟ ପଟ୍ଟନାୟକଙ୍କ ସ୍ମୃତିରେ ପ୍ରତିବର୍ଷ ଶ୍ରେଷ୍ଠ ଓଡିଆ ଛାତ୍ରୀଛାତ୍ରଙ୍କୁ ୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀପ୍ରିୟା ସାହୁ ଓ ଅନୁଶ୍ରୀ ରାଉତ ସଂଯୋଜନା କରିଥିଲେ। ଛାତ୍ରୀ ମୋନାଲି ମହାନନ୍ଦ ଉତ୍ସବ ସଂଯୋଜନା କରିଥିଲେ। ସୁମାନ୍ତି ଏକ୍କା, ସ୍ୱପ୍ନା ବୁଡା, ଏଞ୍ଜେଲା କୁଜୁର, ଚାନ୍ଦିନୀ ସେଠୀ, ସାଗରିକା କିଷାନ, ଭାରତୀ ବେହେରା, ଛବିଳ ସେଠୀ, ଶିବାନୀ କେରକେଟ୍ଟା, ରୋହିତ ଗୌଡ, ନରେଶ ମୁଣ୍ଡାଙ୍କ ସମେତ କଲେଜର ଓଡିଆ ବିଭାଗର ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। ଅପର୍ଣ୍ଣା ପାହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରଏସ୍‌ପି କର୍ମଚାରୀଙ୍କଠାରୁ ୧୯.୫୦ଲକ୍ଷ ଠକେଇ

ରାଉରକେଲା,୨୯।୮ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନାର ଜଣେ କର୍ମଚାରୀଙ୍କଠାରୁ ଅନ୍‌ଲାଇନ୍‌ରେ ପ୍ରାୟ ୧୯ଲକ୍ଷ ୫୦ ହଜାର ଟଙ୍କା ଠକେଇ ହୋଇଥିବା ସୂଚନା ମିଳିଛି। କର୍ମଚାରୀ ଜଣଙ୍କ ରାଉରକେଲା ସାଇବର ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଉକ୍ତ କର୍ମଚାରୀ ଅନ୍‌ଲାଇନ୍ ଟ୍ରେଡିଂ କରୁଥିଲେ। ଏହି ସମୟରେ ତାଙ୍କର ହଠାତ୍ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା କଟି ଯାଇଥିଲା। ଏଥିରେ ମେସେଜ୍ ଆସିବା ପରେ ତାହା ଜଣାପଡିଥିଲା। ଏ ନେଇ ସାଇବର ଥାନା ପୋଲିସ ତଦନ୍ତ କରୁଛି।

# ବେଧଡ଼କ ଚାଲିଛି ଦେଶୀ ମଦ, ପାଉଚ କାରବାର

ରାଉରକେଲା,୨୯।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଦୀର୍ଘମାସ ହେଲା ଦେଶୀ ମଦଭାଟି ବନ୍ଦ ସତ୍ତ୍ୱେ ବେଆଇନ ଦେଶୀ ଓ ପାଉଚ ମଦ ବିକ୍ରି ଜୋରସୋରରେ ଚାଲିଛି। ଫଳରେ ସରକାରଙ୍କ ଅବକାରୀ ରାଜସ୍ୱ ବାବଦରେ କୋଟି କୋଟି ଟଙ୍କା କ୍ଷତି ହୋଇଥିବା ଜଣାପଡିଛି। ସୂଚନା ମୁତାବକ, ସହରର ଟ୍ରାଫିକ ଗେଟ୍ ବଜାର ସ୍ଥିତ ହୋଟେଲରୁ ଆରମ୍ଭ କରି ମାଲଗୋଦାମ, ତିଳିକାନଗର, ବନ୍ଧମୁଣ୍ଡା, ଗୋପବନ୍ଧୁପାଲି, ରେଲୱେ କଲୋନୀ, ମଧୁସୂଦନପାଲି, ଇନ୍ଦିରାନଗର, ଟିମ୍ବର କଲୋନୀ, ଗଙ୍ଗାଧରପାଲୀ, ଖରିଆବାହାଲ ବସ୍ତି, ଗୋଲଘର, କବି ସମ୍ରାଟପାଲି, ସୁଭାଷପାଲି, ତାରାତାରିଣୀପାଲୀ, ବାଗୁଡି ବସ୍ତି, ପାନପୋଷର ମଣିଲଲୋନୀ, ବାଂଲାଟୋଲୀ, ଦେଓଗାଁ, ବେଦବ୍ୟାସ ନଦୀକୂଳରେ ଦେଶୀ ମଦ ଓ ପାଉଚ ମଦ କାରବାର ଚାଲିଛି। ତେବେ ସହରରେ ଦେଶୀମଦ ଭାଟି ବନ୍ଦ ସତ୍ତ୍ୱେ ଦେଶୀମଦ ବିକ୍ରି ହେବା ଚିନ୍ତାର ବିଷୟ ହୋଇଛି। ସହର ଆଖପାଖରେ ବେଆଇନ ମଦ ତିଆରି ହେଉଥିବା ବେଳେ ବାହାରୁ ଚୋରା ଦେଶୀମଦ ଏଠାକୁ ଆସୁଛି। ଅନ୍ୟପଟେ ବେଆଇନ ମଦ କାରବାର ଯୋଗୁ ସହରରେ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟୁଛି। ଏଣୁ ଏହା ଉପରେ ଅବକାରୀ ବିଭାଗ ପକ୍ଷରୁ ଅଙ୍କୁଶ ଲଗାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଏ ନେଇ ରାଉରକେଲା ଅବକାରୀ ବିଭାଗ ଅଧିକାରୀ ମୋହନ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଦୀର୍ଘମାସ ହେଲା ବନ୍ଦ ରହିଥିବା ରାଉରକେଲା, କୁଆଁରମୁଣ୍ଡା, ଡୁମେର୍ତା, ରଘୁନାଥପାଲୀ ଓ ଲହୁଣୀପଡା ଆଦି ଦେଶୀ ମଦଭାଟି ଖୁବଶୀଘ୍ର ଖୋଲିବ। ଏଥିଲାଗି ଗତ ୧୩ତାରିଖରୁ ଜିଲାପାଳଙ୍କ ନିକଟକୁ ଆବଶ୍ୟକ କାଗଜପତ୍ର ଆମ ବିଭାଗ ପକ୍ଷରୁ ପଠାଯାଇଛି। ଅନ୍ୟପଟେ ବେଆଇନ ଦେଶୀମଦ କାରବାର ଉପରେ ମଧ୍ୟ ବ୍ୟାପକ ମାତ୍ରାରେ ଅଙ୍କୁଶ ଲଗାଯାଉଛି ବୋଲି ସେ କହିଥିଲେ।

# ଇନ୍‌ଭର୍ଟର ସଂସ୍ପର୍ଶରେ ଆସି ଯୁବକ ମୃତ

ରାଉରକେଲା,୨୯।୮ (ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଟିମ୍ବରକଲୋନୀରେ ଜଣେ ଯୁବକ ଇନଭର୍ଟରରେ ବିଦ୍ୟୁତ୍ ଆଘାତ ପାଇ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ସନ୍ତୋଷ ସାହୁ(୩୫)। ସେ ଘରୋଇ ଅନୁଷ୍ଠାନରେ ଆକାଉଣ୍ଟାଣ୍ଟ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ ସନ୍ତୋଷଙ୍କ ଘରେ ଲାଗିଥିବା ଇନଭର୍ଟର ଠିକ୍ ଭାବେ କାମ କରୁ ନ ଥିଲା। ଆଉଟଡୋର୍ ସୁଇଚ୍ ଦେବା ସମୟରେ ତାଙ୍କୁ ଶକ୍ତ ବିଦ୍ୟୁତ୍ ଝଟ୍‌କା ଲାଗିଥିଲା। ସେ ଛିଟିକି ପଡ଼ି କାନ୍ଥରେ ପିଟି ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ପ୍ଲାଣ୍ଟସାଇଟ୍ ଏକ ଅପମୃତ୍ୟୁ ମାମଲା(ନଂ.୩୫/୨୪) ରୁଜୁ ହୋଇଛି।

# ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ

ରାଉରକେଲା,୨୯।୮(ଦିନେଶ ମିଶ୍ର)

ଉଦିତନଗର ଥାନା ଅଧୀନ ଆମ୍ବେଡ୍‌କର ଛକ ରାସ୍ତାକଡ଼ରୁ ଜଣେ ମହିଳାଙ୍କୁ ଅସୁସ୍ଥ ଅବସ୍ଥାରେ ପୋଲିସ ଉଦ୍ଧାର କରି ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ଉକ୍ତ ମହିଳାଙ୍କ ଆରଜିଏଚ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ମୃତ୍ୟୁ ହୋଇଛି। ମୃତ ମହିଳାଙ୍କ କୌଣସି ପରିଚୟ ମିଳି ନ ଥିବାବେଳେ ତାଙ୍କ ବୟସ ପାଖାପାଖି ୫୬ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏ ନେଇ ପୋଲିସ ଉଦିତନଗର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୪) ରୁଜୁ କରି ତଦନ୍ତ କରୁଛି।

# ନୂତନ ଛାତ୍ରୀଛାତ୍ରଙ୍କ ଶପଥପାଠ ସମାରୋହ

ରାଉରକେଲା,୨୯।୮(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆଇନ ମହାବିଦ୍ୟାଳୟରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଓ ଶପଥ ପାଠ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଭୁରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରି କଲେଜର ନବାଗତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଲେଜର ଅତିଥି ଅଧ୍ୟାପକ ସୁନୀଳ କୁମାର ବିଶି, ପ୍ରାଧ୍ୟାପିକା ସମ୍ପାଦିକା ମହାନ୍ତି, ଡକ୍ଟର ପ୍ରଜ୍ଞା ପରମିତା ପଣ୍ଡା, ପ୍ରାଧ୍ୟାପକ ତନ୍ମୟରାଜ ପାଢ଼ୀ, ଡକ୍ଟର ଦିବ୍ୟେନ୍ଦୁ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରମାନଙ୍କୁ ନିଷ୍ଠାର ସହିତ ଶିକ୍ଷା ଗ୍ରହଣ ଓ ଶୃଙ୍ଖଳିତ ଜୀବନ ଅତିବାହିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶପଥ ପାଠ ସମାରୋହ ଆୟୋଜିତ ହୋଇଥିଲା। ଏହାପରେ ନବାଗତ ପିଲାମାନଙ୍କୁ ସମ୍ବିଧାନର ମୁଖପତ୍ର, ମହାବିଦ୍ୟାଳୟର ଛାତ୍ର ନୀତି, ପାଠାଗାର ନୀତି ସହିତ ପାଠ୍ୟକ୍ରମ ଏବଂ ବିଷୟବସ୍ତୁ ସମ୍ବଳିତ ଏକ କିଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀ ସନ୍ଧ୍ୟା ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ର ରିତେଶ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ନବାଗତ ଛାତ୍ରୀଛାତ୍ରମାନେ ଶପଥ ଗ୍ରହଣ କରୁଛନ୍ତି।

# ସୁପରିଚାଳନା ଅଭାବ, ପାର୍କରେ ଅବ୍ୟବସ୍ଥା

- ବର୍ଷକୁ ୨କୋଟି ୮୮ଲକ୍ଷରୁ ଊର୍ଦ୍ଧ୍ୱ ଖର୍ଚ୍ଚ
- ବଣବୁଦାରେ ଭରି ରହିଛି ପାର୍କ
- ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି

ରାଉରକେଲା,୨୯।୮(ସଙ୍ଗୀତା ଜେନା)

ଆଉ ଗୋଟିଏ ଦିନ ପରେ ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ଅଧୀନରେ ଥିବା ପାର୍କଗୁଡ଼ିକ ଅବ୍ୟବସ୍ଥା ଘେରରେ ରହିଥିବା ଅଭିଯୋଗ ହୋଇଛି। ଏଥିପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହେବାରେ ଲାଗିଛି। ବର୍ତ୍ତମାନ ଉକ୍ତ ପାର୍କଗୁଡ଼ିକ ବଣବୁଦାରେ ଭର୍ତ୍ତି ହୋଇଛି। ଏଠାରେ ଥିବା ପାଥ୍‌ୱେ, କ୍ରୀଡ଼ା ସାମଗ୍ରୀଗୁଡ଼ିକ ମରାମତି ଆବଶ୍ୟକତା କରୁଥିବା ଦେଖାଯାଇଛି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋଏଲନଗର, ଛେଣ୍ଡ, ସିଭିଲଟାଉନଶିପ୍ ଆଦି ଅଞ୍ଚଳରେ। ସ୍ଥାନୀୟ ଲୋକଙ୍କ ଚିତ୍ତବିନୋଦ ପାଇଁ ତିଆରି କରାଯାଇଥିବା ପାର୍କ ଗୁଡ଼ିକରେ ବଣବୁଦା ଯୋଗୁ ସରୀସୃପ ଓ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି।

ସୂଚନା ଅନୁଯାୟୀ, ୨୦୧୪ରେ ଆର୍‌ଏମ୍‌ସି ହେବା ପରେ ପ୍ରମୁଖ ଅଞ୍ଚଳରେ ଥିବା ୧୫୦ରୁ ୧୬୦ଟି ଜବରଦଖଲ ପ୍ଲଟ୍‌କୁ ଉଚ୍ଛେଦ କରି ପ୍ରଶାସନ ନିଜ ଅଧୀନକୁ ନେଇଥିଲା। ସେଥିରୁ ୧୧୫ଟି ପ୍ଲଟ୍‌କୁ ସର୍ବସାଧାରଣଙ୍କ ଅବସରବିନୋଦନ ପାଇଁ ପାର୍କର ରୂପରେଖ ଦିଆଯାଇଥିଲା। ଏହି କ୍ରମରେ କୋଏଲନଗରରେ ୩୯ଟି, ସିଭିଲଟାଉନଶିପ୍‌ରେ ୨୧, ବାସନ୍ତୀକଲୋନୀରେ ୧୭ଟି, ଛେଣ୍ଡକଲୋନୀରେ ୩୪, ଦକ୍ଷିଣ ରାଉରକେଲାରେ ୧ଟି, ଉଦିତନଗରରେ ୨ଟି ଏବଂ ଲେବରଟେନାମେଣ୍ଟରେ ଗୋଟିଏ ଛୋଟ ପାର୍କ ନିର୍ମାଣ ହୋଇଥିଲା। ଏହାର ରକ୍ଷଣାବେକ୍ଷଣ ଆର୍‌ଏମ୍‌ସି କରୁଥିବା ବେଳେ ୨୦୨୨ରେ ହକି ବିଶ୍ୱକପ୍ ପୂର୍ବରୁ ପର୍ଯ୍ୟାୟକ୍ରମେ ଏଗୁଡ଼ିକୁ ୪୦ଟି ଏସ୍‌ଏଚ୍‌ଜି ଏବଂ ରେସିଡେନସିଆଲ ଆସୋସିଏଶନକୁ ପ୍ରଦାନ କରାଯାଇଥିଲା।


କୋଏଲନଗର ବି' ବ୍ଲକରେ ଥିବା ପାର୍କର ଦୃଶ୍ୟ।

ପାର୍କ ନିର୍ଦ୍ଧାରିତ ସମୟରେ ଖୋଲିବା, ସଫେଇ, ଗଛଲତାର ଯତ୍ନ ନେବା, ଖେଳ ଉପକରଣର ସୁପରିଚାଳନା ଓ ଯତ୍ନ, ଶୌଚାଳୟ ସଫେଇ କରିବା ପାଇଁ ପ୍ରତ୍ୟେକ ଏସ୍‌ଏଚ୍‌ଜି ପିଛା ୬ ହଜାର ଟଙ୍କା ଲେଖାଏଁ ମାସିକ ଅର୍ଥ ବରାଦ କରାଗଲା। ତେବେ ସମସ୍ତ ପାର୍କର ଖର୍ଚ୍ଚ ବାବଦରେ ମାସିକ ୨ଲକ୍ଷ ୪୦ହଜାର ଖର୍ଚ୍ଚ ହେଉଥିଲେ ମଧ୍ୟ ଏହାର ସୁପରିଚାଳନା ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ଏହି ପାର୍କରେ ବଣବୁଦା ସଫା, ଗଛ ଟ୍ରିମିଂ କରିବା ପାଇଁ କୋଏଲନଗରରେ ୫ ଜଣ, ଛେଣ୍ଡରେ ୫ଜଣ, ସିଭିଲଟାଉନଶିପ୍ ଏବଂ ଉଦିତନଗରରେ ୪ଜଣ ସମେତ ୧୪ ଜଣ ସ୍ୱତନ୍ତ୍ର ମାଳି ମଧ୍ୟ ରହିଛନ୍ତି। ଏମାନଙ୍କ ମଧ୍ୟରେ ୪ଜଣ ସ୍ଥାୟୀ ଓ ୧୦ ଜଣ ଅସ୍ଥାୟୀ ମାଳି ଅଛନ୍ତି। ସିଭିଲଟାଉନଶିପ୍‌ର ବିନୋଦ ରାଉତଙ୍କ କହିବା ଅନୁସାରେ, ପ୍ରଥମେ ଏହି ପାର୍କ ଗୁଡ଼ିକରେ ସୁବନ୍ଦୋବସ୍ତ ଥିଲା। କ୍ରମଶଃ କାର୍ଯ୍ୟରେ ଅନିୟମିତତା ଦେଖାଗଲା। ବର୍ତ୍ତମାନ ବଣବୁଦା ଯୋଗୁ ପାର୍କ ଗୁଡ଼ିକ ସୌନ୍ଦର୍ଯ୍ୟ ହରାଉଛି। ଏଥିପ୍ରତି ଆର୍‌ଏମ୍‌ସି ଯତ୍ନବାନ ହେବା ଉଚିତ ବୋଲି ରାଉତ କହିଥିଲେ। ସେହିପରି କୋଏଲନଗର ଏବଂ ଛେଣ୍ଡ ଅଞ୍ଚଳର ପାର୍କଗୁଡ଼ିକୁ ଆସୁଥିବା ଶହ ଶହ ପ୍ରାତଃ ତଥା ସାନ୍ଧ୍ୟ ଭ୍ରମଣକାରୀ, ବୟୋଜ୍ୟେଷ୍ଠ ଓ ଯୁବପିଢ଼ି ମଧ୍ୟ ସମାନ ମତପୋଷଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆର୍‌ଏମ୍‌ସି ଆସିଷ୍ଟାଣ୍ଟ କମିଶନର ଅଭିଷେକ ମିଶ୍ରଙ୍କ ପଚରାଯିବାରୁ ସେ କହିଲେ, ଉକ୍ତ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ବର୍ଷାଋତୁ ଯୋଗୁ ଶୀଘ୍ର ଗଛଲତା ବଢ଼ୁଛି। ତେବେ ଅଭିଯୋଗ ସମ୍ବନ୍ଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବ୍ୟତୀତ ପ୍ରତ୍ୟେକ ଦିନ ପାର୍କ ରକ୍ଷଣାବେକ୍ଷଣ ପାଇଁ ୱାଟ୍ସଆପ୍ ଗ୍ରୁପ୍‌ରେ ତଦାରଖ କରାଯାଉଛି ବୋଲି ମିଶ୍ର କହିଥିଲେ।

## ସଂକ୍ଷେପରେ

### ନିଶାମୁକ୍ତ ଭାରତ ଗଠନ ପାଇଁ ଶପଥ ନେଲେ ଛାତ୍ରୀଛାତ୍ର

ସମ୍ବଲପୁର,୨୯।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସିଦ୍ଧେଶ୍ୱର ବେର୍ଣ୍ଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରମାନେ ଜୀବନରେ ନିଶାସେବନ କରିବେ ନାହିଁ ଏବଂ ଅନ୍ୟମାନଙ୍କୁ ନିଶାଠାରୁ ଦୂରେଇ ରଖିବା ପାଇଁ ଉଦ୍ୟମ କରିବେ ବୋଲି ଶପଥ ନେଇଛନ୍ତି। ଏଥିସହ ଏକ ସୁସ୍ଥ ସମାଜ ତଥା ନିଶା ମୁକ୍ତ ଭାରତ ଗଠନ ପାଇଁ ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନାଚାର୍ଯ୍ୟ ଦିଲ୍ଲୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ସଙ୍ଗଠନ କର୍ମକର୍ତ୍ତା ବିଜୟ କୁମାର ସ୍ୱାଇଁ, କାର୍ତ୍ତିକ ପ୍ରସାଦ ବହିଦାର, ସନ୍ଦୀପ କୁମାର ଶ୍ରୀବାସ୍ତବ ଯୋଗଦେଇ ନିଶା ସେବନର ଅପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀମାନଙ୍କର ନିଶାମୁକ୍ତ ଭାରତ ଗଠନର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ଆମେ ତାଙ୍କର ଦାୟାଦମାନେ ସମ୍ପୂର୍ଣ୍ଣ କରିବା ବୋଲି କାର୍ତ୍ତିକ ପ୍ରସାଦ ବହିଦାର୍ ନିଜ ବକ୍ତବ୍ୟରେ କହିଥିଲେ। ପ୍ରଧାନାଚାର୍ଯ୍ୟ ଦିଲ୍ଲୀପ କୁମାର ପାଢ଼ୀ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସରସ୍ୱତୀ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା' ସହଯୋଗ କରିଥିଲେ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ନାଳରୁ ମିଳିଲା

ଜମନକିରା,୨୯।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବନ୍ଧପାଲି ଗାଁର ଭବାନୀ ଶଙ୍କର ମହାନନ୍ଦ (୬୮) ଗତ ୨୭ ତାରିଖ ଗୁଲୁଜିପାଲି ଗାଁକୁ ଏକ ଶ୍ରାଦ୍ଧ ଉତ୍ସବରେ ଯୋଗଦେବାକୁ ଯାଇ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ବି ତାଙ୍କ ପତ୍ତା ମିଳି ନ ଥିଲା। ଏ ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ଗୁଲୁଜିପାଲି ଗାଡ଼ିଘାଟ ନିକଟରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଜମନକିରା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ମୃତଦେହ ଭବାନୀ ଶଙ୍କରଙ୍କ ବୋଲି ଚିହ୍ନଟ କରିଥିଲେ। ଏନେଇ ଜମନକିରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୭ ତାରିଖ ଭବାନୀ ଶ୍ୱଶୁର ଘର ଗୁଲୁଜିପାଲିକୁ ଏକ ଶ୍ରାଦ୍ଧ କାର୍ଯ୍ୟରେ ଯୋଗଦେବା ପାଇଁ ସାଇକେଲ ନେଇ ଯାଇଥିଲେ। ଶ୍ରାଦ୍ଧ କାର୍ଯ୍ୟ ସାରି ଫେରିବା ବେଳେ ଗଡ଼ିଘାଟ ନାଳ ଡେଇଁ ଯିବା ବେଳେ ସେ ପାଣିରେ ଭାସି ଯାଇ ମୃତ୍ୟୁବରଣ କରିଥିବା ତଦନ୍ତ ଅଧିକାରୀ ସନ୍ତୋଷ ସ୍ୱାଇଁ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ପ୍ରକାଶ କରିଛନ୍ତି। ଗୁରୁବାର କୁଚିଣ୍ଡାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ଡାକ୍ତରଖାନା ସୋଲାର ଇନଭର୍ଟର ଅଚଳ

#### ରୋଗୀ ସେବା ବ୍ୟାହତ

ଜମନକିରା,୨୯।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାରେ ଥିବା ଡାକ୍ତରଖାନାରେ ଏବେ ସୋଲାର ଇନଭର୍ଟର ଖରାପ ହୋଇ ଯାଇଛି। ଏଥିଯୋଗୁ ବିଦ୍ୟୁତ୍ କରେଣ୍ଟ ଚାଲିଗଲେ ରୋଗୀ ସେବା ବ୍ୟାହତ ହୋଇ ପଡୁଛି। କୌଣସି ଗୁରୁତର ରୋଗୀ ଆସିଲେ ଚିକିତ୍ସା ସେବା ଯୋଗାଇ ଦେବା କଷ୍ଟକର ହୋଇ ପଡୁଛି। ବୁଧବାର ଏଭଳି ସମସ୍ୟା ଡାକ୍ତରଖାନାରେ ଘଟିଥିଲା। ଜମନକିରା ବ୍ଲକ ଟିକିଲିପଡା ପଞ୍ଚାୟତର ଜଣେ ରୋଗୀ ରାତିରେ ଗୁରୁତର ହୋଇ ଆସିଥିଲେ। ସେହି ସମୟରେ ସରବରାହ ବନ୍ଦ ଥିଲା। ଇନଭର୍ଟର ଅଚଳ ଥିବାରୁ ବହୁ କଷ୍ଟରେ ଡାକ୍ତର ଏବଂ କର୍ମଚାରୀ ବଡକଷ୍ଟରେ ରୋଗୀଙ୍କ ଚିକିତ୍ସା କରାଇଥିଲେ। ସମସ୍ୟା ସମ୍ପର୍କରେ ସୋଲାର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜମନକିରା ଡାକ୍ତରଖାନା କର୍ତ୍ତୃପକ୍ଷ ଜଣେଇ ଥିବା କହିଛନ୍ତି। ଏହାସତ୍ତ୍ୱେ ପ୍ରତିକାର କରା ଯାଉନାହିଁ। ଏହାର ସ୍ଥାୟୀ ସମାଧାନ ଶୀଘ୍ର ନକଲେ ରୋଗୀ ସେବା ବ୍ୟାହତ ହେବା ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଫାଶିମାଲ ଉନ୍ନୀତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭରାପ୍ରାପ୍ର ଅଧିକାରୀ ଡ଼ା ଶରତ ଚନ୍ଦ୍ର ଦେହୁରୀଙ୍କୁ ପଚାରିବାରୁ ଇନଭର୍ଟର ଠିକ୍ କରିବା ପାଇଁ ବିଭାଗୀୟ ଜିଲା ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

# ପାଉଁଶ ଡମ୍ପିଂକୁ ବିରୋଧ କରି ହରଡ଼ଘଣାରେ ଗ୍ରାମବାସୀ

ସମ୍ବଲପୁର,୨୯।୮ (ପ୍ରମୋଦ ବହିଦାର)



ନୋଟିସ୍ ପାଇଥିବା ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ବେଆଇନ ପାଉଁଶ ଡମ୍ପିଂକୁ ବିରୋଧ କରିବାରୁ ଗ୍ରାମବାସୀଙ୍କ ବିରୋଧରେ ୧୦୭ ଦଫାରେ ନୋଟିସ୍ ଜାରି କରିଛନ୍ତି ଉପଜିଲାପାଳ। ଯାହକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ଜାମଟାଲରେ ଥିବା ଏକ ପଥରକ୍ୱାରୀକୁ ପାଉଁଶରେ ପୋତା ଯିବାକୁ ଗ୍ରାମବାସୀ ବିରୋଧ କରିଥିଲେ। ଏହାକୁ ନେଇ ପ୍ରତିପକ୍ଷଙ୍କ ଅଭିଯୋଗ କ୍ରମେ ସମ୍ବଲପୁର ସଦର ଉପଜିଲାପାଳଙ୍କ କୋର୍ଟରେ ଗତ ବୁଧବାର ହାଜର ହେବାକୁ ଗ୍ରାମବସୀଙ୍କୁ ନୋଟିସ୍ ଜାରି କରାଯାଇଥିଲା। ନୋଟିସରେ ଉଲ୍ଲେଖଥିବା ତାରିଖ ଓ ସମୟରେ ଜାମଟାଲ ଗ୍ରାମବାସୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ମାତ୍ର ପ୍ରତିପକ୍ଷ ନ ଆସିବାରୁ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ସେମାନଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସେମାନଙ୍କ ସହିତ ଆଲୋଚନା କରି ଜିଲାପଳ ବୋନ୍ଦର କହିଥିଲେ ଉକ୍ତ କ୍ୱାରୀରେ ପାଉଁଶ ଡମ୍ପିଂ ପାଇଁ କର୍ତ୍ତୃପକ୍ଷଙ୍କ ଅନୁମତି ରହିଛି। ତେବେ ଏହା ଗ୍ରାମବାସୀଙ୍କ ପାଇଁ କେତେ ଉପଯୋଗୀ ବା କ୍ଷତିକାରକ ତାହା ସେ ନିଜେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜିଲାପାଳ ଗ୍ରାମବସୀଙ୍କୁ କହିଛନ୍ତି।

## ଦଫା ୧୦୭ରେ ଉପଜିପାଳଙ୍କ କୋର୍ଟ ହାଜର ନୋଟିସ୍

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଯୁଜୁମୁରା ତହସିଲ ଜାମଟାଲ ଗ୍ରାମ ନିକଟ ଉକ୍ତ ପଥରକ୍ୱାରୀ ବର୍ତ୍ତମାନ ଅବ୍ୟବହୃତ ହୋଇ ପଡ଼ିଛି। ଦୀର୍ଘ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ବିଭିନ୍ନ ଶିଳ୍ପାନୁଷ୍ଠାନରୁ ନିର୍ଗତ ପାଉଁଶ ପରିବହନରେ ନିୟୋଜିତ ଠିକାସଂସ୍ଥା ଏଠାରେ ପଉଁଶ ଡମ୍ପିଂ କରି ଏହି ପଥରକ୍ୱାରୀକୁ ପୋତିବାରେ ଲାଗିଛନ୍ତି। ଏହାକୁ ଗ୍ରାମବାସୀ ଆରମ୍ଭରୁ ବିରୋଧ କରି ଆସୁଛନ୍ତି। ମାତ୍ର ଉକ୍ତ ଠିକା ସଂସ୍ଥା ଏଠାରେ ପାଉଁଶ ପକାଇବାରୁ ନିବୃତ୍ତ ହେଉନାହିଁ। ଫଳରେ ଗ୍ରାମବାସୀ ଏହା ବିରୋଧରେ ଆନ୍ଦୋଳନକୁ ଓହ୍ଲାଇ ଗ୍ରାମ ବାଟ ଦେଇ ପଥରକ୍ୱାରୀକୁ ଯାଉଥିବା ପାଉଁଶ ବୋଝେଇ ଭାରୀଯାନଗୁଡ଼ିକୁ ଅଟକ ରଖିଥିଲେ। ଏହାକୁ ନେଇ ଅନେକ ଥର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିସହ ଗତବର୍ଷ ସେପ୍ଟେମ୍ବରରୁ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏଠାରେ ପାଉଁଶ ପକାଇବା ବନ୍ଦ ପାଇଁ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ମାତ୍ର କୌଣସି ସୁଫଳ ମିଳି ନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ପଥରକ୍ୱାରୀରେ ପାଉଁଶ ଡମ୍ପିଂ ଯୋଗୁଁ ଅଞ୍ଚଳର ଚାଷ ଜମି ନଷ୍ଟ ହେବା ସହ ସମଗ୍ର ଅଞ୍ଚଳ ପ୍ରଦୂଷିତ ହେଉଛି। ବର୍ଷାରେ ପଥରକ୍ୱାରୀରୁ ପାଉଁଶମିଶା ପାଣି ନିକଟସ୍ଥ ପୋଖରୀ, ନାଳରେ ମିଶୁଥିବାରୁ ସ୍ଥାନୀୟ ଅଧିବାସୀଙ୍କ ପାଇଁ ବିଭିନ୍ନ ପ୍ରକାର ରୋଗବ୍ୟାଧି ଆକ୍ରାନ୍ତ ହେବା ଆଶଙ୍କା ସୃଷ୍ଟି କରିଛି। ଗ୍ରୀଷ୍ମଋତୁରେ ଭୂତଳ ଜଳସ୍ତର ହ୍ରାସ ପାଇ ଗ୍ରାମରେ ଥିବା ନଳକୂପ ଆଦିରେ ପାଣି ଆସୁ ନ ଥିବା ବେଳେ ଏହି କ୍ୱାରୀରେ ଗଚ୍ଛିତ ପାଣି ସ୍ଥାନୀୟ ଲୋକଙ୍କ ଜଳକଷ୍ଟ ଦୂର କରିଥାଏ। ଏହି ସ୍ଥିତିରେ ସେଠାରେ ପାଉଁଶ ପକାଇବା କଠିନ ସମସ୍ୟା ସୃଷ୍ଟି କରୁଛି ବୋଲି ଗ୍ରାମବାସୀ କହିଛନ୍ତି।

# ବିକାଶମୂଳକ ଯୋଜନା କାର୍ଯ୍ୟକାରିତା ସମୀକ୍ଷା ବୈଠକ

ସମ୍ବଲପୁର,୨୯।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଦାରିଦ୍ର୍ୟ ଦୂରୀକରଣ ତଥା ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲାପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଜିଲା ନିର୍ବାହୀ ଓ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଜିଏସ୍)ର କାର୍ଯ୍ୟକାରିତା, ସ୍ୱଚ୍ଛ ଭାରତ ମିଶନ ଓ ପାନୀୟ ଜଳ ଯୋଗାଣର କାର୍ଯ୍ୟକାରିତା, ରେଡ୍‌କ୍ରସ୍‌ର କାର୍ଯ୍ୟକଳାପ, ସୋସିଆଲ ଅଡିଟ୍, ଏସ୍‌ଏମ୍‌ଇ ହାଉସିଂ ଓ ପରିବାର ମଙ୍ଗଳ, ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ, ମହିଳା ଏବଂ ଶିଶୁ ବିକାଶ ବିଭାଗରୁ ସ୍ଥାନାନ୍ତରିତ ସାମଗ୍ରୀର ମରାମତି ତଥା ରକ୍ଷଣାବେକ୍ଷଣ, ରାଜ୍ୟ ଆର୍ଥ ନିଗମ, ଗ୍ରାମୀଣ ଗୃହ, ଭିଏସ୍‌ଏସ ବିଲ୍ଡିଂର ପରିଚାଳନା, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନା, ଓଡିଶା ଜୀବିକା ମିଶନ(ଓଏଲ୍‌ଏମ୍) ଆଦି ଯୋଜନା କିଭଳି ସମସ୍ତ ଗରିବ ପରିବାରଙ୍କ ନିକଟରେ ପହଞ୍ଚିବ ତାହା ଉପରେ ଆଲୋଚନା କରାଯାଇଥିଲା।

# ରାଜ୍ୟରେ ନିଶା ନିବାରଣ ଆଇନ ଲାଗୁ କର



ଓଡ଼ିଶା ନିଶା ନିବାରଣ ଅଭିଯାନ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ସମ୍ବଲପୁର,୨୯।୮ (ଭବାନୀ ଶଙ୍କର ଭୋଇ)

## ଓଡ଼ିଶା ନିଶା ନିବାରଣ ଅଭିଯାନ ସଙ୍ଗଠନର ଦାବି

ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ ଲାଗୁ କରିବା ପାଇଁ ଦାବି ଓଡ଼ିଶା ନିଶା ନିବାରଣ ଅଭିଯାନ ସଙ୍ଗଠନ ପକ୍ଷରୁ ଗୁରୁବାର ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛି। ସଙ୍ଗଠନର କର୍ମକର୍ତ୍ତାମାନେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ଯାଇ ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶାରେ ନିଶାର ବ୍ୟବହାର ସରକାରୀ ଜନ ହିତକାରୀ ଯୋଜନାର ସଫଳ ରୂପାୟନ ଦିଗରେ ଅନ୍ତରାୟ ସୃଷ୍ଟି କରୁଛି । ଏହାସହ ରାଜ୍ୟର ଆର୍ଥିକ, ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜନ ଜୀବନକୁ ଧ୍ୱଂସ କରୁଛି। ଆଇନଶୃଙ୍ଖଳା ପରିସ୍ଥିତି ହେବା ସହ ସମାଜରେ ଅଶାନ୍ତୀ ସୃଷ୍ଟି ହେଉଛି । ମଦ ଏବଂ ନିଶାର ପ୍ରଚାର ପ୍ରସାରକୁ ବିରୋଧ କରି ୧୯୫୬ ମସିହାରେ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନିଶା ନିବାରଣ ଆଇନ ୧୯୫୬ ପ୍ରଣୀତ କରିଥିଲେ । ତେବେ ଏହି ଆଇନକୁ ଏ ପର୍ଯ୍ୟନ୍ତ ଲାଗୁ କରାଯାଇ ନାହିଁ । ତେଣୁସେହି ଆଇନକୁ ରାଜ୍ୟରେ କଡ଼ାକଡ଼ି ଭାବରେ ଲାଗୁ କରି ରାଜ୍ୟକୁ ସମ୍ପୂର୍ଣ୍ଣ ମଦ ମୁକ୍ତ କରିବା ଦାବିରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କାର୍ତ୍ତିକ ପ୍ରସାଦ ବହିଦାର, ବିଜୟ କୁମାର ସ୍ୱାଇଁ, ସନ୍ଦୀପ କୁମାର ଶ୍ରୀବାସ୍ତବ, ଚତୁର୍ଭୁଜ ଗର୍ଡିଆ ଉପସ୍ଥିତ ଥିଲେ।



ନିର୍ବାହୀ କମିଟି ନେତୃତ୍ୱ ପରିବର୍ତ୍ତନ ଦାବି କରିବାକୁ ଆସିଥିବା ସଦସ୍ୟାମାନେ ।

# ନିର୍ବାହୀ କମିଟି ନେତୃତ୍ୱ ପରିବର୍ତ୍ତନ କର

ସମ୍ବଲପୁର,୨୯।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ୯ଟି ବ୍ଲକର ଏସ୍‌ଏଚ୍‌ଜି, ସିଏଲ୍‌ଏଫ୍ ଓ ଜିପିଏଲଏଫ୍‌ର ବହୁ ସଂଖ୍ୟାରେ ମହିଳା ସଦସ୍ୟମାନେ ନିର୍ବାହୀ କମିଟିର ନେତୃତ୍ୱ ପରିବର୍ତ୍ତନ ଦାବି କରିଛନ୍ତି। ସେମାନେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକଙ୍କୁ ସାକ୍ଷାତ କରି ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତ୍ୟେକ ୨ ବର୍ଷରେ ନିର୍ବାହୀ କମିଟି ଅଧକ୍ଷା ଓ ସମ୍ପାଦିକା ଆଦି ନେତୃତ୍ୱ ପରିବର୍ତ୍ତନର ନିୟମ ରହିଥିବା ବେଳେ ଦୀର୍ଘ ବର୍ଷ ହେଲା ବିଭିନ୍ନ ପଞ୍ଚାୟତରେ ଥିବା ନିର୍ବାହୀ କମିଟିରେ ଅଧକ୍ଷା ଓ ସମ୍ପାଦିକା ନିଜ ପଦବୀ ମାଡ଼ି ବସିଛନ୍ତି। ଫଳରେ ଅନ୍ୟ କୌଣସି ସଦସ୍ୟ ନେତୃତ୍ୱ ନେବା ସୁଯୋଗ ପାଉ ନାହାନ୍ତି। ସେମାନେ କହିଛନ୍ତି ବିଭିନ୍ନ କମିଟିର ଅଧକ୍ଷା ଓ ସମ୍ପାଦିକା ସମସ୍ତଙ୍କ ଭଳି ବିଭିନ୍ନ ଏସଏଚ୍‌ଜି, ସିଏଲ୍‌ଏଫ୍ ଓ ଜିପିଏଲଏଫ୍ ଅଦିର ସଦସ୍ୟା ଅଟନ୍ତି। ଇତି ମଧ୍ୟରେ ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇ ଏସ୍‌ଏଚ୍‌ଜି, ସିଏଲଏଫ୍ ଓ ଜିପିଏଲଏଫ୍ ସ୍ତରରେ ନେତୃତ୍ୱ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ କେତେକ ନିର୍ବାହୀ କମିଟି ସଦସ୍ୟ ଓ କର୍ମକର୍ତ୍ତାଙ୍କ ପକ୍ଷରୁ ବିରୋଧ କରାଯାଇଛି। ଅନ୍ୟ ସଦସ୍ୟାମାନଙ୍କ ଆଗକୁ ବଢ଼ିବା ରାସ୍ତାକୁ ଅବରୋଧ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେବେ ଯଦି ନେତୃତ୍ୱ ପରିବର୍ତ୍ତନକୁ ସ୍ଥଗିତ ରଖାଯାଏ ବା ନେତୃତ୍ୱ ପରିବର୍ତ୍ତନ ନ ହୁଏ ଆଗକୁ ନିର୍ବାହୀ କମିଟି ସଦସ୍ୟାମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବିଡ଼ିଓଙ୍କୁ ଦାବିପତ୍ର

**ନାକଟୀଦେଉଳ,(ବୈକୁଣ୍ଠନାଥ ସାହୁ):** ନାକଟୀଦେଉଳ ବ୍ଲକ ବିଭିନ୍ନ ପଞ୍ଚାୟତର ମହିଳା ସ୍ୱଂୟ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟା ଗୁରୁବାର ବ୍ଲକ କାର୍ଯ୍ୟାଳୟ ଆସି ଏସ୍‌ଏଚ୍‌ଜି ଆଞ୍ଚଳିକ ମଞ୍ଚ ଏବଂ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ ନେତୃତ୍ୱ ପରିବର୍ତ୍ତନ କରିବାକୁ ଦାବି କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ବିଦ୍ୟାଧର ରାଉତରାୟଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ। ଏସ୍‌ଏଚ୍‌ଜି, ସିଏଲଏଫ ଏବଂ ଜିପିଏଲଏଫର ନେତୃତ୍ୱ ପରିବର୍ତ୍ତନ ପ୍ରତି ୨ବର୍ଷରେ ଥରେ ହେବା ନିୟମ ଥିଲେ ହେଁ ବିଗତ ୪ବର୍ଷ ହେଲା ଏଥିରେ ପରିବର୍ତ୍ତନ ହୋଇନାହିଁ। ଏଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ।

# ଜିଲାସ୍ତରୀୟ ପ୍ରାଣୀଧନ ଗଣନା ପ୍ରଶିକ୍ଷଣ ଶିବିର

## ସ୍ୱତନ୍ତ୍ର ଆପ ଜରିଆରେ ବୁଲା ଗୋରୁ, କୁକୁରଙ୍କ ତାଲିକା ପ୍ରସ୍ତୁତ ହେବ

ସମ୍ବଲପୁର,୨୯।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଉଦ୍ୟାନ କୃଷି ପ୍ରଶିକ୍ଷଣ ଅନୁଷ୍ଠାନ ନିଲଡୁଙ୍ଗୁରୀ ପକ୍ଷରୁ ୨୧ତମ ଜିଲାସ୍ତରୀୟ ପ୍ରାଣୀଧନ ଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ନିଲଡୁଙ୍ଗୁରୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥିଭାବେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରାଜୀବ ଲୋଚନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ପୁରୁଷୋତ୍ତମ ମିଶ୍ର ଶିବିରରେ ଉପସ୍ଥିତ ଗଣନାକାରୀଙ୍କୁ ପ୍ରାଣୀଧନ ଗଣନା ଓ ପ୍ରଣାଳୀକୁ ନେଇ ପ୍ରଶିକ୍ଷଣ ଦେଇଥିଲେ। ଏହାସହିତ କିଭଳି ନିର୍ଭୁଲଭାବେ ପ୍ରାଣୀଧନ ଗଣନା ହୋଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଏକ ଭିଡିଓ ଫିଲ୍ମ ପ୍ରଦର୍ଶନ କରି ଏଥିପାଇଁ ଉଦ୍ଦିଷ୍ଟ ଏକ ସ୍ୱତନ୍ତ୍ର ଆପ୍ ଜରିଆରେ ସମ୍ବଲପୁର ସହରରେ ଖୋଲାଖୋଲି ବିଚରଣ କରୁଥିବା ବୁଲା ଗୋରୁ ଓ କୁକୁରଙ୍କୁ ତାଲିକାଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ୨୧ଜଣ ପ୍ରାଣୀ ଚିକିତ୍ସକ, ୬୧ଜଣ ପ୍ରାଣୀଧନ ନିରୀକ୍ଷକଙ୍କ ସମେତ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡର ପ୍ରାଣୀ ଚିକିତ୍ସାଧିକାରୀ ଯୋଗ ଦେଇଥିଲେ।

# ମାଧୋ ସିଂ ହକି ଏକାଡେମୀରେ ଧ୍ୟାନଚାନ୍ଦ ଜୟନ୍ତୀ

ସମ୍ବଲପୁର,୨୯।୮ (ବି.ଶଙ୍କର)

ଜାତୀୟ କ୍ରୀଡା ଦିବସ ତଥା ମେଜର ଧ୍ୟାନ ଚାନ୍ଦଙ୍କ ପୁଣ୍ୟ ତିଥି ସମ୍ବଲପୁର ଜିଲା ଯଜୁମୁରା ସ୍ଥିତ ହକି ପ୍ରଶିକ୍ଷଣ କେନ୍ଦ୍ର ସହିଦ ମାଧୋ ସିଂ ହକି ଏକାଡେମୀରେ ଗୁରୁବାର ପାଳିତ ହୋଇଯାଇଛି। ସହିଦ ମାଧୋ ସିଂ ହକି ଏକାଡେମୀ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ତହସିଲଦାର ସ୍ୱାଧନ କୁମାର ବେହେରା ଉପସ୍ଥିତ ରହି ହକି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଆଗକୁ କିଭଳି ଭାବରେ ଖେଳରେ ନାଆଁ କରିବା ନେଇ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଅବନୀ କୁମୁରା, ଦୀପକ ପ୍ରଧାନ, ଗୁଣନିଧି ବିଶ୍ୱାଳ, ରଙ୍କ ବିଶ୍ୱାଳ, ଅରୁଣ ଦେହୁରୀଙ୍କ ସମେତ ହକି ପ୍ରଶିକ୍ଷଣର ପ୍ରଶିକ୍ଷକ କୁଲଦୀପ ମିଞ୍ଜ ଏବଂ ବିମଳ ଜୋଜୋ ଉପସ୍ଥିତ ଥିଲେ। ଏହି ଅବସରରେ ବାଳିକା ଓ ବାଳକଙ୍କମାନଙ୍କର ଏକ ମ୍ୟାଚ ଖେଳାଯାଇଥିଲା।

# ଜାତୀୟ କ୍ରୀଡା ଦିବସରେ ଶପଥ ପାଠ

ସମ୍ବଲପୁର,୨୯।୮ (ବି.ଶଙ୍କର)

ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଉତ୍ସବ ମୁଖର ହୋଇଛି । ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ କ୍ୟାପଟେନ ସରିତା ନାୟକଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଛାତ୍ରୀ ଓ କର୍ମଚାରୀମାନଙ୍କୁ ଜାତୀୟ କ୍ରୀଡା ଦିବସର ଶପଥ ପାଠ କରାଇଥିଲେ। ଏହି ଦିବସକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ବ୍ୟାଡମିଣ୍ଟନ, ଟେବଲ ଟେନିସ, ଚେସ, କ୍ୟାରମ ପ୍ରତିଯୋଗିତା ହୋଇଥିଲା। ଦୁଇଦିନ ବ୍ୟାପି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ଦିବସ ଉପଲକ୍ଷେ ସମ୍ବଲପୁର ଜିଲା ପ୍ରଶାସନ ଆୟୋଜିତ ମିନି ମାରାଥନରେ ଛାତ୍ରୀମାନ ସାମିଲ ହୋଇ ମହାବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି। ଗୁରୁବାର ସକାଳେ ଝିପି ଝିପି ବର୍ଷା ସତ୍ତ୍ୱେ ଛାତ୍ରୀମାନେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରୁ ଲକ୍ଷ୍ମୀ ଟକିଜ ପର୍ଯ୍ୟନ୍ତ ମିନି ମାରାଥନରେ ମାସଲ ହୋଇଥିଲେ। ଛାତ୍ରୀ ନୀତୁ କେବଟ ପ୍ରଥମ ସ୍ଥାନ ଅଧିକାର କରି ଅନୁଷ୍ଠାନ ପାଇଁ ଗୌରବ ଆଣି ଦେଇଛନ୍ତି । ଏନେଇ ଅଧ୍ୟକ୍ଷା ବରାଳ ଓ ଅନ୍ୟ ଅଧାପିକା ଓ ଅଧାପକ ମାନେ ନୀତୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

# ତଳମୁଣ୍ଡରେ ପହଞ୍ଚୁନି ପାଇପ ପାଣି

ସମ୍ବଲପୁର,୨୯।୮ (ଭବାନୀ ଶଙ୍କର ଭୋଇ)




ଗମ୍ଭାରୀପଙ୍କ ଗ୍ରାମରେ ଥିବା ଓଭରହେଡ ଟ୍ୟାଙ୍କ।

## ଗମ୍ଭାରୀପାଲିରେ ପାନୀୟ ଜଳ ସଙ୍କଟ

■ ଘରକୁ ଦିଆଯାଇଥିବା ସଂଯୋଗ କାଟିବାକୁ ଗ୍ରାମସଭାରେ ନିଷ୍ପତ୍ତି

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିପଙ୍କ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଗ୍ରାମରେ ପାଇପ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ବୋରୱେଲ ଖୋଳାଯାଇଛି, ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଯାଇଛି। ହେଲେ ତଳମୁଣ୍ଡରେ ରହୁଥିବା ଲୋକଙ୍କ ଘରକୁ ପାଇପ ପାଣି ପହଞ୍ଚି ପାରୁନାହିଁ। ବର୍ଷାଋତୁରେ ବି ଗାଁରେ ପାଣି ସମସ୍ୟା ଦେଖାଦେଇଛି। ଅପରପକ୍ଷରେ ଗ୍ରାମରେ ଥିବା ଦୁଇଟି ଯାକ ନଳକୂପ ଅଚଳ ଅବସ୍ଥାରେ ଥିବାରୁ ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକେ ବାଧ୍ୟ ହୋଇ କେନାଲ ଓ ପୋଖରୀର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି।

ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ଦ୍ୱାରା ଏହି ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ କୁକୁଡାପାଲି ଗ୍ରାମ ପଞ୍ଚାୟତ ପକ୍ଷରୁ ତଦାରଖ କରାଯାଉଛି। ଅବ୍ୟବସ୍ଥା ନେଇ ସରପଞ୍ଚ ଗୀତାଞ୍ଜଳୀ ଦେହୁରୀଙ୍କୁ ପଚାରିବାରୁ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ପାଇପ ଯୋଗେ ଜଳ ଯୋଗାଣ କରାଯିବା ସତ୍ତ୍ୱେ ତଳମୁଣ୍ଡରେ ପାଣି ପହଞ୍ଚୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଗ୍ରୀଷ୍ମ ସମୟରେ ସମସ୍ତ ଘରକୁ ପାଣି ସବୁଧାରେ ପହଞ୍ଚୁଥିବା ବେଳେ ବର୍ଷାଋତୁରେ ପହଞ୍ଚି ନପାରିବା ନେଇ ପଞ୍ଚାୟତ ତରଫରୁ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା। ଆଲୋଚନା ସମୟରେ ଗାଁର ଉପରମୁଣ୍ଡରେ ଅନେକେ ମୋଟର ଲଗାଇ ପାଣି ନେଉଥିବା ଯୋଗୁ ଏପରି ସମସ୍ୟା ହେଉଥିବା ଲୋକେ ଅଭିଯୋଗ କରିଥିଲେ। ତେଣୁ ସମସ୍ୟାର ସମାଧାନ ପାଇଁ ଗମ୍ଭାରିପଙ୍କ ଗ୍ରାମର ଜନ ସାଧାରଣ ପଞ୍ଚାୟତ ପକ୍ଷରୁ ପ୍ରତି ଘରକୁ ସଂଯୋଗ କରାଯାଇଥିବା ପାଇପ କଟାଯାଇ ଘର ବାଟରେ ଷ୍ଟାଣ୍ଡପୋଷ୍ଟରେ ପାଣି ଉପଲବ୍ଧ କରାଇବାକୁ ନିଷ୍ପତ୍ତି ହୋଇଥିବା ସରପଞ୍ଚ ଦେହୁରୀ କହିଛନ୍ତି। ତେବେ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ ଶୁକ୍ରବାରଠାରୁ ଏହି ନିୟମ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ବର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଦେବାଶିଷ



@ ଗଣେଶ



@ ସୌମିତ୍ରୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହିନ୍ଦ୍ କ୍ଲବ୍ ଚାମ୍ପିୟନ, ଅଫ୍ତାବ କ୍ଲବ ରନରଅପ

## ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ସମ୍ବଲପୁର,୨୯।୮(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ହିନ୍ଦ କ୍ଲବ ଚାମ୍ପିୟନ ଓ ଅଫତାବ କ୍ଲବ ରନର ଅପ ଟ୍ରଫି ହାସଲ କରିଛି । ଫାଇନାଲ ମ୍ୟାଚ ହିନ୍ଦ କ୍ଲବ ଓ ଅଫତାବ କ୍ଲବ ମଧ୍ୟରେ ହୋଇଥିଲା। ହିନ୍ଦକ୍ଲବ ଖେଳାଳି ଶେଖ ଅଫତାପ ମ୍ୟାଚର ୫୪ତମ ମିନିଟରେ ଦଳର ସୟଦ ରୋନକଙ୍କଠାରୁ ବଲ ପାଇ ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ଫାଇନାଲ ମ୍ୟାଚରେ ରେଫରୀଭାବେ ରାଜାରାମ ଓରାମ ଖେଳ ପରିଚାଳନା କରିଥିବା ବେଳେ ପ୍ରକାଶ ପଧାନ ଓ ଅଭିମନ୍ୟୁ ମିର୍ଦ୍ଧା ଲାଇନରେ ସହାୟତା କରିଥିଲେ । ଦେବାନନ୍ଦ ମିର୍ଦ୍ଧା ଚତୁର୍ଥ ରେଫରୀ ଥିଲେ । ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନା ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ ସାହେବ ଖମାରୀଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା । ଭାଜପା ନେତା ଡ. ପ୍ରମୋଦ ରଥ, ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ଅବସରପ୍ରାପ୍ତ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା, ଲକ୍ଷଣ କୁମାର ନାଥ, ଜିଲା କ୍ରୀଡ଼ା ସଂଘ ଖେଳ ସମ୍ପାଦକ ରାଜେଶ ସେଠ, ଆଥଲେଟିକ ସମ୍ପାଦକ ବିକାଶ ମିଶ୍ର, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, କାଉନସିଲ ସଭ୍ୟ ସୁବୋଧ କୁମାର ସାହୁ, ମନୋଜ କୁମାର ଭୋଇ, ରତିକାନ୍ତ ମହାନ୍ତି, ମହମ୍ମଦ ଇସାକ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କ୍ରୀଡ଼ା ସଙ୍ଗଠକ ସୟଦ ଜିନ୍ଦା, ସ୍ମୃତିରଞ୍ଜନ ମହାପାତ୍ର, ଫୁଟବଲ ଖେଳାଳି ମନୋଜ ପ୍ରସାଦ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ପୂର୍ବତନ ଫୁଟବଲ ଖେଳାଳି ଜଗଦୀଶ ପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ହିନ୍ଦ କ୍ଲବର ଶେଖ ଅଫତାବଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଟ୍ରଫି ଏବଂ ଅଭିଷେକ ସାହୁଙ୍କୁ ମ୍ୟାଚ ଦ ଟୁର୍ନାମେଣ୍ଟ ଟ୍ରଫି ଦିଆଯାଇଥିଲା ।



ଗୁରୁବାର ସମ୍ବଲପୁର ସ୍ଥିତ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅତିଥିମାନେ ଚାମ୍ପିୟନ ହିନ୍ଦ କ୍ଲବ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

# ନୂତନ ଗାଁ ସାଥୀ ଚୟନକୁ ବିରୋଧ

ଜମନକିରା,୨୮।୮(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ କଟଙ୍ଗପାଣି ପଞ୍ଚାୟତ ବଡ଼କଛାର ଓ କଲାପାଟ ଗ୍ରାମରେ ନିୟୋଜିତ ଗାଁ ସାଥୀଙ୍କୁ କାର୍ଯ୍ୟରୁ ନିବୃତ କରି ନୂତନ ଚୟନକୁ ବିରୋଧ ହୋଇଛି। ଗାଁ ସାଥୀ ସଂଘ ପକ୍ଷରୁ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ଆକାଉଣ୍ଟ ଅଫିସର ରୁଷବ ମାଝୀଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ଅଖିଳ ରଞ୍ଜନ ବାଘ ଏବଂ ସମ୍ପାଦକ ପ୍ରଶାନ୍ତ କୁମାର ରାଉତଙ୍କ ନେତୃତ୍ୱରେ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବଡ଼କଛାର ଓ କଲାପାଟ ଗ୍ରାମରେ ୨୦୦୮ ମସିହାରେ ଗାଁ ସାଥୀଭାବେ ନିଯୁକ୍ତି ପାଇଥିବା ଅନ୍ତରାମ କିଷାନ ଓ ସୀମନ ବିଲୁଙ୍ଗଙ୍କ ଚଞ୍ଚକତାପୂର୍ଣ୍ଣ ନିଲମ୍ବନକୁ ସଂଘ ବିରୋଧ କରୁଛି। ଜମନକିରା ବଜାର୍ ପ୍ରାଙ୍ଗଣରେ ବସିଥିବା ସଂଘ ବୈଠକରେ ଏ ନେଇ ବିଡ଼ିଓଙ୍କୁ ଅବଗତ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ହୋଇଛି। ପୁରୁଣା ଗାଁ ସାଥୀଙ୍କୁ ପୁନର୍ବାର ନିୟୋଜିତ କରବା ପାଇଁ ଅନୁରୋଧ କରାଯିବ ବୋଲି ସେମାନେ କହିଛନ୍ତି।

# ଘରକୁ ଫେରିଲେ ଆହତ ଡାକ୍ତରୀ ଛାତ୍ରୀ ସ୍ୱୀକୃତି

### କେରଳ ୱାୟନାଡ୍ ଭୂସ୍ଖଳନ ଘଟଣା

**ଝାରସୁଗୁଡ଼ା,୨୯।୮(ସଞ୍ଜୟ ମାଲି):** କେରଳ ୱାୟନାଡ୍‌ରେ ଗତ ଜୁଲାଇ ୩୧ ରେ ଲଗାଣ ବର୍ଷାଜନିତ ଭୂସ୍ଖଳନରେ ଆହତ ହୋଇ କେରଳ ଡବ୍ଲ୍ୟୁଆଇଏମ୍ ହସ୍ପିଟାଲରେ ଚିକିତ୍ସିତ ଝାରସୁଗୁଡା ସହରସ୍ଥିତ ବେହେରାମାଲର ଡାକ୍ତରୀ ଛାତ୍ରୀ ସ୍ୱୀକୃତି ମହାପାତ୍ର ଗୁରୁବାର ଘରକୁ ଫେରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଛି। ସ୍ୱୀକୃତିଙ୍କ ୨ବଡ଼ ଭଉଣୀ ସୃତି ମହାପାତ୍ର, ଶିଖା ମହାପାତ୍ର ଏବଂ ଜଣେ ସମ୍ପର୍କୀୟ ୱାୟନାଡ୍‌ରୁ ବେଙ୍ଗାଲୁରୁ ଦେଇ ଝାରସୁଗୁଡାରେ ପହଞ୍ଚିଛନ୍ତି ବୋଲି ତାଙ୍କ ବାପା ସିଦ୍ଧାର୍ଥ ଏମ୍ ମହାପାତ୍ର କହିଛନ୍ତି। ସ୍ୱୀକୃତି ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜରେ ପିଜି ଶେଷ ବର୍ଷ ଛାତ୍ରୀ। ସେ ଗତ ୨୬ ତାରିଖରେ କନଫରେନ୍ସ ପାଇଁ ବେଙ୍ଗାଲୁରୁ ଯାଇଥିଲେ। ଜୁଲାଇ ୨୯ ରେ ସେଠାରୁ ୩ଜଣ ସାଙ୍ଗଙ୍କ ସହ ୱାୟନାଡ୍ ଯାଇଥିଲେ। ସେଠାରେ ଭୂସ୍ଖଳନରେ ସ୍ୱୀକୃତି ଫସି ରହିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ହେବାରୁ ବୁଧବାର ସେ ପରିବାର ଲୋକଙ୍କ ସହିତ କେରଳରୁ ବେଙ୍ଗାଲୁରୁ ଓ ପରେ କଲିକତା ଦେଇ ଗୁରୁବାର ସନ୍ଧ୍ୟା ୭ଟା ୩୦ରେ ଝାରସୁଗୁଡା ବେହେରାମାଲସ୍ଥିତ ଘରେ ପହଞ୍ଚିଛନ୍ତି। ୱାୟନାଡ୍‌ରେ ଲଗାଣ ବର୍ଷାଜନିତ ଭୂସ୍ଖଳନ ଘଟଣା ଜାଣିବା ପରେ ପରିବାରବର୍ଗ ସ୍ତବ୍ଧ ହୋଇଯାଇଥିଲେ। ଫସି ରହିଥିବା ସ୍ଥାନରୁ ତାଙ୍କୁ ଉଦ୍ଧାର କରି ସେଠାକାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱୀକୃତିଙ୍କ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ସମସ୍ତ ସହଯୋଗ କରାଯାଇଥିଲା ବୋଲି ଝାରସୁଗୁଡା ଜିଲାପାଳ ଅବୋଲି ସୁନୀଲ ନରାୱଣେ କହିଛନ୍ତି।

# ଘରେ ପଶି ଚୋରି, ୨ ଗିରଫ

**କୁଚିଣ୍ଡା,୨୯।୮(ବିରଞ୍ଚି ଦର୍ଶା):** ସମ୍ବଲପୁର ଜିଲା ମହୁଲପାଲି ଥାନା ପାନପୋଷ ଗାଁରେ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କୁଚିଣ୍ଡା ଥାନା ସାତକମାର ବିକି ଜୟପୁରିଆ ଓ ଚୋରି ପାଇଁ ପ୍ରବର୍ତ୍ତାଇ ଥିବା ରାଉତବାହାଲ ଗ୍ରାମର ଅଭିମନ୍ୟୁ ବାଙ୍କରା। ବୁଧବାର ରାତିରେ ବିଭୁତି ପୃଷ୍ଠେଠଙ୍କ ଘରେ ପଶି ସୁନା ଗହଣା ଓ ଟଙ୍କା ଚୋରି କରି ଦୁର୍ବୃତ୍ତ ଫେରାର ହୋଇ ଯାଉଥିଲେ। ପିଛାକରି ପଡୋଶୀ ପୋଲିସ ଜିମା ଦେଇଥିଲେ। ବିଭୂତି ପୃଷ୍ଠେଠଙ୍କ ରିପୋର୍ଟ ଆଧାରରେ ମହୁଲପାଲି ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି।

# ବିକାଶ ବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ



ସମ୍ବଲପୁର,୨୯।୮(ବି.ଶଙ୍କର)

ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଗବେଷକ କବି ଓ ବିଶିଷ୍ଟ ଲେଖକ ସୁରେଶ ପଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ସ୍ୱଭାବ କବିଙ୍କ ସମଗ୍ର କାବ୍ୟକୁ ସଂକ୍ଷେପରେ ଆଲୋଚନା କରିଥିଲେ। ଗଙ୍ଗାଧରଙ୍କ ସାରସ୍ୱତ ସୃଷ୍ଟିଜାତୀୟ ସମ୍ପତ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯକ୍ରମରେ ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ ଦ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହନ୍ତ ଉପସ୍ଥିତ ଥିଲେ। ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡିଆ ଅଧ୍ୟାପିକା ଚିନ୍ମୟୀ ବାରିକ କାର୍ଯକ୍ରମ ସଂଯୋଜନା କରିଥିଲେ। ସଂସ୍କୃତ ଅଧ୍ୟାପିକା ନନ୍ଦିନୀ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯକ୍ରମକୁ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନଏସଏସ କାର୍ଯ୍ୟକାରୀ ସଂଯୋଜକ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାଉରକେଲା

ଇସ୍ତାହାର ସଂଖ୍ୟା – 3043 ତା – 03.08.2024

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ଅବକାରୀ ବିଭାଗ ଅଧିସୂଚନା ତା ୩୧.୦୮.୧୯୯୮ ରିଖ ପରିଶିଷ୍ଟ–VI ନିୟମ–2 (C) ଅନୁସାରେ ଉପଯୁକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ତଥା ଜିଲ୍ଲାପାଳ, ସୁନ୍ଦରଗଡ଼ ଲିଜ୍ ପ୍ଲଟ୍‌ଗୁଡିକୁ ରୂପାନ୍ତରୀକରଣ ପାଇଁ ଅନୁମୋଦନ କରିଛନ୍ତି। ଏହି କ୍ରମରେ ନିମ୍ନଲିଖିତ ଦରଖାସ୍ତକାରୀ ନିଜ ନାମରେ ଥିବା ଲିଜ ପ୍ଲଟଗୁଡିକୁ ରୟତି ଜମିରେ ରୂପାନ୍ତର କରିବାକୁ ଆବେଦନ କରିଛନ୍ତି। ଦରଖାସ୍ତକାରୀଙ୍କ ନାମ, ଆବଣ୍ଟିତ ଲିଜ୍ ପ୍ଲଟ୍‌ର ବିବରଣୀ ନିମ୍ନରେ ପ୍ରଦତ୍ତ ପୂର୍ବକ ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏ ସଂକ୍ରାନ୍ତରେ ଯଦି କାହାର କୌଣସି ପ୍ରକାର ଆପତ୍ତି ଥାଏ, ତେବେ ଏହି ଇସ୍ତାହାର ପ୍ରକାଶିତ ହେବାର ୧୫ (ପନ୍ଦର) ଦିନ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ରାଉରକେଲାଙ୍କ କାର୍ଯ୍ୟାଳୟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ସୀମା ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

| Sl. No. | C.Case No. | Name of the applicant | Mouza | House/ Plot No. | Location |
|---|---|---|---|---|---|
| 1 | 289/24 | ବସନ୍ତ କୁମାର ମହାପାତ୍ର | RTU-27 | C-580 | କୋଏଲ ନଗର |
| 2 | 291/24 | ମନୋରମା ସାହୁ ଓ ଓଗେର | RTU-27 | D-226 | କୋଏଲ ନଗର |
| 3 | 297/24 | ମୁକ୍ତିକାନ୍ତ ବିଶ୍ୱାଳ | RTU-27 | D-374 | କୋଏଲ ନଗର |

ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା

## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमण्डल, खूँटी

ई–अति अल्पकालीन पुनर्निविदा आमंत्रण सूचना

ई–अति अल्पकालीन पुनर्निविदा संख्या :–09/RI/2024-25/RWD/KHUNTI, दिनांक –28.08.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, खूँटी द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

1. कार्य का नाम:–

| क्र० सं० | आई०डी० सं०/पैकेज सं० | प्रखण्ड | पथ का नाम | प्राक्कलित राशि (रूपये में) | अग्रधन की राशि (रूपये में) | कार्य समाप्ति की अवधि |
|---|---|---|---|---|---|---|
| 1 | RWD-KHUNTI-03/ 2024-25 | कर्रा | चिद्दी बाजार से देशवाली भाया धोबीसोसो तक पथ निर्माण कार्य (लं०– 6.400 कि०मी०)। | 4,61,65,300.00 (चार करोड़ एकसठ लाख पैंसठ हजार तीन सौ रू० मात्र।) | 9,24,000.00 (नौ लाख चौबीस हजार रू० मात्र।) | 12 माह। |

2 वेबसाईट में निविदा प्रकाशन की तिथि :– 30.08.2024।
3 ई–निविदा प्राप्ति की अंतिम तिथि एवं समय :– 06.09.2024 अपराहन 5.00 बजे।
4 निविदा खोलने की तिथि एवं समय :– 09.09.2024 अपराह्न 3.30 बजे
5 निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, खूँटी, पिन–835210।
6 ई– निविदा प्रकोष्ट का दूरभाष सं० :– 9431170803
7 अग्रधन की राशि स्वीकृत परिमाण विपत्र के अनुरूप भी मान्य होगा।
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, खूँटी।

PR.NO.334045 Rural Work Department(24-25):D

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

always with U

ଆଞ୍ଚଳିକ କାର୍ଯ୍ୟାଳୟ: ଢ଼େଙ୍କାନାଳ, ସା/ପୋ./ଜିଲ୍ଲା: ଢ଼େଙ୍କାନାଳ-୭୫୯୦୦୧, ଫୋନ ନଂ.: ୦୬୭୬୨-୨୨୩୩୬୫, ମୋ.: ୮୨୬୦୨୭୪୩୨୭, ୯୪୩୭୨୮୫୩୫୮, E-mail: rodhenkanal@odishabank.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି (SARFAESI ଆକ୍ଟ ୨୦୦୨ ଅନୁଯାୟୀ)

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨) ର ରୁଲ୍ ୮ ଏବଂ ୯ ଅନୁଯାୟୀ ବ୍ୟାଙ୍କରେ ବନ୍ଧକଥିବା ସ୍ଥାବର ସମ୍ପତ୍ତିର ନିଲାମ ବିକ୍ରୟ।

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ: ଢ଼େଙ୍କାନାଳ, ସା/ପୋ./ଜିଲ୍ଲା: ଢ଼େଙ୍କାନାଳ - ୭୫୯୦୦୧ର କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ ଏବଂ ଧାରା୧୩(୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁସାରେ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ଦର୍ଶିତ ଋଣଗ୍ରହୀତାଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟ ନିମନ୍ତେ କଥିତ ଆକ୍ଟର ଧାରା ୧୩(୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଓ ୯ ଅନୁଯାୟୀ ଋଣଗ୍ରହୀତାଙ୍କ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି ।

### ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ

| କ୍ର. ନଂ. | ଶାଖା/ ଆକାଉଣ୍ଟ ନଂ /ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ରାଶି | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା (ଇଏମ୍‌ଡି) |
|---|---|---|---|---|---|
| ୧. | **ଶଙ୍କରପୁର ଶାଖା, ମୋ: ୮୨୮୦୧୯୬୪୯୬ /** ଆକାଉଣ୍ଟ ନଂ.: ୦୫୦୪୧୩୦୪୩୦୦୦୦୦୧ / **ଋଣଗ୍ରହୀତା: ମେସର୍ସ କଣ୍ଢେଇ ସୁଇଟ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନୋରଞ୍ଜନ ସାହୁ(ବନ୍ଧକଦାତା),** ପିତା: ଅଜୟ କୁମାର ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ପବିତ୍ର କୁମାର ସାହୁ,** ପିତା: ଗଦାଧର ସାହୁ, ଉଭୟଙ୍କ ଠିକଣା- ସା/ପୋ: ଶଙ୍କରପୁର, ଜିଲ୍ଲା: ଢ଼େଙ୍କାନାଳ, ପିନ୍-୭୫୯୦୧୩ | ଶ୍ରୀ ମନୋରଞ୍ଜନ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଶଙ୍କରପୁର, ଖାତା ନଂ.: ୧୨୬୨/ ୧୧୧୨, ପ୍ଲଟ୍ ନଂ.: ୪୨୬୪, କ୍ଷେତ୍ର: ଏକର୦.୦୭ ଡିସିମିଲି, ଖାତା ନଂ.: ୧୨୬୨/୧୦୮୯, ପ୍ଲଟ୍ ନଂ.: ୪୨୮୦, କ୍ଷେତ୍ର: ଏକର୦.୦୪ ଡିସିମଲି, ପ୍ଲଟ୍ ନଂ.: ୪୨୮୨, କ୍ଷେତ୍ର: ଏକର ୦.୦୨ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୩ ଡିସିମିଲି,** କିସମ: ଘରବାରୀ | ୩୧.୦୭.୨୦୨୪ ସୁଦ୍ଧା ଟ.୮,୦୮,୬୫୩/- + ସେବାବଦ ତତ୍ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୨୮.୧୨.୨୦୨୩ / ୧୫.୦୩.୨୦୨୪ | ଟ.୫୪,୩୧,୧୫୦/- / ଟ.୫,୪୩,୧୧୫/- |
| ୨. | **ଗଣ୍ଡାନାଳି ଶାଖା, ମୋ: ୯୯୩୮୪୯୧୪୩୦ /** ଆକାଉଣ୍ଟ ନଂ.: ୦୫୨୭୦୨୦୦୦୦୦୦୮୪୨, ୦୫୨୭୧୩୦୬୯୦୦୦୦୦୨ / **ଋଣଗ୍ରହୀତା: ମେସର୍ସ ରିମା କିଷାନ ସେବା କେନ୍ଦ୍ର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସରୋଜ କୁମାର ସାହୁ (ବନ୍ଧକଦାତା),** ପିତା: ଅନନ୍ତ ଚରଣ ସାହୁ, ସା/ପୋ: ରାସୋଳ, ଜିଲ୍ଲା: ଢ଼େଙ୍କାନାଳ, ପିନ୍-୭୫୯୦୧୭ / **ଗ୍ୟାରେଣ୍ଟିଦାତାମାନେ: ଶ୍ରୀ ସରୋଜ କୁମାର ନାଥ,** ପିତା: ପୁରୁଷୋତ୍ତମ ନାଥ, **୨) ଶ୍ରୀ ପ୍ରାଣବନ୍ଧୁ ସାହୁ,** ପିତା: ମାଧବ ସାହୁ, ଉଭୟଙ୍କ ଠିକଣା- ସା/ପୋ: ରାସୋଳ, ହିନ୍ଦୋଳ, ଜିଲ୍ଲା: ଢ଼େଙ୍କାନାଳ, ପିନ୍-୭୫୯୦୧୭ | **୧) ଶ୍ରୀ ସରୋଜ କୁମାର ସାହୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାସୋଳ, ଖାତା ନଂ.: ୩୨୩୧, ପ୍ଲଟ୍ ନଂ.: ୩୭୭୮/୬୪୬୫, କ୍ଷେତ୍ର: ଏକର ୦.୦୪ ଡିସିମିଲି, ପ୍ଲଟ୍ ନଂ.: ୩୭୭୮/ ୬୪୬୪/୮୮୭୪, କ୍ଷେତ୍ର: ଏକର ୦.୦୬ ଡ଼ିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୧୦ ଡିସିମିଲି,** କିସମ: ଘରବାରୀ | ୩୧.୦୭.୨୦୨୪ ସୁଦ୍ଧା ଟ.୪୫,୪୬,୧୫୩/- + ସେବାବଦ ତତ୍ ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ | ୦୫.୦୨.୨୦୨୪ / ୦୬.୦୫.୨୦୨୪ | (୧) ଟ.୧୪,୨୫,୦୦୦/- / ଟ.୧,୪୨,୫୦୦/- |
| | | **୨) ଶ୍ରୀ ସରୋଜ କୁମାର ସାହୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାସୋଳ, ଖାତା ନଂ.: ୨୯୮୫, ପ୍ଲଟ୍ ନଂ.: ୩୭୭୮/୬୪୬୭, କ୍ଷେତ୍ର: ଏକର ୦.୧୦ ଡିସିମିଲି, ପ୍ଲଟ୍ ନଂ.: ୩୭୭୬/୮୪୬୪, କ୍ଷେତ୍ର: ଏକର ୦.୦୧ ଡିସିମିଲି, ପ୍ଲଟ୍ ନଂ.: ୩୭୭୮/୬୪୬୬, କ୍ଷେତ୍ର: ଏକର ୦.୦୮ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୧୯ ଡିସିମିଲି,** କିସମ: ଘରବାରୀ | | | (୨) ଟ.୪୩,୫୧,୦୦୦/- / ଟ.୪,୩୫,୧୦୦/- |

**ଇ-ନିଲାମ ତାରିଖ ଓ ସମୟ: ୦୪.୧୦.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା**
(ବିକ୍ରୟ ସମାପ୍ତ ହେବା ଯାଏଁ ପ୍ରତି ଥର ପାଇଁ ୫ ମିନିଟର ଅସୀମିତ ସ୍ୱତଃ ବର୍ଦ୍ଧିତ ସମୟ ସହିତ)

### ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ:

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s. e-procurement Technologies Limited - Auction Tiger**ର ପୋର୍ଟାଲ **https://sarfaesi.auctiontiger.net** ରେ ଇ-ନିଲାମ ମାଧ୍ୟମରେ **ତା.୦୪.୧୦.୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା** ମଧ୍ୟରେ ବିକ୍ରୟ କରାଯିବ।

୨) ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sarfaesi.auctiontiger.net** ରେ ଉପଲବ୍ଧ।

୩) ଇଚ୍ଛୁକ ନିଲାମଧାରୀ ବୈଧ ଇ-ମେଲ ଠିକଣାଧାରୀ ହୋଇଥିବା ଉଚିତ।

୪) ପ୍ରସ୍ତାବଗୁଡ଼ିକ ଟେଣ୍ଡର ଡ଼କ୍ୟୁମେଣ୍ଟରେ ଦିଆଯାଇଥିବା ଧାର୍ଯ୍ୟ ଫର୍ମାଟରେ "ଅନଲାଇନ୍" ମାଧ୍ୟମରେ **M/s. e-procurement Technologies Limited - Auction Tiger** ର ପୋର୍ଟାଲ **https://sarfaesi.auctiontiger.net** ରେ ଦାଖଲ କରିବାକୁ ହେବ। ଅନ୍ୟ ମାଧ୍ୟମରେ ଦାଖଲ କରାଯାଇଥିବା ପ୍ରସ୍ତାବଗୁଡ଼ିକ ଗ୍ରହଣ ଯୋଗ୍ୟ ହେବ ନାହିଁ।

୫) ବିଡ୍ ପାଇଁ ଅମାନତ ରାଶି ସହିତ ଅନ୍‌ଲାଇନ୍ ଦରଖାସ୍ତ ଦାଖଲ **ତା.୦୨.୦୯.୨୦୨୪ରିଖ ପୂର୍ବାହ୍ନ ୧୦.୦୦ ଘଟିକା (IST)** ଠାରୁ ଆରମ୍ଭ ହୋଇ **ତା.୦୧.୧୦.୨୦୨୪ ଅପରାହ୍ନ ୫.୦୦ ଘଟିକା (IST)** ପର୍ଯ୍ୟନ୍ତ ଚାଲୁରହିବ।

୬) ଅମାନତ ଜମା (EMD) EFT/NEFT/RTGS ଦ୍ୱାରା **"AUTHORISED OFFICER, ODISHA GRAMYA BANK, DHENKANAL REGION" in Current A/C No.: 050134003002241 of ODISHA GRAMYA BANK, Dhenkanal Branch, At/PO/Dist.: Dhenkanal, PIN-759001, Branch Code: 0501, IFSC Code IOBA0ROGB01** ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ ଦାଖଲ କରିପାରିବେ।

୭) ଅମାନତ ଜମା (EMD) ବିନା ଦାଖଲ କରାଯାଇଥିବା ବିଡ୍ / ପ୍ରସ୍ତାବଗୁଡ଼ିକୁ ନାକଚ କରାଯିବ।

୮) ନିଲାମଧାରୀମାନେ **ତା.୦୨.୦୯.୨୦୨୪ ରୁ ୩୦.୦୯.୨୦୨୪ ରିଖ** (ବ୍ୟାଙ୍କ ଛୁଟି ଦିନ ବ୍ୟତୀତ) ପୂର୍ବାହ୍ନ **୧୧.୦୦** ଘଟିକାରୁ ଅପରାହ୍ନ **୩.୦୦** ଘଟିକା ମଧ୍ୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ପୂର୍ବରୁ ଅନୁମତି ନେଇ ସମ୍ପତ୍ତି ତନଖି କରିପାରିବେ।

୯) ନିଲାମଧାରୀମାନେ ବୈଧ ଆଇଡ଼ି ଏବଂ ପାସୱାର୍ଡ଼ **M/s e-procurement Technologies Limited, Ahmedabad** ଙ୍କ ଠାରୁ ଇମେଲ ମାଧ୍ୟମରେ ପାଇପାରିବେ। **ଯୋଗାଯୋଗ କରନ୍ତୁ: ଶ୍ରୀ ରାମ ପ୍ରସାଦ - ୮୦୦୦୦୨୩୨୯୭ ଏବଂ ୬୩୫୨୪୯୦୭୮୫/୯୦୮୧୮୩୦୨୨୨, Email ID: orissa@auctiontiger.net** ଏବଂ **support@auctiontiger.net** (ଆମର ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ।)

୧୦) ବିଡ୍‌ଫର୍ମର ଏକ ନକଲ ସହିତ ଅନଲାଇନରେ ଦାଖଲ ସଂଯୁକ୍ତ କାଗଜାତ୍ (UTR ନଂ. ଦର୍ଶାଇବେ) **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ: ଢ଼େଙ୍କାନାଳ, ସା/ପୋ/ଜିଲ୍ଲା.: ଢେଙ୍କାନାଳ, ପିନ୍-୭୫୯୦୦୧** ଠାରେ ଦାଖଲ କରିବେ କିମ୍ବା ସେଗୁଡ଼ିକର ସଫ୍ଟ କପି: **rodhenkanal@odishabank.in**କୁ ଇମେଲ୍ କରିବେ।

୧୧) ସଂରକ୍ଷିତ ମୂଲ୍ୟଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ସମାନ / ଅଧିକ ହେବା ଉଚିତ୍ ଏବଂ ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତୀ ବର୍ଦ୍ଧିତ ପ୍ରସ୍ତାବ **ଟ.୨୦,୦୦୦/- (କୋଡିଏ ହଜାର ଟଙ୍କା ମାତ୍ର)** ର ଗୁଣିତକ ହେବା ଉଚିତ୍।

୧୨) ସମ୍ପତ୍ତି ସର୍ବୋଚ୍ଚ ନିଲାମ ଡ଼ାକି ଥିବା ନିଲାମଧାରୀଙ୍କୁ ବିକ୍ରୟ କରାଯିବ। ସଫଳ ନିଲାମଧାରୀମାନେ ନିଲାମ ରାଶିର **୨୫%** (ପୈଠ ହୋଇଥିବା ଅମାନତ ରାଶି ବିଯୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ସଙ୍ଗେ ସଙ୍ଗେ ଦାଖଲ କରିବେ ଏବଂ ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡ଼ାନ୍ତ ହେବାର **୧୫ ଦିନ** ମଧ୍ୟରେ ଦାଖଲ କରିବେ। ସଫଳ ନିଲାମଧାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ବିକ୍ରୟ ମୂଲ୍ୟର **୨୫%** ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।

୧୩) ସମ୍ପୂର୍ଣ୍ଣ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଦେୟ ଯଦି କିଛି ଥାଏ ତାହା ଜମା କରିବା ପରେ ହିଁ ବିକ୍ରୟ ପ୍ରମାଣପତ୍ର କେବଳ କ୍ରେତାଙ୍କ ନାମରେ ପ୍ରଦାନ କରାଯିବ।

୧୪) ଆଇନ ଅନୁଯାୟୀ ପ୍ରଯୁଜ୍ୟ ଚାର୍ଜ / ଫି ଯଥା- ରେଜିଷ୍ଟ୍ରେସନ ଫି, ଷ୍ଟାମ୍ପ ଡ୍ୟୁଟି, ଇନକମ୍ ଟ୍ୟାକ୍ସ ଇତ୍ୟାଦି କ୍ରେତା ବହନ କରିବେ। ଚୂଡ଼ାନ୍ତ ହୋଇଥିବା ନିଲାମ ରାଶି ଉପରେ ଟିଡିଏସ୍ ସଫଳ କ୍ରେତା ବହନ କରିବେ। ଯେଉଁ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଟ.୫୦,୦୦,୦୦୦/- କିମ୍ବା ତା ଠାରୁ ଅଧିକ ଥିବା ସେ କ୍ଷେତ୍ରରେ ଆୟକର ଆଇନ ୧୯୬୨ଧାରା ୧୯୪ ଆଇ.ଏ ଅନୁସାରେ ସଂରକ୍ଷିତ ମୂଲ୍ୟ ୧% ଆୟକର କାଟି ଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ଼ର ଗୁଣିତକ ରାଶି ଉପରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବ ନାହିଁ।

୧୫) ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି ଭିତ୍ତିରେ"** ଏବଂ **"ଯାହା ଯେପରି ଅଛି ଭିତ୍ତିରେ/ଅବସ୍ଥାରେ"** ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ଅନୁଯାୟୀ ସମ୍ପତ୍ତି ଉପରେ କୌଣସି ଏନ୍‌କମ୍ବ୍ରାନ୍ସେସ୍, ଲିଏନ, ଚାର୍ଜ, ବୈଧାନିକ ଦେୟ ଇତ୍ୟାଦି ନାହିଁ। ଇଚ୍ଛୁକ ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମ ପାଇଁ ଉଦ୍ଦିଷ୍ଟ ସମ୍ପତ୍ତି ଏବଂ ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ସମସ୍ତ ଦାବି / ଅଧିକାର / ଦେୟକୁ ବ୍ୟକ୍ତିଗତ ଭାବେ ସମ୍ପୃକ୍ତ ଏସ୍‌ଆରଓ ଏବଂ ରେଭିନ୍ୟୁ ରେକର୍ଡରୁ ସମ୍ପତ୍ତି ମାଲିକାନା, ପ୍ରକାର, ବିବରଣୀ, ସର୍ତ୍ତ, ଏନ୍‌କମ୍ବ୍ରାନ୍ସେସ୍, ଲିଏନ, ଦେୟ, ବୈଧାନିକ ଦେୟ ଇତ୍ୟାଦି ଯାଞ୍ଚ କରିନେବା ଉଚିତ। ଏହି ଇ-ନିଲାମ ବିଜ୍ଞାପନକୁ ବ୍ୟାଙ୍କ ତରଫରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ଆକାରରେ ବିବେଚନା ନକରିବାକୁ ଅନୁରୋଧ। ବ୍ୟାଙ୍କର ଜ୍ଞାତ କିମ୍ବା ଅଜ୍ଞାତରେ ସମ୍ପତ୍ତିଗୁଡ଼ିକରେ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରୟ କରାଯାଉଅଛି। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କ ଦାବି / ଅଧିକାର / ଦେୟ ପାଇଁ କୌଣସି ପ୍ରକାରରେ ଦାୟୀ ରହିବେ ନାହିଁ। ସମ୍ପତ୍ତିର ବକେୟା ଖଜଣା, ବୈଦ୍ୟୁତିକ ଦେୟ ଏବଂ ଜଳ କର ଇତ୍ୟାଦି ଯଦି କିଛି ଥାଏ, ତେବେ ତାହା କ୍ରେତା ବହନ କରିବେ।

୧୬) ବିକ୍ରୟ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଅନୁମୋଦନ ସାପେକ୍ଷ। ଯଦି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ନିମିତ୍ତ ବିକ୍ରୟ ଅନୁଷ୍ଠିତ ହେବ ନାହିଁ।

୧୭) ଅସଫଳ ନିଲାମଧାରୀଙ୍କ ଅମାନତ ଜମା ରାଶି ସେମାନଙ୍କ ଦ୍ୱାରା ପ୍ରସ୍ତାବରେ ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ EFT/NEFT/RTGS ମାଧ୍ୟମରେ ବିନା ସୁଧରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ପ୍ରଦତ୍ତ ଇମେଲ ଆଇଡ଼ିରେ ଜଣାଇଦିଆଯିବ।

୧୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିୟନ୍ତ୍ରଣ ବାହାରେ କୌଣସି ବୈଷୟିକ କାରଣ ଯୋଗୁଁ ଯଦି ନିଲାମ ସମ୍ପନ୍ନ ହୋଇନପାରେ ତେବେ ପୂର୍ବରୁ ନୋଟିସ୍ ଦେଇ ନିଲାମ ପୁନଃ ସ୍ଥିର କରାଯିବ।

୧୯) ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ ପୂର୍ବରୁ ଏବଂ ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇ-ନିଲାମର ସବିଶେଷ ବିବରଣୀ ବ୍ୟାଙ୍କ ୱେବ୍‌ସାଇଟ୍: **www.odishabank.in** / ସେବା ପ୍ରଦାନକାରୀଙ୍କ ୱେବ୍‌ସାଇଟ୍: **https://sarfaesi.auctiontiger.net** ଦେଖିପାରିବେ।

୨୦) ଉପର ଦର୍ଶିତ ସମସ୍ତ ସମ୍ପତ୍ତିଗୁଡ଼ିକ ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି। ବ୍ୟାଙ୍କର ସାଙ୍କେତିକ ଦଖଲରେ ଥିବା ସମ୍ପତ୍ତିଗୁଡ଼ିକୁ ଭୌତିକ ଦଖଲ ନେଲା ପରେ ସଫଳ କ୍ରେତାଙ୍କୁ ହସ୍ତାନ୍ତର କରାଯିବ।

**୨୧) ଏହି ଇ-ନିଲାମ ବିକ୍ରୟ ନୋଟିସ୍‌ର ପ୍ରକାଶନ ମଧ୍ୟ ଋଣଗ୍ରହୀତା ଓ ବନ୍ଧକଦାତାମାନଙ୍କୁ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ, ଯାହା ମଧ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ।**

୨୨) ନିମ୍ନ ସ୍ୱାକ୍ଷରକାରୀ କୌଣସି ପୂର୍ବ ନୋଟିସ୍ ନଦେଇ ଏବଂ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ଘୁଞ୍ଚାଇବା/ସ୍ଥଗିତ ରଖିବା/ବାତିଲ୍ କରିବା କିମ୍ବା ବିକ୍ରୟ ନିୟମାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି।

୨୩) ଯଦି ଡିଆର୍‌ଟି/ଡିଆର୍‌ଏଟି/ହାଇକୋର୍ଟ କିମ୍ବା ଅନ୍ୟ କୌଣସି କୋର୍ଟ ଦ୍ୱାରା ପରବର୍ତ୍ତୀ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ, ତେବେ ନିଲାମ ସ୍ଥଗିତ କିମ୍ବା ବାତିଲ ହୋଇପାରେ ଏବଂ ଏପରି କ୍ଷେତ୍ରରେ ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ପରାମର୍ଶ ଦିଆଯାଉଅଛିକି ସେମାନେ କୌଣସି ସୁଧ, କ୍ଷତିପୂରଣ କିମ୍ବା ଖର୍ଚ୍ଚ ଦାବି କରିପାରିବେ ନାହିଁ।

୨୪) ୨୦୧୬ମସିହାରେ ସଂଶୋଧିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ବିକ୍ରୟ ପ୍ରମାଣପତ୍ର ପ୍ରଦାନ କରାଯିବା ପୂର୍ବରୁ ଯେକୌଣସି ମୁହୂର୍ତ୍ତରେ ବିକ୍ରୟ ପ୍ରକ୍ରିୟାକୁ ପରିବର୍ତ୍ତନ କିମ୍ବା ସ୍ଥଗିତ ରଖିବାର ସମ୍ପୂର୍ଣ୍ଣ ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି। ଯଦି ବ୍ୟାଙ୍କ ପକ୍ଷରୁ କୌଣସି ମୁହୂର୍ତ୍ତରେ ବିକ୍ରୟ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ ତେବେ ନିଲାମଧାରୀ କିମ୍ବା କ୍ରେତାଙ୍କ ଠାରୁ ଗ୍ରହଣ କରାଯାଇଥିବା ଅର୍ଥ ରାଶି ଉପରେ କୌଣସି ସୁଧ କିମ୍ବା ଏଥି ନିମିତ୍ତ କ୍ଷତି, ଦେୟ / ଖର୍ଚ୍ଚ ଇତ୍ୟାଦି ଦିଆଯିବ ନାହିଁ।

୨୫) ସମ୍ପତ୍ତି ତନଖି / ଇ-ନିଲାମ ସମ୍ବନ୍ଧୀୟ ପରବର୍ତ୍ତୀ ସବିଶେଷ ବିବରଣୀ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: **ଆଞ୍ଚଳିକ ପ୍ରବନ୍ଧକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ: ଢ଼େଙ୍କାନାଳ, ସା/ପୋ./ଜିଲ୍ଲା: ଢ଼େଙ୍କାନାଳ, ପିନ୍ - ୭୫୯୦୦୧, ଫୋନ୍: ୮୨୬୦୨୭୪୩୨୭** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s e-Procurement Technologies Limited- Auction Tiger, B-704, Wall Street-II, Opp. Orient Club, Near Gujarat College, Ellis Bridge, Ahmedabad - 380006, Gujarat, India, e-mail ID: orissa@auctiontiger.net**

ସ୍ଥାନ : ଢ଼େଙ୍କାନାଳ
ତାରିଖ : ୨୯.୦୮.୨୦୨୪

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

## ସଂକ୍ଷେପରେ

### ଭାଜପା ସଦସ୍ୟ ସଂଗ୍ରହ ଅଭିଯାନ

ଟିଟିଲାଗଡ,୨୯।୮(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଜଗୁଆଠାରେ ଭାଜପା ର ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦଳର ଜିଲା ସାଧାରଣ ସମ୍ପାଦକ ଶ୍ରୀବସ୍ତ ବେହେରା ମୁଖ୍ୟଅତିଥି ତଥା ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, କୃଷକ ମୋର୍ଚ୍ଚା ସଭାପତି ଦିଲୀପ ଖରସେଲ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଦସ୍ୟ ସଂଗ୍ରହ ଅଭିଯାନ ଜୋରଦାର କରିବାକୁ ଦଳୀୟ କର୍ମୀ ମାନଙ୍କୁ କହିଥିଲେ। ଦଳର ବରିଷ୍ଠ ନେତା ଅଶ୍ୱିନୀ ସାହୁ, ମଣ୍ଡଳ ସଭାପତି ବିଦୁର ବେହେରା, ଜୀବର୍ଦ୍ଧନ ଖରସେଲ, ଦୁର୍ଯ୍ୟୋଧନ ସାହୁ, ରାଜୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

### ଜାତୀୟ ସେବା ଶିବିର ଉଦ୍‌ଯାପିତ

ଲୋଇସିଂହା,୨୯।୮(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସପ୍ତାହ ବ୍ୟାପି ଚାଲିଥିବା ଜାତୀୟ ସେବା ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅଧ୍ୟକ୍ଷ ସନ୍ତୋଷ କୁମାର ରଥ ଅଧ୍ୟକ୍ଷତା କରିଥିଲେ । ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଜିତ କୁମାର ଭୋଇ ମୁଖ୍ୟଅତିଥି, ରେଞ୍ଜ ଅଫିସର ପାଉଲ ହରପାଲ ମୁଖ୍ୟବକ୍ତା, ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟାପକ ଲଳିତ କୁମାର ପାତ୍ର , ସେବା ସଙ୍ଗଠନର ରମେଶ ମହାକୁଡ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଲିଙ୍ଗରାଜ ମେହେର ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଶିବିର ଉପଲକ୍ଷେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଜରିଆରେ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଦୈତାରୀ ଶବରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା।

### ଅବହେଳିତ ସୂଚନା କେନ୍ଦ୍ର ଓ ପାଠାଗାରରେ ଆଣ୍ଠୁଏ ପାଣି



କଣ୍ଟାବାଞ୍ଜି,୨୯।୮(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ଆଣ୍ଠୁଏ ପାଣି ଜମି ରହିଛି। କଣ୍ଟାବାଞ୍ଜିସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାର ଦୀର୍ଘ ଦିନ ହେଲା ଅବହେଳିତ ଅବସ୍ଥାରେ ରହିଛି । କେବଳ ଜଣେ ପିଅନରେ ଚାଲିଛି ପାଠାଗାର। ଦୀର୍ଘ ବର୍ଷ ହେଲା ଗ୍ରନ୍ଥାଗାରିକ ଅବସର ନେବା ପରେ କୌଣସି କର୍ମଚାରୀ ଯୋଗ ଦେଇନାହାନ୍ତି। ଫଳରେ ଏହା ନାମକୁ ମାତ୍ର ଚାଲିଛି। ପାଠାଗାରଟି ଦୀର୍ଘ ବର୍ଷ ହେଲା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସବ୍ ଡିଭିଜନ କାର୍ଯ୍ୟାଳୟ ପରିସରରେ ରହିଛି। ସାମାନ୍ୟ ବର୍ଷା ହେଲେ ଅଫିସ ଭିତରକୁ ପାଣି ପଶିଯାଉଛି। ଗୁରୁବାର ଅସରାଏ ବର୍ଷା ହେଲା ପରେ ଅଫିସ ପରିସର ଜଳାର୍ଣ୍ଣବ ହୋଇପଡିଥିଲା।

# ଅଡିଟ ବେଳେ ନକଲି ସୁନା ବନ୍ଧକ ଧରାପଡ଼ିଲା

■ଏସ୍‌ଏଚଜି ଋଣ ଠକେଇ ଅଭିଯୋଗ

■ଝାରମୁଣ୍ଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ଗିରଫ

ଲୋଇସିଂହା,୨୯।୮(ସୁଶାନ୍ତ ବାରିକ)



ଗିରଫ ପୂର୍ବତନ ଶାଖା ପରିଚାଳକ।

ନକଲି ସୁନା ବନ୍ଧକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ନାମରେ ୬୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ ଘଟଣାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରମୁଣ୍ଡାସ୍ଥିତ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକଙ୍କୁ ପୋଲିସ ଗିରଫ କରିଛି । ଗିରଫ ପୂର୍ବତନ ଶାଖା ପରିଚାଳକ ହେଲେ ଅମରେନ୍ଦ୍ର ନାୟକ। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

ପୋଲିସ ସୂଚନା ଅନୁଯାୟୀ, ଚଳିତ ମାସରେ ବଲାଙ୍ଗୀର ରିଜିଓନାଲ ବ୍ୟାଙ୍କ ପକ୍ଷରୁ ଝାରମୁଣ୍ଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଅଡିଟ କରାଯାଇଥିଲା। ୨୦୨୪ ଜାନୁୟାରୀ ୨୫ ରୁ ୧୦ ଜୁଲାଇ ମଧ୍ୟରେ ବ୍ୟାଙ୍କରେ ବଡଧରଣର ଅନିୟମିତତା ହୋଇଥିବା ଅଡିଟ ଟିମ୍‌ର ନଜରକୁ ଆସିଥିଲା। ବ୍ୟାଙ୍କରେ ୧୧୬ ସୁନା ବନ୍ଧକ ମଧ୍ୟରୁ ୯ ଟି ନକଲି ସୁନା ବୋଲି ଅଡିଟ ଟିମ୍ ଜାଣିବାକୁପାଇଥିଲେ। ରୁପା ସଦୃଶ ଅଳଙ୍କାରକୁ ସୁନା ଦର୍ଶାଇ ୯ ଜଣଙ୍କୁ ୨୨ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ସେହିପରି ବିଶ୍ୱ ପ୍ରଭାତୀ, ମା' ସନ୍ତୋଷୀ, ମା' ଲକ୍ଷ୍ମୀ, ମା' ସାବିତ୍ରୀ, ମା' ସନ୍ତୋଷିନୀ, ଜୟ ମା' ଲକ୍ଷ୍ମୀ, ଜୟ ମା' ଦୁର୍ଗା ଏପରି ୧୯ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ଅଜାଣତରେ ୫୨ ଲକ୍ଷ ୩୦ ହଜାର ଟଙ୍କା ଉଠାଣ କରି ଆତ୍ମସାତ କରାଯାଇଛି। ଅମରେନ୍ଦ୍ର ନାୟକ ବ୍ୟାଙ୍କରେ ଶାଖା ପରିଚାଳକ ଥିବା ସମୟରେ ଏହିସବୁ ଅନିୟମିତତା ହୋଇଛି। ସୁନା ବନ୍ଧକ ଅନିୟମିତତାରେ ବ୍ୟାଙ୍କର ଯୁଗ୍ମ କଷ୍ଟିଡିଏନ ରମାକାନ୍ତ ସାହୁଙ୍କ ସମ୍ପୃକ୍ତି ମଧ୍ୟ ରହିଥିବା ଅଡିଟ ଟିମ୍ ସନ୍ଦେହ କରିଛନ୍ତି । ବନ୍ଧକ ସୁନା ଶାଖା ପରିଚାଳକ ଏବଂ ଯୁଗ୍ମ କଷ୍ଟିଡିଏନଙ୍କ ସୁରକ୍ଷାରେ ରହିଥାଏ । ଅଡିଟ ଟିମ୍ ଏହି ଅନିୟମିତତା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ପରେ ଗତ ୨୭ ତାରିଖରେ ବଲାଙ୍ଗୀର ରିଜିଓନାଲ ମ୍ୟାନେଜର ଦେବେଶ ରଞ୍ଜନ ଧର ଲୋଇସିଂହା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲୋଇସିଂହା ଥାନାରେ ଭାରତୀୟ ନ୍ୟାୟ ସଂହିତା ଆଇନ ଅନୁଯାୟୀ ଦଫା ୩୧୬(୫), ୩୨୦, ୩୧୮(୩), ୩(୫) ରେ ମାମଲା (ନଂ୨୯୩।୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ବଲାଙ୍ଗୀର ରିଜିଓନାଲ ବ୍ୟାଙ୍କର ଦୁଇ ଜଣ ଅଧିକାରୀ ପ୍ରାୟ୧୫ ଦିନ ଧରି ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଅଡିଟ କରିଥିଲେ । ଏହି ଘଟଣା ନେଇ ଗ୍ରାହକଙ୍କ ମଧ୍ୟରେ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବ୍ଲକସ୍ତରୀୟ ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

ଖପ୍ରାଖୋଲ,୨୯।୮(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ଭାଜପାର ବ୍ଲକସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ବ୍ଲକ ସଭାପତି ଦେବକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ଲାଠୋର ଜୋନ ସଭାପତି ଶଶୀ ପୂଝାରୀ, ପାଟଣାଗଡ ବିଧାୟକଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବଲାଙ୍ଗୀର ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ ଭଇଁଶାଳ ଯୋଗଦେଇ ଭାଜପାର ପ୍ରାଥମିକ ସଦସ୍ୟତା ପାଇଁ ମୋବାଇଲରେ ପଞ୍ଜୀକରଣ ଓ ସକ୍ରିୟ ସଦସ୍ୟତା ଉପରେ ଆଲୋକପାତ କରି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସରପଞ୍ଚ ନିଲେନ୍ଦ୍ରି ପୂଝାରୀ, ଉମାକାନ୍ତ ମେହେର, ରୀନା ଜାଲ, ଜୟନ୍ତୀ ମାଝୀ, ଦଶରଥ ପାଣିଗ୍ରାହୀ, ଉପେନ୍ଦ୍ର ଭୋଇ, ଉମାକାନ୍ତ ପ୍ରଧାନ, ହରିବୋଲ ପୋଡ଼, ହେମ ସାଗର ସାହୁ , ରସିକ ସାହୁ, ବବୁ ସାହୁ, କାଳିଆ ସାହୁ, ପଞ୍ଚୁ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଜୀବନ ସହ ସଂଘର୍ଷ ପରେ ଆଖି ବୁଜିଲେ ସ୍ୱାମୀ, ସ୍ତ୍ରୀ ଗୁରୁତର

ବଲାଙ୍ଗୀର,୨୯।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଭାଗିରଥି ଛକରେ ବୁଧବାର ଏକ ତେଲ ଟ୍ୟାଙ୍କର ଧକ୍କାରେ ଗୁରୁତର ଆହତ ସ୍କୁଟି ଆରୋହୀ ବିଷ୍ଣୁ ପ୍ରସାଦ ମିଶ୍ର (୬୪)ଙ୍କ ମୃତ୍ୟୁ ଘଟିଛି। ଉଚ୍ଚତର ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ନିଆଯାଉଥିବା ବେଳେ ସମ୍ବଲପୁର ନିକଟରେ ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୀର୍ଘ ୯ ଘଣ୍ଟାର ସଂଘର୍ଷ ପରେ ବିଷ୍ଣୁପ୍ରସାଦ ଶେଷରେ ଆଖି ବୁଜି ଦେଇଥିଲେ। ଦୁର୍ଘଟଣାରେ ଗୁରୁତର ଆହତ ମୃତ ବିଷ୍ଣୁ ପ୍ରସାଦଙ୍କ ସ୍ତ୍ରୀ ସଙ୍ଗୀତା କର (୫୫) ଚିକିତ୍ସାଧୀନ ରହିଛନ୍ତି। ବେପରୁଆ ଗାଡ଼ିଚାଳନାରୁ ବୁଧବାର ଘଟିଥିବା ଏହି ଦୁର୍ଘଟଣା ପରିବାରର ସୁଖର ସଂସାରକୁ ଉଜାଡି ଦେଇଛି।

ବଲାଙ୍ଗୀର କଂସାରୀପଡା ଅଞ୍ଚଳର ବିଷ୍ଣୁପ୍ରସାଦ ମିଶ୍ର ଜଣେ ବ୍ୟବସାୟୀ ଭାବେ ଜଣାଶୁଣା। ତାଙ୍କ ସ୍ତ୍ରୀ ସଙ୍ଗୀତା ବଲାଙ୍ଗୀର କୃଷି ବିଭାଗ କାର୍ଯ୍ୟାଳୟରେ ଓଭରସିୟର ଭାବେ କାମ କରନ୍ତି। ବୁଧବାର ଅପରାହ୍ଣ ପ୍ରାୟ ୩ଟା ସମୟରେ କଂସାରୀପଡା ଘରୁ ଏକ ସ୍କୁଟିରେ ବିଷ୍ଣୁପ୍ରସାଦ ତାଙ୍କ ସ୍ତ୍ରୀ ସଙ୍ଗୀତାଙ୍କୁ ବସାଇ କୃଷି ବିଭାଗ ଅଫିସକୁ ଯାଉଥିଲେ। ଅଫିସରେ ସ୍ତ୍ରୀଙ୍କୁ ଛାଡି ଦେଇ ସେଠାରୁ ସେ ଘରକୁ ଫେରି ଆସିଥାନ୍ତେ। କିନ୍ତୁ ଘରୁ ପ୍ରାୟ ୧ କିଲୋମିଟର ଯିବା ପରେ ମୁଖ୍ୟରାସ୍ତାର ଭାଗିରଥି ଛକଠାରେ ପଛପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର (ନଂ ଓଡି୦୮ଟି ୭୫୩୨) ଦମ୍ପତିଙ୍କ ସ୍କୁଟି ଉପରକୁ ମାଡ଼ି ଯାଇଥିଲା। ଫଳରେ ଉଭୟ ଛିଟିକି ପଡିଥିବା ବେଳେ ସେମାନଙ୍କ ଗୋଡ ଉପରେ ଟ୍ୟାଙ୍କର ଚଢ଼ି ଯାଇଥିଲା। ବିଷ୍ଣୁପ୍ରସାଦ ଓ ସଙ୍ଗୀତା ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଭୀମଭୋଇ ମେଡିକାଲରେ ଚିକିତ୍ସା ପରେ ବୁର୍ଲା ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିବାରୁ ଏକ ଆମ୍ବୁଲାନ୍ସରେ ବିଷ୍ଣୁପ୍ରସାଦଙ୍କୁ ଭୁବନେଶ୍ୱର ନିଆଯାଉଥିବା ବେଳେ ସମ୍ବଲପୁର ସହର ନିକଟରେ ରାତି ପ୍ରାୟ ୧୨ଟା ସମୟରେ ସେ ଆଖି ବୁଜି ଦେଇଥିଲେ। ସେଠାରୁ ତାଙ୍କ ମୃତଦେହକୁ ବଲାଙ୍ଗୀର ଫେରାଇ ଅଣାଯାଇଥିଲା। ଗୁରୁବାର ପୂର୍ବାହ୍ନରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏବେ ବି ବିଷ୍ଣୁପ୍ରସାଦଙ୍କ ସ୍ତ୍ରୀ ସଙ୍ଗୀତା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଗୋଟିଏ ଗୋଡ଼ ଏବଂ ଗୋଟିଏ ହାତ ଭାଙ୍ଗିଯାଇଛି। ମୃତ ବିଷ୍ଣୁପ୍ରସାଦଙ୍କ ଦୁଇ ଝିଅ ଅଛନ୍ତି।



ମୃତ ବିଷ୍ଣୁ ପ୍ରସାଦ ମିଶ୍ରଙ୍କ ଫାଇଲ ଫଟୋ।

**ସ୍କୁଟି ଉପରକୁ ଟ୍ୟାଙ୍କର ମାଡ଼ିଯିବା ଘଟଣା**

■ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ଅବହେଳା ଅଭିଯୋଗ

## ପୋଲ ଉପରେ ପାଣି: ଯାତାୟାତ ବାଧାପ୍ରାପ୍ତ

ମୁରିବାହାଲ,୨୯।୮ (ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବନ୍ଧବହାଲ ଗ୍ରାମ ମଝିରେ ଥିବା ଏକମାତ୍ର ରାସ୍ତାର ପୋଲ ଉପରେ ପାଣି ପ୍ରବାହିତ ହେବା ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ପ୍ରବଳ ବର୍ଷା ହେବା ଫଳରେ ଗୁରୁବାର ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟ ଏକ ରାସ୍ତା ଯମୁନା ଗ୍ରାମ ଦେଇ ମୁରିବାହାଲ ଆସିଥିବା ବେଳେ ସେହି ରାସ୍ତା ମଧ୍ୟ ଅତି ଶୋଚନୀୟ ହୋଇପଡିଛି। ଫଳରେ ଲୋକେ ଯିବାଆସିବା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ।

## ପଶୁଧନ ଗଣନାକାରୀ, ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ ଶିବିର

ଭବାନୀପାଟଣା,୨୯।୮ (ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ଡିପିଏମ୍‌ୟୁ (ପ୍ଲାନିଂ) ଅଫିସ ସଭାଗୃହରେ ଗୁରୁବାର ଜିଲାସ୍ତରୀୟ ପଶୁଧନ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ତ୍ରିଲୋଚନ ପାତ୍ର ମୁଖ୍ୟ ଅତିଥି ଓ ଡିପିଏମ୍‌ୟୁ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଜନୀକାନ୍ତ ରଥ, ଡିଆଇପିଆର୍‌ଓ ମନୋଜ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରଥ ପଶୁଧନ ଗଣନାର ଆଭିମୁଖ୍ୟ ଜଣାଇଥିଲେ। ଡିପିଏମ୍‌ୟୁ ଉପନିର୍ଦ୍ଦେଶକ ଦଳେଇ ଏହି ଏହି ଗଣନା ଉପରେ ଅର୍ଥନୈତିକ ମାନ ଓ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ପାତ୍ର ଠିକ୍ ଭାବେ ପଶୁଧନ ଗଣନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଭବାନୀପାଟଣା ପ୍ରାଣୀ ଚିକିତ୍ସା ଅଧିକାରୀ, ଧର୍ମଗଡ଼ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀଧନ ନିରୀକ୍ଷକ, ମୈତ୍ରୀ, ପ୍ରାଣୀମିତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ କଳାହାଣ୍ଡି ଜିଲାର ସର୍ବମୋଟ ୧୩୩ ପଶୁଧନ ଗଣନାକାରୀ ଓ ୩୬ ପର୍ଯ୍ୟବେକ୍ଷକଙ୍କୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ।

## ଲାଠୋର ଅଞ୍ଚଳରେ ରାଜ୍ୟ ବାହାରର ଇଟାଭାଟି ମାଲିକ

ଲାଠୋର,୨୯।୮(ଭୁବନେଶ୍ୱର ବାରିକ)

**ଶ୍ରମିକ ପରିବାରକୁ ଭେଟି ଅଗ୍ରୀମ ଦେଉଛନ୍ତି**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଲାଠୋର ଆଦିବାସୀ ଅଧ୍ୟୁଷିତ ଦାଦନ ପ୍ରବଣ ଅଞ୍ଚଳ ଭାବେ ପରିଚିତ । ଅଞ୍ଚଳର ଲାଠୋର, ବେନ୍ଦେର, ମାଲପଡ଼ା, ସାହାଜପାଣି, ଘୁନସର, ତେଲେନପାଲି, ରେଙ୍ଗାଲି, ଟଙ୍କପାଣି, କରୁଆଁଝର ଆଦି ପଞ୍ଚାୟତର ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଗ୍ରାମର ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ପରିବାର ପ୍ରତିବର୍ଷ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଯାହା ରୋଜଗାର କରନ୍ତି ସେଥିରେ ପରିବାର ପ୍ରତିପୋଷଣ କରିଥାନ୍ତି।

ପ୍ରକୃତରେ ଦେଖିବାକୁ ଗଲେ ଦାଦନ ଚାଲାଣ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣ ପର୍ବ ନୂଆଖାଇରୁ ଆରମ୍ଭ ହୋଇଥାଏ । ନୂଆଖାଇ ପର୍ବର କିଛି ଦିନ ପୂର୍ବରୁ ବିଭିନ୍ନ ରାଜ୍ୟର ଇଟାଭାଟି ମାଲିକମାନେ ଅଞ୍ଚଳକୁ ଆସି ଡେରା ପକାଇ ସେମାନଙ୍କ ସର୍ଦ୍ଦାର ମାନଙ୍କ ଜରିଆରେ ଶ୍ରମିକ ପରିବାରଗୁଡିକୁ ବଇନା (ଅଗ୍ରୀମ) ୧୦ରୁ ୨୦ ହଜାର ଲେଖାଁଏ ଟଙ୍କା ଦେଇ ସେମାନଙ୍କୁ ଦାଦନ ଖଟିଯିବା ପାଇଁ ସୁନିଶ୍ଚିତ କରିଥାନ୍ତି। ସେହି କ୍ରମରେ ଏବେ ଲାଠୋର ତଥା ଆଖପାଖ ଅଞ୍ଚଳକୁ ବିଭିନ୍ନ ରାଜ୍ୟର ମାଲିକମାନେ ଆସି ଡେରା ପକାଇଥିବା ଜଣାପଡ଼ିଛି। ଏହି ମାଲିକମାନେ ସର୍ଦ୍ଦାରମାନଙ୍କ ଜରିଆରେ ବିଭିନ୍ନ ଗ୍ରାମକୁ ଯାଇ ଶ୍ରମିକ ପରିବାରଗୁଡିକୁ ଭେଟି ନୂଆଖାଇ ଅଗ୍ରୀମ ଦେବାରେ ଲାଗି ପଡ଼ିଥିବା ଜଣାପଡିଛି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବାଳିକାରେ ଟିଟିଲାଗଡ଼ ଓ ବାଳକରେ ବଲାଙ୍ଗୀର ବ୍ଲକ ଚାମ୍ପିୟନ

ମୁରିବାହାଲ,୨୯।୮(ଶ୍ରୀବସ୍ତ ବେହେରା)

**୪୧୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ**

ବଲାଙ୍ଗୀର ଜିଲାସ୍ତରୀୟ ୧୭ ବର୍ଷରୁ କମ ବାଳିକା ଓ ବାଳକ ବିଭାଗର ସମୂହ ଫୁଟବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ମୁରିବାହାଲ ବ୍ଲକର ପଟମେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ୪୧୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବାଳିକାରେ ଟିଟିଲାଗଡ଼ ବ୍ଲକ ଓ ବାଳକରେ ବଲାଙ୍ଗୀର ବ୍ଲକ ବିଜୟୀ ହୋଇ ଚାମ୍ପିୟନ ହୋଇଛନ୍ତି ।

ବଲାଙ୍ଗୀର ଜିଲା ବିଦ୍ୟାଳୟ ଓ କ୍ରୀଡା ସଂଗଠନ ତରଫରୁ ଗତ ୩ ଦିନ ଧରି ଆୟୋଜିତ ସମୂହ ଫୁଟବଲ ପ୍ରତିଯୋଗିତାରେ ବାଳିକା ବିଭାଗରେ ୯ ଗୋଟି ବ୍ଲକ ମଧ୍ୟରୁ ଟିଟିଲାଗଡ଼ ଓ ଦେଓଗାଁ ବ୍ଲକ ଫାଇନାଲକୁ ପ୍ରବେଶ କରିଥିଲା। ଏଥିରେ ଟିଟିଲାଗଡ଼ ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଜିଲ୍ଲାର ୧୪ ବ୍ଲକ ମଧ୍ୟରୁ ବାଳକ ବିଭାଗରେ ଲୋଇସିଂହାକୁ ୨–୦ ଗୋଲରେ ହରାଇ ବଲାଙ୍ଗୀର ବ୍ଲକ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପାନୀ ଉତ୍ସବରେ ମୁରିବାହାଲ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର ପଢିଆରୀ ସଭାପତିତ୍ୱ କରିଥିଲେ। ଉତ୍ସବରେ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବସ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ପାତ୍ର, କିଶୋର ଚନ୍ଦ୍ର ପଣ୍ଡା, ଲେବଡା ସରପଞ୍ଚ ଦମୟନ୍ତୀ ହାତୀ, ପରିଚାଳନା କମିଟି ସଭାପତି ଡମ୍ବରୁ ମାଝୀ, ମୁରିବାହାଲ କ୍ରୀଡା ସମ୍ପାଦକ କୁବେର ଲାଲ ବେହେରା ଯୋଗଦେଇ ବିଜେତା ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବରେ ଡିଏସଏସଓ ପରାଶର ବାଗ, ସମ୍ମାନିତ ଅତିଥି ଭାବେ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୩ ଦିନ ଧରି ଚାଲିଥିବା ଫୁଟବଲ ପ୍ରତିଯୋଗିତାରେ ହେମନ୍ତ କୁମାର ପଧାନ, ନରସିଂହ ନାଏଡୁ, ବିନୋଦ କୁମାର ମହାପାତ୍ର, ସନ୍ତୋଷ ମେହେର, ସୁଶାନ୍ତ ନାଗ, ରାଧେଶ୍ୟାମ ବଘାର, ଆଶିଷ ଦେବ ସା, ପ୍ରକାଶ କୁମାର ମହାନ୍ତି, ଟୁକୁ ମହାନ୍ତିଙ୍କ ନେତୃତ୍ୱରେ ୨୮ ଜଣ ଶାରୀରିକ ଶିକ୍ଷକ କାର୍ଯ୍ୟ ତୁଲାଇଥିଲେ ।

## ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର




ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି।

ବଲାଙ୍ଗୀର,୨୯।୮(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଆୟୋଜିତ ସ୍ୱତନ୍ତ୍ର ଜାତୀୟ ସେବା ଶିବିରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମା' ନାମରେ ଗଛଟିଏ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀମାନେ ବିଶ୍ୱବିଦ୍ୟାଳୟର ପରିସରସ୍ଥ ଶୁକ୍ତିମତୀ ଛାତ୍ରୀ ନିବାସ, ନିରଞ୍ଜନା ଛାତ୍ରୀ ନିବାସ ଏବଂ ନୃସିଂହନାଥ ଛାତ୍ର ନିବାସ ପରିସରରେ ୨୫୦ଟି ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଧିକାରୀ ସହାୟକ ପ୍ରଫେସର ଦିପ୍ତୀମୟୀ ନାଏକ ପରିଚାଳନା କରିଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ସ୍ୱେଚ୍ଛାସେବୀମାନଙ୍କୁ ବୃକ୍ଷରୋପଣର ଉପକାରିତା ବିଷୟରେ ଉପଦେଶ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ସଂଯୋଜିକା ଡ. ପ୍ରିୟଙ୍କା ଚକ୍ରବର୍ତ୍ତୀ, ମାନବ ସମ୍ବଳ ଆୟୋଗର ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ଦାଶ, ଛାତ୍ର ମଙ୍ଗଳ ଉନ୍ନୟନ ଅଧିକାରୀ ତଥା ଉପକୂଳ ସଚିବ ବିଶ୍ୱଜିତ ବେହେରା, ବରିଷ୍ଠ କାର୍ଯ୍ୟାଳୟ ସହଯୋଗୀ ନରେଶ କୁମାର ବେହେରା ଏବଂ ଜାତୀୟ ସେବା ସଂସ୍ଥାର ଜିଲା ଅଧିକାରୀ ଡ. ଅଜିତ କୁମାର ଭୋଇ ଉପସ୍ଥିତ ଥିଲେ ।

## ଭିନ୍ନକ୍ଷମଙ୍କ ପାଇଁ ସହାୟକ ଉପକରଣ ଚୟନ ଶିବିର



ଦେଓଗାଁ ବ୍ଲକରେ ଭିନ୍ନକ୍ଷମ ପାଇଁ ଉପକରଣ ଚୟନ ଶିବିର ଚାଲିଛି।

ଦେଓଗାଁ,୨୯।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ବୁଧବାର ଭିନ୍ନକ୍ଷମମାନଙ୍କ ପାଇଁ ସହାୟକ ଉପକରଣ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ , ବିଡିଓ କ୍ଷମାନିଧି ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏଲିମକୋ ଭୁବନେଶ୍ୱରର ବିଶେଷଜ୍ଞ ଅନିଲ ମିଶ୍ର , ଧରିତ୍ରୀ ଗଡତ୍ୟା, ସ୍ମୃତି ମଲ୍ଲିକ ପ୍ରମୁଖ ଯୋଗଦେଇ ଚୟନ କରିଥିଲେ। ବ୍ଲକର ୨୬ଟି ପଞ୍ଚାୟତରୁ ୨୩୧ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୦୮ ଜଣଙ୍କୁ ଉପକରଣ ପ୍ରଦାନ ପାଇଁ ଚୟନ କରାଯାଇଥିଲା । ସେପ୍ଟେମ୍ବର ୧୭ ତାରିଖରେ ଉପକରଣ ବଣ୍ଟନ କରାଯିବ ବୋଲି ସୂଚନା ଦିଆଯାଇଛି।

# ଭଙ୍ଗା ଘରେ ବିତୁଛି ଜୀବନ

**ଆବାସ ଯୋଜନାରେ ଘର ମିଳିବା ହୋଇଛି ସାତସପନ**

ଖପ୍ରାଖୋଲ,୨୯।୮(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁରେ ମହେଶ୍ୱର ବକୁଲ(୬୫)ଙ୍କ ଘର। ପରିବାର କହିଲେ ସ୍ତ୍ରୀ ଜୟନ୍ତୀ ଓ ଝିଅ ପୁଷ୍ପାଞ୍ଜଳୀ (୧୫)। ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ବର୍ଷ ବର୍ଷ ଧରି ପଲିଥିନ ଟଣା ଘରେ ପରିବାର ସହ ଦିନ କାଟୁଛନ୍ତି। ବର୍ଷାଦିନେ ଦୁର୍ଦ୍ଦଶା କହିଲେ ନ ସରେ। ମହେଶ୍ୱର ପୂର୍ବରୁ ପରଘରେ ମୂଲ ଲାଗି ଓ ଗାଁର ଗାଈ ଚରାଇ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ବୟସ ଅଧିକ ହେବାରୁ ପୂର୍ବପରି କାମଧନ୍ଦା କରି ପାରୁନାହାନ୍ତି। ସ୍ତ୍ରୀ ରୋଗିଣା ହୋଇଥିବା ବେଳେ ବାର୍ଦ୍ଧକ୍ୟ ଯୋଗୁ ମହେଶ୍ୱର ଏବେ ଗାଈ ଚରାଇବାକୁ ଅସମର୍ଥ। ଏହି ପରିବାରର ଜମିବାଡ଼ି କିଛି ନାହିଁ। ସରକାରଙ୍କ ତରଫରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ପରିବାରର ତିନି ଜଣକୁ ମିଳୁଥିବା ୧୫ କିଲୋ ଚାଉଳ ହିଁ ଏକମାତ୍ର ସମ୍ବଳ। ଏଭଳି ପରିସ୍ଥିତିରେ ପରିବାର କେମିତି ଚଳିବ ସେହି ଚିନ୍ତା ଘାରିଛି । ସେହିପରି ମହେଶ୍ୱର ଓ ତାଙ୍କ ସ୍ତ୍ରୀଙ୍କୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ବି ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ । ଏହାଛଡା ଆବାସ ଯୋଜନାରେ ଘର ପାଇବା ପାଇଁ ବହୁବାର ବିଭିନ୍ନ କାର୍ଯ୍ୟାଳୟରେ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଫଳରେ ପଲିଥିନ ଟଣା ଭଙ୍ଗା କୁଡିଆ ଘରେ ଦିନ ବିତୁଛି । ପ୍ରଶାସନ ଏହି ପରିବାର ପ୍ରତି ଦୃଷ୍ଟି ଦେଇ ଘର ଯୋଗାଇ ଦେବାକୁ ଦାବି ହେଉଛି ।



ଘର ଆଗରେ ମହେଶ୍ୱର ଓ ତାଙ୍କ ପରିବାର ସଦସ୍ୟ।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଗୁରୁତର



ବୌଦ୍ଧ,୨୯।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଅତଲସରା ଗ୍ରାମରେ ଗୁରୁବାର ଦିନ ଭାଲୁ ଆକ୍ରମଣରେ ଗ୍ରାମର ଜଣେ ଚାଷୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ଅତଲସରା ଗ୍ରାମର ପଦ୍ମଚରଣ ନାଏକ ( ୫୦) ଭୋର ସମୟରେ ଘର ଠାରୁ ଦୁଇ କିମି ଦୂରରେ ଥିବା ନିଜ ବିଲକୁ କାମ କରିବାକୁ ଯାଇଥିଲେ। ବିଲ ନିକଟରେ ହଠାତ୍ ଦୁଇଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ । ନିଜ ଜୀବନକୁ ବଞ୍ଚାଇବାକୁ ଯାଇ ପଦ୍ମଚରଣ ନିକଟରେ ଥିବା ପଥର ଦ୍ୱାରା ଭାଲୁଙ୍କୁ ପାଲଟା ଆକ୍ରମଣ କରିବାରୁ ଭାଲୁ ଦୁଇଟି ଛାଡି ପଳାଇଥିଲେ । ଭାଲୁ ଆକ୍ରମଣରେ ତାଙ୍କ ମୁଣ୍ଡ, ହାତ ପାପୁଲି ଓ ଜଙ୍ଘରେ ଗୁରୁତର ଆଘାତ ଲାଗିଛି । ତାଙ୍କୁ ପ୍ରଥମେ ହରଭଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୌଦ୍ଧ ମେଡିକାଲ ପଠାଯାଇଛି । ସେ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି ।

### ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଅମରପାଲି,୨୯।୮( ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ଉନ୍ନୀତ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଖଣ୍ଡହତା ଗ୍ରାମ ପଞ୍ଚାୟତବାସୀ ଏନେଇ ଦାବିକରିଥିବା ବେଳେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରରେ ଡ. ମହାଲିଙ୍ଗଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୮୫ ମସିହାରେ ଖଣ୍ଡହତା ଗ୍ରାମ ପଞ୍ଚାୟତ ମୁଖ୍ୟାଳୟରେ ଏକ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ଉକ୍ତ ଚିକିତ୍ସାଳୟ ଉପରେ ଖଣ୍ଡହତା, ବହଳପଦର, ଲୁଡୁରପଙ୍କ, ସଂଗ୍ରାମପୁର, କମିରା ପଞ୍ଚାୟତ ସହିତ ରେଢାଖୋଲ ବ୍ଲକର ଭରତାପୁର, ତ୍ରିବଣପୁର ଆଦି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏବେ ଉକ୍ତ ଚିକିତ୍ସାଳୟରେ ରୋଗୀମାନେ ଉପଯୁକ୍ତ ଚିକିତ୍ସା ପାଉ ନାହାନ୍ତି। ଏଣୁ ଖଣ୍ଡହତାରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜରୁରୀ ହୋଇ ପଡ଼ିଛି। ତେଣୁ ଉକ୍ତ ଆୟୁର୍ବେଦିକ ଚିକିତ୍ସାଳୟକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ କରିବାକୁ ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ଦେହୁରୀଙ୍କ ସମେତ ଜଗବନ୍ଧୁ ବେରିହା, ସଞ୍ଜୀବ କୁମାର ଲଉରିଆ, ଅକ୍ଷୟ କୁମାର ଶଙ୍ଖୁଆ, ସୁଦାମ ଗାଇଗରିଆ, ବିଜୟ ପଧାନ, ଶରତ ଭୋଇଙ୍କ ସମେତ ଶତାଧିକ ବ୍ୟକ୍ତିଙ୍କ ଦସ୍ତଖତ ଥିବା ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ପୁରୁଷୋତ୍ତମପାଲିରେ ଝାଡ଼ାବାନ୍ତି, ପୁଣି ଜଣେ ମୃତ

ଅମରପାଲି,୨୯।୮(ପୀତାମ୍ବର ସାହୁ)



ବାରଝୁଲାରେ ମେଡ଼ିକାଲ ଟିମ୍।

- ବାରଝୁଲାରେ ନୂତନ ଆକ୍ରାନ୍ତ ଚିହ୍ନଟ
- ଗ୍ରାମରେ ପହଞ୍ଚିଲା ମେଡ଼ିକାଲ ଟିମ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ପଞ୍ଚାୟତ ପୁରୁଷୋତ୍ତମପାଲି ଗ୍ରାମରେ ଝାଡ଼ାବାନ୍ତିରେ ପୁଣି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପ୍ରେମଶିଳା ବେହେରା(୪୮)। ସେ ଗତ ବୁଧବାର ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ପରେ ପ୍ରଥମେ ବୀରମହାରାଜପୁର ଓ ପରେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଝାଡ଼ାବାନ୍ତି ନ କମିବାରୁ ତାଙ୍କୁ ବୁର୍ଲା ନିଆଯାଉଥିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ଅନୁସାରେ କିଛି ଦିନ ପୂର୍ବରୁ ଉକ୍ତ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଥିବା ବେଳେ ୧୫ଜଣ ଆକ୍ରାନ୍ତ ହୋଇଥିଲେ। ମେଡ଼ିକାଲ ଟିମ ଗ୍ରାମକୁ ଯାଇ ଔଷଧ ବଣ୍ଟନ କରିଥିଲା। ପ୍ରଶାସନ ନିର୍ଦ୍ଦେଶରେ ସ୍ୱାସ୍ଥ୍ୟ ବିଭାଗ ଟିମ ଗ୍ରାମକୁ ରାଉଣ୍ଡରେ ଯାଇ ଚିକିତ୍ସା କରିଥିଲେ। ଫଳରେ ଉକ୍ତ ଗ୍ରାମରେ ଝାଡ଼ାବାନ୍ତି ନିୟନ୍ତ୍ରଣ ହୋଇଥିଲା। ସେହିପରି କେନଝିରିଆପାଲି ପଞ୍ଚାୟତ ଅନ୍ତର୍ଗତ ବାରଝୁଲା ଗ୍ରାମରେ ପୁଣି ଜଣେ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଲିଲି ପଧାନ(୨୮) ଗୁରୁବାର ଆକ୍ରାନ୍ତ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ଗୁରୁବାର ମେନକା ବାରିକ(୩୫), କୁମୁଦିନି ବାଘ(୫୧), ଲୋକନାଥ ପଧାନ (୬୫), ଭିକାରୀ ପଧାନ(୩୫),ସୁଦାମ ଷାଣ୍ଢ (୩୦), ବେଟିଖାଇ ପଧାନ(୭୫) ଆରୋଗ୍ୟ ହୋଇଛନ୍ତି। ଦୁଇ ଦିନରେ ଗ୍ରାମର ପ୍ରାୟ ୧୨ଜଣ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏବେ ବି ଗ୍ରାମର କେତେକ ବ୍ୟକ୍ତି ଆକ୍ରାନ୍ତ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଛନ୍ତି। ମେଡ଼ିକାଲ ଟିମ ବାରଝୁଲା ଗ୍ରାମକୁ ଯାଇ ଚିକିତ୍ସା ଆରମ୍ଭ କରିଛନ୍ତି। ବୀରମହାରାଜପୁର ଡାକ୍ତରଖାନାର ଡ.ମାନସ କୁମାର ନାଏକ, ଫାର୍ମାଶିଷ୍ଟ ଗଦାଧର ସୁରଜାଲ, ସ୍ୱାସ୍ଥ୍ୟକର୍ମୀ ଅଳକା କର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ପରିଦର୍ଶକ ଗିରିଧାରୀ ସାହୁ, ଅଙ୍ଗନୱାଡ଼ି କର୍ମୀ ପ୍ରଭାତୀ ଥାପା, ଆଶାକର୍ମୀ ସରୋଜିନୀ ବାଘ ଗ୍ରାମରେ ଘର ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଲୋକଙ୍କୁ ସଚେତନ କରିଛନ୍ତି।

# ସପ୍ତାହେ ହେଲା ବୃଦ୍ଧ ନିଖୋଜ, ଖୋଜିବାକୁ ତାନ୍ତ୍ରିକଙ୍କ ସାହାରା ନେଲେ ପରିବାର



ଖଟ ବୁଲାଯାଉଛି ।

ବଘିଆପଡା,୨୯।୮(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ଟିକରପଡ଼ା ଗ୍ରାମ ପଞ୍ଚାୟତ କତମ ସିଂ ଗ୍ରାମରେ ସପ୍ତାହେ ହେଲା ଜଣେ ବୃଦ୍ଧ ନିଖୋଜ ଥିବା ବେଳେ ପରିବାର ଲୋକେ ତାଙ୍କ ସନ୍ଧାନ ପାଇବା ଆଶାରେ ଜଣେ ତାନ୍ତ୍ରିକଙ୍କ ସାହାରା ନେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ବ୍ଲକ ଜଡାପାଲ ଗ୍ରାମର ବିଷ୍ଣୁ ମହାନନ୍ଦିଆ ଆଜକୁ ୩୦ ବର୍ଷ ହେବ କତମ ସିଂ ଗ୍ରାମରେ ରହୁଥିଲେ। ଗତ ସପ୍ତାହେ ହେଲା ବିଷ୍ଣୁ ଘରୁ ବାହାରକୁ ଯାଇ ଫେରି ନ ଥିଲେ । ସେହି ଗାଁରେ ରହୁଥିବା ତାଙ୍କ ଝିଅ, ଜ୍ୱାଇଁ ଖୋଜାଖୋଜି କରି ତାଙ୍କର କୌଣସି ସନ୍ଧାନ ନ ପାଇ ନିରାଶ ହୋଇଥିଲେ। ବିଷ୍ଣୁଙ୍କ ଜ୍ୱାଇଁ ନିଖୋଜ ବିଷ୍ଣୁଙ୍କୁ ଖୋଜିବା ପାଇଁ ଗୁରୁବାର ଅପରାହ୍ଣରେ ତାନ୍ତ୍ରିକଙ୍କ ସାହାରା ନେଇଥିଲେ। ସେ ଆମ୍ବଝରୀ ଗ୍ରାମ ପଞ୍ଚାୟତ ଅଞ୍ଚଳର ଖଟ ମହାପ୍ରଭୁ ସାଧନା କରିଥିବା ଜଣେ ବୃଦ୍ଧ ତାନ୍ତ୍ରିକଙ୍କୁ ଡାକିଥିଲେ। ଅପରାହ୍ନ ପ୍ରାୟ ୪ଟାରେ ତାନ୍ତ୍ରିକ ଜଣକ ଏକ ଖଟକୁ ପୂଜାର୍ଚ୍ଚନା କରିବା ପରେ ୪ ଜଣ ବ୍ୟକ୍ତି ଖଟକୁ ଧରି ସାଲୁଙ୍କି ନଦୀ କୂଳେ କୂଳେ ବୁଲାଇ ଥିଲେ । ଖଟ ମହାପ୍ରଭୁ ଦେଖିବା ପାଇଁ କୌତୂହଳ ବଶତଃ ସେଠାରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ଶେଷ ସୂଚନା ଅନୁଯାୟୀ ନିଖୋଜ ବୃଦ୍ଧଙ୍କ କୌଣସି ସନ୍ଧାନ ମିଳି ପାରିନାହିଁ।

# ସୁଭଦ୍ରା ଯୋଜନା, ବିଜୁଳି ବିଲ୍ ଛାଡ଼, ଭତ୍ତା ପ୍ରତିଶ୍ରୁତି ଧୂଆଁବାଣ



ଖବରଦାତା ସମ୍ମିଳନୀରେ ବିଜେଡି ନେତା।

ବୌଦ୍ଧ,୨୯।୮(ଅଜିତ କୁମାର ବାରିକ)

**ବିଜେଡିର ଖବରଦାତା ସମ୍ମିଳନୀ**

ବୌଦ୍ଧ ଜିଲାର ବିଭିନ୍ନ ସମସ୍ୟା ନେଇ ବୁଧବାର ଜିଲା ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ବୌଦ୍ଧ ପୂର୍ତ୍ତବିଭାଗ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେଡିର କାର୍ଯ୍ୟକାରୀ ସଭାପତି ସୁବୋଧ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଜିଲାର ଅନେକ ପ୍ରସଙ୍ଗ ଉପରେ ନେତାମାନେ ବିଷୋଦଗାର କରିଥିଲେ । ଜିଲାରେ ସମଗ୍ର ଶିକ୍ଷା ଅଭିଯାନ ଜରିଆରେ ପ୍ରତ୍ୟେକ ବର୍ଷ ଅଙ୍ଗନବାଡିଠାରୁ ଆରମ୍ଭ କରି ବିଦ୍ୟାଳୟର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ ସହିତ ଜୋତା ମୋଜା ବଣ୍ଟନ କରାଯାଇଥାଏ। ବର୍ତ୍ତମାନ ଶିକ୍ଷାବର୍ଷର ଅଧା ସମୟ ଅର୍ଥାତ ଅଗଷ୍ଟ ମାସ ସରିବାକୁ ବସିଥିବା ବେଳେ ଛାତ୍ରୀଛାତ୍ରଙ୍କୁ ଏଯାବତ୍ ପୋଷାକ ଓ ଜୋତା ମୋଜା ମିଳିପାରିଲା ନାହିଁ ବୋଲି ଅଭିଯୋଗ କରାଯାଇଥିଲା । ସେହିପରି ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ ସହିତ ୩ଶହ ୟୁନିଟ ବିଜୁଳି ବିଲ୍ ଛାଡ କରିବା ଏବଂ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ୩ ହଜାର ଟଙ୍କା ଦେବାକୁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ରାଜ୍ୟବାସୀଙ୍କୁ ପ୍ରତାରିତ କରିଛି। କୃଷିଭିତ୍ତିକ ଏହି ଜିଲା ମହାନଦୀ କୂଳରେ ଅବସ୍ଥିତ। ବୌଦ୍ଧ ଜିଲାରେ ଭରି ହୋଇ ରହିଛି ବାଲୁକା ସମ୍ପଦ। କିନ୍ତୁ ମହାନଦୀରୁ ଅବାଧରେ ବାଲି ଚୋରା ଚାଲାଣ ଚାଲିଥିବା ବେଳେ ଖଣି ବିଭାଗ ଓ ରାଜସ୍ୱ ବିଭାଗ ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ହୋଇ ହାତବାନ୍ଧି ବସିଥିବା ବିଜେଡି ଅଭିଯୋଗ କରିଛି। ସାଧାରଣତଃ ମୌସୁମୀ ସମୟରେ ଜୁନ ୧୫ ଠାରୁ ଅକ୍ଟୋବର ପର୍ଯ୍ୟନ୍ତ ନଦୀରୁ ବାଲି ଉତ୍ତୋଳନ ବନ୍ଦ ରହିଥାଏ । କିନ୍ତୁ ବାଲି ବ୍ୟବସାୟୀମାନେ ବର୍ଷା କମିଗଲେ ମହାନଦୀରୁ ଦିନ ବେଳା ବାଲି ଚାଲାଣ କରୁଥିଲେ ମଧ୍ୟ ଜିଲା ପ୍ରଶାସନ ଚୁପ୍ ହୋଇ ବସିଛି । ନୂତନ ସରକାର ଆସିବା ପରେ ବ୍ଲକ କାର୍ଯ୍ୟାଳୟଗୁଡିକ ଦୁର୍ନୀତିରେ ଉବୁଟୁବୁ ହେଉଛି। ୨୫ରୁ ୩୦ ପ୍ରତିଶତ ପିସି ନ ଦେଲେ କୌଣସି ଫାଇଲ କାର୍ଯ୍ୟ ହେଉ ନ ଥିବା ବେଳେ ଜିଲାକୁ ଆସିଥିବା ବିଭିନ୍ନ ଯୋଜନା ସବୁ ଠପ୍ ହୋଇପଡିଛି। ଠିକାଦାରମାନଙ୍କ ପ୍ରାପ୍ୟକୁ ଉଦ୍ଦେଶ୍ୟମୂଳକ ଭାବରେ ଅଟକା ଯାଇଥିବା ଅଭିଯୋଗ କରିଥିଲେ । ଏହିସବୁ ସମସ୍ୟାର ଯଥାଶୀଘ୍ର ସମାଧାନ ନ ହେଲେ ବିରୋଧୀ ଦଳ ଭାବରେ ବିଜେଡି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବ ଏବଂ ପରିସ୍ଥିତି ପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା ପ୍ରଭାସନୀ ଦାସ,ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଅଶୋକ କୁମାର ସାହୁ ଓ ଅବକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ଡ୍ରାମା ପ୍ରତିଯୋଗିତା

ବିନିକା, ୨୯।୮(ରାମ ଗୋପାଳ ବାଘ ):

ବିନିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଜ୍ଞାନ ଉପରେ ଡ୍ରାମା ପ୍ରତିଯୋଗିତା ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଏବିଇଓ ବସନ୍ତ କୁମାର ଭୋଇ, ସମ୍ମାନୀତ ଅତିଥି ଏବିଇଓ ହେମସାଗର କାଲସେ, ବିଚାରକଭାବେ ଶିକ୍ଷାବିତ୍ ନୀଳାଚଳ ମେହେର ଯୋଗଦେଇଥିଲେ। ଏଥିରେ ବିନିକା ବାଳକ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିନିକା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁହିବାହାଲ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିଲାଟି ଉଚ୍ଚ ବିଦ୍ୟାଳୟ ସିଲାଟି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମହାଦା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଇଁତରାର ଛାତ୍ରୀଛାତ୍ରମାନେ ବିଜ୍ଞାନ ଉପରେ ଡ୍ରାମା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସିଲାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲା। ସିଆରସିସି ଜୟନାରାୟଣ ପୂଜାରୀ ମଞ୍ଚ ପରିଚାଳନା କରିଥିଲେ।

## ଭାଜପା ମଣ୍ଡଳସ୍ତରୀୟ ସଦସ୍ୟତା ଗ୍ରହଣ କର୍ମଶାଳା

ବିନିକା, ୨୯।୮(ରାମଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ଚନ୍ଦ୍ରମା ସଭାଗୃହରେ ଗୁରୁବାର ନଗର ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଭାଜପା ନଗର ମଣ୍ଡଳ ସଭାପତି ଉସତ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଭାଜପା ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ବର ମିଶ୍ର, ଜିଲା ପର୍ଯ୍ୟବେକ୍ଷକ ବିଜୟ ମହାକୁଡ଼, ଜିଲା ଉପସଭାପତି ଅଶୋକ ପୃଷ୍ଟି, ଏସଟି ସଭାପତି କରଞ୍ଜିତ ଭୋଇ, ପ୍ରଭାରୀ ସୁରଚି ବେହେରା, ମହିଳା ନଗର ସମ୍ପାଦିକା ପିଙ୍କି ଅଗ୍ରୱାଲା, ମହିଳା ମୋର୍ଚ୍ଚା ଉପ ସଭାନେତ୍ରୀ ମୀରା ବହିଦାର, କର୍ମକର୍ତ୍ତା କର୍ଣ୍ଣ ମୁଣ୍ଡା, ଜୟଦେବ ହରି, ଆଶିଷ ତ୍ରିପାଠୀ, ପୂର୍ଣ୍ଣ ମେହେର, ଅଙ୍କୁର ଦଣ୍ଡସେନା, ସୁନୁ ସାମଲ, ଯୋଗଦେଇ ସଦସ୍ୟତା ଅଭିଯାନ ଉପରେ ଦିଗଦର୍ଶନ ଦେଇଥିଲେ। ଉପ ନଗର ସଭାପତି ଭୁବନେଶ୍ୱର ପାତ୍ର ମଞ୍ଚ ପରିଚାଳନା କରିଥିଲେ। କାଉନସିଲର ଗୋପାଳ ମହାଲିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଆୟୁଷ୍ମାନ ଆରୋଗ୍ୟ ଶିବିର, ୧୮୨ରୋଗୀଙ୍କ ଚିକିତ୍ସା

ଉଲୁଣ୍ଡା, ୨୯।୮(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୁରୁବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିବିରକୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ସମୀର ଭୋଇ ଉଦ୍‌ଘାଟନ କରିଥିଲେ। ଶିବିରରେ ବିଶେଷ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଉପଲବ୍ଧ ନଥିବା ଭେଷଜ, ନାଶା ଗଳା ଓ କର୍ଣ୍ଣ ଏବଂ ଦନ୍ତ ସମ୍ବନ୍ଧୀୟ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଡ଼ାକ୍ତରଙ୍କ ଦ୍ୱାରା ସାଧାରଣ ଲୋକଙ୍କୁ ଚିକିତ୍ସା ପ୍ରଦାନ କରିବା ବ୍ୟବସ୍ଥା କରାଯାଇଥିଲା। ଭେଷଜ ବିଶେଷଜ୍ଞ ଡ଼ାକ୍ତର ନରେନ୍ଦ୍ର କୁମାର ମେହେର, ଦନ୍ତ ବିଶେଷଜ୍ଞ ଡ଼ାକ୍ତର ଦେବେଶ ପଣ୍ଡା, ନାଶା ଗଳା ଓ କର୍ଣ୍ଣ ବିଶେଷଜ୍ଞ ଡ଼ାକ୍ତର ରଶ୍ମି ରଞ୍ଜନ ହୋତା, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ସମୀର ଭୋଇ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ଼ାକ୍ତର ମୀନାକ୍ଷୀ ମହାଲିକ୍, ଡ଼ାକ୍ତର ମୁକେଶ କୁମାର ମେହେର, ଡ଼ାକ୍ତର ଦେବାଶିଷ ବାଗ, ଆୟୁଷ ଡ଼ାକ୍ତର ବିଶ୍ୱନାଥ ମେହେର, ଆୟୁଷ ଡ଼ାକ୍ତର ଅରୁଣ କୁମାର ଦାଶ ୧୮୨ଜଣ ରୋଗୀଙ୍କ ଚିକିତ୍ସା କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଶେଖର ସେଠୀଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା।

## ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା




ନୃତ୍ୟ ପ୍ରତିଯୋଗିତାରେ ପୁରସ୍କୃତ ପ୍ରତିଯୋଗୀମାନେ।

ଅମରପାଲି,୨୯।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଜଗନ୍ନାଥପାଲି ଗ୍ରାମରେ ନୂଆଁଖାଇ ପୂର୍ବରୁ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି।ଆୟୋଜକସଭାପତିମୁକୁନ୍ଦ ମେହେରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ବୀରମହାରାଜପୁର ଏପିଓ ସମ୍ପିତ ମହାକୁର ଓ ସ୍ୱେଚ୍ଛାସେବୀ କାଫି ମେହେର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗର ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜୁନିୟର, ସିନୟର, ଡୁଏଟ ଓ ଦଳଗତ ନୃତ୍ୟ ଦଳ ନୃତ୍ୟ ପରିବେଷଣ କରିଥିଲେ। ମଧ୍ୟପ୍ରଦେଶ, ରାୟଗଡ, ହୀରାକୁଦ, ସମ୍ବଲପୁର, ବ୍ରଜରାଜନଗର, ପଦ୍ମପୁର, ସୋନପୁର ଆଦିଅଞ୍ଚଳରୁ ୫୦ରୁଉର୍ଦ୍ଧ୍ୱନୃତ୍ୟ ଦଳ ସମେତ ସମୁଦାୟ ୧୫୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସୁବଳ ମହାକୁର ଓ ମନୋରଞ୍ଜନ ପଟେଲ ବିଚାରକଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଭିନେତ୍ରୀ ସୁପ୍ରିୟା ମିଶ୍ର, ଜ୍ୟୋତିର୍ମୟୀ କର, ଅଭିନେତା ଶ୍ରୀପ୍ରତାପ ଷଡ଼ଙ୍ଗୀ ମନୋରଞ୍ଜନ କରିଥିଲେ। ଉଦ୍ଧବ ପ୍ରଧାନଙ୍କ ଦ୍ୱାରା ମ୍ୟାଜିକ ପରିବେଷଣ ହୋଇଥିଲା। ବାଦଲ ହୋତା ମଞ୍ଚ ସଂଯୋଜନା କରିଥିଲେ। ଏହିଅବସର ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ ବିଭିନ୍ନ ପ୍ରତିଭାମାନଙ୍କୁ ସ୍ମୃତି ଫଳକ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବଘିଆପଡ଼ାରେ କୌଶଳ ରଥକୁ ସ୍ୱାଗତ

ବଘିଆପଡା,୨୯।୮(ଅଜିତ କୁମାର ବାରିକ)

ବୌଦ୍ଧ ବ୍ଲକ ବଘିଆପଡା ମେଣ୍ଡିମାଳ ଉଚ୍ଚ ବିଦ୍ୟାଳୟଠାରେ ଦକ୍ଷତା ବିକାଶ ଓ ନିୟୋଜନ ବିଭାଗ ପକ୍ଷରୁ ଜିଲା ପରିକ୍ରମା କରୁଥିବା କୌଶଳ ରଥକୁ ଗୁରୁବାର ସ୍ୱାଗତ କରାଯାଇଛି । ବଘିଆପଡାଠାରେ ରଥ ପହଞ୍ଚିବା ପରେ ପଞ୍ଚାୟତ କାର୍ଯ୍ୟାଳୟ ଛକ ଠାରେ ପ୍ରଥମେ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ମେଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସ୍ୱାଗତ ରଥକୁ ବିଦ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଶୋଭାଯାତ୍ରାରେ ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର, ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା, ସ୍ଥାନୀୟ ଜନପ୍ରତିନିଧି ଓ କଳାକାରମାନେ ସାମିଲ ଥିଲେ। ଏହି ରଥ ଦକ୍ଷତା ବୃଦ୍ଧି ସହିତ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନତା ବାର୍ତ୍ତା ଛାତ୍ରୀଛାତ୍ରଙ୍କୁ ବାଣ୍ଟିଥିଲା । ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ନାରାୟଣ ସେଠୀ, ସରୋଜ ସ୍ୱାଇଁ, ସୁବାସିନୀ ସାହୁ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ବୌଦ୍ଧରେ ଜାତୀୟ କ୍ରୀଡ଼ା ଦିବସ ପାଳିତ

ବୌଦ୍ଧ,୨୯।୮(ଅଜିତ କୁମାର ବାରିକ)



କ୍ରୀଡା ଦିବସ ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବୌଦ୍ଧ ଜିଲା ଷ୍ଟାଡିୟମ ପରିସରରେ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଜାତୀୟ କ୍ରୀଡା ଦିବସ ଗୁରୁବାର ଦିନ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ , ସମ୍ମାନିତ ଅତିଥି ଭାବରେ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ବୌଦ୍ଧ ତହସିଲଦାର ଲଗ୍ନଜିତ ବେହେରା, ସହକାରୀ ବନ ସଂରକ୍ଷକ ମିନାକ୍ଷୀ କୁମୁରା, ଆଶିଷ କହଁର, ଜିଲା କ୍ରୀଡା ସଂଘ ସଂପାଦକ ରବିନ୍ଦ୍ର କୁମାର ରାଉତ, ଡେପୁଟି କଲେକ୍ଟର ଶାଶ୍ୱତ ପ୍ରଧାନ ଓ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ଚାରା ବଣ୍ଟନ କରିଥିଲେ।

ରାଜ୍ୟସ୍ତରୀୟ ରେଫରି ବଦ୍ରି ନାରାୟଣ ମିଶ୍ର, ସୁବ୍ରତ କୁମାର ପୁରୋହିତ ବ୍ୟାଡମିଣ୍ଟନ ଖେଳ ପରିଚାଳନା କରିଥିଲେ। ଜିଲା କ୍ରୀଡା ଅଧିକାରୀ ତୃପ୍ତିମୟୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ତରଣ ପ୍ରତିଯୋଗିତାକୁ ପ୍ରଶିକ୍ଷକ ରବି ନାରାୟଣ ବେହେରା, ସୁନିତା ସାହୁ ପରିଚାଳନା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରଦିପ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ କନିଷ୍ଠ ରାଜସ୍ୱ ସହାୟକ ଲୋକନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ତରଣ ପ୍ରତିଯୋଗିତାରେ ୨୦୦ ମିଟର ଫ୍ରି ଷ୍ଟାଇଲ ବାଳକ ବିଭାଗରେ ପ୍ରଥମ ହେଲେ ପ୍ରତୀକ ଦାସ, ଦ୍ୱିତୀୟ ହିତେଶ ମହାରଣା ଓ ତୃତୀୟ ଶ୍ରୀତମ ମେହେର ହୋଇଥିଲେ। ସେହିପରି ୫୦ ମିଟର ବଟରଫ୍ଲାଏ ବାଳକ ବିଭାଗରେ ପ୍ରଥମ ହିତେଶ ମହାରଣା, ଦ୍ୱିତୀୟ ପ୍ରତୀକ ଦାସ ଓ ତୃତୀୟ ଶ୍ରୀତମ ମେହେର ହୋଇଥିଲେ। ସମସ୍ତ ପ୍ରତିଯୋଗିତା ଜିଲା ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଥିଲା।

# କ୍ରୀଡ଼ାରେ ଉତ୍କର୍ଷତା ପ୍ରତିପାଦନ ଉପରେ ଗୁରୁତ୍ୱ

ସୋନପୁର,୨୯।୮(ମୃତ୍ୟୁଞ୍ଜୟ ଶତପଥୀ)




ଜିଲାପାଳ, କ୍ରୀଡାବିତ ଓ ଛାତ୍ରୀଛାତ୍ର ସମୂହ ସଙ୍କଳ୍ପ ନେଉଛନ୍ତି।

**ଜାତୀୟ କ୍ରୀଡା ଦିବସରେ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ**

ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜାତୀୟ କ୍ରୀଡା ଦିବସ ସହ ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ାରେ ଉତ୍କର୍ଷତା ପ୍ରତିପାଦନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ସୁସ୍ଥ ଭାରତ: ସୁସ୍ଥ ମଣିଷ ବାର୍ତ୍ତାକୁ ନେଇ ଏକ ସମୂହ ସଙ୍କଳ୍ପ ନିଆଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ସଚେତନତା ରାଲିକୁ ଜିଲାପାଳ ଅନ୍ୟା ଦାସ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବା ସଚେତନତା ରାଲି ସହର ପରିକ୍ରମା କରିଥିଲା। ଏଥିରେ ଛାତ୍ରୀଛାତ୍ର ଓ ଯୁବ କ୍ରୀଡାବିତ୍ ତଥା ଜିଲାସ୍ତରୀୟ ପଦାଧିକାରୀ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ରାମେଶ୍ୱର ଇନଡୋର ଷ୍ଟାଡିୟମଠାରେ ବ୍ୟାଡ଼ମିଣ୍ଟନ ଖେଳର ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରଶାସନ ତରଫରୁ ଜାତୀୟ କ୍ରୀଡା ଦିବସକୁ ନେଇ ଆୟୋଜିତ ସଂକଳ୍ପ ଯାତ୍ରାରେ ଜିଲାପାଳ ଦାସ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଡେପୁଟି କଲେକ୍ଟର ଯଶସ୍ୱିନି ପୋଥାଲ, ଶୁଭଶ୍ରୀ ରଥ, କୃଷ୍ଣ ମୋହନ ସିଂ, ଏନସିସି ଅଧିକାରୀ ଆଶିଷ ଅଗ୍ରୱାଲ, ଇନଫିନିଟି ଆସୋସିଏଶନର କ୍ରୀଡାବିତ, ବିଦ୍ୟାଳୟ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଖେଳ ପ୍ରଶିକ୍ଷକ, ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରମୁଖ ହକିର ପ୍ରବାଦପୁରୁଷ ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

## ସଂକ୍ଷେପରେ

### ଥମୁନି ଦନ୍ତା ଉପଦ୍ରବ ମକାବାଡ଼ିରେ ପଶି ନଷ୍ଟକଲା

ବଡ଼ଗାଁ,୨୯।୮(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅଞ୍ଚଳରେ ଶନିବାର ଏକ ଦନ୍ତାହାତୀ ସବ୍‌ଡେଗା ଅଞ୍ଚଳରୁ ଆସି ଉପଦ୍ରବ ଚଳାଇଛି। ଏହି ଦନ୍ତା ମଚାମରା ଓ ରୁନଗା ନିକଟ ମହାଜନଗୁଡ଼ାରେ କେତେକ ଘର ଭାଙ୍ଗିଦେଇଥିଲାବେଳେ ବୁଧବାର ଡେମୁପଡ଼ା ନିକଟ ନୂଆପଡ଼ାର ସୋମବାରୁ ରୋହିଦସଙ୍କ ମକାବାଡ଼ିରେ ପଶି ମକା ଖାଇବା ସହ ମାଡ଼ିଦଳି ନଷ୍ଟକରିଦେଇଛି। ଏହାସହ ବିନୋଦ ମେହେର ଓ ଗୁଲବଦନ ମାଝୀଙ୍କ ଧାନ ବିଲରେ ପଶି ଚାଷ ନଷ୍ଟ କରିଦେଇଛି।

### ଗୋଟିଏ ଘରୁ ୧୫ ଛେଳି ଚୋରି

ବଡ଼ଗାଁ,୨୯।୮(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଛେଳି ଚୋରି ବଢ଼ିଚାଲିଛି। ବୁଧବାର ରାତିରେ ଫୁଲବାରୀ ଗ୍ରାମର ଯୋଗେଶ୍ୱର କିଷାନଙ୍କ ଗୁହାଳର ଶିକୁଳି ତାଡ଼ି ୧୫ଟି ଛେଳି ଚୋର ନେଇଯାଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ବଡ଼ଗାଁ, ରାଏଡିହି, ରୁନଗା ସମେତ ଆଉ କେତେକ ଗ୍ରାମରୁ ଛେଳି ଚୋରି ହୋଇଥିଲା। ଚୋରମାନେ ବିଳମ୍ବିତ ରାତିରେ କାର୍, ପିକ୍‌ଅପ୍‌ରେ ଆସି ଏକକାଳୀନ ବହୁ ସଂଖ୍ୟକ ଛେଳି ନେଇଯାଉଥିବାରୁ ଛେଳି ପାଳନ କରୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

### ସବ୍‌ଡେଗା ସେକ୍ସନରେ ବାରମ୍ବାର ବିଦ୍ୟୁତ୍ କାଟ

ବାଲିଶଙ୍କରା,୨୯।୮(ହୃଦାନନ୍ଦ ବାରିକ): ସବ୍‌ଡେଗା ସେକ୍ସନ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ଯୋଗୁ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବାଲିଶଙ୍କରା ବ୍ଲକ ଜଙ୍ଗଲ ପାଖରେ ଥିବାରୁ ବିଦ୍ୟୁତ୍ କାଟ ଯୋଗୁ ସନ୍ଧ୍ୟା ହେଲେ ହାତୀ ଗାଁ ମୁହାଁ ହେଉଛନ୍ତି। ଏଥିସହ ପିଲାଙ୍କ ପାଠପଢ଼ାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ରାଏବୋଗା ଲ୍ୟାମ୍ପସରୁ ଚୋରି

କୁଆଁରମୁଣ୍ଡା,୨୯।୮(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ନିକଟରେ ଥିବା ଲ୍ୟାମ୍ପ୍ସ କାର୍ଯ୍ୟାଳୟର ମଙ୍ଗଳବାର ତାଲା ଭାଙ୍ଗି ଚୋରି ହୋଇଛି। ବୁଧବାର ଲ୍ୟାମ୍ପ୍ସ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ୫ଟି ଆଲମିରା ତ୍ର ଭଙ୍ଗାଯିବା ସହ ୭ଟି ସିସି କ୍ୟାମେରା, କମ୍ପ୍ୟୁଟର ହାର୍ଡ ଡିସ୍କ ଚୋରି ହୋଇଥିବା ଅଭିଯୋଗ ହୋଇଛି।

### ୫ରେ ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ନିର୍ବାଚନ

ରାଜଗାଙ୍ଗପୁର,୨୯।୮(ଅଶୋକ ପାଣି): ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ନିର୍ବାଚନ ସେପ୍ଟେମ୍ବର ୫ରେ ଅନୁଷ୍ଠିତ ହେବ। ଏନେଇ ନିର୍ବାଚନ ପ୍ରକ୍ରିୟା ଚଳିତ ୨୭ ତାରିଖରୁ ଆରମ୍ଭ ହୋଇ ପ୍ରାର୍ଥୀପତ୍ର ବିକ୍ରି ହେବା ସହ, ଦାଖଲ, ଯାଞ୍ଚ, ପ୍ରତ୍ୟାହାର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଗୁରୁବାର ଅନ୍ତିମ ପର୍ଯ୍ୟାୟ ନାମ ପ୍ରକାଶିତ ହୋଇଛି। ନିର୍ବାଚନ ସଭାପତି, ଉପସଭାପତି, କାର୍ଯ୍ୟକାରୀ ସଭାପତି, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ପଦ ପାଇ ଅନୁଷ୍ଠିତ ହେବ। ପ୍ରତି ପଦ ପାଇ ୨ ଜଣ ଲେଖା ପ୍ରତିଦ୍ୱନ୍ଦିତା କରୁଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଉପେନ୍ଦ୍ର ପ୍ରଧାନ,କମଲଜିତ ବର୍ମା, ଗୋପାଲ ସାହୁ ରହି କାର୍ଯ୍ୟ ସମ୍ପାଦନ କରୁଛନ୍ତି।

# ଲଗାଣ ବର୍ଷାରେ ଧସିଲା ଘର



ଲଗାଣ ବର୍ଷାରେ ଧସି ପଡ଼ିଥିବା ଘର।

ବଡ଼ଗାଁ,୨୯।୮( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ ଅଞ୍ଚଳରେ ଗତ କିଛିଦିନ ହେଲା ଲଗାଣ ବର୍ଷା ଯୋଗୁ ଅନେକ ମାଟିଘର ଧସିଯାଇଛି। ଗତ ସପ୍ତାହ ଦାଣ୍ଡଜମରା ପଞ୍ଚାୟତର କେତେକ ଗ୍ରାମରେ ମାଟିଘର ବର୍ଷା ଯୋଗୁ ଭାଙ୍ଗିଯାଇଥିବାବେଳେ ବୁଧବାର ରାତିରେ ଭୋଇପାଲି ପଞ୍ଚାୟତର ଡେମୁପଡ଼ା ଓ ଧୁମାଗଡ଼ାରେ କେତେକ ମାଟିଘର ଧସିପଡ଼ିଛି। ଡେମୁପଡ଼ାର ଗୋଲାପ ସାଙ୍କ ଗୋଟିଏ ଘର ଓ ଧୀରେନ ସାଙ୍କ ଗୋଟିଏ

**ବଡ଼ଗାଁ ବ୍ଲକ**

ଘର ଭାଙ୍ଗିଯାଇଥିବାବେଳେ ଗୋଟିଏ କୋଠରିରେ ଫାଟ ହୋଇଯାଇଛି। ଏହି ଗ୍ରାମର ଜୟମନୀ ପରୁଆଙ୍କ ୨ବଖରା ଘର ଧସିପଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସେହିପରି ଧୁମାଗଡ଼ା ଗ୍ରାମର ଜୟନ୍ତୀ ଭୋଇଙ୍କ ୨ ବଖରା ଘର ଧସି ପଡ଼ିଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମହେଶ୍ୱର ବରିହାଙ୍କୁ ପଚାରିବାରୁ, ରାଜସ୍ୱ ନିରୀକ୍ଷକଙ୍କ ଠାରେ ଲିଖିତଭାବେ ଜଣାଇବାକୁ କୁହାଯାଇଥିବା କହିଛନ୍ତି।

# ଖୋଲିଲା କୋଇଡା ଆଦର୍ଶ ବିଦ୍ୟାଳୟ ଛାତ୍ରୀନିବାସ



ଉପସ୍ଥିତ ଶିକ୍ଷୟିତ୍ରୀ ଓ ଛାତ୍ରୀ।

ଟେନ୍‌ସା,୨୯।୮(ସମୀର କୁମାର ପାଢ଼ୀ)

**ଧରିତ୍ରୀ ପ୍ରଭାବ**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ କୁସୁମୁଣ୍ଡିଠାରେ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ୧୦୦ ଶଯ୍ୟା ବିଶିଷ୍ଟ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସ ନିର୍ମାଣ କରାଯାଇଥିଲା। ୬ବର୍ଷ ହେଲା ଏହି ଛାତ୍ରୀ ନିବାସ ଭୂତକୋଠି ହୋଇ ପଡି ରହିଥିଲା। ଏନେଇ ଗତ ୨୧ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା କେବେ ଖୋଲିବ କୋଇଡା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ। ଖବର ପ୍ରକାଶତ ହେବା ପରେ ଜିଲାଶିକ୍ଷା ଅଧିକାରୀ, କୋଇଡା ବ୍ଲକ ଶିକ୍ଷା ଅଧିକାରୀ, କୋଇଡା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବା ମିଳିଥିଲା। କିପରି ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ଖୋଲିବ ସେ ନେଇ ଯୋଜନା କରାଯାଇ କୋଠରୀ ପ୍ରସ୍ତୁତ କରି ପୂଜାର୍ଚ୍ଚନା କରାଯାଇ ମଙ୍ଗଳବାର ଛାତ୍ରୀ ନିବାସ ଖୋଲଥିବା ସୂଚନା ମିଳିଛି। ଫଳରେ ଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ବର୍ତ୍ତମାନ ୨୦ଜଣ ପିଲା ନାମଲେଖାଇ ଥିବା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଅରୁଣ କୁମାର ବାର୍ଲା ପ୍ରକାଶ କରିଛନ୍ତି। ୨୦୧୬ରେ କାମ ଆରମ୍ଭ ହୋଇ ୨୦୧୮ରେ ଛାତ୍ରୀ ନିବାସ ନିର୍ମାଣ ସରିଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହା ଭୂତ କୋଠି ହୋଇ ପଡି ରହିଥିଲା।

### ଅସହାୟଙ୍କ ମୃତଦେହ ସଂସ୍କାର କଲେ ଟିମ୍ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ଼,୨୯।୮(ଜୟ ନାରାୟଣ ମେଣ୍ଡୁଲି): ପ୍ରବଳ ବର୍ଷାରେ ଜଣେ ଅସହାୟ ମହିଳାଙ୍କ ମୃତଦେହ ସଂସ୍କାର କରି ଟିମ୍ ଶ୍ମଶାନ ବନ୍ଧୁ ପୁଣି ମାନବିକତା ଦେଖାଇଛନ୍ତି। ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ କିର୍ଜିମା ପଞ୍ଚାୟତ ମହୁଲଯୋର ଗ୍ରାମର ଖତି କିସାନ(୬୫) ଏକୁଟିଆ ରହି ଆସୁଥିଲେ। ପୂର୍ବରୁ ତାଙ୍କର ସ୍ୱାମୀ ରବି କିସାନ ଓ ପୁତ୍ରଙ୍କ ପରଲୋକ ଘଟିଛି। ଗୁରୁବାର ସକାଳେ ଖତିଙ୍କ ମୃତ୍ୟୁ ଘଟିଥିଲା। ପରିବାର ଓ ଜ୍ଞାତି କୁଟୁମ୍ବ କେହି ନ ଥିବାରୁ ଗ୍ରାମବାସୀ କିର୍ଜିମା ସରପଞ୍ଚ ରାଜକିଶୋରୀ ଏକ୍କାଙ୍କୁ ଜଣାଇଥିଲେ। ସରପଞ୍ଚ ଟିମ୍ ଶ୍ମଶାନ ବନ୍ଧୁର ସହଯୋଗ ପାଇଁ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଅନୁରୋଧ କରିଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନେ ମହାପ୍ରୟାଣ ଯୋଗେ ମହୁଲଯୋର ଗ୍ରାମରୁ ମୃତ ମହିଳାଙ୍କ ମୃତଶରୀରକୁ ସୁନ୍ଦରଗଡ ସ୍ୱର୍ଗଦ୍ୱାରକୁ ନେଇଥିଲେ। ପ୍ରବଳ ବର୍ଷା, ଘଡଘଡି ବିଜୁଳି ସତ୍ତ୍ୱେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ ଶିଶିର କୁମାର ବେହେରାଙ୍କ ସହିତ ଟିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ସହଯୋଗ କରିଥିଲେ।

# ସେପ୍ଟେମ୍ବର ୧ରେ ନିଖିଳ ଓଡ଼ିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି

ସୁନ୍ଦରଗଡ,୨୯।୮(ଜୟ ନାରାୟଣ ମେଣ୍ଡୁଲି)

ନିଖିଳ ଓଡ଼ିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି ୧୯୮୦-୮୧ ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ସେପ୍ଟେମ୍ବର ୧ ତାରିଖରେ ସୁନ୍ଦରଗଡଠାରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିକାଶ ଭବନଠାରେ ପୂର୍ବାହ୍ନ ୧୨ଟାରେ ହେବାକୁ ଥିବା ଏହି ସଭାରେ ଛାତ୍ର କ୍ରିୟାନୁଷ୍ଠାନ କମିଟିର ତତ୍କାଳୀନ ନେତା ତଥା ବର୍ତ୍ତମାନର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ୮୦ ଦଶକରେ ଦରଦାମ ବୃଦ୍ଧି, ଦୁର୍ନୀତି, ଭ୍ରଷ୍ଟାଚାର, ମୁନାଫାଖୋର, ମହଜୁଦକାରୀ, ଛବିରାଣୀ ହତ୍ୟାକାଣ୍ଡ, ଛାତ୍ରୀଛାତ୍ରଙ୍କୁ ବସରେ ରିହାତି ଆଦି ପ୍ରସଙ୍ଗକୁ ନେଇ ଏକ ବିରାଟକାୟ ଛାତ୍ର ଆନ୍ଦୋଳନ ଗଢ଼ି ଉଠିଥିଲା ; ଯେଉଁଥିରେ ସୁନ୍ଦରଗଡ ଜିଲା ସମେତ ଓଡ଼ିଶାର ପ୍ରାୟ ସମସ୍ତ ଜିଲାର କଲେଜ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ସୁରେଶ ପୂଜାରୀ। ପୂଜାରୀଙ୍କ ବାଗ୍ମିତା, ଦୃଢ଼ତା ଓ ଦକ୍ଷତା ଭଳି ଗୁଣ ହିଁ ଆଜି ତାଙ୍କୁ ଛାତ୍ରନେତାରୁ ରାଜନେତାରେ ପହଞ୍ଚାଇପାରିଛି ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସେପ୍ଟେମ୍ବର ୧ରେ ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ସମାରୋହରେ ମନ୍ତ୍ରୀ ପୂଜାରୀ ତଥା ତତ୍କାଳୀନ ଛାତ୍ର ନେତାଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ନିଖିଳ ଓଡ଼ିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି ୧୯୮୦-୮୧ର ସଂଯୋଜକ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର ସୂଚନା ଦେଇଛନ୍ତି।

# ଶିବିରରେ ୧୯୨ ରୋଗୀଙ୍କ ଚିକିତ୍ସା



ଡାକ୍ତରମାନେ ରୋଗୀଙ୍କ ଚିକିତ୍ସା କରୁଛନ୍ତି।

ରାଜଗାଙ୍ଗପୁର,୨୯।୮(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ଲାଇଙ୍ଗଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବରଦା ପ୍ରସନ୍ନ ଗୋଛାୟତ, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ମାନସ ରଞ୍ଜନ ପଣ୍ଡା, ଡା. ସସ୍ମିତ ରାଉତ, ଦାନ୍ତ ଚିକିତ୍ସକ ଡା. ଶଶିଭୂଷଣ ଏକ୍କା, ଆୟୁର୍ବେଦିକ ଡା.ରଞ୍ଜନ କୁମାର ସାହୁ ଉପସ୍ଥିତ ରହି ୧୯୨ ରୋଗୀଙ୍କ ଚିକିତ୍ସା କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ସବିତା ରାଣି ଷଡଙ୍ଗୀ, ନବୀନ ରଞ୍ଜନ ସାହୁ ଉପସ୍ଥିତ ଥିଲେ। ଶିବିରରେ ସ୍ୱାସ୍ଥକେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ବିଭିନ୍ନ ଖେଳ

ସୁନ୍ଦରଗଡ଼,୨୯।୮(ଜୟ ନାରାୟଣ ମେଣ୍ଡୁଲି)




ହକି ଲେଜେଣ୍ଡ ମେଜର ଧନଚାନ୍ଦଙ୍କ ଜନ୍ମ ବାର୍ଷିକୀ ତଥା ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଶୁକ୍ରବାର ସୁନ୍ଦରଗଡ଼ ଜିଲା ସଦର ମହକୁମାଠାରେ ବିଭିନ୍ନ କ୍ରୀଡ଼ା ଆୟୋଜିତ ହୋଇଯାଇଛି।
ଏହି ପରିପ୍ରେକ୍ଷୀରେ ସକାଳେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଏହି ମାରାଥନକୁ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମାରାଥନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ନୂତନ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ୬୦୦ ଜଣ ଅଂଶଗ୍ରହଣ କରିଥିଲେ। ଯେଉଁଥିରେ ଛାତ୍ରୀଛାତ୍ର, ଜିଲା କ୍ରୀଡ଼ା ସଂସଦ ଏବଂ ସ୍ପୋର୍ଟସ ହଷ୍ଟେଲର ପ୍ରଶିକ୍ଷାର୍ଥୀ, କ୍ରୀଡ଼ା ପ୍ରେମୀ ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ଜିଲା କ୍ରୀଡ଼ା ଅଧିକାରୀ ବିଶି କେସନ ପାଣ୍ଡେ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ପ୍ରଭାତ ଭୋଳ, ହକି ଆସୋସିଏଶନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରେ ଭବାନିପୁର୍ ହକି ଟ୍ରେନିଂ କେନ୍ଦ୍ରଠାରେ ସାଇ ଏବଂ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ହକି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେହିଭଳି ତୀରନ୍ଦାଜ ପ୍ରତିଯୋଗୀତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଇ, ସ୍ପୋର୍ଟସ ହଷ୍ଟେଲ ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଭାଜପା ବଡ଼ଗାଁ ମଣ୍ଡଳ ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଭାଜପା କର୍ମୀ।

ବଡ଼ଗାଁ,୨୯।୮( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ମଙ୍ଗଳବାର ପୂର୍ବାହ୍ନରେ ଭାଜପା ବଡ଼ଗାଁ ମଣ୍ଡଳ ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଭାଜପା ଜିଲା ଉପ ସଭାପତି ଶାନ୍ତି ସରାଫ, କର୍ମକର୍ତ୍ତା ମଞ୍ଜୁ ନାଏକ, ଜିଲା ସମ୍ପାଦକ ସତ୍ୟବାନ ବିଶି, ବଡ଼ଗାଁ ମଣ୍ଡଳ ଭାଜପା ସଭାପତି ବାବୁଲି କର୍‌ସେଲ, ବଡ଼ଗାଁ ମଣ୍ଡଳ ଜିଲା ପ୍ରତିନିଧି ଫକୀର ପୃଷେଟ ଯୋଗଦେଇଥିଲେ। ଏହି କର୍ମଶାଳାରେ ଭାଜପା କର୍ମୀଙ୍କୁ କିପରି ସଦସ୍ୟତା ଅଭିଯାନ ପରିଚାଳନା କରିବେ ସେନେଇ ଜିଲା କର୍ମକର୍ତ୍ତାମାନେ ବୁଝାଇଥିଲେ। ସେପ୍ଟେମ୍ବର ୧ରେ ପ୍ରଧାନମନ୍ତ୍ରୀ ସଦସ୍ୟତା ନେଲାପରେ ଅଭିଯାନ ଆରମ୍ଭ ହେବ ଓ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ସଦସ୍ୟତା ନିଆଯିବ ବୋଲି କର୍ମକର୍ତ୍ତାଙ୍କଠାରୁ ସୂଚନା ମିଳିଛି। ଏହି କର୍ମଶାଳାରେ ଜିଲା ସମ୍ପାଦକ ଅକ୍ଷୟ କୁମାର ଦେଓ, ବରିଷ୍ଠ କର୍ମକର୍ତ୍ତା ପ୍ରେମାନନ୍ଦ ନାଏକ, ଅଖିଳ ବେହେରା, ଓଜନ ନାଏକ, ବିରାଜ ସାହୁ, ପିଣ୍ଟୁ ନାଏକ, ରୂପେଶ ପଣ୍ଡା, ବଡ଼ଗାଁ ମଣ୍ଡଳ ସମ୍ପାଦକ ବୈକୁଣ୍ଠ ମହାକୁଳ ପ୍ରମୁଖ ଯୋଗଦେଇଥିଲେ।

# ଆଇନ ସଚେତନତା କାର୍ଯ୍ୟକ୍ରମ



ମଞ୍ଚାସୀନ ଅତିଥିମାନେ।

ସୁନ୍ଦରଗଡ,୨୯।୮(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ କେନ୍ଦ୍ରୀୟ ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଗୁରୁବାର ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧୀକରଣ ଅଧକ୍ଷ ତଥା ଜିଲା ଓ ଦୌରାଜଜ ଶିଖାରାଣୀ ରଥଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧୀକରଣ ସଚିବ ଡ. ରୀନତି ମିଶ୍ର, କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷା ନବନୀତ ଅମଖାରେ,ଜିଲା ପ୍ରତିରକ୍ଷା ସହାୟତା ଆଇନଜୀବୀ କମଳ ଲୋଚନ ସେନ,ସନ୍ତୋଷ ପ୍ରଧାନ, ଅଞ୍ଜନା ସାହୁ, ଅଲିଭା ମହାପାତ୍ର, ଅନିଶା ପୃଷ୍ଟି, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ପ୍ରାଧୀକରଣ ସଚିବ ଡ. ରୀନତି ମିଶ୍ର ବାଳ ଶ୍ରମିକ,ବାଲ୍ୟ ବିବାହ,ର୍‍ୟାଗିଂ,କନ୍ୟା ଭ୍ରୂଣ ହତ୍ୟା, ଯୌନ ନିର୍ଯ୍ୟାତନା ରୋକିବା ନିୟମ ତଥା ଯୌନ ନୀର୍ଯ୍ୟାତନାରେ ପୀଡିତା ଓ ଏସିଡ ଆକ୍ରମଣର ପୀଡିତାଙ୍କ ଲାଗି ଉର୍ଦ୍ଦିଷ୍ଟ ଆର୍ଥିକ କ୍ଷତିପୂରଣ ନିୟମାବଳୀ ବାବଦରେ ଆଲୋଚନା କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସରେ ସାଇକ୍ଲୋଥନ

ରାଉରକେଲା,୨୯।୮(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ଆଥଲେଟିକ୍ ଆସୋସିଏଶନ (ଡିଏଏସ୍) ପକ୍ଷରୁ ଗୁରୁବାର ଅପରାହ୍ନରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସାଇକ୍ଲୋଥନ ଅନୁଷ୍ଠିତ ହୋଇଛି। ଉକ୍ତ ସାଇକ୍ଲୋଥନ ଉଦିତନଗର ବସ୍‌ଷ୍ଟାଣ୍ଡରୁ ବାହାରି ସ୍ପେସ୍ ଛକରେ ପହଞ୍ଚିଥିଲା। ଏଥିରେ ଆରତୀ ଚୌଧୁରୀ, ଗୋପୀନାଥ ପଣ୍ଡା, ସୁରେନପାଲ, ଗୀତା ବାନାର୍ଜୀ, ୱାଇ. ପଟେଲ ପ୍ରମୁଖଙ୍କ ସମେତ ୨୦ ଜଣ ସାଇକ୍ଲିଷ୍ଟ ଅଂଶଗ୍ରହଣ କରିଥିଲେ। ସେହିପରି ସେକ୍ଟର-୭ ସ୍ଥିତ ରାଉରକେଲା ୟଙ୍ଗମ୍ୟାନ୍ସ ଆସୋସିଏଶନ (ରାୟେମା) କ୍ଲବ ପ୍ରାଙ୍ଗଣରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ଉକ୍ତ ଉତ୍ସବରେ ଉଦିତନଗର ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଆଶିଷ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳରତ୍ନ ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ ସହ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସାଇକ୍ଲିଂ କୋଚ୍ ଭାବେ ଗୀତା ବାନାର୍ଜୀ, ଭାରୋତ୍ତୋଳନ ପାଇଁ ନକୁଳ ଶର୍ମା ଓ ଶକ୍ତି ଉତ୍ତୋଳନ ପାଇଁ ରବିନ୍ଦ୍ର ଗଣ୍ଡଙ୍କୁ ଖେଳଗୁରୁ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବାସୁଦେବ ବାନାର୍ଜୀଙ୍କ ସଭାପତିତ୍ୱରେ ସାଇକ୍ଲିଂ କୋଚ୍ ଗୋପୀନାଥ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ସନ୍ତୋଷ ଭୂୟାଁଙ୍କ ସମେତ ପୂଜାରାଣୀ କିଶାନ, ବର୍ଷା ବାନାର୍ଜୀ, ଆଲିନା ସମାଦ, ଶୀବାନୀ ଶାହା, ବନାନୀ ବିଶ୍ୱାସ, ରିୟା କୁମାରୀ, ଦିଲେଶ୍ୱର ସାହୁ, ସତ୍ୟଜିତ୍ ଏଲବର୍ଟ, ଅରବିନ୍ଦ ନାୟକ, କୁଶଳ ତୀର୍କୀ, ମଞ୍ଜିତ ଅଂସାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଆର୍‌ଏମ୍‌ସି ବସ୍‌ଷ୍ଟାଣ୍ଡରୁ ସାଇକ୍ଲୋଥନ ବାହାରିଛି।

# ଲହୁଣୀପଡ଼ାରେ ଜାତୀୟ କ୍ରୀଡ଼ା ଦିବସ

ଲହୁଣୀପଡା,୨୯।୮(ଦାଶରଥି ପଣ୍ଡା)

ଲହୁଣୀପଡା ବ୍ଲକ ବଡ଼ ପୁରୁଣାପାଣି ହକି ଖେଳ ପଡିଆଠାରେ ଗୁରୁବାର ଜାତୀୟ କ୍ରଡ଼ା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଏବିଇଓ ନରହରି କିସାନ, ସମ୍ମାନିତ ଅତିଥି ଜିନ୍ଦଲ ସିଏସଆର ଡେପୁଟି ମ୍ୟାନେଜର ରାଜେଶ କୁମାର ଲେଙ୍କା, ପଦ୍ମ ଚରଣ ଦାସ, ମୁଖ୍ୟବକ୍ତା କୁମାର ଗୌତମ ବାରିକ ଯୋଗ ଦେଇଥିଲେ। ଟ୍ରଷ୍ଟ ସମ୍ପାଦକ ସୁଧିର କୁମାର ଜେନା ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଗୁଡିଆଳୀ ହାଇସ୍କୁଲ ଖେଳ ଶିକ୍ଷକ ହୁତାସନ ଦଣ୍ଡସେନା ସଭାପତିତ୍ୱ କରିଥିଲେ। ଏହା ପୂର୍ବରୁ ମେଜର ଧ୍ୟାନଚାନ୍ଦ ମେମୋରିୟଲ ଟ୍ରଷ୍ଟ ତରଫରୁ ବଣାଇ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟରେ ରାଷ୍ଟ୍ରୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଧ୍ୟାନଚାନ୍ଦ ମେମୋରୀୟ ଟ୍ରଷ୍ଟ ତରଫରୁ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତା ୪ଦିନ ଧରି ସରସ୍ୱତୀ ଶିଶୁମନ୍ଦିର ବାରସୁଆଁ, ଆଦର୍ଶ ବିଦ୍ୟାଳୟ ଲହୁଣୀପଡ଼ା,ସରକାରୀ ଉଚ୍ଚ ବିଦ୍ୟାଳୟ ବାଇଦପାଲି, ଗୋଗୁଆ ଉଚ୍ଚବିଦ୍ୟାଳୟରେ କରାଯାଇଥିଲା। ସମସ୍ତ ପ୍ରତିଯୋଗିତା ବିଦ୍ୟାଳୟର କ୍ରୀଡା ଶିକ୍ଷକ ଏବଂ ପ୍ରଶିକ୍ଷକ ଯଥା ପ୍ରଫୁଲ୍ଲ ପ୍ରଧାନ, ଅନୁପମା କୁଲ୍ଲୁର, ଲକ୍ଷ୍ମଣ କାର୍ଜି, ରଶ୍ମିତା କୁଲ୍ଲୁ, କଳ୍ପନା ନାୟକ, ଟିକଲି ମହାକୁଡ଼,ଫୁଲେଶ୍ୱରୀ ପାତ୍ରଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। କୃତିତ୍ୱ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଲହୁଣୀପଡ଼ା ହକି ତାଲିମ କେନ୍ଦ୍ର ଆଷ୍ଟ୍ରୋଟର୍ଫରେ ଲହୁଣୀପଡ଼ା ଆଦର୍ଶ ବିଦ୍ୟାଳୟ ଏବଂ ଗାଗୁଆ ଉଚ୍ଚବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ଏକ ହକି ପ୍ରଦର୍ଶନୀ ମ୍ୟାଚ ଆୟୋଜିତ ହୋଇଥିଲା। ଯେଉଁଥିରେ ଗୋଗୁଆ ଉଚ୍ଚ ବିଦ୍ୟାଳୟ ୧-୦ରେ ବିଜୟଲାଭ କରିଥିଲା। ଶେଷରେ ସମସ୍ତ ଅତିଥି ଉଭୟ ବିଜେତା, ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ। ଅବ୍ରାହାମ ଏବଂ ଅନନ୍ତ ପାଲ ଖେଳ ପରିଚାଳନା କରିଥିଲେ। ଟ୍ରଷ୍ଟ ସମ୍ପାଦକ ସୁଧୀର କୁମାର ଜେନା ସମସ୍ତ କାର୍ଯ୍ୟ ସୁଚାରରୂପେ ସଞ୍ଚାଳନ କରିଥିଲେ।




ଅତିଥିଙ୍କ ଗହଣରେ କ୍ରୀଡ଼ାବିତ୍।

**ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା**

ବ୍ରଜରାଜନଗର,(ବିଜୟ ବରାଡ଼): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ନୂଆଡ଼ିହି ଗ୍ରାମର କରୁଣାକର ସାହୁ (୨୯) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ବିବାହିତ ଓ ତାଙ୍କ ୨ ବର୍ଷର ପୁତ୍ର ସନ୍ତାନ ଅଛି। ପରିବାର ସଦସ୍ୟ ପୋଲିସ ଦେଇଥିବା ସୂଚନା ଅନୁଯାୟୀ ବୁଧବାର ରାତ୍ରିରେ ଘରକୁ ଆସିଥିଲେ। ସାମାନ୍ୟ ଘରେ ପରିବାର ସଦସ୍ୟଙ୍କ ସହିତ ପାଟିତୁଣ୍ଡ କରିବା ସହିତ ସ୍କାର୍ଫ ମାରଫିଙ୍କ କରି ଶୋଇପଡ଼ିଥିଲେ। ଭୋର୍ ୪ଟାରେ ଘରେ ରଶି ଲଗେଇ ଦେଇଥିଲେ। ପୋଲିସ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଗାନ୍ଧୀଛକ ଫାଣ୍ଡି ଅଧିକାରୀ ମଦନ ନାୟକ ଘଟଣାର ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

### ସାୟନୀ ଶ୍ରୀୟାଂଶୀଙ୍କୁ କୋଣାର୍କ କାନ୍ତି ସମ୍ମାନ



ଦେବଗଡ଼,୨୯।୮(ଶଶାଙ୍କ ଶେଖର ଝାଙ୍କର)

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଦିଲ୍ଲୀ ଡ୍ୟାନ୍ସ ଫେଷ୍ଟିବାଲରେ ଚିତ୍ତାକର୍ଷକ ଏକକ ଓଡିଶୀ ନୃତ୍ୟ ପରିବେଷଣ କରି ଦେବଗଡ ଚିନ୍ମୟ ବିଦ୍ୟାଳୟର ଛାତ୍ରୀ ସାୟନୀ ଶ୍ରୀୟାଂଶୀ ସମ୍ମାନ ଜନକ କୋଣାର୍କ କାନ୍ତି ଆୱାର୍ଡ଼–୨୦୨୪ରେ ସମ୍ମାନିତ ହୋଇଛନ୍ତି। ଦିଲ୍ଲୀର ମୁକ୍ତାଧାରା ବଙ୍ଗ ସଂସ୍କୃତି ଭବନଠାରେ ଆୟୋଜିତ ସର୍ବଭାରତୀୟସ୍ତରୀୟ ଏହି ପ୍ରତିଯୋଗିତାରେ ଓଡିଶୀ ସମେତ ଭାରତନାଟ୍ୟମ, କଥକ, କୁଚିପୁଡ଼ି, କଥକେଲି, ମଣିପୁରୀ, ଛଉ ଆଦି ବିଭିନ୍ନ ସାଂସ୍କୃତିକ ନୃତ୍ୟ ଦେଶର ବିଭିନ୍ନ ଅଞ୍ଚଳରୁ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ସାୟନୀ ଶ୍ରୀୟାଂଶୀ। ସାୟନୀଙ୍କ ବାପା ଉଜ୍ଜ୍ୱଳ କୁମାର ସାହୁ ଭାରତୀୟ ଜୀବନ ବୀମା ନିଗମ ହାଉସିଙ୍ଗ ସହକାରୀ ପରିଚାଳକ ଭାବେ କାର୍ଯ୍ୟରତ ଥିବା ବେଳେ ମା' ପ୍ରିୟଙ୍କା ପାରୁଲ ମିଶ୍ର ମୃତ୍ତିକା ସଂରକ୍ଷଣ ବିଭାଗରେ କର୍ଯ୍ୟ କରୁଛନ୍ତି। ସାୟନୀ ଏବେ ଗୁରୁ ଗାୟତ୍ରୀ ସାହୁ ଓ ଗୁରୁ ଘନଶ୍ୟାମ ବେହେରାଙ୍କ ଅଧୀନରେ ଓଡିଶୀ ନୃତ୍ୟ ଶିକ୍ଷା ଗ୍ରହଣ କରୁଥିବା ଜଣାପଡିଛି।

### ଦୁର୍ଲାଗା ପଞ୍ଚାୟତରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୯।୮(ସଞ୍ଜୟ ମାଲି)

ଝାରସୁଗୁଡା ବ୍ଲକସ୍ଥିତ ଦୁର୍ଲାଗା ଗ୍ରାମପଞ୍ଚାୟତରେ ନରସିଂହ ତ୍ରିପାଠୀ ଟ୍ରଷ୍ଟର ସହଯୋଗରେ ଓ ଗୁଡିଆ ତ୍ରିପାଠୀଙ୍କ ଉପସ୍ଥିତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଗୁରୁବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ପରିବେଶ ସଚେତନତା ବଢ଼ାଇବା ଓ ଏକ ସୁସ୍ଥ, ସ୍ୱଚ୍ଛ ଝାରସୁଗୁଡା ସୃଷ୍ଟି କରିବା। ଏହି ପ୍ରୟାସ ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ପେଡ଼ ମା' କେ ନାମରେ ଅଭିଯାନକୁ ସହଯୋଗ ଦେବା ବୋଲି ତ୍ରିପାଠୀ କହିଥିଲେ। ଏହି କାର୍ଯ୍ୟକ୍ରମ ରାଜ୍ୟର ସୁସ୍ଥତା ଓ ସୁସ୍ଥ ବାତାବରଣ ସୃଷ୍ଟିର ଦୃଷ୍ଟିକୋଣକୁ ସମର୍ଥନ କରେ। ନରସିଂହ ତ୍ରିପାଠୀ ଟ୍ରଷ୍ଟ ପରିବେଶ ସୁରକ୍ଷାରେ ତାଙ୍କର ଚେଷ୍ଟା ଜାରି ରଖିବା ପାଇଁ ପ୍ରତିବଦ୍ଧ ଅଛି। ଏହି ପ୍ରୟାସ ଭବିଷ୍ୟତ ପିଢିଙ୍କ ପାଇଁ ଏକ ସ୍ୱାସ୍ଥ୍ୟପୂର୍ଣ୍ଣ ଓ ସସ୍ଥିତ ଉପାୟ ପ୍ରଦାନ କରିବ।

# ଖେଳକୁଦ, ସ୍କାଉଟ୍ ଗାଇଡ୍ସ ସୁପରିଚାଳନାକୁ ଗୁରୁତ୍ୱ

## ଜିଲା ବିଦ୍ୟାଳୟ ସମୂହ ସ୍କାଉଟ୍ ଗାଇଡ୍ସ, ଜେଆରସି ସଂଘର ବୈଠକ

ଝାରସୁଗୁଡ଼ା,୨୯।୮(ସଞ୍ଜୟ ମାଲି)

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଝାରସୁଗୁଡା ବିଦ୍ୟାଳୟ ସମୂହର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଶିକ୍ଷା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗର୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଘୁଟା ଏବଂ ପ୍ରଦୀପ୍ତ କୁମାର ସା ଏବଂ କୋଲାବିରା ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପର୍ଯ୍ୟବେକ୍ଷଣ କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଜିଲାର ସମସ୍ତ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ, ସ୍କାଉଟ୍ ଓ ଗାଇଡ୍ସ ମାଷ୍ଟର ଏବଂ ଜେଆରସି କାଉନସେଲରଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ କୁମାର ତାଣ୍ଡି ବାର୍ଷିକ ବିବରଣୀ ଏବଂ ବଜେଟ ପାଠ କରିବା ସହ ଚଳିତବର୍ଷ ଖେଳକୁଦ ପ୍ରତିଯୋଗିତାର ବାର୍ଷିକ ତଥ୍ୟ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ଉଭୟ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଜିଲାର



ବିଦ୍ୟାଳୟ ସମୂହର ଅନୁଷ୍ଠିତ ବୈଠକ।

ବିଦ୍ୟାଳୟଗୁଡିକରେ ଖେଳକୁଦ, ସ୍କାଉଟ୍ ଗାଇଡ୍ସ ଏବଂ ଜୁନିୟର ରେଡକ୍ରସ କିଭଳି ସୁଚାରୁ ରୂପେ ପରିଚାଳନା ହେବ ତାହା ଉପରେ ଗୁରୁତ୍ୱ ଦେବା ଉପରେ ବିସ୍ତୃତ ଆଲୋଚନା କରିବା ସହ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଉପସ୍ଥିତ ଝାରସୁଗୁଡା ଜିଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକମାନେ ନିଜର ମନ୍ତବ୍ୟ ରଖିବା ସହ ବିଦ୍ୟାଳୟସ୍ତରରେ କ୍ରୀଡାକୁ ଆଗେଇ ନେବା ପାଇଁ ଉପୁଜୁଥିବା ଅସୁବିଧା ଜଣାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଝାରସୁଗୁଡା ଜିଲା ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗର୍ଡିଆଙ୍କ ଉପସ୍ଥିତିରେ ବିଭିନ୍ନ ଆଲୋଚନା ହୋଇଥିଲା। ଜିଲାରେ ବିଦ୍ୟାଳୟଗୁଡିକରେ କିଭଳି ଉନ୍ନତମାନର କ୍ରୀଡ଼ାବିତ ବାହାରିବେ ଏବଂ ରାଜ୍ୟ ଓ ଜାତୀୟସ୍ତରରେ ଜିଲାକୁ ଗୌରାବାନ୍ୱିତ କରିବେ ସେ ଦିଗରେ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ସ୍କାଉଟ୍ ଗାଇଡ୍ସ ଏବଂ ଜେଆରସିର ମୂଲ୍ୟବୋଧକୁ ବୁଝି ଏହି ସେବାରେ ସ୍ୱେଚ୍ଛାକୃତ ଭାବେ ଛାତ୍ରୀଛାତ୍ରଙ୍କୁ ଯୋଗଦେବାକୁ ପ୍ରେରିତ କରିବାକୁ ଗର୍ଡିଆ ପ୍ରକାଶ କରିଥିଲେ। ଜିଲାରେ ବିଦ୍ୟାଳୟରେ ହକି ଖେଳ ପ୍ରତି ପିଲାଙ୍କ ଆଗ୍ରହ ସୃଷ୍ଟି କରାଇବା ପାଇଁ ସଭାରେ ବିଶେଷ ଅତିଥି ଭାବେ ଯୋଗଦେଇ ରାଜ୍ୟ ହକି ଆସୋସିଏଶନ ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଥିଲେ। ବିଶେଷ ଅତିଥି ଭାବେ ବିଭିନ୍ନ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷିକା ପ୍ରଜ୍ୱଳ କୁମାର ପଟେଲ, ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ହେମନ୍ତ ଚୌଧୁରୀ, ଅନିଲ କୁମାର ପଟେଲ, ବବନ ସିଂ, ପ୍ରତିଭା ମହାପାତ୍ର, ରଞ୍ଜିତା ମହାପାତ୍ର ପ୍ରଭୃତି ଉପସ୍ଥିତ ଥିଲେ। ସ୍ଥାନୀୟ ବିଦ୍ୟାଳୟ ଶାରୀରିକ ଶିକ୍ଷା ଶିକ୍ଷକ ରବି ନାରାୟଣ ପୂଜାରୀ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ଅଶୋକ ପାଢ଼ୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ବିଧାୟିକାଙ୍କୁ ପାଲଟା ପ୍ରଶ୍ନ କଲା ଭାଜପା ମହିଳା ମୋର୍ଚ୍ଚା

ଝାରସୁଗୁଡ଼ା,୨୯।୮(ସଞ୍ଜୟ ମାଲି)

## ସୁଭଦ୍ରା ଯୋଜନା ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବା ଘଟଣା

ଜିଲା ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରି ସୁଭଦ୍ରା ଯୋଜନାକୁ ନେଇ ରାଜ୍ୟ ସରକାର ଉପରେ ପ୍ରଶ୍ନ ଉଠାଇଥିଲେ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ। ସୁଭଦ୍ରା ଯୋଜନାକୁ ନେଇ ଦୀପାଲିଙ୍କ ପ୍ରଶ୍ନ ଉପରେ ପାଲଟା ପ୍ରଶ୍ନ କରିଛି ଜିଲା ଭାଜପା ମହିଳା ମୋର୍ଚ୍ଚା। ଝାରସୁଗୁଡା ବିଟିଏମସ୍ଥିତ ଭାଜପା କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଦୀପାଲିଙ୍କୁ ପ୍ରଶ୍ନ କରିଛି ମହିଳା ମୋର୍ଚ୍ଚା। ଗତ ୨୪ ବର୍ଷ ବିଜେଡି ସରକାର ଥିବା ସତ୍ତ୍ୱେ କାହିଁକି ଏଲଏନ କଲେଜ ସରକାରୀ ମାନ୍ୟତା ପାଇ ପାରାଲା ନାହିଁ, ବିଜେଡି ସରକାର ଥିବା ସମୟରେ ଅଙ୍ଗନୱାଡି କର୍ମୀଙ୍କୁ କାହିଁକି ଆନ୍ଦୋଳନ କରିବାକୁ ପଡୁଥିଲା, ଅନେକ ମହିଳାଙ୍କ ସହିତ ବଳାତ୍କାର ସହ ହତ୍ୟା କରାଯାଇଛି, ସେ ସମୟରେ ଦୀପାଲି କେଉଁଠି ଥିଲେ ବୋଲି ପାଲଟା ପ୍ରଶ୍ନ କରିଛି ଭାଜପା ମହିଳା ମୋର୍ଚ୍ଚା। ସାଧାରଣ ନିର୍ବାଚନ ସମୟରେ ସୁଭଦ୍ରା ଯୋଜନା ଲାଗୁ କରିବା ପାଇଁ ଭାଜପା ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ କରିବାର ୩ ମାସ ମଧ୍ୟରେ ଦିଆଯାଇଥିବା ପ୍ରତିଶ୍ରୁତି ରାଜ୍ୟ ସରକାର ପାଳନ କରିଛି। ହେଲେ ଔଷଧ ବିକଳରେ ତାଟିଆ କାମୁଡିବା ପରି ମହିଳାମାନଙ୍କୁ ବିଜେଡି ବିଭ୍ରାନ୍ତି ସୃଷ୍ଟି କରୁଛି ବୋଲି କହିଛି ଭାଜପା ମହିଳା ମୋର୍ଚ୍ଚା। ଝାରସୁଗୁଡା ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାପତି ରୀନା ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ୱାର୍ଡ଼ ନମ୍ବର ୩ କାଉନସିଲର ବନ୍ଦନା ମୁନ୍ଦଡା, ୱାର୍ଡ଼ ନମ୍ବର ୧୯ର କାଉନସିଲର ତରଙ୍ଗ ଦୁବେ, ଉଷାରାଣୀ ଚାନ୍ଦ ସହ ଜିଲାର ମହିଳା ମୋର୍ଚ୍ଚା ସଦସ୍ୟା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଜିଲା ପ୍ରଶାସନ, କ୍ରୀଡ଼ା ସଂସଦ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ




ଜିଲା ପ୍ରଶାସନ ଓ ଜିଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜାତୀୟ କ୍ରୀଡା ଦିବସ ପାଳିତ।

ଦେବଗଡ଼,୨୯।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପ୍ରଶାସନ ଓ ଜିଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ଇନ୍‌ଡୋର୍ ଷ୍ଟାଡିୟମରେ ଗୁରୁବାର ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା କ୍ରୀଡା ଅଧିକାରୀ ରାଜୀବ ଲୋଚନ ନାୟକଙ୍କ ସଭାପତିତ୍ୱ ଓ ଜିଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର ନାଏକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଉପ ଜିଲାପାଳ ପରକ୍ଷୀତ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ସଂସଦ ଉପସଭାପତି ଇଂ. ଚିତରଞ୍ଜନ ପ୍ରଧାନ, ଇଂ.ଭୁବନେଶ୍ୱର ପ୍ରଧାନ, ହେମନ୍ତ ମହାପାତ୍ର ଓ ସତ୍ୟ ନାରାୟଣ ମିଶ୍ର ପ୍ରମୁଖ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଶୁଭାରମ୍ଭ କରିଥିଲେ। ଏଥିସହ ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ପଦାଙ୍କ ଅନୁସ୍ମରଣ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ର ଓ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ତଥା ଉପଜିଲାପାଳ ସାହୁ କବିତା ମାଧ୍ୟମରେ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାର୍ଘ୍ୟ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ସକାଳେ ଏନ୍‌ସିସି କ୍ୟାଡେଟ ଓ କନିଷ୍ଠ ଖେଳାଳିମାନଙ୍କୁ ନେଇ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଶୋଭାଯାତ୍ରା ବାହାରି ଇନ୍‌ଡୋର୍ ଷ୍ଟାଡିୟମରେ ପହଞ୍ଚିଥିଲା। ଏହି ଶୋଭାଯାତ୍ରା ଉପଜିଲାପାଳ ସାହୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡା ସଂସଦ କର୍ମକର୍ତ୍ତା ମହମ୍ମଦ ନସିର ଖାଁ, ପ୍ରଦୀପ କୁମାର ଛତ୍ରିଆ, ସୁଧିର କୁମାର ଦାସ, ପ୍ରଫୁଲ୍ଲ କୁମାର ନାୟକ, ଡିଲେଶ୍ୱର ପ୍ରଧାନ, କିଶୋର ରାୟ, ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି, ପ୍ରଦୀପ୍ତ କୁମାର ମହାପାତ୍ର, କବାଡି ପ୍ରଶିକ୍ଷିକା କଳ୍ପନା ସାହୁ ଓ ଫୁଟବଲ ପ୍ରଶିକ୍ଷକ ଅନନ୍ତ କୁମାର ମେହେରଙ୍କ ସମେତ ବହୁ କ୍ରୀଡା ପ୍ରେମୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ ଫଳାଫଳ ବିକ୍ଷେପଣ କର୍ମଶାଳା

ଦେବଗଡ଼,୨୯।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେରେ ପ୍ରତିଷ୍ଠାନ ପରିସରରେ ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ ଫଳାଫଳ ସମ୍ବନ୍ଧିତ ଏକ ବିକ୍ଷେପଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ କର୍ମଶାଳା ଉଦଘାଟନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରାଇଥିଲେ। ତିଳେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନୁଷ୍ଠାନ ବରିଷ୍ଠ ପ୍ରଶିକ୍ଷିକା ଅନିମା ତୀର୍କୀ, ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ରାଜ୍ୟସ୍ତରୀୟ ଉପଲବ୍ଧି ସର୍ବେକ୍ଷଣର ରାଜ୍ୟ ରିପୋର୍ଟ ଓ ଜିଲା ରିପୋର୍ଟ ଫଳାଫଳ ସମ୍ବନ୍ଧରେ ଆଲୋକପାତ କରାଇଥିଲେ। ବରିଷ୍ଠ ପ୍ରଶିକ୍ଷିକା ମନ୍ଦାକିନୀ ଟୁଡୁ, ସୁରମା ମିର୍ଦ୍ଧା ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆବଶ୍ୟକତା ଦିଗଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ସେଗୁଡିକୁ ଦଳଗତ ମଧ୍ୟରେ ଆଲୋଚନା କରି ଉପସ୍ଥାପନା କରାଯାଇଥିଲା। କର୍ମଶାଳାରେ ୩ଟି ବ୍ଲକର ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ସିଆରସିସି ଉପସ୍ଥିତ ରହିଥିଲେ।

# ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ

ଦେବଗଡ଼,୨୯।୮(ଶଶାଙ୍କ ଶେଖର ଝାଙ୍କର)

## ଘର ତାଲା ଭାଙ୍ଗି ଟଙ୍କା, ସୁନା ଅଳଙ୍କାର ଚୋରି ଘଟଣା

ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡର ଅନିଲ ରଣାଙ୍କ ଘର ତାଲା ଭାଙ୍ଗି ନଗଦ ଟଙ୍କା ଓ ସୁନା ଅଳଙ୍କାର ଚୋରି ଘଟଣାର ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି। ଅପରାହ୍ନରେ ସମ୍ବଲପୁରରୁ ସାଇଣ୍ଟିଫିକ୍‌ଟିମ୍‌ଆସି ରଣାଙ୍କ ଘରେ ପହଞ୍ଚି ଦେବଗଡ ଥାନା ଅଧିକାରୀ ସରୋଜ କୁମାର ସେଠୀ ଓ ତଦନ୍ତକାରୀ ଅଧିକାରୀ ତଥା ସବଇନ୍ସପେକ୍ଟର ରୁଦ୍ର ନାରାୟଣ ପ୍ରଧାନଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ କରି ଫେରିଯାଇଥିବା ଜଣାପଡିଛି। ସୂଚନା ଯେ, ପୁରୁଣାଗଡସ୍ଥିତ ଠିକାଦାର ଅନୀଲ କୁମାର ରଣା କୌଣସି କାମରେ ଗତ ଶନିବାର ସକାଳୁ ଜିଲା ବାହାରକୁ ଯାଇଥିଲେ। ଏହାର ସୁଯୋଗରେ କୌଣସି ଦୁର୍ବୃତ୍ତମାନେ ରଣାଙ୍କ ଘର ମୁଖ୍ୟ ଫାଟକ ତାଲା କଟର ସାହାଯ୍ୟରେ କାଟି ଘରେ ପଶି କଳାକନା ବୁଲାଇଥିଲେ। ରଣା ସୋମବାର ଅପରାହ୍ନରେ ଫେରିବା ପରେ ଘର ଭିତରେ ଥିବା ଆଲମାରୀ ଓ ୧ ଶୋ' କେଶ ଭାଙ୍ଗି ସେଥିରୁ ନଗଦ ୧୫ ହଜାର ଟଙ୍କା, ୨ଟି ସୁନା ଚେନ, ଏକ ହଳ ସୁନାଚୁଡି, ଏକହଳ ସୁନା କାନଫୁଲ, ଗୋଟିଏ ସୁନା ମୁଦି ଓ ଏକ ଦାମୀ ମୋବାଇଲ ଫୋନ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଦେବଗଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଥିଲା।



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି।

# ମା' ସମଲେଶ୍ୱରୀ ନୂଆଁଖାଇ ଭେଟ୍‌ଘାଟ୍ ଫୁଟ୍‌ବଲ ପ୍ରତିଯୋଗିତା

ବ୍ରଜରାଜନଗର,୨୯।୮(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ରାଜପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟାପାଲି ଫୁଟବଲ ପଡିଆରେ ଚାଲିଥିବା ୨୯ତମ ମା' ସମଲେଶ୍ୱରୀ ନୂଆଁଖାଇ ଭେଟ୍‌ଘାଟ୍ ଫୁଟବଲ ପ୍ରତିଯୋଗୀତାରେ ମାଣିକେଶରୀ କ୍ଲବ ଲାଦାଖଣ୍ଡି ଓ ଜୟଦୁର୍ଗା କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ମାଣିକେଶରୀ ୪ ଓ ଜୟଦୁର୍ଗା କ୍ଲବ ୧ ଗୋଲ ଦେଇଥିଲେ। ଖେଳରେ ସାମାଜିକ କର୍ମୀ ରାଜୀବ ପାଟଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆୟୋଜକ ଗଣପତି କ୍ଲବ ସଭାପତି ଈଶ୍ୱର ପ୍ରଧାନ ଓ ଅନ୍ୟ ସଦସ୍ୟମାନେ ସହାୟତା ପ୍ରଦାନ କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସରେ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ




ଜାତୀୟ କ୍ରୀଡା ଦିବସରେ ଆୟୋଜିତ ହକି ମ୍ୟାଚ୍‌ରେ ଖେଳାଳି ଏବଂ ଅତିଥି।

ଦେବଗଡ଼,୨୯।୮(ଶଶାଙ୍କ ଶେଖର ଝାଙ୍କର)

ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ପାଳିତ ହେଉଥିବା ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ କରଡାପାଳ ସ୍ଥିତ ଗ୍ରାସରୁଟ ସେଣ୍ଟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରାଜୀବ ଲୋଚନ ନାୟକ, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ସଂସଦ ସମ୍ପାଦକ ଧିରେନ୍ଦ୍ର କୁମାର ନାୟକ ଓ ଯୁଗ୍ମ ସମ୍ପାଦକ କିଶୋର ରାୟ ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଏହି ମ୍ୟାଚର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପରୋକ୍ତ ଗ୍ରାସରୁଟ କହି ସେଣ୍ଟରରେ ତାଲିମ ନେଉଥିବା ଦୁଇଟି ଦଳମ ଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ଆୟୋଜିତ ସଭାରେ ଅତିଥିମାନେ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ଦାବି କରିବାର ୨୪ ଘଣ୍ଟାରେ ଗାଁରେ ଲାଗିଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଦେବଗଡ଼,୨୯।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ତେନ୍ତୁଲାବାହାଲ ଗ୍ରାମପଞ୍ଚାୟତ କେନ୍ଦୁଘାଟ ଗ୍ରାମରେ ଟ୍ରାନ୍ସଫର୍ମର ପୋଡିଯାଇଥିବାରୁ ପ୍ରାୟ ୧୦ ଦିନ ହେଲା ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଫଳରେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବିଭାଗୀୟ ରେଙ୍ଗଲବେଡା ସେକ୍ସନର କନିଷ୍ଠ ଯନ୍ତ୍ରୀଙ୍କୁ ସୂଚନା ଦେବା ସହ ଏକ ନୂତନ ଟ୍ରାନ୍ସଫର୍ମର ବସାଇ ସମସ୍ୟା ସମାଧାନ ନିମନ୍ତେ ବାରମ୍ବାର ଦାବି କରିଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଫଳରେ ମଙ୍ଗଳବାର ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କେନ୍ଦୁଘାଟ ଗ୍ରାମବାସୀ ଦେବଗଡସ୍ଥିତ ଟିପିଡବ୍ଲୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଜିଲା କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲା। କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ହସ୍ତକ୍ଷେପ ସମେତ ଆନ୍ଦୋଳନ ଚେତାବନୀ ପରେ ୨୪ ଘଣ୍ଟା ମଧ୍ୟରେ ଟିପିଡବ୍ଲୁଓଡିଏଲ ପକ୍ଷରୁ ରିଆମାଳ ବ୍ଲକ



କେନ୍ଦୁଘାଟ ଗ୍ରାମବାସୀ ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଜିଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧିତ କଲେ କେନ୍ଦୁଘାଟ ଗ୍ରାମବାସୀ

ତେନ୍ତୁଲାବାହାଲ ଗ୍ରାମପଞ୍ଚାୟତ କେନ୍ଦୁଘାଟ ଗାଁରେ ଗୁରୁବାର ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲଗାଯାଇଛି। ଏଥିପାଇଁ ଗ୍ରାମବାସୀ ହେମ୍ବ୍ରମଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବାସହ ତାଙ୍କୁ ଗାଁକୁ ଡାକି ଡାକି ବାଜା ବଜାଇ ସ୍ୱାଗତ କରିବା ସହ ଫୁଲମାଳ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ପ୍ରାୟ ୧୫ ଦିନ ହେଲା କେନ୍ଦୁଘାଟ ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିଲା। ଫଳରେ ବିଦ୍ୟୁତ୍ ସେବାରୁ ଗ୍ରାମବାସୀ ବଞ୍ଚିତ ରହିଥିବା ବେଳେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ସେମାନେ ବାରମ୍ବାର ଟିପିଡବ୍ଲୁଓଡିଏଲ କର୍ତ୍ତୃପକ୍ଷଙ୍କୁ ଏକାଧିକବାର ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଜିଲା କଂଗ୍ରେସ କମିଟି ସଭାପତି ହେମ୍ବ୍ରମ ଗତ ୨୭ ତାରିଖରେ ଗ୍ରାମବାସୀଙ୍କ ସହିତ ଦେବଗଡସ୍ଥିତ ଡିପିଡବ୍ଲୁଓଡିଏଲ କାର୍ଯ୍ୟାଳୟକୁ ଆସି ଉକ୍ତ ଗ୍ରାମରେ ତୁରନ୍ତ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲେ। ଏଥିସହ ଦାବି ପୂରଣ ନ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହାର ୨୪ ଘଣ୍ଟା ନ ପୁରୁଣୁ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଗାଁରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ କରି ସମସ୍ୟା ସମାଧାନ କରିବାକୁ ବାଧ୍ୟ ହୋଇଥିଲେ।

# ସୁରକ୍ଷା ମାଗିଲେ ଧର୍ମଶାଳା ବିଧାୟକ

## ଜିଲାପାଳ, ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କଲେ

ଯାଜପୁର,୨୯।୮ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଗୁମାରିସ୍ଥିତ କାର୍ଯ୍ୟାଳୟ ଆଗରେ ଗୁଳି ଫୁଟିଛି। କେହି ଦୁର୍ବୃତ୍ତ ଫାଙ୍କା ଗୁଳିଚାଳନା କରି ଫେରାର ହୋଇଯାଇଛନ୍ତି। ଏଥିନେଇ ପୋଲିସ ୨ଟି ଖୋକା ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି। ଏନେଇ ବିଧାୟକ ସାହୁ ଯାଜପୁର ଜିଲାପାଳ ଏବଂ ଏସ୍‌ପିଙ୍କୁ ତାଙ୍କ ସୁରକ୍ଷାକୁ କଡାକଡି କରିବାକୁ ନିବେଦନ କରିଛନ୍ତି। ନିର୍ବାଚନ ଫଳାଫଳ ଘୋଷଣାର ୩ ମାସ ପରେ ବି ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଅଶାନ୍ତି ତେଜିବାରେ ଲାଗିଛି। ଜମି ଜବରଦଖଲ, ବେଆଇନ କଳାପଥର କାରବାର ଉପରେ ବିଧାୟକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସାଧାରଣରେ ଆଲୋଚନା ହେଉଛି। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟ(ଜିତୁ) ଆଣିଥିବା ଅଭିଯୋଗ ଅନୁଯାୟୀ, ଜମି ଜବରଦଖଲ ଓ ଖଣି ଖାଦାନରୁ ଚାନ୍ଦା ଆଦାୟ କରୁଥିବା ଘଟଣାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଅନ୍ୟପକ୍ଷେ ବିଧାୟକ ହିମାଂଶୁଙ୍କୁ ଧମକ ଦେବା ଓ ଘର ନିକଟରେ ଗୁଳି ଫୁଟାଇବା ଭଳି ଅଭିଯୋଗକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ମଙ୍ଗଳବାର ପୂର୍ବତନ ବିଧାୟକ ଜିତୁ ଓ ବିଧାୟକ ହିମାଂଶୁ ଖବରଦାତା ସମ୍ମିଳନୀ କରି ସରକାରୀ ଜମି ଜବରଦଖଲ ଓ କଳାପଥର ଖାଦାନ ଉପରେ ମତ ରଖିଥିଲେ। ଏହି ଘଟଣା ଦିନ ପୂର୍ବତନ ବିଧାୟକଙ୍କ କେତେଜଣ ସମର୍ଥକ ବିଧାୟକ ହିମାଂଶୁଙ୍କ ଗୁମାରିସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଚାନ୍ଦା ଦେବାକୁ ଧମକ ଦେଇଥିଲେ। ଏହାପରେ ସେମାନେ ବନ୍ଧୁକରୁ ଗୁଳିଚାଳନା କରିବା ପରେ ସେଠାରେ ଉପସ୍ଥିତ ଥିବା ଶରତ କୁମାର ଓଝା ଭୟଭୀତ ହୋଇ କାର୍ଯ୍ୟାଳୟ ଭିତରକୁ ଦୌଡ଼ି ଚାଲିଯାଇଥିଲେ। ପରେ ଏ ଘଟଣାକୁ ନେଇ ବିଧାୟକଙ୍କ ସମର୍ଥକ ଶରତ କୁମାର ଓଝା ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୪୬/୨୦୨୪) ରୁଜୁ କରି ତଦନ୍ତ ଚଳାଇଛି।


ବିଧାୟକ ହିମାଂଶୁ ଶେଖର ସାହୁ

# ପ୍ରଚାର ପାଇଁ ବିଜେଡି ସରକାର ଖର୍ଚ୍ଚ କରିଛି ୪୫୨ କୋଟି

**ପାଣ୍ଡିଆନଙ୍କ ଫଟୋ ପାଇଁ ୧୫.୨୬ କୋଟି: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୨୯।୮(ଅନିଲ ଦାସ)

ଗତ ୫ ବର୍ଷରେ ପ୍ରଚାର ପାଇଁ ପୂର୍ବତନ ବିଜେଡି ସରକାର ୪୫୨ କୋଟି ୯୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ବିଧାନସଭାରେ ଭାଜପା ସଦସ୍ୟ ପ୍ରଶାନ୍ତ ଜଗଦେବଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେହିପରି ବିଜ୍ଞାପନରେ ପାଣ୍ଡିଆନଙ୍କ ଫଟୋ ଲାଗିବା ପାଇଁ ରାଜ୍ୟ ରାଜକୋଷରୁ ୧୫ କୋଟି ୨୬ ଲକ୍ଷ ୯୧ ହଜାର ୯୩୩ ଟଙ୍କା ଖର୍ଚ୍ଚ ହୋଇଥିଲା। ଭାଜପା ସଦସ୍ୟ ଲକ୍ଷ୍ମଣ ବାଗଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଚାର ପାଇଁ ପୂର୍ବ ବିଜେଡି ସରକାର ରାଜକୋଷରୁ ବିପୁଳ ଖର୍ଚ୍ଚ କରିଥିଲେ। ଏପରି କରି ସରକାରୀ ଅର୍ଥକୁ ଶ୍ରାଦ୍ଧ କରାଯାଇଥିଲା।

# ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାରୁ କ୍ଷାନ୍ତ ହୁଅନ୍ତୁ ସରକାର: ବିଜେଡି

ଭୁବନେଶ୍ୱର, ୨୯।୮(ଅନିଲ ଦାସ)

ବିଧାନସଭାରେ ଏକ ଲିଖିତ ପ୍ରଶ୍ନ ଉତ୍ତରକୁ ନେଇ କେତେକ ଗଣମାଧ୍ୟମ ବିଭ୍ରାନ୍ତିକର ଖବର ପରିବେଷଣ କରୁଛନ୍ତି। ୨୦୨୩–୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେତେ ଟଙ୍କା ବିଜ୍ଞାପନ ଏବଂ ଆଡ଼ଭର୍ଟରିଆଲରେ ଖର୍ଚ୍ଚ କରିଛନ୍ତି ପ୍ରଶ୍ନର ଉତ୍ତରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏବଂ ୫–ଟି ଅଧ୍ୟକ୍ଷଙ୍କ ଫଟୋ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କେତେକ ବିଶେଷ କାର୍ଯ୍ୟକ୍ରମ ଯଥା– ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ, ନୂଆ–ଓ ସ୍ମାର୍ଟ କାର୍ଡ଼ ସ୍କିମ୍ ଇତ୍ୟାଦି ପ୍ରକଳ୍ପ ପାଇଁ ୨ ଥର ବିଶେଷ ଆଲେଖ୍ୟ ପ୍ରକାଶ ପାଇଥିଲା। କିନ୍ତୁ ଏହି ଉତ୍ତରକୁ ଭିତ୍ତିକରି କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଭି.କେ. ପାଣ୍ଡିଆନଙ୍କ ଫଟୋ ଛାପିବା ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ ବୋଲି ଖବର ପରିବେଷଣ କରୁଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ କୌଣସି ଆଡଭର୍ଟରିଆଲରେ ଭି.କେ. ପାଣ୍ଡିଆନଙ୍କ ଫଟୋ ପ୍ରକାଶ ପାଇନାହିଁ। ଏହିଧାରାରେ ଏକ ନ୍ୟୁଜ୍ ଚ୍ୟାନେଲର ଡିଜିଟାଲ ପ୍ଲାଟଫର୍ମରେ ପାଣ୍ଡିଆନଙ୍କ ଫେକ୍‌ଫୁଡ଼ ଖର୍ଚ୍ଚ ୧୫ କୋଟି ଖର୍ଚ୍ଚ ହୋଇଛି ବୋଲି ଲେଖି ଲୋକଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି। ଏହା ଅତ୍ୟନ୍ତ ନିମ୍ନମାନର ଓ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଲେନିନ୍ ମହାନ୍ତି, ସାଂସଦ ସୁଲତା ଦେଓ ଓ ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା କହିଛନ୍ତି, ରାଜ୍ୟ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଲୋକଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ପୂରଣ କରିପାରୁ ନାହାନ୍ତି। ବୁଧବାର କେନ୍ଦ୍ର କ୍ୟାବିନେଟ୍‌ରେ ୧୨ଟି ସ୍ମାର୍ଟ ଶିଳ୍ପ ସହର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଓଡ଼ିଶା ଏଥିରେ ସ୍ଥାନ ପାଇନାହିଁ। ନିର୍ବାଚନ ସମୟରେ ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନା ସହାୟତାର ପ୍ରତିଶ୍ରୁତି ଦେଇଥିବା ଭାଜପା ବର୍ତ୍ତମାନ ଏହାକୁ ଅଧିକ ମହିଳାଙ୍କୁ ଏହି ଯୋଜନାରୁ ବାଦ୍ ଦେବା ପାଇଁ ନିୟମାବଳୀ କରିଛି। ଓଡ଼ିଆ ଯୁବକଙ୍କୁ ଅଣଓଡ଼ିଆ ଯୁବକ ମାଡ଼ ମାରିବା ଘଟଣାରେ ରାଜ୍ୟ ଭାଜପା ସରକାରର ନୀରବତା କ'ଣ ଓଡ଼ିଆ ଅସ୍ମିତାର ପରିଚୟ କି ବୋଲି ବିଜେଡି ପ୍ରଶ୍ନ କରିଛି। କେନ୍ଦ୍ର ସରକାର ଗତ ୭ ବର୍ଷରେ ବିଜ୍ଞାପନ ବାବଦରେ ୬୪୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ମଧ୍ୟପ୍ରଦେଶରେ ଥିବା ଭାଜପା ସରକାର ଗତ ୫ ବର୍ଷ ମଧ୍ୟରେ ୭୫୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଭତ୍ତା ପ୍ରଦାନରେ ବରିଷ୍ଠ ନାଗରିକଙ୍କୁ ପ୍ରତାରଣା ଭଳି ଅନେକ ପ୍ରଶ୍ନକୁ ସାମ୍ନା କରି ନ ପାରି ରାଜ୍ୟ ଭାଜପା ସରକାର ବିଧାନସଭାରେ ଦେଇଥିବା ତଥ୍ୟକୁ ଭିନ୍ନ ଢଙ୍ଗରେ ଉପସ୍ଥାପନା କରି ଜନସାଧାରଣଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ସେମାନେ କହିଛନ୍ତି।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

**ଶତ୍ରୁଘ୍ନ ଜେନା-କାମାକ୍ଷାନଗର(ଢେଙ୍କାନାଳ)**



ଢେଙ୍କାନାଳ ଜିଲା କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ଶତ୍ରୁଘ୍ନ ଜେନା। ୨୦୨୪ ନିର୍ବାଚନରେ ସେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ୪,୬୬୨ ଭୋଟରେ ହରାଇ ପ୍ରଥମଥର ବିଧାୟକ ହୋଇଛନ୍ତି। ମୋଟ ୧ ଲକ୍ଷ ୭୨ ହଜାର ୬୩୨ଖଣ୍ଡ ଭୋଟରୁ ଶତ୍ରୁଘ୍ନ ୮୪, ୫୮୯ ପାଇଥିବା ବେଳେ ପ୍ରଫୁଲ୍ଲଙ୍କୁ ମିଳିଥିଲା ୭୯, ୯୨୭ ଭୋଟ।

କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀର ଭୁବନ ବ୍ଲକ ବାଲିଝିଟି ଗ୍ରାମରେ ୨୨ ଜୁଲାଇ ୧୯୬୪ରେ ଶତ୍ରୁଘ୍ନଙ୍କ ଜନ୍ମ। ସ୍ୱର୍ଗତ ଗଣେଶ୍ୱର ଜେନା ଓ ରକ୍ମିଣୀ ଜେନାଙ୍କ ୩ ପୁଅ ଓ ୩ ଝିଅଙ୍କ ମଧ୍ୟରେ ଶତ୍ରୁଘ୍ନ ସର୍ବକନିଷ୍ଠ। ବ୍ୟବସାୟିକ ପରିବାରରୁ ଆସି ସେ ଜନପ୍ରତିନିଧି ହୋଇପାରିଛନ୍ତି। ତାଙ୍କ ପରିବାରର ସ' ମିଲ୍ ଓ ଚାଉଳ ହଲର ଥିଲା। ବର୍ତ୍ତମାନ ଫ୍ଲାଏ ଆଶ୍ ଇଟା ସହ ପରିବହନ କ୍ଷେତ୍ରରେ ନିୟୋଜିତ ଟ୍ରକ୍ ବ୍ୟବସାୟ ରହିଛି। ଶତ୍ରୁଘ୍ନ ଇତିହାସରେ ସ୍ନାତକୋତ୍ତର କରିଛନ୍ତି। ରାଜନୀତିରେ ତାଙ୍କ ଉତ୍ଥାନ ଦେଖିଲେ ଯାଜପୁର ଜିଲା ବ୍ୟାସନଗର କଲେଜରେ ପଢୁଥିବା ବେଳେ ସେ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ ଫେଡେରେଶନ (ଏଆଇଏସ୍‌ଏଫ୍) ପକ୍ଷରୁ ଛାତ୍ର ସଂସଦ ନିର୍ବାଚନ ପରିଚାଳନା କରିବାରେ ସକ୍ରିୟ ଦାୟିତ୍ୱ ନେଇଥିଲେ। ୧୯୯୦ରେ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ କୈଳାସ ମହାପାତ୍ରଙ୍କ ଡାକରାରେ ସେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ କରି କଂଗ୍ରେସରେ ଯୋଗ ଦେଇଥିଲେ। ୧୯୯୦ରୁ ୧୯୯୫ ମଧ୍ୟରେ ହୋଇଥିବା ପଞ୍ଚାୟତ ସମିତି ନିର୍ବାଚନରେ ସେ ନିଜକୁ ସାମିଲ କରିଥିଲେ। ଏପରିକି ୧୯୯୭ରେ କୈଳାସ ମହାପାତ୍ରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ପ୍ରେମଲତା ମହାପାତ୍ର ଉପ ନିର୍ବାଚନରେ ଲଢୁଥିବା ବେଳେ ଏହାର ଦାୟିତ୍ୱ ମଧ୍ୟ ଶତ୍ରୁଘ୍ନ ନେଇଥିଲେ। ୧୯୯୭ରେ ସେ ପ୍ରଥମେ ଭୁବନ ବ୍ଲକର କୁନ୍ଦିହା ପଞ୍ଚାୟତରୁ ନିର୍ଦ୍ୱନ୍ଦ୍ୱରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ୨୦୧୨ ମସିହା ପର୍ଯ୍ୟନ୍ତ ସେ ଲଗାତର ୩ଥର ବ୍ଲକ ଅଧ୍ୟକ୍ଷ ରହିଥିଲେ। ତେବେ ୨୦୦୪ ସାଧାରଣ ନିର୍ବାଚନରେ ସେ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ୨୦୦୯ରେ ଏହି ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ଥିଲେ। ଏହାପରେ ସେ ଭାଜପାରେ ଯୋଗ ଦେଇଥିଲେ। ୨୦୧୯ରେ ସେ ଏହି ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହୋଇ ସେହି ଦ୍ୱିତୀୟ ସ୍ଥାନରେ ମଧ୍ୟ ରହିଥିଲେ। ୨୦୨୪ ନିର୍ବାଚନରେ ସେ କାମାକ୍ଷାନଗରରୁ ଭାଜପା ପ୍ରାର୍ଥୀ ହୋଇ ବିଜୟୀ ହୋଇ ପ୍ରଥମ ଥର ପାଇଁ ବିଧାୟକ ହୋଇଛନ୍ତି।

**ବିଧାୟକ କୁହନ୍ତି:** ସାଙ୍ଗଠନିକ ଅଭିଜ୍ଞତା ତାଙ୍କ ପାଇଁ ସଫଳତା ଆଣିଦେଇଛି। ରାଜନୀତିରେ ସାଧାରଣ ଭାବେ ପୂର୍ବରୁ ଯେମିତି ରହିଥିଲି, ବିଧାୟକ ହେବା ପରେ ମଧ୍ୟ ସେମିତି ରହିଛି। କ୍ଷମତା ସବୁବେଳେ ରହିବନି। ଲୋକଙ୍କ ସାଥିରେ ସବୁବେଳେ ରହିଛି। ଭୋଟ ଆଶାରେ ବିଜେଡି ସରକାର କାମାକ୍ଷାନଗରରେ ଯେଉଁ ଉନ୍ନୟନମୂଳକ କାମ ପାଇଁ ଅର୍ଥ ଦେଇଥିଲେ, ତାହା ଅଧାପନ୍ତରିଆ ରହିଛି। ଏଠାରୁ ଏକାଧିକ ଥର ବିଧାୟକନିର୍ବାଚିତ ହୋଇଥିବା ପ୍ରଫୁଲ୍ଲ ମଲ୍ଲିକ ତତ୍କାଳୀନ ସରକାରରେ ଦୀର୍ଘବର୍ଷ ଧରି ବରିଷ୍ଠ ମନ୍ତ୍ରୀ ଥିଲେ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ଶିଳ୍ପ ନାହିଁ। ଯୁବକମାନଙ୍କ ପାଇଁ ଜୀବିକା ନାହିଁ। ସେହିପରି ବାଜି ରାଉତ ଓ ତାଙ୍କ ଜନ୍ମମାଟି ସମ୍ପର୍କରେ ସମସ୍ତେ କହୁଥିବା ବେଳେ ଏଠି ସ୍ୱାସ୍ଥ୍ୟ ଓ ଶିକ୍ଷା ବିପର୍ଯ୍ୟସ୍ତ। ଏବେ କାମାକ୍ଷାନଗର ନିର୍ବାଚନମଣ୍ଡଳୀରେ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଶତ୍ରୁଘ୍ନ କହିଛନ୍ତି।

**ରିପୋର୍ଟ: ରତନ ନାୟାର**

# ବିଧାୟକ ଅଶୋକ ଦାସଙ୍କୁ ହାଇକୋର୍ଟ ନୋଟିସ

**ବାସୁଦେବପୁର ବିଧାନସଭା ନିର୍ବାଚନ ଅନିୟମିତତା ମାମଲା**

କଟକ,୨୯।୮ (କାର୍ତ୍ତିକ ସାହୁ)

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ବିଧାୟକ ଅଶୋକ ଦାସଙ୍କ ବିରୋଧରେ ଉକ୍ତ ନିର୍ବାଚନମଣ୍ଡଳୀର ଭୋଟର ଗିରିଜା ଶଙ୍କର ନାୟକଙ୍କ ପକ୍ଷରୁ ଆଗତ ପିଟିଶନ୍‌କୁ ବିଚାର ପାଇଁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏଥିସହ ବିଧାୟକଙ୍କ ସମେତ ମୋଟ ୭ ଜଣଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି।

ଆବେଦନକାରୀ ନାୟକ ପିଟିଶନ୍‌ରେ ଦର୍ଶାଇଛନ୍ତି, ବିଧାୟକ ଦାସଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ରହିଥିବାବେଳେ ସେ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ସତ୍ୟପାଠରେ ଅନ୍ୟାନ୍ୟ ତ୍ରୁଟି ରହିଛି। ସେ ନିଜ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଠିକ୍ ଦେଇନାହାନ୍ତି। ତେଣୁ ତାଙ୍କ ବିଧାୟକ ପଦ ରଦ୍ଦ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ସୂର୍ଯ୍ୟକାନ୍ତ ଦାସ ମହାପାତ୍ର ଓ ସୁବାସ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

# ମୁଁ ତଳେ ଥିବାବେଳେ ସେ ଆକାଶରେ ଉଡୁଥିଲେ

ଭୁବନେଶ୍ୱର, ୨୯।୮(ଅନିଲ ଦାସ)

ବିଜେଡି ସଭ୍ୟ ଦିବ୍ୟଶଙ୍କର ମିଶ୍ର ଏବଂ ରାଜସ୍ୱ ମନ୍ତ୍ରୀଙ୍କ ମଧ୍ୟରେ ପ୍ରଶ୍ନୋତ୍ତରକୁ ନେଇ ଗୁରୁବାର ବିଧାନସଭା ପ୍ରଶ୍ନକାଳରେ ଏକ ରୋଚକ ପରିବେଶ ସୃଷ୍ଟି ହୋଇଥିଲା। ରାଜସ୍ୱ ବିଭାଗ ସମ୍ପର୍କିତ ପ୍ରଶ୍ନରେ ଦିବ୍ୟଶଙ୍କର କହିଥିଲେ, ରାଜସ୍ୱ ମନ୍ତ୍ରୀ ମୋର ଦାଦା ସମାନ ଲାଗିବେ। ରାଜ୍ୟରେ ବହୁ ଆରଆଇ, ଅମୀନ ପଦବୀ ଖାଲି ପଡ଼ିଛି। ଅବସର ନେଇଥିବା ପୁରୁଣା ଆରଆଇ ଓ ଅମୀନଙ୍କୁ ଚୁକ୍ତିଭିତ୍ତିରେ ନିଯୁକ୍ତି ଦେବେ କି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଦିବ୍ୟଶଙ୍କର ମୋର ସାନ ଭାଇ। ମୁଁ ତଳେ ଥିବାବେଳେ ସେ ଆକାଶରେ ଉଡୁଥିଲେ। ଛତିଶଗଡ଼ର ରମଣ ସିଂଙ୍କ ସରକାର ଥିବା ବେଳେ ମୁଁ ଥରେ ତାଙ୍କ ଫ୍ଲାଇଟରେ ଯାଇଥିଲି। ସେ ତଳକୁ କି ଆଗକୁ ଦେଖି ଉଡୁଛନ୍ତି ତାହା ମୁଁ ଦେଖୁଥିଲି। ଏହାକୁ ନେଇ ଗୃହରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ମନ୍ତ୍ରୀ କହିଥିଲେ, ତାଙ୍କ ସରକାର ସମୟରେ ଗରିବଙ୍କୁ ଜମି ଦେଇପାରି ନାହାନ୍ତି। ସେହି ସମୟରେ ଯଦି ସେ ଏହି କଥା କହିଥାଆନ୍ତେ ଆଜି ମୋ ପାଖକୁ ଏହି ସମସ୍ୟା ଆସି ନ ଥାଆନ୍ତା। ରାଜସ୍ୱ ବିଭାଗର ସବୁ ବିଭାଗ ସହ ସମ୍ପର୍କ ଅଛି। ଆମ ସରକାର ଗରିବଙ୍କୁ ଜମି ପଟ୍ଟା ଦେବ ଓ ଜମି ଚିହ୍ନଟ ମଧ୍ୟ କରିବ।


ଶିକ୍ଷାରେ ଏସ୍‌ସି ଓ ଏସ୍‌ଟିଙ୍କୁ ୩୦ ପ୍ରତିଶତ ସଂରକ୍ଷଣ ଦାବିରେ ରାଜ୍ୟପାଳ ରଘୁବର ଦାସଙ୍କୁ ଦାବିପତ୍ର ଦେଇ କଂଗ୍ରେସ ବିଧାୟକମାନେ ଗୁରୁବାର ରାଜଭବନରୁ ଫେରୁଛନ୍ତି।

# ଦୁଇ ଗୋଷ୍ଠୀର ୭ଜଣଙ୍କ ନାମରେ ମାମଲା

**ଭାଜପାର ସଦସ୍ୟତା ଅଭିଯାନ କର୍ମଶାଳାରେ ମାରପିଟ: ୪ ଆହତ ଘଟଣା**

ରାଜନଗର, ୨୯।୮ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ନିର୍ବାଚନମଣ୍ଡଳୀ ଭାଜପାର ଗୋଷ୍ଠୀ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ଦଳର ସଦସ୍ୟତା ଅଭିଯାନ କର୍ମଶାଳାରେ ପୁରୁଣା କର୍ମକର୍ତ୍ତାଙ୍କୁ ନୂଆମାନେ ମାଡ଼ ମାରିବା ଘଟଣାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଉଭୟଗୋଷ୍ଠୀର ଅଭିଯୋଗ ଆଧାରରେ ରାଜନଗର ଥାନାରେ ୨ଟି ପୃଥକ୍ ଭାବେ ମାମଲା ରୁଜୁ ହୋଇଛି। ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଲଳିତ କୁମାର ବେହେରା, ଜୋନ୍ ସଭାପତି ଦିଲୀପ କୁମାର ରାଉତ ଓ ଦିଲୀପ ପାଳଙ୍କ ସମେତ ୭ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି।

ଗତ ୨୭ ତାରିଖ ଅପରାହ୍ଣରେ ଭାଜପା ପକ୍ଷରୁ ରାଜନଗର ନିର୍ବାଚନମଣ୍ଡଳୀର ୩୧ନଂ. ଜୋନ୍ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହେଉଥିଲା। ବୈଠକକୁ ପୁରୁଣା କର୍ମକର୍ତ୍ତାମାନଙ୍କୁ କାହିଁକି ଡକାଯାଇନି ପ୍ରଶ୍ନ ହେବା ପରେ ଆରମ୍ଭ ହୋଇଥିଲା ପାଟିତୁଣ୍ଡ ଓ ମାରପିଟ। ଏଥିରେ କେତେଜଣଙ୍କର ମୁଣ୍ଡ ଫାଟିଥିଲା ବେଳେ ଆଉ କେତେକଙ୍କର ହାତ ଭାଙ୍ଗିଥିଲା। ଘଟଣା ଦିନ କୌଣସି ପକ୍ଷ ଥାନାରେ ଅଭିଯୋଗ କରି ନ ଥିଲେ। ବୁଧବାର ରାଜନଗର ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ଗଗନ ବିହାରୀ ଦାସଙ୍କ ଅଭିଯୋଗ ମୁତାବକ, ସେ ସଦସ୍ୟତା ଅଭିଯାନ କର୍ମଶାଳାରେ ଯୋଗଦେବାକୁ ଆସିଥିଲେ। ତାଙ୍କୁ ଦିଲୀପ ରଞ୍ଜନ ପାଳ, କ୍ରିଷ୍ଣା ବେହେରା ଓ ଅନ୍ୟ ୫ ଜଣ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏମିତି କି ଜୀବନରୁ ମାରିଦେବାକୁ ଲୁହାରଡ୍‌ରେ ବାଡ଼େଇ ଥିଲେ। ତାଙ୍କର ମୁଣ୍ଡ ଫାଟି ଯାଇଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ବିଏନ୍‌ଏସ୍ ଦଫା ନଂ. ୨୯୬, ୧୧୫(୨), ୧୧୮(୧), ୩୦୩ (୨), ୩ (୫)ରେ ମାମଲା (ନଂ. ୩୧୭/୨୪) ରୁଜୁ ହୋଇଛି।

ଅନ୍ୟପକ୍ଷେ କ୍ରିଷ୍ଣା ବେହେରାଙ୍କ ଅଭିଯୋଗ ମୁତାବକ ୪୦ରୁ ୫୦ ଲୋକଙ୍କ ପାଟିତୁଣ୍ଡ ଶୁଣି ସେଠାରେ କାହିଁକି ପାଟି ହେଉଛି ବୋଲି ପଚାରିବାରୁ ଲଳିତ, ବିକ୍ରମ ବାରିକ, ନିମାଇଁ ରାଉତ, ରାଜୀବ ଲୋଚନ ନାୟକ, ଦିଲୀପ ରାଉତ ତାଙ୍କୁ ଆକ୍ରମଣ କରିବାରୁ ତାଙ୍କ ହାତ ଭାଙ୍ଗି ଯାଇଛି। ଏହି ଅଭିଯୋଗ ଉପରେ ବିଏନ୍‌ଏସ୍ ଦଫା ନଂ. ୧୧୫ (୨), ୧୧୭ (୨), ୨୯୬, ୩ (୫), ୩୦୩ (୨)ରେ ମାମଲା (ନଂ. ୩୧୮/୨୪) ରୁଜୁ ହୋଇଛି।

# ଭାଜପାର କ୍ଲଷ୍ଟରସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା

ବାଲେଶ୍ୱର, ୨୯।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ପାଣିଟାଙ୍କିସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଭାଜପା ଯୁବ ମୋର୍ଚ୍ଚା ଆନୁକୂଲ୍ୟରେ ସାଙ୍ଗଠନିକ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ବାରିପଦା ଓ ରାଇରଙ୍ଗପୁରକୁ ନେଇ କ୍ଲଷ୍ଟରସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରି ଆସନ୍ତା ସେପ୍ଟେମ୍ବର ୧ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତପ୍ରକାଶ ନଡ୍ଡା ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦଳର ସଦସ୍ୟ କରାଇବେ। ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ରାଜ୍ୟରୁ ଯୁବମୋର୍ଚ୍ଚାକୁ ୨୦ଲକ୍ଷ ସଦସ୍ୟ ରାଜ୍ୟ ଭାଜପାର ଟାର୍ଗେଟ୍‌କୁ କିପରି ପୂରଣ କରାଯିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଉପସଭାପତି ପ୍ରକାଶ ମଲ୍ଲିକ ବୁଥ୍ ଓ ମଣ୍ଡଳସ୍ତରରେ ଏହି ସଦସ୍ୟତା ଅଭିଯାନ ବ୍ୟାପକ କରାଯିବ ବୋଲି କହିଥିଲେ। ରାଜ୍ୟ ସମ୍ପାଦକ ମାନସ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୬ ସାଙ୍ଗଠନିକ ଜିଲାର ଜିଲା ଓ ମଣ୍ଡଳସ୍ତରୀୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କେନ୍ଦୁଝର ଜିଲା ସଭାପତି ସବିର ଦାସ ଧନ୍ୟବାଦ ଦେଇଥିଲେ।


**ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍**
ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ
ରାଉରକେଲା - ୭୬୯୦୧୧, ଓଡ଼ିଶା, ଭାରତ
Great Place To Work Certified

**ସର୍ବସାଧାରଣ ବିଜ୍ଞପ୍ତି**

ଆମ ଦୃଷ୍ଟିକୁ ଏହା ଆସିଛି କି, କେତେକ ଦୁର୍ବୃତ୍ତଙ୍କ ଦ୍ୱାରା ଭୁଲ୍ ତଥ୍ୟ ଉପସ୍ଥାପନ କରାଯାଇ ଜଲଦା, ଦେଓଗାଁ ଏବଂ ରୂପଟୋଲା ଭଳି ସ୍ପର୍ଶକାତର ଅଞ୍ଚଳରେ ଠକାମିପୂର୍ଣ୍ଣ ଭାବେ ଏସ୍‌ଏଆଇଏଲ୍-ଆର୍‌ଏସ୍‌ପିର ଜମି ଓ ସମ୍ପତ୍ତିରେ ବେଆଇନ ନେଣଦେଣ (ବିକ୍ରୟ/ଲିଜ୍/ଲାଇସେନ୍ସ) କରାଯାଉଛି। ଏଭଳି ଲୋକମାନଙ୍କ ପ୍ରତି ସାବଧାନ ରହିବା ସେମାନଙ୍କ ସହିତ କୌଣସି କାରବାର ନ କରିବା ପାଇଁ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରିଦିଆଯାଉଛି। ଏପରି କାରବାର ଜରିଆରେ ଯଦି କେହି ଏସ୍‌ଏଆଇଏଲ୍-ଆର୍‌ଏସ୍‌ପିର ଜମି ଓ ସମ୍ପତ୍ତିକୁ ଦଖଲ କରନ୍ତି, ତେବେ ସର୍ବସାଧାରଣ ପରିସର (ଅନଧିକୃତ ଦଖଲକାରୀଙ୍କ ବେଦଖଲି) ଅଧିନିୟମ ୧୯୭୧ ଅଧୀନରେ ଏଭଳି ଅନଧିକୃତ ଦଖଲକାରୀଙ୍କ ବିରୁଦ୍ଧରେ ତାଙ୍କ ନିଜ ବ୍ୟୟ ଓ କ୍ଷତିଭୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଭାରପ୍ରାପ୍ତ ଜିଏମ୍, ଟାଉନ୍ ସର୍ଭିସେସ୍**

ପଞ୍ଜୀକୃତ କାର୍ଯ୍ୟାଳୟ: ଇସ୍ପାତ ଭବନ, ଲୋଦି ରୋଡ୍, ନୂଆଦିଲ୍ଲୀ ୧୧୦୦୦୩
କର୍ପୋରେଟ୍ ପରିଚୟ ନମ୍ବର: ଏଲ୍୨୭୧୦୯ଡିଏଲ୍୧୯୭୩ଜିଓଆଇ୦୦୬୪୫୪, ୱେବ୍‌ସାଇଟ୍: www.sail.co.in
ସମସ୍ତଙ୍କ ଜୀବନରେ ଅଛି ଟିକେ ସେଲ୍
CBC 40109/12/0007/2425



**OFFICE OF THE SUPERINTENDENT**
**FAKIR MOHAN MEDICAL COLLEGE & HOSPITAL, BALASORE**
(Formerly known as Government Medical College & Hospital, Balasore)
At/Po/Dist.- Balasore, Pin- 756001 (Odisha)

**TENDER NOTICE FOR ORTHOPEDIC IMPLANTS ITEMS OF FMMC&H, BALASORE (2024-25)**

Bid Ref.No. 4175/S/FMMCHB Date:27.08.2024

**No.E-248:** FMMC&H, Balasore invites sealed Tender from Registered Firm/Agencies/ Company for **orthopedic implants** items for FMMC&H, Balasore. The proposal in the prescribed format alongwith all supportive documents should reach to the Office of the Superintendent, Remuna, FMMCH, Balasore by **Dt.27.09.2024 upto 5 PM** through Registered Post/ Speed Post/ Courier only and the same will be opened on **dt.01.10.2024, 11 AM** at Office chamber of Superintendent, Remuna, FMMCH, Balasore. Application form as well as other details will be available and downloaded from district website **www.baleswar.nic.in/www.blsmch.nic.in.** Authority reserves every rights to reject all or any of the Tender without assign any reason thereof.

OIPR-10134/11/0015/2425 **Sd./- Superintendent, FMMC&H, Balasore**



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, RENGALI DAM DIVISION, RANGALI**
**INVITATION FOR BIDS (IFB)**
Email ID - rengalidam@gmail.com

**'e'-Procurement Notice No. SE-RDD-02/2024-25**

No.A-250 : The Superintending Engineer, Rengali Dam Division, Rangali on behalf of Governor of Odisha invites Item Rate bid in single cover system to be received in ONLINE MODE from reputed and experienced manpower service provider for providing Outsourcing Personnel on Dapartment of Water Resources. O/o Superintending Engineer, Rangali Dam Division, Rangali who must possess valid labour license for engagement of labour for different works mentioned below. The proof of registration from the appropriate authority shall be enclosed along with the Bid.

| | | | |
|---|---|---|---|
| 1 | No. of works | : | 01 (One) no of works |
| 2 | Estimated Cost | : | Approximately 8.37 lakhs (Excluding EPF, ESI & GST) |
| 3 | Cost of tender paper | : | Rs. 4000.00 (Non-refundable) |
| 4 | EMD/Bid Security | : | Rs. 8400.00 (Refundable) |
| 5 | Class of contractor | : | 'Registered firm with valid labour license', EPF and ESI registration certificate |
| 6 | Period of Completion of work | : | During the FY 2024-25 |
| 7 | Date and time of availability of bid Document in the website | : | From 11.00 A.M. of Dt. 02.09.2024 to 5.00 P.M. of Dt. 12.09.2024 in the website (www.tendersodisha.gov.in) |
| 8 | Date, time and place of opening of online tender | : | Dt.13.09.2024 at 11.00 A.M. in O/o the Superintending Engineer, Rengali Dam Division, Rengali |
| 9 | Digital Signature Certificate (DSC) | : | The bidders must posses compatible Digital Signature Certificate (DSC) of Class II or Class III |
| 10 | Name and Address of Officer inviting Tender | : | Superintending Engineer, Rengali Dam Division, Rengali, AT/P.O. - Rengali Dam Site Dist.: Angul, Odisha, PIN-759105 Email ID - rengalidam@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd./- Superintending Engineer**
**Rengali Dam Division, Rengali**
OIPR-32028/11/0001/2425



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**(ZILLA SWASTHYA SAMITI, KEONJHAR)**
**IN-HOUSE RECRUITMENT**
Advt.No. 3678 Date: 27.08.2024

**No.E-244:** Applications are invited from the contractual employees of NHM already engaged in the following posts under OSH&FWS in other districts and interested to be posted in Keonjhar district.

| Sl.No. | Name of the Post | No. of Vacancy | Category |
|---|---|---|---|
| 1 | AYUSH Doctor (Co-located) | 8 | Ayurvedic-01, Homeopathy-07 |
| 2 | AYUSH MO (MHT-RBSK) | 2 | Only Female |
| 3 | Pharmacist (MHT-RBSK) | 6 | |
| 4 | Staff Nurse/ANM (MHT-RBSK) | 6 | |
| 5 | Pharmacist (MHU) | 4 | |
| 6 | ANM (MHU) | 3 | |
| 7 | Physiotherapist-IPU | 5 | |
| 8 | RMNCH/FP Counsellors | 4 | |
| 9 | Clinical Psychologist | 1 | |
| 10 | Psychiatric Nurse | 1 | |
| 11 | Paediatric Specialist- DEIC | 1 | |
| 12 | Medical Officer- SNCU | 2 | |
| 13 | MO- DTC | 1 | |
| 14 | Accountant-cum-DEO (DPMU) | 1 | |

Interested in-house candidates presently working under NHM only are requested to apply in the prescribed format with NOC and experience certificate issued by concerned CDM&PHO. Selection shall be made on the highest length of incumbency under the Society, as per the reservation category applicable if any. The application format & other details can be obtained from the district website i.e. **https://kendujhar.odisha.gov.in** and the application should reach to the office of the **Chief District Medical & Public Health Officer, Keonjhar-758001** by **dt. 27.09.2024 (up to 05.00 PM)** through **Regd/Speed Post** only and the envelope containing the application should be superscribed on the top of the envelope clearly, **"Application for In-house contractual employee of NHM working in the same post under OSH&FWS Society"**. Applications received after due date will not be considered. Vacancies shown above are provisional and subject to change during the time of Appointment. Incomplete application in any form is liable for rejection. The undersigned reserves the right to accept/reject any application and modify/cancel the advertisement without assigning any reason thereof.

OIPR-10033/11/0006/2425 **Sd/-Chief District Medical & Public Health Officer, Keonjhar**

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** କ୍ରମାଗତ ୮ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୪୯ (୩୪୯.୦୫) ପଏଣ୍ଟ ବଢି ୮୨,୧୩୫ (୮୨,୧୩୪.୬୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୦୦ (୯୯.୭୦) ପଏଣ୍ଟ ବୃଦ୍ଧି ଘଟି ୨୫,୧୫୨ (୨୫,୧୫୧.୯୫) ଅଙ୍କରେ କାରବାର ଶେଷ କରିଥିଲା।

# ଭାରତ ବିଶ୍ୱର ସର୍ବବୃହତ୍ ଡେଟା ବଜାରରେ ପରିଣତ

■ଜିଓ ବିଶ୍ୱର ସର୍ବବୃହତ୍ ମୋବାଇଲ ଡେଟା କମ୍ପାନୀ

■ବିଶ୍ୱର ମୋଟ ମୋବାଇଲ ଡେଟା ଟ୍ରାଫିକ୍‌ର ୮% ଜିଓ ନେଟ୍‌ୱର୍କ



ମୁମ୍ବାଇ,୨୯।୮ (ଅଭୟ ଦାଶ)

ରିଲାଏନ୍ସଜିଓବିଶ୍ୱରସର୍ବବୃହତ୍‌ମୋବାଇଲ ଡେଟା କମ୍ପାନୀ ହୋଇଥିଲାବେଳେ ବିଶ୍ୱର ମୋଟ ମୋବାଇଲ ଡେଟା ଟ୍ରାଫିକ୍‌ର ୮% କେବଳ ଜିଓ ନେଟ୍‌ୱର୍କରେ ଚାଲିଥାଏ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆର୍ଆଇଏଲ୍)ର ୪୭ତମ ବାର୍ଷିକ ସାଧାରଣ ସଭା(ଏଜିଏମ୍)ରେ ଶେୟାରଧାରକମାନଙ୍କୁ ସମ୍ବୋଧିତ କରି ଆର୍ଆଇଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେ କହିଛନ୍ତି, କମ୍ପାନୀର ଗ୍ରାହକ ଆଧାର ଏବଂ ଡେଟା ବ୍ୟବହାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଜିଓ ନେଟ୍‌ୱର୍କରେ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୪୯କୋଟି ରହିଥିବା ବେଳେ ହାରାହାରି ଭାବେ ପ୍ରତ୍ୟେକ ଜିଓ ଗ୍ରାହକ ମାସିକ ୩୦ଜିବିରୁ ଅଧିକ ଡେଟା ବ୍ୟବହାର କରୁଥିବା ଅମ୍ବାନୀ ଏଜିଏମ୍‌ରେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଜିଓର ଏହି ସଫଳତା ସହିତ ଭାରତ ବିଶ୍ୱର ସର୍ବବୃହତ୍ ଡେଟା ବଜାରରେ ପରିଣତ ହୋଇଥିବା ମୁକେଶ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଜିଓ ଶୁଭାରମ୍ଭ ହେବାର ମାତ୍ର ୮ ବର୍ଷ ହୋଇଛି ଏବଂ ଏହି ୮ବର୍ଷ ମଧ୍ୟରେ ଜିଓ ବିଶ୍ୱର ସର୍ବବୃହତ୍ ମୋବାଇଲ୍ ଡେଟା କମ୍ପାନୀ ହେବାର ସଫଳତା ହାସଲ କରିଛି ବୋଲି ମୁକେଶ କହିଛନ୍ତି। ଡିଜିଟାଲ୍ ହୋମ୍ ସେବା ଦୃଷ୍ଟିରୁ ଜିଓ ମଧ୍ୟ ବିଶ୍ୱର ସବୁଠାରୁ ବଡ କମ୍ପାନୀ ହୋଇଛି। ଜିଓ ୩ କୋଟିରୁ ଅଧିକ ଘରକୁ ଡିଜିଟାଲ ସେବା ପ୍ରଦାନ କରୁଛି। ଜିଓ ଏୟାରଫାଇବର ପ୍ରତି ମାସରେ ୧୦ ଲକ୍ଷ ଘରକୁ ସଂଯୋଗ କରି ରେକର୍ଡ ୧୦ କୋଟି ଘରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ସେହିଭଳି କମ୍ପାନୀର ୨ଜି ଗ୍ରାହକଙ୍କୁ ୪ଜି ସେବାକୁ ଉନ୍ନୀତ କରିବା ପାଇଁ ପ୍ରସ୍ତୁତ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ୫ଜି ଫୋନ୍ ଅଧିକ ସୁଲଭ ହେବା ସହ ଜିଓ ନେଟ୍‌ୱର୍କରେ ୫ଜି ଗ୍ରହଣ ତ୍ୱରାନ୍ୱିତ ହେବ, ଯାହାଦ୍ୱାରା ଡେଟା ବ୍ୟବହାରରେ ଅଧିକ ଅଭିବୃଦ୍ଧି ଘଟିବ। ଏପରିକି ଅଧିକ ଉପଭୋକ୍ତା ୫ଜି ନେଟ୍‌ୱର୍କ ବ୍ୟବହାର କରିବା ଆରମ୍ଭ କରିବା ସହିତ ଆମର ୪ଜି ନେଟ୍‌ୱର୍କର କ୍ଷମତା ମଧ୍ୟ ବୃଦ୍ଧି ପାଇବ। ବିଶେଷକରି ଭାରତରେ ଏହା ୨୦କୋଟିରୁ ଅଧିକ ୨ଜି ବ୍ୟବହାରକାରୀଙ୍କୁ ଜିଓ ୪ଜି ପରିବାରରେ ଅନ୍ତର୍ଭୁକ୍ତ କରିବ ବୋଲି ଅମ୍ବାନୀ କହିଛନ୍ତି। ଜିଓ ପକ୍ଷରୁ ଗବେଷଣା ଓ ପ୍ରଯୁକ୍ତି ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ସହ କମ୍ପାନୀ ୫ଜି ଓ ୬ଜି ପ୍ରଯୁକ୍ତି କ୍ଷେତ୍ରରେ ୩୫୦ପେଟେଣ୍ଟ ଆବେଦନ ଦାଖଲ ଥିବା ସେ ବିସ୍ତୃତ ଭାବେ ପ୍ରକାଶ କରିଛନ୍ତି।

## ୧୦୦ଜିବି ମାଗଣା କ୍ଲାଉଡ୍ ଷ୍ଟୋରେଜ ପ୍ରଦାନ କରିବ ଜିଓ

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଖୁବ୍‌ଶୀଘ୍ର ଗ୍ରାହକମାନଙ୍କୁ ୧୦୦ ଜିବିର ମାଗଣା କ୍ଲାଉଡ୍ ଷ୍ଟୋରେଜ ପ୍ରଦାନ କରିବ। ଏହା ଫଳରେ ଫଟୋ, ଭିଡିଓ କିମ୍ବା ଡକ୍ୟୁମେଣ୍ଟ ଭଳି ଯେକୌଣସି ଜିନିଷ ଏହି ଷ୍ଟୋରେଜରେ ରଖାଯାଇପାରିବ। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍(ଆର୍ଆଇଏଲ୍)ର ୪୭ତମ ବାର୍ଷିକ ସାଧାରଣ ବୈଠକରେ ଶେୟାରଧାରକମାନଙ୍କୁ ସମ୍ବୋଧିତ କରି ଆର୍ଆଇଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଅମ୍ବାନୀ ଏଭଳି କିଛି ସୂଚନା ଦେଇଛନ୍ତି। ଅପରପକ୍ଷରେ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମରେ ଜିଓ ବ୍ରେନ୍ ଖୁବ୍‌ଶୀଘ୍ର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ଶୁଭାରମ୍ଭ କରିବାକୁ ପ୍ରସ୍ତୁତ ହେଉଛି। ଏପରିକି କନେକଟେଡ୍ ଇଣ୍ଟେଲିଜେନ୍ସ ବିଶ୍ୱସ୍ତରୀୟ ଭିତ୍ତିଭୂମି ସହିତ ଆସିବ। କମ୍ପାନୀ ଏହାକୁ ସବୁଠାରେ ଏବଂ ସମସ୍ତଙ୍କ ପାଇଁ ଥିମ୍ ଭିତ୍ତିରେ ଆରମ୍ଭ କରିବ। ବାସ୍ତବରେ ଜିଓ ସାମଗ୍ରିକ ଭାବେ ଏଆଇକୁ ପରିବେଷ୍ଟିତ କରୁଥିବା ଉପକରଣ ଏବଂ ପ୍ଲାଟ୍‌ଫର୍ମର ଏକ ବ୍ୟାପକ ସୁଟ୍ ବିକଶିତ କରୁଛି, ଯାହାକୁ 'ଜିଓ ବ୍ରେନ୍' କୁହାଯାଉଛି। ଏ ନେଇ ମୁକେଶ ଅମ୍ବାନୀ କହିଛନ୍ତି, ମୁଁ ଆଶା କରୁଛି ଯେ ରିଲାଏନ୍ସ ମଧ୍ୟରେ ଜିଓ ବ୍ରେନ୍‌କୁ ଉନ୍ନତ କରାଇ ଆମେ ଏକ ଶକ୍ତିଶାଳୀ ଏଆଇ ସେବା ପ୍ଲାଟ୍‌ଫର୍ମ ସୃଷ୍ଟି କରିବୁ। ଏପରିକି ଜାମନଗରଠାରେ ଆମେ ଗିଗାୱାଟ ଆକାରର ଏଆଇ ପ୍ରସ୍ତୁତ ଡାଟା ସେଣ୍ଟର ସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛୁ, ଯାହା ସମ୍ପୂର୍ଣ୍ଣ ଭାବେ ରିଲାଏନ୍ସର ସବୁଜ ଶକ୍ତି ଦ୍ୱାରା ପରିଚାଳିତ ହେବ। ସେହିଭଳି ଆମର ଲକ୍ଷ୍ୟ ହେଉଛି, ଭାରତରେ ବିଶ୍ୱର ସବୁଠାରୁ ସୁଲଭ ଏଆଇ ଇନ୍‌ଫରେନ୍ସିଂ ସୃଷ୍ଟି କରିବା। ଏହାଦ୍ୱାରା ଭାରତରେ ଏଆଇ ଆପ୍ଲିକେଶନଗୁଡିକ ଅଧିକ ସୁଲଭ ଓ ସମସ୍ତଙ୍କ ପାଇଁ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ ଅନେକ ନୂତନ ଏଆଇ ସେବା ସମ୍ପର୍କରେ ଘୋଷଣା କରିଛନ୍ତି। ଏଥିମଧ୍ୟରେ ଜିଓ ଟିଭି ଓଏସ, ହେଲୋ ଜିଓ, ଜିଓ ହୋମ ଆଇଓଟି ସମାଧାନ, ଜିଓ ହୋମ ଆପ୍ସ ଏବଂ ଜିଓ ଫୋନ କଲ୍ ଏଆଇ ଆଦି ଅନ୍ତର୍ଭୁକ୍ତ ରହିଛି।

## ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବୀନ



ଭୁବନେଶ୍ୱର,୨୯।୮ (ଅଭୟ ଦାଶ)

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି)ର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଗୁରୁବାର ଲୋକସେବା ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ନବୀନ ଜେଏସ୍‌ପିର ଓଡ଼ିଶା ୟୁନିଟ୍ ପକ୍ଷରୁ ଜାରି ରହିଥିବା ବିଭିନ୍ନ ପ୍ରକଳ୍ପ ଉପରେ ଉଭୟ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ଅନୁଗୋଳ ଇସ୍ପାତ କାରଖାନାକୁ ପର୍ଯ୍ୟାୟକ୍ରମେ ବାର୍ଷିକ ୨୫.୨ ନିୟୁତ ଟନ୍‌କୁ ସମ୍ପ୍ରସାରଣ କରାଯିବା ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନବୀନ ଅବଗତ କରାଇଥିଲେ। ଏପରିକି କମ୍ପାନୀର ଏହି ସମ୍ପ୍ରସାରଣ ସମ୍ପୂର୍ଣ୍ଣ ହେବା ପରେ ଜେଏସ୍‌ପି କୌଣସି ଗୋଟିଏ ସ୍ଥାନରେ ବିଶ୍ୱର ସର୍ବବୃହତ୍ ଇସ୍ପାତ କାରଖାନା ହେବ। ସେହିଭଳି ଓଡ଼ିଶାରେ ଶିଳ୍ପର ବିକାଶ ପାଇଁ ଜେଏସ୍‌ପିର ପ୍ରୟାସକୁ ମୁଖ୍ୟମନ୍ତ୍ରୀ ଭୂୟସୀ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ ନବୀନ ଜିନ୍ଦଲ କହିଥିଲେ, ରାଜ୍ୟର ଶିଳ୍ପ ଭିତ୍ତିକ ସାମଗ୍ରିକ ବିକାଶ ପାଇଁ ଜେଏସ୍‌ପି ଓଡ଼ିଶା ସରକାର ଏବଂ ଓଡ଼ିଶାବାସୀଙ୍କ ସହ ସହଭାଗିତା ଜାରି ରଖିବ।

## ଇଣ୍ଡିଆନ୍ ରେଲୱେ ସହ ଆମାଜନ୍‌ର ବୁଝାମଣା

ନୂଆଦିଲ୍ଲୀ,୨୯।୮ (ଅଭୟ ଦାଶ)

ଇଣ୍ଡିଆନ ରେଲୱେ ଏବଂ ଆମାଜନ୍ ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଭାରତୀୟ ରେଳପଥର ସୁଦୃଢ଼ ଆଞ୍ଚଳିକ ନେଟ୍‌ୱର୍କ ମାଧ୍ୟମରେ ଆମାଜନ୍ ଇଣ୍ଡିଆର ପ୍ୟାକେଜଗୁଡିକ ବିଶ୍ୱସନୀୟ ଏବଂ ଦ୍ରୁତ ପରିବହନ ହୋଇପାରିବ। ସେହିଭଳି ଉଭୟଙ୍କ ମଧ୍ୟରେ ବିଦ୍ୟମାନ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଲାଗି ଆମାଜନ ଟ୍ରାନ୍ସପୋର୍ଟେଶନ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ରେଳ ମନ୍ତ୍ରଣାଳୟ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍ଓୟୁ) ନିକଟରେ ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାର ଅଂଶ ଭାବେ ଆମାଜନ ଇଣ୍ଡିଆ ଏବଂ ଭାରତୀୟ ରେଳପଥ ମିଳିତ ଭାବେ ଉତ୍ପତ୍ତି-ଗନ୍ତବ୍ୟସ୍ଥଳୀ ପାଇଁ ଏକ ହବ୍ ଏବଂ ସ୍ପୋକ ମଡେଲ ପ୍ରତିଷ୍ଠା କରିବା ଦିଗରେ କାର୍ଯ୍ୟ କରିବେ ଏବଂ ଏହାକୁ ନେଟ୍‌ୱର୍କରେ ବିସ୍ତାର କରିବା ପାଇଁ ଆବଶ୍ୟକ ଆବଶ୍ୟକତାକୁ ନିର୍ଦ୍ଧାରଣ କରିବା ପାଇଁ ସେଥିରୁ ଶିକ୍ଷାର ଲାଭ ଉଠାଇବେ। ସେହିପରି ଏହି ଯୋଜନା ରେଲୱେର ପାର୍ସଲ ସଂଖ୍ୟା ବୃଦ୍ଧି କରିବା ପାଇଁ ପ୍ରଥମ ଓ ଶେଷ-ଦୂରତା ଆବଶ୍ୟକତା, ପରିବହନ ସମୟ, ଖର୍ଚ୍ଚ ବିକଳ୍ପ ଓ ନୀତି ସକ୍ଷମକାରୀଙ୍କୁ କଭର କରିବ। ଏ ସମ୍ପର୍କରେ ଆମାଜନ୍ ଇଣ୍ଡିଆର ଅପରେଶନ୍ସ ବିଭାଗ ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି, ଭାରତୀୟ ରେଳପଥ ସହ ଆମର ସହଭାଗିତା ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ନୂଆ ବାଟ ଦେଖାଇବ। ଏପରିକି ଏହି ସର୍ବବୃହତ୍ ଅନୁଷ୍ଠାନର ଉପଯୋଗ କରିବା ପାଇଁ କମ୍ପାନୀ ସରକାରଙ୍କ ଦୃଷ୍ଟିକୋଣ ସହ ସଂଯୁକ୍ତ ରହିଛି। ଏହା ସମଗ୍ର ଭାରତରେ ଆମର ଗ୍ରାହକମାନଙ୍କୁ ଦ୍ରୁତ ଏବଂ ବିଶ୍ୱସନୀୟ ବିତରଣ ସହିତ ଅତୁଳନୀୟ ଚୟନରେ ଆକ୍‌ସେସ୍ ପ୍ରଦାନ କରିବା ଉପରେ ଆମର ଧ୍ୟାନକୁ ପ୍ରତିଫଳିତ କରୁଛି। ସେହିପରି ରେଲ୍‌ୱେ ବୋର୍ଡ (ଅପରେଶନ୍ସ ଆଣ୍ଡ ବିଜ୍‌ନେସ୍ ଡେଭ୍‌ଲପମେଣ୍ଟ) ର ସଦସ୍ୟ ରବିନ୍ଦର ଗୋୟଲ କହିଛନ୍ତି, ଏହି ସହଭାଗିତା ଉଭୟ ସଂସ୍ଥା ପାଇଁ ବେଶ ଲାଭଦାୟକ ହେବ। ଏପରିକି ଭାରତୀୟ ରେଳପଥ ମାଧ୍ୟମରେ ଇ-କମର୍ସ କାର୍ଗୋର ଗତିବିଧି ବୃଦ୍ଧି କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

## ତନିସ୍କର ନୂତନ ଶୋ'ରୁମ୍ ଉଦ୍‌ଘାଟିତ



ଭବାନୀପାଟଣା,୨୯।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବାହାଦୁର ବଗିଚାପଡ଼ା ହନୁମାନ ମନ୍ଦିର ସମ୍ମୁଖରେ ଗୁରୁବାର ଭାରତର ସର୍ବବୃହତ୍ ଅଳଙ୍କାର ରିଟେଲ ବ୍ରାଣ୍ଡ ତନିସ୍କର ନୂତନ ଶୋ'ରୁମ ଉଦ୍‌ଘାଟିତ ହୋଇଯାଇଛି। ତନିସ୍କର ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସୋମପ୍ରଭ ସିଂହ, ଟାଇଟାନ କମ୍ପାନୀ ଲିମିଟେଡ ଓ ସର୍କଲ ବ୍ୟବସାୟ ମ୍ୟାନେଜର ଅରିନ୍ଦମ ପ୍ରମାଣିକ, ବିଜ୍‌ନେସ ଆସୋସିଏଟ ପ୍ରତୀକ ଜେନା ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ତନିସ୍କ ବ୍ରାଣ୍ଡ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ପ୍ରଦାନ କରିଛି। ଗ୍ରାହକମାନେ ପ୍ରତ୍ୟେକ କ୍ରୟ ଉପରେ ଏକ ମାଗଣା ସ୍ୱର୍ଣ୍ଣମୁଦ୍ରା ପାଇପାରିବେ। ଏହି ଅଫର ୩୦ ଅଗଷ୍ଟରୁ ୧ ସେପ୍ଟେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ରହିବ। ୪୦୦୦ ବର୍ଗଫୁଟ ପରିବ୍ୟାପ୍ତ ଏହି ଶୋ'ରୁମ ତନିସ୍କର ପ୍ରତିଷ୍ଠିତ ଡିଜାଇନଗୁଡ଼ିକର ବିଶେଷ ସଂଗ୍ରହ ରଖାଯାଇଛି। ସୁନା, ହୀରା, କୁନ୍ଦନ ଓ ପୋଲ୍କୀ ସହିତ ଓଡ଼ିଶାର ଧନ୍ୟ ସଂସ୍କୃତି ଏବଂ ପରମ୍ପରାରୁ ପ୍ରେରିତ ତନିସ୍କର ପର୍ବ ପାଳନ ସମ୍ବନ୍ଧୀୟ କଲେକ୍ସନ 'ଦିବ୍ୟାନୀ'କୁ ଓଡ଼ିଶାର ମହିଳାଙ୍କ ଲାଗି ଉପସ୍ଥାପନ କରିଛି। ଷ୍ଟୋରରେ ଏକ ଆଧୁନିକ, ସମସାମୟିକ ଏବଂ ହାଲୁକା ଓଜନର ଅଳଙ୍କାର ସଂଗ୍ରହ 'ଷ୍ଟ୍ରିଙ୍ଗ ଇଟ' ସହିତ ୧୮କ୍ୟାରେଟ ରୁ ୨୨କ୍ୟାରେଟ ସୁନାରେ ନିର୍ମିତ ଚୁଡ଼ି ସଂଗ୍ରହ 'କଲାଇ' ମଧ୍ୟ ଉପସ୍ଥାପିତ ହୋଇଛି।

## ହୁରୁନ୍ ଇଣ୍ଡିଆ ରିଚ୍ ତାଲିକାରେ ଫାଲ୍‌କନ୍

### ୫୪୦ ର୍ୟାଙ୍କ୍‌ରେ ତାରାରଞ୍ଜନ ପଟ୍ଟନାୟକ



ତାରାରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର,୨୯।୮ (ଅନୁରାଧା ମହାରଣା)

ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟସ୍‌ର ତାରାରଞ୍ଜନ ପଟ୍ଟନାୟକ ହୁରୁନ୍ ଇଣ୍ଡିଆ ରିଚ୍ ତାଲିକା ୨୦୨୪ରେ ୫୪୦ତମ ସ୍ଥାନରେ ରହିଛନ୍ତି। ୪୯୦୦ କୋଟି ଟଙ୍କା ମୂଲ୍ୟ ସହ ର୍ୟାଙ୍କ୍ ହାସଲ କରିବାରେ ଫାଲ୍‌କନ୍ ସଫଳ ହୋଇଛି। ଫାଲ୍‌କନ୍ ଗ୍ରୁପ୍ ୪୦ ବର୍ଷ ପୁରୁଣା ସଂସ୍ଥା ହୋଇଥିବାବେଳେ ଦେଶର ସର୍ବବୃହତ୍ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ଭାବେ ସମଗ୍ର ବିଶ୍ୱରେ ପରିଚୟ ଲାଭ କରିଛି। ସାମୁଦ୍ରିକ ଖାଦ୍ୟ, ପଶୁ ଖାଦ୍ୟ, ଫ୍ରେଞ୍ଚ ଫ୍ରାଇଜ୍, ଟ୍ରେଡିଂ ଏବଂ ରିଏଲ ଇଷ୍ଟେଟ କ୍ଷେତ୍ରରେ ବିଭିନ୍ନ ଉଦ୍ୟୋଗ ସହ ଏହି ଗୋଷ୍ଠୀ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ ଦୁବାଇରେ ଏକ ପ୍ରମୁଖ କମ୍ପାନୀ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି । ହୁରୁନ୍ ରିପୋର୍ଟ ହେଉଛି ଏକ ବିସ୍ତୃତ ପରିସଂଖ୍ୟାନ ରିପୋର୍ଟ ଯାହା ମୁଖ୍ୟ ଅନୁସନ୍ଧାନକାରୀ ତଥା ଲକ୍ସେମବର୍ଗ ଭିତ୍ତିକ ସଂସ୍ଥାର ପ୍ରୋତ୍ସାହକ ରୁପର୍ଟ ହୁଗେୱର୍ଫଙ୍କ ଦ୍ୱାରା ପ୍ରକାଶିତ ହୋଇଛି।

## ଏୟୁଏମ୍ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ,୨୯।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନସ୍ୟୁରାନ୍ସ କୋ. ଲିମିଟେଡ (ଆଇସିଆଇସିଆଇ ପ୍ରୁଡେନ୍ସିଆଲ)ର ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ନିକଟରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି।

## ଫୁରସତ

# ଧନୀ ଅଭିନେତା ଶାହରୁଖ୍



**ନୂଆଦିଲ୍ଲୀ:** 'ହୁରୁନ ଇଣ୍ଡିଆ ରିଚ୍ ଲିଷ୍ଟ-୨୦୨୪'ର ଧନୀ ଭାରତୀୟ ଅଭିନେତାଙ୍କ ତାଲିକାରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍ ପ୍ରଥମ ଥର ପାଇଁ ସ୍ଥାନ ପାଇଛନ୍ତି। ୭,୩୦୦ କୋଟିର ସମ୍ପତ୍ତି ସହ ଶାହରୁଖ୍ ଏହି ତାଲିକାର ସର୍ବାଗ୍ରେ ରହିଛନ୍ତି। ଆଇପିଏଲ୍ ଟିମ୍ କୋଲକାତା ନାଇଟ ରାଇଡର୍ସ ଓ ରିଲିଜ୍ ଏଣ୍ଟରଟେନମେଣ୍ଟ ନାମକ ପ୍ରଡକ୍ସନ କମ୍ପାନୀ ଯୋଗୁ ଶାହରୁଖଙ୍କ ସମ୍ପତ୍ତି ବଢ଼ିଥିବା ନେଇ ମିଡିଆ ରିପୋର୍ଟ ପ୍ରକାଶ ପାଇଛି। ଶାହରୁଖ କୋଲକାତା ନାଇଟ ରାଇଡର୍ସର ମାଲିକ ହୋଇଥିବାବେଳେ ସେ ରିଲିଜ୍ ଏଣ୍ଟରଟେନମେଣ୍ଟ ପ୍ରଡକ୍ସନ କମ୍ପାନୀର ଏମ୍‌ଡି ମଧ୍ୟ ରହିଛନ୍ତି। ସେହିପରି ଶାହରୁଖ୍‌ଙ୍କ ସ୍ତ୍ରୀ ଗୌରୀ ଖାନ୍ ଏହାର ସହ ପ୍ରତିଷ୍ଠାତା ରହିଛନ୍ତି। ଏହି ପ୍ରଡକ୍ସନ କମ୍ପାନୀର ବ୍ୟାନର୍‌ରେ ଅନେକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଶାହରୁଖଙ୍କ ବ୍ୟତୀତ ଏହି ତାଲିକାରେ ବହୁ ବଲିଉଡ୍ କଳାକାର ମଧ୍ୟ ସ୍ଥାନ ପାଇଛନ୍ତି। ଅଭିନେତ୍ରୀ ତଥା ଆଇପିଏଲ୍ ଟିମ୍ କୋଲକାତା ନାଇଟ ରାଇଡର୍ସର କୋ-ଓନର ଜୁହି ଚାୱଲା ୪୬୦୦ କୋଟିର ସମ୍ପତ୍ତି ସହ ବଲିଉଡର ଦ୍ୱିତୀୟ ସବୁଠାରୁ ଧନୀ ଷ୍ଟାର ହୋଇପାରିଛନ୍ତି। ୨ ହଜାର କୋଟିର ସମ୍ପତ୍ତି ସହ ଅଭିନେତା ହ୍ରିତିକ ରୋଶନ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ୧,୬୦୦ କୋଟିର ସମ୍ପତ୍ତି ସହ ବଲିଉଡ୍‌ର ଭେଟେରାନ୍ ଅଭିନେତା ଅମିତାଭ ବଚ୍ଚନ ଚତୁର୍ଥ ସ୍ଥାନରେ ରହିଛନ୍ତି। ୧,୪୦୦ କୋଟିର ସମ୍ପତ୍ତି ସହ ଫିଲ୍ମ ନିର୍ଦ୍ଦେଶକ ତଥା ପ୍ରଯୋଜକ କରନ ଜୋହର ଏହି ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି।

# ୭ ହଜାର ଫୁଟ ଉଚ୍ଚରୁ ଡେଇଁ ଜନ୍ମଦିନ ପାଳିଲେ

### ସବୁଠୁ ବୟସ୍କ ବ୍ରିଟିଶ୍ ସ୍କାଏ ଡାଇଭର ଭାବେ କଲେ ରେକର୍ଡ

**ଲଣ୍ଡନ:** ସାଧାରଣତଃ ସମସ୍ତେ ନିଜର ଜନ୍ମଦିନକୁ ସ୍ୱତନ୍ତ୍ର କରିବାକୁ ଚେଷ୍ଟା କରିଥାନ୍ତି। ଅଧିକାଂଶ ଲୋକ ନିଜର ବୟସ, ଖର୍ଚ୍ଚ, ପାରିବାରିକ ସ୍ଥିତି ଆଦି ଦେଖି ନିଜ ନିଜର ଜନ୍ମଦିନକୁ ନେଇ ଯୋଜନା ପ୍ରସ୍ତୁତ କରିଥାନ୍ତି। ତେବେ ବ୍ରିଟେନ୍ ମାନେଟ୍ ବେଲି ନାମ୍ନୀ ଜଣେ ବୃଦ୍ଧା ନିଜର ୧୦୨ତମ ଜନ୍ମ ଦିବସକୁ ଏକ ସ୍ୱତନ୍ତ୍ର ଉପାୟରେ ପାଳନ କରିଛନ୍ତି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



ବ୍ରିଟେନ୍‌ର ମାନେଟ୍ ତାଙ୍କର ୧୦୨ତମ ଜନ୍ମଦିନ ଅବସରରେ ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ସେ ୭ ହଜାର ଫୁଟ ଉଚ୍ଚରୁ ସ୍କାଏ ଡାଇଭ୍ କରିବା ସହ ଜନ୍ମଦିନ ପାଳନ କରିଥିଲେ। ଏହାସହ ସେ ବ୍ରିଟେନ୍‌ର ସବୁଠୁ ବୟସ୍କ ସ୍କାଏ ଡାଇଭର ହୋଇପାରିଛନ୍ତି। ତାଙ୍କର ଏହି ଅଦ୍ଭୁତ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ମାନେଟ୍ ୭ ହଜାର ଫୁଟ୍ ଉଚ୍ଚତାରୁ ଡେଇଁବାକୁ ପ୍ରସ୍ତୁତ ଥିବା ଦେଖିବାକୁ ମିଳିଛି। ଡେଇଁବା ପୂର୍ବରୁ ସେ ତାଙ୍କ ଇନ୍‌ଷ୍ଟ୍ରକ୍ଟରଙ୍କ କଥାକୁ ଭଲ ଭାବେ ଶୁଣୁଛନ୍ତି। ସେହିପରି ସ୍କାଏ ଡାଇଭ କରୁଥିବା ସମୟରେ ମାନେଟ୍‌ଙ୍କ ମୁହଁରେ କୌଣସି ଭୟ ଦୃଶ୍ୟମାନ ହେଉ ନାହିଁ। ବରଂ ସେ ଏହି କାର୍ଯ୍ୟକୁ ଅତି ଆରାମରେ ଉପଭୋଗ କରୁଥିବା ଭିଡିଓରୁ ଜଣାପଡୁଛି। ଉକ୍ତ ବିମାନ ଉଡ଼ାଣ ପରେ ମାନେଟ୍ ତାଙ୍କ ଅନୁଭୂତି ମଧ୍ୟ ବଖାଣିଛନ୍ତି। ସ୍କାଏଡାଇଭ କରିବା ସମୟରେ ତାଙ୍କୁ ସବୁକିଛି ଅସ୍ପଷ୍ଟ ଦେଖା ଯାଉଥିଲା। ତେଣୁ ସେ ନିଜ ଆଖିକୁ ବନ୍ଦ କରି ସବୁକିଛି ଅନୁଭବ କରୁଥିଲେ। ଜଣେ ୮୫ ବର୍ଷୀୟ ବ୍ୟକ୍ତି ପାରାଚ୍ୟୁଟ୍ ଜମ୍ପ କରି ନିଜ ଜନ୍ମଦିନ ପାଳନ କରୁଥିବା ନେଇ ସେ ପୂର୍ବରୁ ଶୁଣିଥିଲେ ବୋଲି ମାନେଟ୍ କହିଛନ୍ତି। ସେବେଠାରୁ ହିଁ ସେ ଏପରି କିଛି କରି ନିଜ ଜନ୍ମଦିନ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

# ହ୍ରାସ ପାଉଛି ପୁରୁଷଙ୍କ ୱାଇ କ୍ରୋମୋଜୋମ୍

### କେଣ୍ଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟୟନ

**ଲଣ୍ଡନ:** ମଣିଷ ଏବଂ ବିଭିନ୍ନ ସ୍ତନ୍ୟପାୟୀ ଶିଶୁଙ୍କର ଲିଙ୍ଗ ନିର୍ଦ୍ଧାରଣରେ ୱାଇ କ୍ରୋମୋଜୋମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେବେ ଉକ୍ତ କ୍ରୋମୋଜୋମ୍ ଧୀରେ ଧୀରେ ଦୁର୍ବଳ ହେବା ସହ ହ୍ରାସ ପାଇବାକୁ ଲାଗିଥିବା ନେଇ ବ୍ରିଟେନ୍‌ର ୟୁନଭର୍ସିଟିଅଫ୍‌କେଣ୍ଟ୍‌ପକ୍ଷରୁକରାଯାଇଥିବା ଏକ ଅଧ୍ୟୟନ ପ୍ରକାଶ କରିଛି।

ସାଧାରଣତଃ ୱାଇ କ୍ରୋମୋଜୋମ ପୁରୁଷମାନଙ୍କର ଲିଙ୍ଗ ନିର୍ଣ୍ଣୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହା ପୁରୁଷଙ୍କ ଶରୀରକୁ ମଜଭୁତ କରିଥାଏ। ଏଥିରେ ଥିବା କିଛି ବିଶେଷ ଜିନ୍ ପୁରୁଷଙ୍କ ଶାରୀରିକ ବିକାଶକୁ ନିୟନ୍ତ୍ରଣ କରିଥାଏ। ମହିଳାଙ୍କ ଶରୀରରେ ୨ଟି ଏକ୍ସ କ୍ରୋମୋଜୋମ ରହିଥିବାବେଳେ ପୁରୁଷଙ୍କ ଶରୀରରେ ଗୋଟିଏ ଏକ୍ସ ଏବଂ ଗୋଟିଏ ୱାଇ କ୍ରୋମୋଜୋମ ଥାଏ। ୱାଇ କ୍ରୋମୋଜୋମ ଏକ୍ସ କ୍ରୋମୋଜୋମଠାରୁ ଅପେକ୍ଷାକୃତ ଛୋଟ ହୋଇଥିବା ସହ ଏହା କମ୍ ଜିନ୍ ଧାରଣ କରିଥାଏ।

ତେବେ ୱାଇ କ୍ରୋମୋଜୋମଗୁଡ଼ିକ ବଡ଼ ସଂଖ୍ୟାରେ ନିଜ ସକ୍ରିୟ ଜିନ୍ ହରାଉଛି। ଯଦି ଏହି ଧାରା ବଜାୟ ରହେ ତେବେ ଆଗାମୀ ୧.୧ କୋଟି ବର୍ଷରେ ୱାଇ କ୍ରୋମୋଜୋମ ସମ୍ପୂର୍ଣ୍ଣ ରୂପେ ଉଭାନ୍ ହୋଇପାରେ ବୋଲି ଉକ୍ତ ଅଧ୍ୟୟନ ପ୍ରକାଶ କରିଛି। ଉକ୍ତ ଅଧ୍ୟୟନର ଫଳାଫଳ ମାନବ ପ୍ରଜନନର ଭବିଷ୍ୟତକୁ ନେଇ ଚିନ୍ତାରେ ପକାଇବା ସହ ପୁରୁଷଙ୍କ ଅସ୍ତିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଅଧ୍ୟୟନକୁ ନେଇ ବୈଜ୍ଞାନିକଙ୍କ ମଧ୍ୟରେ ବିତର୍କ ସୃଷ୍ଟି ହୋଇଛି। ୱାଇ କ୍ରୋମୋଜୋମ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରହିବ ବୋଲି କେତେଜଣ ବୈଜ୍ଞାନିକ କହିଥିବାବେଳେ ଏହା କିଛି ହଜାର ବର୍ଷ ମଧ୍ୟରେ ଉଭାନ୍ ହୋଇଯିବ ବୋଲି ଆଉ କେତେଜଣ ବୈଜ୍ଞାନିକ ଅନୁମାନ କରିଛନ୍ତି।

୨୦୨୨ରେ 'ପ୍ରୋସିଡିଙ୍ଗ୍‌ସ୍ ଅଫ ଦି ନ୍ୟାଶ୍‌ନାଲ୍ ଏକାଡେମୀ ଅଫ୍ ସାଇନ୍ସ' ନାମକ ପତ୍ରିକାରେ ପ୍ରକାଶିତ ହୋଇଥିବା ଅଧ୍ୟୟନ ଅନୁଯାୟୀ, ୨ଟି ଅଲଗା ପ୍ରଜାତିର ମୂଷା ସେମାନଙ୍କର ୱାଇ କ୍ରୋମୋଜୋମ ହରାଇ ସାରିଥିବା ସତ୍ତ୍ୱେ ମଧ୍ୟ ଜୀବିତ ଅଛନ୍ତି। ଜାପାନର ସ୍ପିନି ପ୍ରଜାତିର ମୂଷା ପୂର୍ବରୁ ୱାଇ କ୍ରୋମୋଜୋମ ହରାଇସାରିଥିଲେ ମଧ୍ୟ ସେମାନେ ବିଲୁପ୍ତ ନ ହୋଇ ବଂଶ ଆଗକୁ ବଢ଼ାଇବାରେ ସଫଳ ହୋଇଛନ୍ତି। ସଫଳତାର ସହ ସ୍ପିନି ପ୍ରଜାତିର ମୂଷାଙ୍କର ଏକ ନୂତନ ପୁରୁଷ ନିର୍ଣ୍ଣୟକାରୀ ଜିନ୍ ବିକଶିତ ହୋଇପାରିଛି, ଯାହା ମାନବିକତାର ଭବିଷ୍ୟତକୁ ପାଇଁ ଆଶା ପ୍ରଦାନ କରୁଥିବା କେତେଜଣ ବୈଜ୍ଞାନିକ କହିଛନ୍ତି। ତେବେ ମଣିଷଙ୍କଠାରେ ନୂତନ ପୁରୁଷ ନିର୍ଣ୍ଣୟକାରୀ ଜିନ୍‌ର ବିକାଶ ପ୍ରକ୍ରିୟାକୁ ନେଇ କେତେଜଣ ବୈଜ୍ଞାନିକ ଚିନ୍ତା ପ୍ରକଟ କରିଛନ୍ତି। ଜେନେଟିକ୍ସ ବିଶେଷଜ୍ଞ ପ୍ରଫେସର ଜେନି ଗ୍ରେଭ୍ସ କହିଛନ୍ତି, ଲିଙ୍ଗ ନିର୍ଣ୍ଣୟ କରିବା ପାଇଁ ନୂତନ ଜିନ୍‌ର ବିକାଶରେ ସମସ୍ୟା ରହିଛି। ଏହାଦ୍ୱାରା ବିଶ୍ୱର ବିଭିନ୍ନ ସ୍ଥାନରେ ପୁରୁଷଙ୍କ ଲିଙ୍ଗ ନିର୍ଣ୍ଣୟ କରିପାରୁଥିବା ଭିନ୍ନ ଭିନ୍ନ ପ୍ରକାରର ଜିନ୍ ବିକଶିତ ହୋଇପାରେ। ଫଳରେ ଏକ ନୂତନ ପ୍ରକାରର ମାନବ ଜାତି ବିକଶିତ ହୋଇପାରେ ବୋଲି ସେ କହିଛନ୍ତି।

# ଦେଶୀ ମଦଭାଟିରେ ପୁଣି ଚାଲିଲା ବୁଲ୍‌ଡୋଜର

## ସାଲିଆ ସାହିରେ ଅବକାରୀ ଟିମ୍‌ର ଚଢ଼ାଉ

ଭୁବନେଶ୍ୱର,୨୯।୮ (ସୂର୍ଯ୍ୟକାନ୍ତ ବେହେରା)




ସାଲିଆସାହିସ୍ଥିତ ଇଡ୍‌କୋ ଓ ନୀଳଚକ୍ରନଗର ବସ୍ତିରେ ଅବକାରୀ କର୍ମଚାରୀମାନେ ଦେଶୀ ମଦ ଓ ପୋଚ ନଷ୍ଟ କରିବା ସହ ଭାଟି ଚାଲିଥିବା ଅଭିଯୁକ୍ତଙ୍କ ଘରକୁ ବୁଲ୍ ଡୋଜରରେ ଭଙ୍ଗାଯାଉଛି।

ଗଞ୍ଜାମ ଜିଲା ଚିକିଟି ମଦ ମୃତ୍ୟୁ ଘଟଣା ପରେ ପୋଲିସ ଓ ଅବକାରୀ ବିଭାଗ ଆକ୍ସନ ମୁଡ୍‌ରେ ରହିଛି। ଦେଶୀ ମଦ ଭାଟି ଉପରେ ଘନ ଘନ ଚଢ଼ାଉ କରି ଜବତ ଓ ନଷ୍ଟ ପ୍ରକ୍ରିୟା ଜାରି ରଖିଛନ୍ତି। ଭୁବନେଶ୍ୱର ସାଲିଆ ସାହିରେ ଯେତେ ଚଢ଼ାଉ କଲେ ବି ଏହି ବେଆଇନ ମଦ କାରବାର ବନ୍ଦ ହେଉନି। ଏଠାରେ ମଦ ବ୍ୟବସାୟୀମାନେ ସରକାରୀ ଜାଗାକୁ କବ୍‌ଜା କରି ରହିବା ସହ ସେଠାରେ ଦେଶୀ ମଦ ତିଆରି କରୁଛନ୍ତି। କମିଶନରେଟ ପୋଲିସ ପରେ ଅବକାରୀ ବିଭାଗ ସାଲିଆ ସାହିରେ ସ୍ୱତନ୍ତ୍ର ଅପରେଶନ ଚଳାଇଛି। ଗୁରୁବାର ଇଡ୍‌କୋ ଓ ନୀଳଚକ୍ରନଗର ବସ୍ତିରେ ପୁଣି ବୁଲ୍‌ଡୋଜର ଚାଲିଛି। ଅବକାରୀ ଟିମ୍ ମଦ ବେପାରୀଙ୍କ ଘର ଓ ଏଠାରେ ବେଆଇନ ଭାବେ ଚାଲିଥିବା ମଦ ଭାଟିକୁ ଭାଙ୍ଗି ଦେଇଛନ୍ତି। ଏହାସହ ଚଢ଼ାଉ ବେଳେ ୮ ଜଣଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ୧ ହଜାରରୁ ଅଧିକ ଦେଶୀ ମଦ ଓ ୬ ହଜାର ୯୬୦ ଲିଟର ପୋଚ ଜବତ କରି ନଷ୍ଟ କରାଯାଇଥିବା ଅବକାରୀ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ମଧ୍ୟ ସାଲିଆ ସାହିରୁ କମିଶନରେଟ ପୋଲିସ ହଜାର ହଜାର ଲିଟର ମଦ ଓ ପୋଚ ଜବତ କରିଥିଲା। ଏହାସହ ବୁଲ୍‌ଡୋଜର ଲଗାଇ ଘର ମଧ୍ୟ ଭାଙ୍ଗିଥିଲା। ଏହି ସମୟରେ ଘର ଭିତରୁ ଗୁପ୍ତ ଚାମ୍ବର ମିଳିଥିଲା। ତା’ଭିତରେ ଦେଶୀ ମଦ ତିଆରି ହେଉଥିଲା।

# ଜେଲ ଗଲେ ଅଭିଯୁକ୍ତ ପଡ଼ୋଶୀ ଯୁବକ

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

## ଏନ୍‌ଏଚ୍‌ଆର୍‌ସିରେ ଶିଶୁକନ୍ୟା ବଳାତ୍କାର ଘଟଣା

ଭୁବନେଶ୍ୱର ଏୟାରପୋର୍ଟ ଥାନା ଅନ୍ତର୍ଗତ ଏକ ବସ୍ତିରେ ଜଣେ ୪ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ମାମଲାରେ ପୋଲିସ ଅଭିଯୁକ୍ତ ପଡ଼ୋଶୀ ଯୁବକ ବିଜୁଙ୍କୁ ଗୁରୁବାର ଗିରଫ କରିଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ସନ୍ଧ୍ୟାରେ ଶିଶୁକନ୍ୟାଙ୍କ ପରିବାର ଲୋକେ ଘରେ ଅନ୍ୟ କାମରେ ବ୍ୟସ୍ତ ଥିଲେ। ଏହି ସମୟରେ ଘର ନିକଟରେ ଖେଳୁଥିବା ଶିଶୁକନ୍ୟାଙ୍କୁ ଅଭିଯୁକ୍ତ ବିଜୁ ଚକୋଲେଟ୍ ଦେବା ଆଳରେ ନିଜ ଘରକୁ ନେଇ ବଳାତ୍କାର କରିଥିଲେ। ଶିଶୁକନ୍ୟା ଜଣକ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିବାରୁ ପଡ଼ୋଶୀ ଓ ପରିବାର ଲୋକେ ସେଠାରେ ପହଞ୍ଚି ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ବିଜୁଙ୍କୁ କାବୁ କରି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଧରି ଥାନାକୁ ନେଇ ପଚରାଉଚରା କରିଥିଲା। ଏନେଇ ପୀଡ଼ିତାଙ୍କ ମା’ଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବିଜୁଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ଘଟଣା ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ଦେବାକୁ ମାନବାଧିକାର କର୍ମୀ ଜୟନ୍ତ ଦାସ କମିଶନରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନ୍‌ଏଚ୍‌ଆର୍‌ସିଙ୍କ ପକ୍ଷରୁ ଅଭିଯୋଗକୁ ଗ୍ରହଣ କରାଯାଇ ଏକ ଡାଏରୀ (ନଂ. ୧୩୯୩୮/ ୟୁଏନ୍/ ୨୦୨୪) ରୁଜୁ କରାଯାଇଛି।

# ସିଏଚ୍‌ଏସ୍‌ଇ ରେକର୍ଡ ସପ୍ଲାୟର ଗିରଫ

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

## ପ୍ରକୃତ ଆୟଠାରୁ ୧୬୧% ଅଧିକ ସମ୍ପତ୍ତି

ଭିଜିଲାନ୍ସ ଯାଞ୍ଚ ପରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)ର ରେକର୍ଡ ସପ୍ଲାୟର ପୁରେନ୍ଦ୍ର କୁମାର ସେଠୀ ବହୁ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସ୍ପଷ୍ଟ ହୋଇଛି। ଠାବ ହୋଇଥିବା ଏହି ସମ୍ପତ୍ତି ପୁରେନ୍ଦ୍ରଙ୍କ ପ୍ରକୃତ ଆୟଠାରୁ ୧୬୧ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ପୁରେନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ସେଲ୍ ଥାନାରେ ପୁରେନ୍ଦ୍ରଙ୍କ ନାମରେ ଏକ ମାମଲା (ନଂ.୧୦/୨୦୨୪) ରୁଜୁ କରାଯାଇଛି। ଅଭିଯୁକ୍ତ ପୁରେନ୍ଦ୍ରଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ପୁରେନ୍ଦ୍ରଙ୍କ ଘର ସମେତ ଭୁବନେଶ୍ୱର ଓ ଜଗତ୍‌ସିଂହପୁର ୩ ସ୍ଥାନରେ ବୁଧବାର ଚଢ଼ାଉ କରିଥିଲା। ପୁରେନ୍ଦ୍ରଙ୍କ ଭୁବନେଶ୍ୱର କାନନ ବିହାରରେ ଏକ ୪ ମହଲା କୋଠା, ୧୬ଟି ବେନାମି ପ୍ଲଟ୍, ବ୍ୟାଙ୍କ, ଜୀବନ ବୀମା ଓ ଶେୟାର ମାର୍କେଟର ମ୍ୟୁଚୁଆଲ ଫଣ୍ଡରେ ୧୬.୭୭ ଲକ୍ଷ ଟଙ୍କା ଜମା ଭିଜିଲାନ୍ସ ଠାବ କରିଥିଲା। ଏହାବ୍ୟତୀତ ଘରୁ ୧ ଲକ୍ଷ ୭୦ହଜାର ନଗଦ ଟଙ୍କା, ୨ଟି ଚାରିଚକିଆ ଯାନ ଓ ଦୁଇଟି ଦୁଇଚକିଆ ଯାନ ଏବଂ ୫ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। ଏନେଇ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ସୂଚନା ଦେଇଛି।

# ଭୁବନେଶ୍ୱରରେ ବନ୍ଦ ଘରେ ତନ୍ତ୍ର ସାଧନା

ଭୁବନେଶ୍ୱର,୨୯।୮ (ସତ୍ୟଜିତ୍ ରାଉତ)

## ଥାନାରେ ଅଭିଯୋଗ ପରେ ତାନ୍ତ୍ରିକ ଫେରାର



ଭୁବନେଶ୍ୱରର ଏକ ବନ୍ଦ ଘରେ ଚାଲିଥିଲା ତନ୍ତ୍ର ସାଧନା। ହିନ୍ଦୁ ଦେବଦେବୀଙ୍କ ଫଟୋକୁ ପୂଜାର୍ଚ୍ଚନା କରିବା ସହ ଘରେ ଥିଲା ତ୍ରିଶୂଳ, କଳସ, ନଡ଼ିଆ ଓ ଆମ୍ବଡାଳୁଆ। ଟଙ୍କପାଣିରୋଡସ୍ଥିତ ବ୍ରହ୍ମେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନା ବଡ଼ଗଡ଼ ବ୍ରିଟ୍ କଲୋନୀରେ ଏହି ଘଟଣା ଦେଖିବାକୁ ମିଳିଛି। ଘର ମାଲିକ ପ୍ରବୀଣ କୁମାର ପାତ୍ର ଏନେଇ ବାରଣ କରିବା ସହ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ଚର୍ଚ୍ଚିନ କାନୁନ୍‌ଗୋ ନାମକ ତାନ୍ତ୍ରିକ ଫେରାର ହୋଇଯାଇଛନ୍ତି। ପୋଲିସ ଏହି ଘଟଣାରେ ପ୍ରାଥମିକ ତଦନ୍ତ ଜାରି ରଖିଛି।

ପ୍ରାୟ ୫ବର୍ଷ ତଳେ ପ୍ରବୀଣଙ୍କ ଜଣେ ଆଇନଜୀବୀ ବନ୍ଧୁ ପ୍ଲଟ୍ ନଂ.୨ସ୍ଥିତ ଉକ୍ତ ଘରର ଏକ ରୁମ୍‌ରେ ରହୁଥିଲେ। ସେ କିଛିଦିନ ବ୍ୟବଧାନରେ ରହି ଚାଲି ଯାଉଥିଲେ। କିଛିବର୍ଷ ହେବ ଆଇନଜୀବୀ ବନ୍ଧୁଙ୍କ ସହ ଚର୍ଚ୍ଚିନ ସେଠାକୁ ଆସିଥିଲେ। ଚର୍ଚ୍ଚିନ ନିଜକୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ପରିଚୟ ଦେଇ ସେ ଘରେ ରହିଥିଲେ। ପ୍ରାୟ ସମୟରେ ଘର ବନ୍ଦ ରହୁଥିବାବେଳେ ମଝିରେ ମଝିରେ ଚର୍ଚ୍ଚିନ ସେଠାକୁ ଯିବା ଆସିବା କରୁଥିଲେ। ତେବେ ଚର୍ଚ୍ଚିନଙ୍କୁ ଉକ୍ତ ଘର ଛାଡ଼ିଦେବାକୁ ପ୍ରବୀଣ କହିବାରୁ ସେ ଯାଉ ନ ଥିଲେ। ଗତ ୩ ମାସ ହେବ ସେ ଘର ବନ୍ଦ କରି ପୂଜାର୍ଚ୍ଚନା କରୁଥିଲେ। ପ୍ରାୟ ସମୟରେ ଭିନ୍ନ ଭିନ୍ନ ଯୁବତୀଙ୍କୁ ଡାକି ପୂଜାର୍ଚ୍ଚନା କରିବା ସହ ହୋମଯଜ୍ଞ କରୁଥିଲେ। ଉକ୍ତ ରୁମ୍‌କୁ ମନ୍ଦିର ଭଳି ସଜେଇ ଚାରି କୋଣରେ ଚାରୋଟି ଗାତ ଖୋଳି ହାଣ୍ଡିଗୁଡ଼ିକୁ ପୋତିଥିଲେ। ଏଥିସହ ଉକ୍ତ ରୁମ୍ ମଝିରେ ଏକ ବିରାଟ ଗାତ ଖୋଳି ଏକ ନାଲି କପଡ଼ା ଘୋଡ଼ାଇ ରଖୁଥିଲେ। ୩ଦିନତଳେ ଘର ମାଲିକ ପ୍ରବୀଣ ଏହି ଘଟଣା ଜାଣିବାରୁ ସେ ଚର୍ଚ୍ଚିନଙ୍କୁ ଏହି ତନ୍ତ୍ର ସାଧନା ନ କରିବାକୁ କହିଥିଲେ। ଏହାପରେ ଚର୍ଚ୍ଚିନ ଧମକ ଦେଇଥିଲେ। ମନ୍ତ୍ର ଦ୍ୱାରା ତାଙ୍କର ଅନିଷ୍ଟ କରିବେ ବୋଲି ଚେତାବନୀ ଦେଇଥିଲେ। ଗୁରୁବାର ଘର ଛାଡ଼ିବାକୁ ନେଇ ଝଗଡ଼ା ହେବା ପରେ ଚର୍ଚ୍ଚିନ ସେଠାରୁ ନିଜର କିଛି ଆବଶ୍ୟକୀୟ ସାମଗ୍ରୀ ନେଇ ପଳାଇ ଯାଇଥିଲେ। ତେବେ ଏନେଇ ଜୋନ୍ ଏସିପି ମାନସ କୁମାର ଦେଓ କହିଛନ୍ତି, ଏହି ଘଟଣାକୁ ଅନୁଧ୍ୟାନ କରାଯାଉଛି। ଯଦି ତନ୍ତ୍ର ସାଧନା ଦ୍ୱାରା ସେ ବ୍ୟକ୍ତି କୌଣସି ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିବେ, ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିପି ଦେଓ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ରୁମ୍‌ରେ ତାନ୍ତ୍ରିକ ଏକ ବିରାଟ ଗାତ ଖୋଳିଥିବାରୁ ଏହାକୁ ନେଇ ସନ୍ଦେହ ଉପୁଜିଛି। ସେ ଉକ୍ତ ସ୍ଥାନରେ ବଳି ଦେବାକୁ ଯୋଜନା କରିଥାଇପାରନ୍ତି ବୋଲି ମାଲିକ ଅଭିଯୋଗ କରିଛନ୍ତି।

# ବାଘ ଶିକାର ଘଟଣା: ଜେଲଗଲେ ୪ ଶିକାରୀ



ଗିରଫ ୪ ଶିକାରୀ।

ନାକଟୀଦେଉଳ, ୨୯।୮ (ବୈକୁଣ୍ଠନାଥ ସାହୁ)

## ଫେରାର ୫ଜଣଙ୍କୁ ଖୋଜୁଛି ବନ ବିଭାଗ

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅନ୍ତର୍ଗତ ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରୁ ଏକ କଲରାପତରିଆ ବାଘ ଶିକାର ଘଟଣାରେ ବନ ବିଭାଗ ଗୁରୁବାର ୪ଜଣଙ୍କୁ ଗିରଫ କରିଛି। ସମ୍ପୃକ୍ତ ଅନ୍ୟ ୫ଜଣ ଶିକାରୀ ଫେରାର ରହିଛନ୍ତି। ଗିରଫ ଶିକାରୀମାନେ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ ହିରାଲୋଇ ଗ୍ରାମର ଜୟ ମହାନନ୍ଦ(୬୦), କାଙ୍କଦର ଗ୍ରାମର ପ୍ରଫୁଲ୍ଲ ବାର୍ଲା(୪୦), ହୀରାଲୋଇ ଗ୍ରାମର କୁଅଁର ଟପ୍ପୋ(୬୦) ଏବଂ କିସିଣ୍ଡା ଗ୍ରାମର ଦୀନବନ୍ଧୁ ଅଟି(୬୨)। ବନ ବିଭାଗ ସେମାନଙ୍କଠାରୁ ବାଘ ଛାଲ, ବାଘମୁଣ୍ଡ, ଏକ ହରିଣ ଶିଙ୍ଗ, ଦେଢକେଜି ରନ୍ଧା ବାଘ ମାଂସ ଜବତ କରିଛି। ବାଘ ଶିକାରରେ ବ୍ୟବହୃତ ଗୋଟିଏ ଦେଶୀ ବନ୍ଧୁକ, ୫ଟି ଅଫୁଟା ଗୁଳି, ୫ଟି ଟାଙ୍ଗିଆ ଜବତ ହୋଇଛି।

ସୂଚନାଯୋଗ୍ୟ ଯେ, ଗିରଫ ଏବଂ ଫେରାର ଶିକାରୀମାନେ ଗତ ୨୬ତାରିଖରେ ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲକୁ ଜନ୍ତୁ ଶିକାର କରିବାକୁ ଯାଇଥିଲେ। ଜଙ୍ଗଲରେ ସେମାନେ ଏକ କଲରାପତରିଆ ବାଘକୁ ବନ୍ଧୁକରେ ଶିକାର କରି ତାହାକୁ ଘରକୁ ଆଣିଥିଲେ। ଖବର ପାଇ ରେଢାଖୋଲ ଡ଼ିଏଫଓଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗର ଏକ ଟିମ କିସିଣ୍ଡା ପୋଲିସ ସହାୟତାରେ ହୀରାଲୋଇ ଗ୍ରାମରେ ୨୬ତାରିଖ ବିଳମ୍ବିତ ରାତିରେ ସମ୍ପୃକ୍ତ ଶିକାରୀମାନଙ୍କ ଘରେ ଚଢାଉ କରିଥିଲା। ଚଢାଉ ସମୟରେ ହୀରାଲୋଇ ଗ୍ରାମର ଜୟ ମହାନନ୍ଦ, କୁଅଁର ଟପ୍ପୋ ଏବଂ କାଙ୍କଦରହ ଗ୍ରାମର ପ୍ରଫୁଲ୍ଲ ବାର୍ଲାଙ୍କ ଘରୁ ଏହି ସବୁ ସାମଗ୍ରୀ ଜବତ ହୋଇଥିଲା। ଗିରଫ ଶିକାରୀମାନଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଆଇନ ୧୯୭୨ ଏବଂ ଅଣ୍ଡର ସେକ୍ସନ ୯/୩୯(ବି) ଏବଂ ୪୯(ବି)ରେ ଗୁରୁବାର ରେଢାଖୋଲ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠି ଦିଆଯାଇଛି।

# ପୋଲିସ ସହ ଗୁଳି ବିନିମୟ: ୩ ମହିଳା ମାଓବାଦୀ ମୃତ

**ମାଲକାନଗିରି,୨୯।୮ (ଦୁର୍ଯ୍ୟୋଧନ ପାତ୍ର):** ଛତିଶଗଡ଼ ନାରାୟଣପୁର ଏବଂ କାଙ୍କେର ଜିଲା ସୀମାବର୍ତ୍ତୀ ଅଞ୍ଚଳରେ ଗୁରୁବାର ପୋଲିସ ସହ ଗୁଳି ବିନିମୟ ହୋଇଛି। ଯେଉଁଥିରେ ୩ ଜଣ ମହିଳା ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ନାରାୟଣପୁର ଏବଂ କାଙ୍କର ଜିଲା ସୀମାବର୍ତ୍ତୀ ଜଙ୍ଗଲରେ ମାଓବାଦୀଙ୍କ ସମ୍ପର୍କରେ ସୂଚନା ପାଇବା ପରେ ପୋଲିସ, ଡିଆର୍‌ଜି, ଏସ୍‌ଟିଏଫ୍ ଏବଂ ବିଏସ୍‌ଏଫ୍ ପକ୍ଷରୁ ମିଳିତ ତଲାସି ଅଭିଯାନ କରାଯାଇଥିଲା। ଖୋଜାଖୋଜି ସମୟରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ମୁହାଁମୁହିଁ ହେବାପରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୩ ମହିଳା ମାଓବାଦୀଙ୍କ ମୃତ୍ୟୁ ହେବା ସହ କେତେକ ସାମଗ୍ରୀ ଜବତ କରାଯାଇଛି। ଏନେଇ ନାରାୟଣପୁର ଏସ୍‌ପି ପ୍ରଭାତ କୁମାର କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ୩ ସଶସ୍ତ୍ର ମହିଳା ମାଓବାଦୀଙ୍କ ମୃତଦେହ ଜବତ କରାଯାଇଛି।

# ଫ୍ୟାନ୍ସି ନମ୍ବର ଆଳରେ ସାଇବର ଠକେଇ

- ୩ ଅଭିଯୁକ୍ତ ଗିରଫ
- ଲାପ୍‌ଟପ୍, ମୋବାଇଲ, ଏଟିଏମ୍, ସିମ୍ କାର୍ଡ ସହ କାର୍ ଜବତ

ବାଲେଶ୍ୱର, ୨୯।୮ (ବାଞ୍ଛାନିଧି ଦେ)

ଫ୍ୟାନ୍ସି ନମ୍ବର, ପ୍ରି-ଆକ୍ଟିଭେଟେଡ ସିମ୍ ମାଧ୍ୟମରେ ଲୋକଙ୍କୁ ଠକୁଥିବା ଦୁଇ ଅଣଓଡ଼ିଆଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି ବାଲେଶ୍ୱର ସାଇବର ଥାନା ପୋଲିସ। ଗିରଫ ୨ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମମେଦିନୀପୁର ଜିଲା ମୋହନପୁର ଥାନା ଅଞ୍ଚଳର ଓ ଅନ୍ୟଜଣେ ବାଲେଶ୍ୱର ଜିଲା ଶିମୁଳିଆ ଥାନା ବାମପଦା ଅଞ୍ଚଳର। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସହଦେବଖୁଣ୍ଟା ଆଦର୍ଶ ଥାନା ଅଧୀନ କରଞ୍ଜିଆଠାରେ ଥିବା ୪ ମହଲା ବିଶିଷ୍ଟ କୋଠାଘରର ତୃତୀୟ ମହଲାକୁ ଭଡ଼ା ସୂତ୍ରରେ ନେଇ ସାଇବର ଠକମାନେ ଏକ କାର୍ଯ୍ୟାଳୟ ଖୋଲିଥିଲେ। ଚାକିରି ପ୍ରଲୋଭନ ଦେଖାଇ କେତେଜଣ ଯୁବତୀଙ୍କୁ ଏହି ଠକେଇ କାର୍ଯ୍ୟରେ ଲଗାଇଥିଲେ। ନିଜର ମୋବାଇଲ ଫୋନରେ ଫ୍ୟାନ୍ସି ନମ୍ବର ଥିବା ସିମ୍ କାର୍ଡ ରଖିବା ପାଇଁ ଲୋକେ ଆଗ୍ରହ ପ୍ରକାଶ କରନ୍ତି। ଏହାର ସୁଯୋଗ ନେଇ ଉକ୍ତ ୩ଜଣ ପ୍ରି ଆକ୍ଟିଭେଟେଡ ସିମ୍ କାର୍ଡ ଲୋକଙ୍କୁ ଅନଲାଇନ ମାଧ୍ୟମରେ ବିକ୍ରି କରି ଠକୁଥିବା ଅଭିଯୋଗ ହୋଇଥିଲା। ଏନେଇ ସାଇବର ଥାନାରେ ବୁଧବାର ଏକ ମାମଲା (ନଂ. ୩୨/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ସାଇବର ଥାନା ଆଇଆଇସି ମିନା ବିନ୍ଧାଣୀଙ୍କ ନେତୃତ୍ୱରେ ଏକ ଟିମ୍ କରଞ୍ଜିଆର ଉକ୍ତ ଘର ଉପରେ ଚଢାଉ କରିଥିଲା। ଚଢ଼ାଉ ବେଳେ ଠକେଇରେ ବ୍ୟବହୃତ ଦୁଇଟି ଲାପଟପ୍, ୧୬ଟି ମୋବାଇଲ ଫୋନ୍, ୯ଟି ଏଟିଏମ କାର୍ଡ, ୮ଟି ସିମ କାର୍ଡ, ଗୋଟିଏ ଡ୍ରାଇଭିଂ ଲାଇସେନ୍ସ, ଗୋଟିଏ ଆଧାରକାର୍ଡ, ଗୋଟିଏ କାର୍(ନଂ.ଡବ୍ଲ୍ୟୁବି୩୬ଏମ୍-୫୬୪୮)କୁ ଜବତ କରିବା ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ଅଭିଯୁକ୍ତମାନେ ମାତ୍ର ୧୦ଦିନ ହେଲା ଏଭଳି ବେପାର ଆରମ୍ଭ କରି ଦିଲ୍ଲୀ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶର କିଛି ଲୋକଙ୍କୁ ଫ୍ୟାନ୍ସି ନମ୍ବର ଦେବା ଆଳରେ ଫୋନ କରୁଥିଲେ। ଆଗୁଆ ବିପୁଳ ଅର୍ଥ ନେଇ ମଧ୍ୟ ଫ୍ୟାନ୍ସି ନମ୍ବର ପରିବର୍ତ୍ତେ ଅନ୍ୟ ନମ୍ବର ଦେଇ ଠକି ଆସୁଥିବା ଏସ୍‌ପି ନାଥ ସୂଚନା ଦେଇଛନ୍ତି।

# କଫସିରପ ସହ ଦେଶୀ ମଦ ଜବତ, ୪ ଗିରଫ

ଜମନକିରା, ୨୯।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଥାନା ପୋଲିସ ବଡରମା ବିଶାଳପାଲିଠାରେ ଗୁରୁବାର ବେଆଇନଭାବେ କଫସିରପ ଓ ଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସଦର ଥାନା ବହାମ ଗାଁର ରିକୁନ ସ୍ୱାଇଁ (୨୨), ଗଣପଡ଼ା ପଡ଼ିଆବହାଲର ମଣ୍ଟୁ ମାଝୀ(୨୫), କବରାପାଲି ଗାଁର ଜିତେନ୍ଦ୍ର ବାଗ (୨୫) ଏବଂ ଗମ୍ଭାରୀକଟା ଗାଁର ଅମିତ ପ୍ରଧାନ (୧୯)। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ କହିଛନ୍ତି। ଏହି ଘଟଣାରେ ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କ ଠାରୁ ୧୦୦ ମିଲିର ୪୦ଟି କଫ ସିରପ ବୋତଲ, ନିଶା ବଟିକା ଏକ ଷ୍ଟ୍ରିପ, ୪୦ ଲିଟର ଦେଶୀ ମଦ ଡ୍ରୋଲ, ଏକ ବାଇକ ଇତ୍ୟାଦି ଜବତ କରାଯାଇଛି। ଏନେଇ ଜମନକିରା ଥାନାରେ ଏକ ମାମଲା (ନ.୧୫୮/୨୪)ରୁଜୁ କରାଯାଇଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଆଁସୀ କନ୍ୟାକୁ ଅନ୍ଵେଇସିଆ ବର।**

ସାଧାରଣତଃ ଉଆଁସ ତିଥିରେ ଜନ୍ମ ଲାଭକରିଥିବା କନ୍ୟାକୁ ବିବାହ କରିବା ପାଇଁ କେହି ରାଜିହୋଇ ନ ଥାନ୍ତି। କାରଣ ଅମାବାସ୍ୟା ଦିନ ଜାତ ହୋଇଥିବା କନ୍ୟା ଅକାଳରେ ବିଧବା ହୁଏ ବୋଲି ରହିଥିବା ଅନ୍ଧବିଶ୍ୱାସ ସମାଜରେ ଏବେବି ପ୍ରଚଳିତ ହୋଇ ଆସୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଋଷି ଘରକୁ ମହାଋଷି ଗଲେ ଜିରା ଭିତରୁ ଶିରା କାଢ଼ିଲେ।**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ହିଁ ଦେଖିଥାନ୍ତି। ଏହିପରି ଅନ୍ୟର ଦୋଷ ଯିଏ ଦେଖାଉଥାଏ ତା’ର ଦୋଷ ଦୁର୍ବଳତା ଦେଖାଇବାକୁ ମଧ୍ୟ କେହି ଜଣେ ରହିଥାନ୍ତି ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସାପ କାମୁଡ଼ାରେ ମା’, ଝିଅଙ୍କ ମୃତ୍ୟୁ

ଭଞ୍ଜନଗର,୨୯।୮ (ବାବୁଲା ପ୍ରଧାନ)

ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା ରାଇକିଆ ବ୍ଲକ ଇନ୍ଦ୍ରଗଡ଼ ପଞ୍ଚାୟତ ରିଷାଭୁଇଁ ଗ୍ରାମରେ ଗୁରୁବାର ଭୋର୍‌ରେ ସାପ କାମୁଡ଼ାରେ ମା’, ଝିଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୁରୁବାରୀ ନାୟକ(୩୫) ଏବଂ ତାଙ୍କ ଝିଅ ସୁବି ନାୟକ(୬)। ଭଞ୍ଜନଗର ପୋଲିସ ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ରିଷାଭୁଇଁ ଗ୍ରାମର ଲଡୁ ନାୟକଙ୍କ ସ୍ତ୍ରୀ ଗୁରୁବାରୀଙ୍କ ପେଟବ୍ୟଥା ହେଉଥିବାରୁ ବୁଧବାର ରାତିରେ କିଛି ନ ଖାଇ ଶୋଇପଡ଼ିଥିଲେ। ଝିଅ ସୁବି ମଧ୍ୟ ଖାଲି ପେଟରେ ମା’ଙ୍କ ପାଖରେ ଶୋଇପଡ଼ିଥିଲେ। ଗୁରୁବାର ଭୋର୍‌ରେ ଗୁରୁବାରୀଙ୍କୁ ସାପ କାମୁଡ଼ି ଦେବାରୁ ସେ ଚିତ୍କାର କରି ସ୍ୱାମୀଙ୍କୁ କହିବାର କିଛି ସମୟ ପରେ ଅଚେତ ହୋଇପଡ଼ିଥିଲେ। ଏହାପରେ ଝିଅ ସୁବି ମଧ୍ୟ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ମେଡିକାଲରେ ଗୁରୁବାରୀ ଓ ସୁବିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଗଞ୍ଜେଇ ବ୍ୟବସାୟୀଙ୍କ ନିକଟରୁ ପିସ୍ତଲ, ଗୁଳି ଜବତ

- କାର୍ ସହ ୫୦କିଲୋ ଗଞ୍ଜେଇ ଜବତ : ୨ ଗିରଫ
- ବୌଦ୍ଧରୁ ସମ୍ବଲପୁରକୁ ଚାଲାଣ ହେଉଥିଲା

ସୋନପୁର,୨୯।୮ (ମୃତ୍ୟୁଞ୍ଜୟ ଶତପଥୀ)




ଗିରଫ ଅଭିଯୁକ୍ତ, ଜବତ ପିସ୍ତଲ, ଗୁଳି, ଗଞ୍ଜେଇ ଓ କାର୍।



ଗଞ୍ଜେଇ ଚୋରାଚାଲାଣ ସମୟରେ ବ୍ୟବସାୟୀମାନେ ମାରଣାସ୍ତ୍ର ବ୍ୟବହାର କରୁଛନ୍ତି। ଏହି ମାରଣାସ୍ତ୍ର ଦେଖାଇ ସେମାନେ ଜନସାଧାରଣ ଏପରିକି ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କୁ ଭୟଭୀତ କରୁଛନ୍ତି। ସୋନପୁର-ବିନିକା ରାସ୍ତାର ବିନିକା ଥାନା ମହାଦେବପାଲି ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଚଢାଉ କରାଯାଇଥିଲା। ଏହି ସମୟରେ ଗଞ୍ଜେଇ ବ୍ୟବସାୟୀଙ୍କ ନିକଟରୁ ଦେଶୀ ପିସ୍ତଲ ଓ ୬ଟି ଜୀବନ୍ତ ଗୁଳି ଜବତ ହୋଇଛି। ଅବକାରୀ ବିଭାଗ କର୍ମଚାରୀ ମହାଦେବପାଲି ଛକରେ ବିନିକା ଅଭିମୁଖେ ଯାଉଥିବା ଟାଟା ଇଣ୍ଡିଗୋ ମାଞ୍ଜା କାର ନଂ ଓଡି୧୫ଇ-୮୯୭୮କୁ ସନ୍ଦେହରେ ଅଟକ ରଖିଥିଲେ। ତନଖି ସମୟରେ ୫୦ କିଲୋ ଗଞ୍ଜେଇ ମିଳିଥିଲା। ଏହି ଘଟଣାରେ ବୌଦ୍ଧ ଜିଲା ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ପ୍ରଧାନ(୨୨) ଓ ଅରବିନ୍ଦ ଦେହୁରୀ(୨୪)ଙ୍କୁ ଗିରଫ କରାଯାଇଛି। ଉଭୟ ବୌଦ୍ଧ ଜିଲାରୁ ବିନିକା ରାସ୍ତା ଦେଇ ସମ୍ବଲପୁରକୁ ଗଞ୍ଜେଇ ଚାଲାଣ କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ବିନିକା ଅବକାରୀ ଥାନା ପକ୍ଷରୁ ଏକ ମାମଲା(୧୨୦/୨୪)ରୁଜୁ ହୋଇଛି। ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର, ଗଞ୍ଜେଇ ଓ ଏକ ମୋବାଇଲ ଜବତ କରାଯାଇଛି। ଅବକାରୀ ବିଭାଗ ଅଭିଯୁକ୍ତଙ୍କ ନିକଟରୁ ଜବତ କରିଥିବା ପିସ୍ତଲ ଓ ଜୀବନ୍ତ ଗୁଳିକୁ ବିନିକା ଥାନାରେ ଜିମା ଦେବ। ବିନିକା ଥାନାରେ ଆର୍ମସ୍ ଆକ୍ଟରେ ଅନ୍ୟ ଏକ ମାମଲା ରୁଜୁ ହେବ ବୋଲି ଜଣାପଡିଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ। ଅବକାରୀ ଅଧୀକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ସୋନପୁର ରେଞ୍ଜ ଇନ୍ସପେକ୍ଟର ପ୍ରକାଶ ସା, ମୋବାଇଲ ଇନ୍ସପେକ୍ଟର ହର ପ୍ରସାଦ ରଣା, ବିନିକା ସବ୍‌ଇନ୍ସପେକ୍ଟର ବଳବୀର ଗଡନାୟକ, ଏଏସଆଇ ପିଣ୍ଟୁ ସାହୁ, ପୃଥ୍ୱୀରାଜ କୁଅଁର ଓ ଡୋଲାମଣି ପ୍ରଧାନ ଏହି ଚଢାଉରେ ସାମିଲ ହୋଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତୃତୀୟ ରାଉଣ୍ଡରେ ଜୋକୋଭିଚ୍, ସାବାଲେଙ୍କା

**ନ୍ୟୁୟର୍କ, ୨୯।୮ (ପି.ଟି.)**

ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍, ଆରିନା ସାବାଲେଙ୍କା ଓ କୋକୋ ଗଫ୍। ପୁରୁଷ ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ନୋଭାକ୍ ଜୋକୋଭିଚ୍ ନିଜ ଦେଶର ଲାସଲୋ ଜେରଙ୍କୁ ପରାସ୍ତ କରିଥିଲେ। ଆର୍ଥର ଆଶେ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଜୋକୋଭିଚ୍ ୬-୪, ୬-୪ ଓ ୨-୦ରେ

**ୟୁଏସ୍ ଓପନ**

ଆଗୁଆ ରହିଥିବା ବେଳେ ଲାସଲୋ ଆହତ କାରଣରୁ ଓହରି ଯାଇଥିଲେ। ଅନ୍ୟ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ଗୁଡିକ ମଧ୍ୟରେ ଆମେରିକାର ଟେଲର ଫ୍ରିଜ୍ ୬-୪, ୭-୬(୭/୧) ଓ ୬-୧ ସେଟରେ ଇଟାଲୀର ମାଟ୍ଟେଓ ବେରେଟିନିଙ୍କୁ, କାସ୍ପର ରୁଡ୍ ୬-୪, ୬-୨, ୨-୬ ଓ ୭-୬(୭/୩)ରେ ଗେଲ୍ ମନଫିଲ୍ସଙ୍କୁ, ଲରେଞ୍ଜୋ ମୁସେଟ୍ଟି ୩-୬, ୬-୪, ୬-୪, ୨-୬ ଓ ୭-୫ ସେଟରେ ମିଓମିର କେକମାନୋଭିକଙ୍କୁ, ବେନ୍ ଶେଲଟନ୍ ୬-୩, ୬-୪ ଓ ୬-୪ ସେଟରେ ରବର୍ଟୋ ବାଟିଷ୍ଟା ଆଗୁଟଙ୍କୁ, ଆଲେକ୍ସି ପପେରିନ୍ ୬-୨, ୬-୪ ଓ ୬-୦ରେ ପେଡ୍ରୋ ମାର୍ଟିନେଜଙ୍କୁ, ସାଙ୍ଗ ଜୁନଚେଙ୍ଗ ୬-୨, ୬-୩ ଓ ୭-୬(୭/୨) ସେଟରେ ରବର୍ଟୋ କାର୍ବାଲେସ ବାଏନାଙ୍କୁ, ଫ୍ରାନ୍ସିସ୍କୋ କମସାନା ୫-୭, ୬-୪, ୬-୪ ଓ ୬-୪ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ସେହିପରି ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ବେଲାରୁଷର ଆରିନା ସାବାଲେଙ୍କା ସହଜ ବିଜୟ ସହ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୬-୩, ୬-୧ ସେଟରେ ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ପରାସ୍ତ କରିଥିଲେ ସାବାଲେଙ୍କା। ୧୬ ବର୍ଷ ବୟସରେ ବିଜୟୀ ହୋଇ ସର୍ବକନିଷ୍ଠ ଖେଳାଳି ଭାବରେ ରେକର୍ଡ କରିଥିବା ଇଭା ଜୋଭିକଙ୍କ ଅଭିଯାନ ଶେଷ ହୋଇଛି। ଏକାଟେରିନା ଆଲେକଜାଣ୍ଡ୍ରୋଭାଙ୍କ ନିକଟରୁ ଇଭା ୪-୬, ୬-୪ ଓ ୭-୫ ସେଟରେ ପରାଜିତ ହୋଇଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ମାର୍ଟା କୋଷ୍ଟ୍ୟୁକ ୭-୬(୧୨-୧୦) ଓ ୬-୧ସେଟରେ ବ୍ରିଟେନର ହାରିୟର ଡାର୍ଟଙ୍କୁ, ୧୩ ନମ୍ବର ସିଡ୍ ଏମ୍ମା ନାଭାରୋ ୬-୧, ୬-୧ ସେଟରେ ଆରନକ୍ସାଟା ରସଙ୍କୁ, ଡୋନ୍ନା ଭେକିକ ୭-୫ ଓ ୬-୧ ସେଟରେ ଗ୍ରିଟ ମିନ୍ନେନଙ୍କୁ, ଭିକ୍ଟୋରିଆ ଆଜାରେଙ୍କା ୬-୧, ୬-୪ ସେଟରେ କ୍ଲାରା ବୁରେଲଙ୍କୁ, କୋକୋ ଗଫ୍ ୬-୪, ୬-୦ ସେଟରେ ଟାଟଜାନା ମାରିଆଙ୍କୁ, ଏଲିନା ସ୍ୱେତଲିନା ୬-୧ ଓ ୬-୨ ସେଟରେ ଆନ୍ହେଲିନା କାଲିନିନାଙ୍କୁ ପରାସ୍ତ କରିଛନ୍ତି। ଆମେରିକାର ଅଣସିଡେଡ ମହିଳା ଖେଳାଳି ପେଟନ୍ ଷ୍ଟର୍ନସ ୬-୧, ୭-୬(୭/୩) ସେଟରେ ୧୨ ନମ୍ବର ସିଡ୍ ଦାରିଆ କାସାଟକିନାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।





ଶଟ୍ ଖେଳୁଛନ୍ତି ନୋଭାକ ଜୋକୋଭିଚ୍ ଓ ପେଟନ୍ ଷ୍ଟର୍ନସ।

## ବାଲାଜୀ, ଭାମ୍ବ୍ରି ଦ୍ୱିତୀୟ ରାଉଣ୍ଡରେ

ୟୁଏସ୍ ଓପନ ଟେନିସ୍ ଗ୍ରାଣ୍ଡସ୍ଲାମର ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଭାରତର ୟୁକି ଭାମ୍ବ୍ରି ଓ ଏନ୍. ଶ୍ରୀରାମ ବାଲାଜୀ। ଉଭୟ ଖେଳାଳି ନିଜ ନିଜ ପାର୍ଟନରଙ୍କ ସହ ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିଛନ୍ତି। ଆର୍ଜେଣ୍ଟିନାର ଗୁଇଡୋ ଆଣ୍ଡେରୋଜ୍ଜିଙ୍କୁ ସାଥୀ କରି ଖେଳୁଥିବା ବାଲାଜୀ ୫-୭, ୬-୧ ଓ ୭-୬(୧୨-୬) ସେଟରେ ନ୍ୟୁଜିଲାଣ୍ଡର ମାର୍କସ୍ ଡାନିଏଲ ଓ ମେକ୍ସିକୋର ମିଗୁଏଲ ରେଇସ୍ ଭାରେଲାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ୨ ଘଣ୍ଟା ୩୬ ମିନିଟ ଧରି ଚାଲିଥିଲା। ଅପରପକ୍ଷରେ ଫ୍ରାନ୍ସର ଆଲବାନୋ ଅଲିଭେଟିଙ୍କୁ ସାଥୀ କରି ଖେଳୁଥିବା ୟୁକି ଭାମ୍ବ୍ରି ସ୍ଥାନୀୟ ଖେଳାଳି ର୍ୟାନ ସେଗରମନ ଓ ପ୍ୟାଟ୍ରିକ୍ ଥ୍ରାକ୍‌ଙ୍କୁ ୬-୩ ଓ ୬-୪ର ସିଧାସଳଖ ସେଟରେ ପରାସ୍ତ କରିଥିଲେ।

# କ୍ରୀଡ଼ା ଦିବସରେ ଫିଫା ମହିଳା ଫୁଟ୍‌ବଲ ଅଭିଯାନ



ବାରବାଟୀ ଷ୍ଟାଡିୟମରେ ଫାଓ ପକ୍ଷରୁ ଅନୁଷ୍ଠିତ ଫିଫା ମହିଳା ଫୁଟ୍‌ବଲ ଅଭିଯାନ କାର୍ଯ୍ୟକ୍ରମ।

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଫାଓ ପକ୍ଷରୁ କଟକର ବାରବାଟୀ ଷ୍ଟାଡିୟମରେ ଫିଫା ମହିଳା ଫୁଟବଲ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଶିଶୁମାନଙ୍କ ପାଇଁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ପକ୍ଷରୁ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ। ତୃଣମୂଳ ସ୍ତରରେ ଫୁଟବଲ ଏବଂ ଯୁବ ଖେଳାଳିଙ୍କୁ ପ୍ରମୋଟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କଟକର ୧୨୦ ଜଣ ୧୧ ବର୍ଷରୁ କମ୍ ବାଳିକା ଏଥିରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫୁଟବଲର ମୌଳିକତା ଶିକ୍ଷା ଦିଆଯିବା ସହ କେତେକ ମଜାଳିଆ ଖେଳ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲର ତଥା ଓଡ଼ିଶାର ଫୁଟବଲ ଆମ୍ବାସାଡର ରାଜେନ୍ଦ୍ର ପ୍ରସାଦ ସିଂ, ପୂର୍ବତନ ଅନ୍ତର୍ଜାତୀୟ ମହିଳା ଫୁଟବଲର ଗୀତାଞ୍ଜଳି ଖୁଣ୍ଟିଆ, ଜୁଲି କିଶାନ, ଫାଓର ବୈଷୟିକ ନିର୍ଦ୍ଦେଶକ ଅକ୍ଷୟ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# କିଟ୍-କିସ୍ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ





ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)**

କିଟ୍ ଓ କିସ୍ ପରିସରରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। "ଜାତୀୟ କ୍ରୀଡ଼ା ଦିବସ ଅବସରରେ ପ୍ରତ୍ୟେକ ଖେଳ ଓ ଖେଳାଳିଙ୍କୁ ସମ୍ମାନ ଦିଆଯାଇଥାଏ। କିଟ୍ ଓ କିସ୍ ଦୀର୍ଘ ୩ ଦଶନ୍ଧି ଧରି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ଦିଗରେ କାର୍ଯ୍ୟ କରିଆସୁଛି। ୨୦୨୮ ଅଲିମ୍ପିକ୍ସରେ କିଟ୍ ଓ କିସ୍‌ରୁ ଅଧିକ ଖେଳାଳି ଯେଭଳି ବାହାରି ପାରିବେ ସେ ନେଇ ଅଚ୍ୟୁତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଭଲ ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ଅନ୍ତର୍ଜାତୀୟ ମାନର ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଓ କିସ୍ କ୍ରୀଡ଼ା ଉପଦେଷ୍ଟା ଉପେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପର୍ବତାରୋହୀ ବିଭାରାଣୀ ପାତ୍ରଙ୍କୁ ସମ୍ବର୍ଦ୍ଧନା ସହ ୫୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଶେଷରେ କିଟ୍ କ୍ରୀଡ଼ା ମୁଖପତ୍ର ଉନ୍ମୋଚିତ ହୋଇଥିଲା। ସେହିପରି କିସ୍‌ରେ ମଧ୍ୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଟାଲିଟିକ୍ ଇନୋଭେଟର୍ସ ଗ୍ରୁପ୍‌ର ମୁଖ୍ୟ ତଥା ପ୍ରତିଷ୍ଠାତା ଅଖତାର ବାଦଶାହ କ୍ରୀଡ଼ା କ୍ଷେତ୍ରରେ କିସ୍‌ର ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଅଖତାରଙ୍କ ସହ ଅଲକା ଗୁପ୍ତା ବାଦଶାହ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜେଏମ ସ୍ପୋର୍ଟ୍ସ ଏକାଡେମୀରେ ଜାତୀୟ କ୍ରୀଡ଼ା ଦିବସ

**ଭୁବନେଶ୍ୱର, ୨୯।୮ (ତପନସ୍ୱାଇଁ):** ଜେଏମ ସ୍ପୋର୍ଟ୍ସ ଏକାଡେମୀରେ ଏକ ନିଆରା ଢଙ୍ଗରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଛି। ଛୋଟ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଉତ୍ସାହିତ କରାଯାଇଥିଲା। ପିଲାମାନେ ମେଜର ଧ୍ୟାନଚାନ୍ଦଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଧ୍ୟାନଚାନ୍ଦଙ୍କ ଜୀବନ କାହାଣୀ ଓ ଖେଳପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରାଯାଇଥିଲା। ଏକାଡେମୀର ଅଧ୍ୟକ୍ଷା ମିରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଯଶୋବନ୍ତ ଦାସ ଓ ଆଇନ ପରାମର୍ଶ ଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅନେକ ଅଭିଭାବକ ଓ ଏକାଡେମୀ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଦିବସର ସ୍ଲୋଗାନ ଥିଲା "ଖେଲେଗା ଇଣ୍ଡିଆ ତୋ ଖିଲେଗା ଇଣ୍ଡିଆ"।

# ୫ ସିନିୟର ଜର୍ନାଲିଷ୍ଟ ସମ୍ମାନିତ





ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ସମ୍ମାନିତ ଜର୍ନାଲିଷ୍ଟ ଓ ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍। (ଫଟୋ: ମନୋରଞ୍ଜନ ମିଶ୍ର)

**ଭୁବନେଶ୍ୱର, ୨୯।୮ (ବିଜୟ ରଣା)**

**ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସ**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୪୪ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିବର୍ଷ ଭଳି ୫ ସିନିୟର ଜର୍ନାଲିଷ୍ଟଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ଗ୍ରୁପ ଏଡିଟର ଗୋପାଳ କୃଷ୍ଣ ମହାପାତ୍ର, ଏଡିଟର ସୁଧୀର କୁମାର ପଣ୍ଡା, ଖବରଦାତା କମଳାକାନ୍ତ ନାୟକ ଓ ଶକ୍ତିପ୍ରସାଦ ନନ୍ଦ ଏବଂ ଫଟୋ ଜର୍ନାଲିଷ୍ଟ ମନୋଜ କୁମାର ସ୍ୱାଇଁ। ଏହି ଅବସରରେ ଚଳିତବର୍ଷ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରିଥିବା ସ୍କୁଲର ଛାତ୍ରୀଛାତ୍ର ଯଥା ଭାଲେନା ଭାଲେଣ୍ଟିନା, ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ସୁମନ ଶେଖର ଦାସ, ଅଂଶୁମାନ ଆଚାର୍ଯ୍ୟ, ଶୁଭମ ମହାନ୍ତି ଓ ଶୁଭକାନ୍ତ ବିଶ୍ୱାଳଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅତିଥିଭାବେ ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ ଆକାଶ ଦାସ, ବିଧାୟକ ବାବୁ ସିଂ ଏବଂ ରାଜନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୀୟୂଷ ମହାନ୍ତି, ଜୟଦେବ ପଟ୍ଟନାୟକ, ଖାରବେଳ ମଲିକ. ଇ. ଚିତ୍ତରଞ୍ଜନ ସ୍ୱାଇଁ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ଗୌରୀ ମହାନ୍ତି, ଅବିନାଶ ପୁହିର, ସନ୍ଦୀପ ଦାଶ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସୁରତରଙ୍ଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


**Classified Everyday**
**0674-2580101, 2549949**



**REAL ESTATE**

**SALE**

(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/-sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452. D-75774

Gharabari boundary plot Nakhara East Engineering College backside, close to SNH- 8018471169. D-75985

1 BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048. D-1173

Ready to move 4BHK duplex Bunglow Botanda Sundarapada, Bhubaneswar, Sai Villa, Ranging- 1.10Cr. Contact- 9861125539, 9040521173. D-76021

Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838. D-75988

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ Sum Hospital-2 ନିକଟସ୍ଥ GrandBazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ 30ft. ରାସ୍ତା ଥାଇ ଘରବାରି SC/Gen plot କିଣନ୍ତୁ। 9658562429. D-75989

Plot for sale at Puri Konark Marine Drive (850/- per Sqft). Contact: 6371703010. D-1167

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765. D-1174





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Newly open health benefits SPA by expert therapist. Contact- 9090400507. D-76148

**AFFIDAVIT**

ମୁଁ କାଳନ୍ଦି ନାୟକ ଓରଫ ପ୍ରଶାନ୍ତ ନାୟକ, ପିତା- ଧଡୁ ନାୟକ ଓରଫ ପ୍ରଭାକର ନାୟକ ଘୋଷଣା କରୁଅଛି ଯେ Affidavit No.-1025, ତାରିଖ 29.08.2024 ପ୍ରକାରେ ଏଲ୍ଆଇସି ସମେତ ସମସ୍ତ ସରକାରୀ ଓ ବେସରକାରୀ ଦସ୍ତାବିଜରେ ମୋର ନାମ କାଳନ୍ଦି ନାୟକ, ପିତା- ଧଡୁ ନାୟକ, ସା- ମାନଗୋବିନ୍ଦପୁର, ଗୁଡୁମ, ଖୋରଧା ରୂପେ ବିବେଚିତ ହେବି। ଧ-୭୩୫୫୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧୋତ୍ସବ**



**୰ଦିବାକର ପ୍ରଧାନ**

ଉଇଲକିଶନ ନଗର (ସାହେବ ନୂଆଗାଁ), ଖୋର୍ଦ୍ଧା

ଆବିର୍ଭାବ- ୦୫।୦୫।୧୯୪୯

ତିରୋଧାନ- ୧୧।୦୯।୨୦୨୩

ଚାହୁଁ ଚାହୁଁ ବର୍ଷେ ବିତିଗଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଏମିତି ଆମ ଉପରେ ରହିଥାଉ।

ଶୋକସନ୍ତପ୍ତ- ସ୍ତ୍ରୀ: ଇନ୍ଦୁମତି, ପୁଅ: ଚିତ୍ତରଞ୍ଜନ, ରଶ୍ମିରଞ୍ଜନ, ଝିଅ: ନମିତା, ସଞ୍ଜୁକ୍ତା, ଜ୍ୱାଇଁ: ଜିତେନ୍ଦ୍ର, ରବୀନ୍ଦ୍ର, ପୁତ୍ରବଧୂ: ସନ୍ଧ୍ୟା, ରଶ୍ମିତା, ନାତି ଓ ନାତୁଣୀ: ଗୁଡୁ, ଶୁଭମ, ଡୁଡୁଲ, ସାଇ, ଗୁଡ଼ି, ଖୁସି, ନିଶି, ଆଦ୍ୟାଶା। ଧ-୭୩୫୫୬

**ତୋର ସ୍ମୃତିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସନ୍ଦିପ ମହାନ୍ତି (ଟୁନଟୁନ)**
(ଭୁବନେଶ୍ୱର)

ଆବିର୍ଭାବ: ୨୭/୧୧/୧୯୮୪ | ତିରୋଧାନ: ୩୦/୦୮/୨୦୦୭

୧୭ବର୍ଷ ବିତିଗଲାଣି କିନ୍ତୁ ଆମର ବିଶ୍ୱାସ ହେଉନାହିଁ ଯେ ତୁ କଲେଜ ଯାଇ ଆଉ ଘରକୁ ଫେରିଲୁ ନାହିଁ। ଆମ ସମସ୍ତଙ୍କୁ ଛାଡ଼ି ସବୁଦିନ ପାଇଁ ଆର ଦୁନିଆଁକୁ ଚାଲିଗଲୁ। ପ୍ରତି ମୁହୂର୍ତ୍ତରେ ତୋର ଅନୁପସ୍ଥିତି ଆମେ ଅନୁଭବ କରୁଛୁ। ତୋର ଶୂନ୍ୟସ୍ଥାନ କେବେ ବି ପୂରଣ ହେବନାହିଁ। ତୁ ଆମ ସମସ୍ତଙ୍କ ଅଭୁଲା ସ୍ମୃତି ହୋଇ ହୃଦୟରେ ରହିଛୁ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ତୋର ଶୋକସନ୍ତପ୍ତ: ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡ଼ି, ଦେଈ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୭୪୫୬୨


# ପାକିସ୍ତାନର ୩ ହକି ଖେଳାଳି ଆଜୀବନ ବାସନ୍ଦ

**ଲାହୋର, ୨୯।୮ (ପି.ଟି.):** ପାକିସ୍ତାନ ହକି ମହାସଂଘ (ପିଏଚ୍ଏଫ୍)ର ଅଗୋଚରରେ ପାକିସ୍ତାନର ୩ ହକି ଖେଳାଳି ଏବଂ ଜଣେ ଫିଜିଓ ଥେରାପିଷ୍ଟ ଏକ ୟୁରୋପୀୟ ରାଷ୍ଟ୍ରରେ ରାଜନୈତିକ ଶରଣ ନେବା ଲାଗି ଉଦ୍ୟମ କରୁଥିବା ଜଣାପଡ଼ିବା ପରେ ସେମାନଙ୍କୁ ଆଜୀବନ ବାସନ୍ଦ କରାଯାଇଛି। ପିଏଚ୍ଏଫ୍ ସେକ୍ରେଟାରୀ ଜେନେରାଲ ରାଣା ମୁଜାହିଦ କହିଛନ୍ତି, ଏହି ୩ ଖେଳାଳି ହେଲେ ହେଲେ ମୁର୍ତ୍ତାଜା ୟାକୁବ ଇହେତଶାମ୍ ଅସଲାମ ଏବଂ ଅବଦୁର ରହମାନ ଏବଂ ଫିଜିଓଥେରାପିଷ୍ଟ ୱାକାସ ନେଶନ୍ସ କପ୍ ଖେଳିବା ଲାଗି ସେମାନେ ଗତ ମାସରେ ନେଦରଲାଣ୍ଡ୍ସ ଓ ପୋଲାଣ୍ଡ ଗସ୍ତ କରିଥିଲେ। ଦଳ ସହିତ ସେମାନେ ସ୍ୱଦେଶ ଫେରିବା ପରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ଲାଗି ସେମାନଙ୍କୁ ଯେତେବେଳେ ଟ୍ରେନିଂ କ୍ୟାମ୍ପକୁ ଡକାଗଲା ଘରୋଇ କାରଣ ଦର୍ଶାଇ ସେମାନେ କ୍ୟାମ୍ପରେ ଯୋଗ ଦେଇ ନ ଥିଲେ। ପରେ ଆମେ ଜାଣିବାକୁ ପାଇଥିଲୁ ଯେ, ସେମାନେ ଦଳ ପାଇଁ ଇସୁ କରାଯାଇଥିବା ସମାନ ଶେନ୍‌ଜେନ୍ ଭିଜା ସହାୟତାରେ ପୁନର୍ବାର ନେଦରଲାଣ୍ଡ୍ସ ପଳାଇଛନ୍ତି ଏବଂ ସେଠାରେ ରାଜନୈତିକ ଶରଣ ଭିକ୍ଷା କରିଛନ୍ତି। ଏହା ପାକିସ୍ତାନ ହକି ପାଇଁ ଅତ୍ୟନ୍ତ ଖରାପ ଅଧ୍ୟାୟ। ଭବିଷ୍ୟତରେ ୟୁରୋପୀୟ ଦେଶଗୁଡ଼ିକରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ଭିଜା ପାଇଁ ଆବେଦନ ବେଳେ ଆମ ଲାଗି ସମସ୍ୟା ସୃଷ୍ଟି ହୋଇପାରେ। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏ ବିଷୟରେ ଆମେ ଇତିମଧ୍ୟରେ ଆଭ୍ୟନ୍ତରୀଣ ଏବଂ ବୈଦେଶିକ ମନ୍ତ୍ରଣାଳୟକୁ କହିଛୁ।

**ଅଲିମ୍ପିକ୍ସ ପରି ବିଶ୍ୱର କ୍ରୀଡ଼ା ମହାମଞ୍ଚରେ ଓଡ଼ିଶାର ପ୍ରତିନିଧିତ୍ୱ କ୍ରମେ କମିବାରେ ଲାଗିଛି। ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ଓଡ଼ିଶାରୁ ମାତ୍ର ୨ ଆଥ୍‌ଲେଟ୍ କିଶୋର କୁମାର ଜେନା ଓ ଅମିତ ରୋହିଦାସ ପ୍ରତିନିଧିତ୍ୱ କରିଥିବାବେଳେ ପାରାଲିମ୍ପିକ୍ସରେ ତାହା ଶୂନ ହୋଇଯାଇଛି। ଏପରିସ୍ଥଳେ କେତେକ ପ୍ରତିଭାସମ୍ପନ୍ନ ଆଥ୍‌ଲେଟ୍ ନିକଟ ଅତୀତରେ ଚମକପ୍ରଦ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଆଶା ସୃଷ୍ଟି କରିଛନ୍ତି...** –ପ୍ରସ୍ତୁତି ତପନ ସ୍ୱାଇଁ

# ଓଡ଼ିଶାର ଆଶା



ମନ୍ନତା

ତନଭି

ଦେବାଶିଷ

ସାତ୍ତ୍ୱିକ

ଆଲିସା

ଅଲିମ୍ପିକ୍ସ ପରି ବିଶ୍ୱର କ୍ରୀଡ଼ା ମହାମଞ୍ଚରେ ଓଡ଼ିଶାର ପ୍ରତିନିଧିତ୍ୱ କ୍ରମେ କମିବାରେ ଲାଗିଛି। ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ଓଡ଼ିଶାରୁ ମାତ୍ର ୨ ଆଥ୍‌ଲେଟ କିଶୋର କୁମାର ଜେନା ଓ ଅମିତ ରୋହିଦାସ ପ୍ରତିନିଧିତ୍ୱ କରିବାର ଯୋଗ୍ୟତା ପାଇଥିଲେ। ପାରାଲିମ୍ପିକ୍ସରେ କିନ୍ତୁ ଓଡ଼ିଶାର ପ୍ରତିନିଧିତ୍ୱ ଶୂନ ହୋଇଯାଇଛି। ଅର୍ଥାତ୍ କେହି ଜଣେ ହେଲେ ପାରା ଆଥ୍‌ଲେଟ୍ ପାରାଲିମ୍ପିକ୍ସ ପାଇଁ ଯୋଗ୍ୟ ବିବେଚିତ ହୋଇନାହାନ୍ତି। ଗତ ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ଭଗତ ଏଥର ଡୋପିଂର ହ୍ୱେୟାର ଏବାଉଟ୍ କ୍ଲଜ୍ ଉଲ୍ଲଂଘନ କରିଥିବାରୁ ୧୮ ମାସ ନିଲମ୍ବନ ହୋଇଛନ୍ତି। ଫଳରେ ସେ ଟାଇଟଲ ଡିଫେଣ୍ଡ କରିବାରୁ ବଞ୍ଚିତ ହୋଇଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଏପରି ହୋଇଥିବା ପ୍ରମୋଦ ପରେ ସ୍ପଷ୍ଟ କରିଛନ୍ତି। ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ବଢୁଛି, ହାଇପରଫର୍ମାନ୍ସ ସେଣ୍ଟରରେ ପିଲାମାନେ ଉଚ୍ଚସ୍ତରର ଟ୍ରେନିଂ ମଧ୍ୟ ପାଉଛନ୍ତି। ଜୁନିୟର ସ୍ତରରେ ଓଡ଼ିଶା ଆଥ୍‌ଲେଟ୍‌ମାନେ ଯଦିଓ ପ୍ରଦର୍ଶନର ଛାପ ଛାଡୁଛନ୍ତି ତେବେ ସିନିୟର ସ୍ତରରେ କ୍ରୀଡ଼ାର ବଡ଼ ମଞ୍ଚ ଗୁଡ଼ିକ ପାଇଁ ଯୋଗ୍ୟ ବିବେଚିତ ହୋଇ ନ ପାରିବା ଚିନ୍ତାର କାରଣ ହୋଇଛି। ଏପରିସ୍ଥଳେ କେତେକ ପ୍ରତିଭାସମ୍ପନ୍ନ ଆଥଲେଟ୍ ନିକଟ ଅତୀତରେ ଚମକପ୍ରଦ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଆଶା ସୃଷ୍ଟି କରିଛନ୍ତି। ସେମାନଙ୍କ ମଧ୍ୟରେ ସୁଇମିଂରେ ମନ୍ନତା ମିଶ୍ର, ଚେସ୍‌ରେ ସାତ୍ତ୍ୱିକ ସ୍ୱାଇଁ, ବ୍ୟାଡ୍‌ମିଣ୍ଟନରେ ତନଭି ପତ୍ରି, କରାଟେରେ ଅଲିସା ସୁବୁଦ୍ଧି, ଟେନିସ ପ୍ରତିଭା ଦେବାଶିଷ ସାହୁ ପ୍ରମୁଖ ଅନ୍ୟତମ...

## ମନ୍ନତା ମିଶ୍ର

ଓଡ଼ିଶାର ସନ୍ତରଣ ପ୍ରତିଭା ମନ୍ନତା ମିଶ୍ର କଳିଙ୍ଗ ଷ୍ଟାଡିୟମର ଆକ୍ୱାଟିକ୍ ସେଣ୍ଟରରେ ଅନୁଷ୍ଠିତ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ଗ୍ରୁପ୍–୧ ବାଳିକା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ଏହାଥିଲା ମନ୍ନତାଙ୍କର ଦ୍ୱିତୀୟ ପଦକ। ପୂର୍ବରୁ ସେ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅଲିମ୍ପିଆନ ସନ୍ଦୀପ ସେଜୱାଲଙ୍କ ତତ୍ତ୍ୱାବଧାନରେ ଓଡ଼ିଶା–ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟରରେ ମନ୍ନତା ସମ୍ପ୍ରତି ଟ୍ରେନିଂ ନେଉଛନ୍ତି। ଜାତୀୟ ସ୍ତରରେ ଓଡ଼ିଶାର ସର୍ବପ୍ରଥମ ପଦକ ହାସଲକାରୀର ମାନ୍ୟତା ପାଉଛନ୍ତି ସମ୍ବଲପୁରର ରଙ୍ଗନିଧି ସେଠ୍। ୧୯୯୦ରେ ସେ ସବ୍‌ଜୁନିୟର ଗ୍ରୁପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ପ୍ରତ୍ୟାଶା ରାୟ ଓଡ଼ିଶାର ପ୍ରଥମ ସୁଇମରଭାବେ ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ରେକର୍ଡ ରଖିଛନ୍ତି। ୨୦୧୬ରେ ବାଙ୍ଗାଲୋରରେ ଅନୁଷ୍ଠିତ ଜାତୀୟ ଜୁନିୟର ଚାମ୍ପିୟନଶିପ୍‌ର ବାଳିକା ଗ୍ରୁପ୍–୨ ବର୍ଗରେ ସେ ୩ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ।

## ସାତ୍ତ୍ୱିକ ସ୍ୱାଇଁ

ଗତ ଜୁଲାଇରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି ରାଜ୍ୟର ଉଦୀୟମାନ ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ। ୮ ବର୍ଷରୁ କମ୍ ଓପନ ବର୍ଗରେ ସେ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାର ଅନ୍ତିମ ମ୍ୟାଚରେ ସାତ୍ତ୍ୱିକ ଆଜରବୈଜାନର ଖୁଦୁଜାଦେ ଆଜାଦଙ୍କୁ ପରାସ୍ତ କରିଥିଲେ। ଭୁବନେଶ୍ୱରର ସାତ୍ତ୍ୱିକ ପ୍ରଥମ ଗେମ୍‌ରେ ଆଜାଦଙ୍କୁ ପରାସ୍ତ କରିଥିବାବେଳେ ଦୁହିଁଙ୍କ ମଧ୍ୟରେ ଦ୍ୱିତୀୟ ଗେମ୍ ଡ୍ର ରହିଥିଲା। ଗ୍ରୁପ୍–ଏ'ରେ ଦ୍ୱିତୀୟ ସ୍ଥାନରେ ରହି ଓଡ଼ିଶାର ଏହି ଚେସ୍ ପ୍ରତିଭା ଫାଇନାଲ ଷ୍ଟେଜ୍‌କୁ ଉନ୍ନୀତ ହୋଇଥିଲେ। ସେ ୬ଟି ଗେମ୍ ଜିତିବା ସହ ଗୋଟିଏ ଡ୍ର ରଖି ୬.୫ ପଏଣ୍ଟ ପାଇଥିଲେ। ସାତ୍ତ୍ୱିକଙ୍କର ଏହାଥିଲା ପ୍ରଥମ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଆଉ ପ୍ରଥମ ଉଦ୍ୟମରେ ହିଁ ସଫଳତା ହାସଲ କରି ବହୁ ଆଗକୁ ବଢ଼ିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଡିଏଭି ଚନ୍ଦ୍ରଶେଖରପୁରରେ ଅଧ୍ୟୟନ କରୁଥିବା ସାତ୍ତ୍ୱିକ କିଙ୍ଗ୍ସ ଚେସ ସେଣ୍ଟରରେ ବିଶ୍ୱଜିତ ରାୟ ଓ ସୋନମ ସରିତା ମହାନ୍ତିଙ୍କଠାରୁ କୋଚିଂ ନେଇ ଆଗକୁ ବଢ଼ିଛନ୍ତି।

## ତନଭି ପତ୍ରି

ଚାଇନାରେ ଖେଳ ଜୀବନ ଆରମ୍ଭ କରିଥିବା ଓଡ଼ିଶାର ବ୍ୟାଡ୍‌ମିଣ୍ଟନ ପ୍ରତିଭା ତନଭି ପତ୍ରୀ ନିକଟରେ ଏକ ବିରଳ ସଫଳତା ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଚାଇନାର ଚେଙ୍ଗ୍‌ଡୁଠାରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ଏସିଆ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନର ଭବିଷ୍ୟତ ଭାବେ ବିବେଚିତ ହେଉଥିବା ୧୩ ବର୍ଷୀୟା ତନଭି ଫାଇନାଲରେ ଭିଏତ୍‌ନାମର ଥି ଥୁ ହୁୟେନ ଏନ୍‌ଗୁୟେନଙ୍କୁ ୨୨–୨୦, ୨୧–୧୧ରେ ପରାସ୍ତ କରିଛନ୍ତି। ଓଡ଼ିଶାର ପ୍ରଥମ ଏବଂ ଭାରତୀୟ ତୃତୀୟ ଖେଳାଳିଭାବେ ସେ ୧୫ ବର୍ଷରୁ କମ୍ ବର୍ଗରେ ଜୁନିୟର ଏସିଆ ମହିଳା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ ହୋଇଛନ୍ତି। ୨୦୧୭ରେ ସାମିୟା ଇମାନ ଫାରୁକି ଓ ୨୦୧୯ରେ ତସନିମ ମୀର ପୂର୍ବରୁ ଏହି ସଫଳତା ପାଇଛନ୍ତି। ତନଭିଙ୍କ ଘର ହେଉଛି ବାଲେଶ୍ୱର ଜିଲା ମାର୍କୋଣାର ନୟାପଲ୍ଲୀରେ। ମା' ଶୈଳବାଳା ପଣ୍ଡା ଓ ବାପା ରବିନାରାୟଣ ପତ୍ରି ସଫ୍ଟୱେର ପ୍ରଫେଶନାଲ ଭାବେ ଚାଇନାରେ କାର୍ଯ୍ୟରତ ଥିବାରୁ ତାଙ୍କ ପିଲାଦିନ ସେଠାରେ କଟିଥିଲା। କୋଭିଡ୍–୧୯ ମହାମାରୀ ଯୋଗୁ ୨୦୨୦ରେ ସେମାନେ ଭାରତ ଆସିଥିଲେ। ଦେଶକୁ ଫେରିବାପରେ ତନଭି ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି। ଚାଇନାରେ ସେ ଜିଆଙ୍ଗ ୟଙ୍ଗ୍ ୟି'ଙ୍କଠାରୁ ଟ୍ରେନିଂ ନେଉଥିଲେ। ଓଡ଼ିଶା ଆସିବାପରେ କୋଭିଡ୍ ପାଇଁ କିଛି ବର୍ଷର ବ୍ରେକ୍ ପରେ ୨୦୨୧ରୁ ସେ ରାଜ୍ୟ ଏବଂ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରି ସଫଳତାର ଶିଡ଼ି ଚଢ଼ିବାରେ ଲାଗିଛନ୍ତି।

## ଆଲିସା ସୁବୁଦ୍ଧି

ଓଡ଼ିଶାର କରାଟେ ପ୍ରତିଭା ଆଲିସା ସୁବୁଦ୍ଧି ନିକଟରେ ଏକ ବିରଳ ସଫଳତା ହାସଲ କରିଛନ୍ତି। ଫିଲିପାଇନ୍ସର ମାନିଲାରେ ଅନୁଷ୍ଠିତ ଏସିଆନ କ୍ୟାଡେଟ, ଜୁନିୟର ଓ ୨୧ ବର୍ଷରୁ କମ୍ କରାଟେ ଚାମ୍ପିୟନଶିପ୍‌ରେ ସେ ଭାରତ ପକ୍ଷରୁ ସର୍ବପ୍ରଥମ ପଦକ ଜିତି ଇତିହାସ ରଚିଛନ୍ତି। ୧୪ ବର୍ଷୀୟ ଭୁବନେଶ୍ୱରର ଆଲିସା ଉକ୍ତ ପ୍ରତିଯୋଗିତାରେ ୧୭ଟି ଦେଶର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଏହା ମଧ୍ୟରେ ମାଲେସିଆ, ସୌଦୀ ଆରବ ଓ ଇରାନ ପରି ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ସାମିଲ। ଚଳିତବର୍ଷ ଏହାଥିଲା ତାଙ୍କ ପାଇଁ ଦ୍ୱିତୀୟ ଅନ୍ତର୍ଜାତୀୟ ପଦକ। ଏହା ପୂର୍ବରୁ ସେ ଗତମାସରେ ଭୁଟାନର ଥିମ୍ପୁଠାରେ ଅନୁଷ୍ଠିତ ସାଉଥ୍ ଏସିଆନ କରାଟେ ଚାମ୍ପିୟନଶିପ୍‌ର କ୍ୟାଡେଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଲିସାଙ୍କ କୋଚ୍ ହେଉଛନ୍ତି ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କରାଟେକା ଭାଲେନା ଭାଲେଣ୍ଟିନା। ଶିଶୁପାଳଗଡ଼ର ପ୍ରସନ୍ନ କୁମାର ସୁବୁଦ୍ଧିଙ୍କ ଝିଅ ଆଲିସା ସମ୍ପ୍ରତି ବିଜେଇଏମ୍ ସ୍କୁଲ–୨ରେ ୯ମ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ। ଜାତୀୟ ସ୍ତରରେ ମଧ୍ୟ ସେ ଅନେକ ସଫଳତା ପାଇଛନ୍ତି।

## ଦେବାଶିଷ ସାହୁ

ଜୁନିୟର ଡେଭିସ କପ୍‌ରେ ଖେଳି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିବା ଦେବାଶିଷ ସାହୁ ସଫଳତା ପଥରେ ଅଗ୍ରସର ହେଉଛନ୍ତି। ଚେନ୍ନାଇରେ ଅଗଷ୍ଟ ୧୬ରେ ଉଦ୍‌ଯାପିତ ଟିଭିଏସ୍ ଏମ୍‌ସିସି ଜାତୀୟ ଟେନିସ ଚାମ୍ପିୟନଶିପ୍‌ର ଡବଲ୍ସ ବର୍ଗରେ ସେ ଚାମ୍ପିୟନ ହୋଇଛନ୍ତି। ମହାରାଷ୍ଟ୍ରର ଅର୍ନବ ପାପାରକରଙ୍କୁ ସାଥୀକରି ଖେଳିଥିବା ଦେବାଶିଷ ଫାଇନାଲରେ ମହାରାଷ୍ଟ୍ରର ପାର୍ଥ ଦେଉରୋ ଖାକର ଓ ଦିଲ୍ଲୀର ରିଆନ ଶର୍ମାଙ୍କୁ ୩–୬, ୬–୧, ୧୦–୨ (ଟାଇବ୍ରେକ୍) ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସରେ ମଧ୍ୟ ସେ ଭଲ ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ଜୁନିୟର ଡେଭିସ୍ କପ୍ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଂରେ ସେ ସ୍ୱର୍ଣ୍ଣ ପଦକ ହାସଲ କରି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି। ୨୦୨୫ ମଧ୍ୟଭାଗ ସୁଦ୍ଧା ସେ ଆଇଟିଏଫ୍ ପୁରୁଷ ବର୍ଗରେ ସାମିଲ ହେବାର ଯୋଜନା ରଖିଛନ୍ତି। ଓଡ଼ିଶାର ପ୍ରଥମ ଖେଳାଳିଭାବେ ଦେବାଶିଷ ଜୁନିୟର ଡେଭିସ୍ କପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ପୂର୍ବରୁ ସେ ପ୍ରଥମ ଖେଳାଳିଭାବେ ୨୦୧୯ରେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଜୁନିୟର ଟେନିସ ଟ୍ରାଏଲ୍ ପାଇଁ ମନୋନୀତ ହୋଇଥିଲେ। ଦେବାଶିଷଙ୍କ ମା' ହେଉଛନ୍ତି ଅନୁକମ୍ପା ସାହୁ ଓ ବାପା ଲକ୍ଷ୍ମୀକାନ୍ତ ସାହୁ। ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲହଡା ଗ୍ରାମରେ ତାଙ୍କର ଜନ୍ମ।

# ଅଲିମ୍ପିକ୍ସ ଓ ଭାରତ



ଅଶୋକ ମହାନ୍ତି

**ଦ୍ୱିତୀୟ ଭାଗ (୧୯୫୨–୨୦୨୪)**

'ଭାରତୀୟ କ୍ରୀଡ଼ାର ଅଲିମ୍ପିକ୍ସ ଯାତ୍ରା' ଆଲେଖ୍ୟର ପ୍ରଥମ ଭାଗ ଗୋଟିଏ ଦିନ ପୂର୍ବରୁ ପ୍ରକାଶ ପାଇସାରିଛି। ସେଥିରେ ୧୯୦୦ରୁ ୧୯୪୮ ଲଣ୍ଡନ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତର ପ୍ରଦର୍ଶନ ସ୍ଥାନ ପାଇଥିଲା। ଦ୍ୱିତୀୟ ଭାଗରେ ୧୯୫୨ରୁ ୨୦୨୪ ପର୍ଯ୍ୟନ୍ତ ଭାରତୀୟ ଆଥ୍‌ଲେଟ୍‌ଙ୍କ ପ୍ରଦର୍ଶନକୁ ସ୍ଥାନୀତ କରାଯାଇଛି।

୧୯୫୨ ହେଲସିଙ୍କି ଅଲିମ୍ପିକ୍ସରେ ୪ଜଣ ମହିଳାଙ୍କ ସହ ଭାରତର ୬୪ ପ୍ରତିଯୋଗୀ ୧୧ଟି କ୍ରୀଡ଼ା ଶୃଙ୍ଖଳାର ୪୨ଟି ଇଭେଣ୍ଟରେ ଭାଗନେଇଥିଲେ। ପ୍ରଥମଥର ପାଇଁ ଭାରତର କୁସ୍ତି ପ୍ରତିଯୋଗୀ କେ.ଡି. ଯାଦବ ୫୭ କେଜି ବାଣ୍ଟମୱେଟ୍ ବିଭାଗରେ ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ଜିତି ଭାରତ କ୍ରୀଡ଼ା ଇତିହାସରେ ନୂତନ କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ। ପୁରୁଷ ହକିରେ କେ.ଡି. ସିଂ ବାବୁଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଫାଇନାଲରେ ନେଦରଲାଣ୍ଡ୍‌ସକୁ ୬–୧ ଗୋଲରେ ପରାସ୍ତକରି ୫ମ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହି ମ୍ୟାଚରେ ବଲବୀର ସିଂ ଏକାକୀ ୫ଟି ଗୋଲ ସ୍କୋର କରିଥିଲେ, ଯାହାକି ଆଜି ପର୍ଯ୍ୟନ୍ତ ଏକ ରେକର୍ଡ ଭାବେ ଅକ୍ଷୁଣ୍ଣ ରହିଛି। ପଦକ ତାଲିକାରେ ଭାରତ ୨୬ତମ ସ୍ଥାନରେ ରହିଥିଲା। ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଭାରତୀୟ ଦଳର ୫୯ ପ୍ରତିଯୋଗୀ ୮ଟି କ୍ରୀଡ଼ାର ୩୨ଟି ଇଭେଣ୍ଟରେ ଭାଗ ନେଇଥିଲେ। ବଲବୀର ସିଂ (ସିନିୟର)ଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଫାଇନାଲରେ ପାକିସ୍ତାନକୁ ୧–୦ ଗୋଲରେ ପରାସ୍ତକରି ଲଗାତର ଭାବେ ୬ଷ୍ଠ ଥର ପାଇଁ ସ୍ୱର୍ଣ୍ଣପଦକ ଜିତିଥିଲା। ଏହି ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ଭାରତୀୟ ଫୁଟ୍‌ବଲ ଦଳ ପି.କେ. ବାନାର୍ଜୀଙ୍କ ନେତୃତ୍ୱରେ ଖେଳି ସେମିଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲା। କ୍ୱାର୍ଟର ଫାଇନାଲରେ ନାଭାଲ ଡି'ସୋଜାଙ୍କ ହ୍ୟାଟ୍ରିକ୍ ଗୋଲ ସହାୟତାରେ ଭାରତ ଘରୋଇ ଦଳ ଅଷ୍ଟ୍ରେଲିଆକୁ ୪–୧ ଗୋଲରେ ପରାସ୍ତ କରି ଇତିହାସ ରଚନା କରିଥିଲା। ଦୁର୍ଭାଗ୍ୟବଶତଃ ଏହା ଥିଲା ଭାରତୀୟ ଫୁଟ୍‌ବଲର ଅଲିମ୍ପିକ୍ସରେ ଆଜି ପର୍ଯ୍ୟନ୍ତ ଏକମାତ୍ର ଯୋଗଦାନ। ପରବର୍ତ୍ତୀ ୧୯୬୦ ରୋମ ଅଲିମ୍ପିକ୍ସରେ ଭାରତୀୟ ହକି ଦଳ ପ୍ରଥମଥର ପାଇଁ ପରାଜୟର ସ୍ୱାଦ ଚାଖିଥିଲା। ଫାଇନାଲରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଦ୍ୱାରା ପରାସ୍ତ ହୋଇ ସ୍ୱର୍ଣ୍ଣପଦକ ହାତଛଡ଼ା କରିଥିଲା। ଏହି ଅଲିମ୍ପିକ୍ସରେ ଭାରତୀୟ ଆଥ୍‌ଲେଟିକ୍ସ ପାଇଁ ଏକ ଉଲ୍ଲେଖନୀୟ ଘଟଣା ଘଟିଥିଲା। ଭାରତୀୟ ଧାବକ ମିଲ୍‌ଖା ସିଂ ୪୦୦ମି. ଦୌଡ଼ରେ ଅଲିମ୍ପିକ ରେକର୍ଡ ସମୟକୁ ଅତିକ୍ରମ କରିଥିଲେ ମଧ୍ୟ ଗୋଟିଏ ଛୋଟିଆ ତ୍ରୁଟି ପାଇଁ କେବଳ ୪ର୍ଥ ସ୍ଥାନରେ ରହି ଏକ ପଦକ ହାତଛଡ଼ା କରିଥିଲେ। ଅଲିମ୍ପିକ ଇତିହାସର ଟ୍ରାକ୍ ଇଭେଣ୍ଟରେ ଅନ୍ୟ ଜଣେ ଭାରତୀୟ ଆଥ୍‌ଲେଟ୍ ପି.ଟି. ଉଷା ୧୯୮୪ ଲସ୍ ଏଞ୍ଜେଲେସ୍‌ରେ ୪୦୦ମି. ହର୍ଡଲ୍ସରେ ୧ ସେକେଣ୍ଡର ୧୦୦ ଭାଗରୁ ୧ ଭାଗ ସମୟ ବ୍ୟବଧାନରେ ପଛରେ ରହି ବ୍ରୋଞ୍ଜ ପଦକ ଜିତିବାରୁ ବଞ୍ଚିତ ହୋଇଥିଲେ।

୧୯୮୮ ଓ ୧୯୯୨ରେ ଭାରତ ପଦକଶୂନ୍ୟ ରହିଥିବାବେଳେ ୧୯୯୬, ୨୦୦୦ ଓ ୨୦୦୪ରେ ଗୋଟିଏ ଲେଖାଏ, ୨୦୦୮ରେ ୩ଟି, ୨୦୧୨ରେ ୬ଟି, ୨୦୧୬ରେ ୨ଟି, ୨୦୨୦ରେ ୭ଟି ଏବଂ ୨୦୨୪ରେ ୬ଟି ପଦକ ହାସଲ କରିଛି। କୌଣସି ବହୁଶୃଙ୍ଖଳା ବିଶିଷ୍ଟ କ୍ରୀଡ଼ା ପ୍ରତିଯୋଗିତାରେ ଆଥ୍‌ଲେଟିକ୍ସ ବା ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟର ବିଶେଷ ଆକର୍ଷଣ ରହିଥାଏ। ଅଲିମ୍ପିକ୍ସ ଫିଲ୍ଡ ଇଭେଣ୍ଟରେ ଭାରତର ପ୍ରଚଣ୍ଡ ପ୍ରତିଭାବାନ୍ ଆଥ୍‌ଲେଟ୍ ନୀରଜ ଚୋପ୍ରା ୨୦୨୦ ଟୋକିଓ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସର ଜାଭେଲିନ୍ ଥ୍ରୋରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜେତା ହୋଇ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଆଥ୍‌ଲେଟ୍‌ର ମାନ୍ୟତା ପାଇବା ଭାରତୀୟ କ୍ରୀଡ଼ା ପାଇଁ ଏକ ବିରଳ ଉପଲବ୍ଧି।

ଏକ ରିପୋର୍ଟ ଅନୁସାରେ ୨୦୨୪ ଅଲିମ୍ପିକ୍ସ ପାଇଁ କ୍ରୀଡ଼ାବିତ୍‌ଙ୍କୁ ପ୍ରସ୍ତୁତ କରିବା ବାବଦରେ ଭାରତ ସରକାର ୪୭୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଦେଶରେ ପ୍ରତିଷ୍ଠିତ ପ୍ରଶିକ୍ଷକଙ୍କ ଅଧୀନରେ ତାଲିମ ନେବା ସହ ଦେଶରେ ଉପଲବ୍ଧ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇଦେବା ସତ୍ତ୍ୱେ ଆମ କ୍ରୀଡ଼ାବିତ୍‌ମାନେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହେବା ନିଶ୍ଚିତରୂପେ ଚିନ୍ତାର କାରଣ। ଆଗାମୀ ଦିନରେ ଭାରତୀୟ କ୍ରୀଡ଼ାକୁ ଅନ୍ୟ କ୍ରୀଡ଼ା ମହାଶକ୍ତି ଦେଶଗୁଡ଼ିକ ସହ ସମକକ୍ଷ କରିବା ପାଇଁ ସମୟୋପଯୋଗୀ ପଦକ୍ଷେପ ନିଆଯିବା ଆବଶ୍ୟକ।

**ଏକ ରିପୋର୍ଟ ଅନୁସାରେ ୨୦୨୪ ଅଲିମ୍ପିକ୍ସ ପାଇଁ କ୍ରୀଡ଼ାବିତ୍‌ଙ୍କୁ ପ୍ରସ୍ତୁତ କରିବା ବାବଦରେ ଭାରତ ସରକାର ୪୭୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିଦେଶରେ ପ୍ରତିଷ୍ଠିତ ପ୍ରଶିକ୍ଷକଙ୍କ ଅଧୀନରେ ତାଲିମ ନେବା ସହ ଦେଶରେ ଉପଲବ୍ଧ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇଦେବା ସତ୍ତ୍ୱେ ଆମ କ୍ରୀଡ଼ାବିତ୍‌ମାନେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହେବା ନିଶ୍ଚିତରୂପେ ଚିନ୍ତାର କାରଣ...**



ପିଟି ଉଷା

ନୀରଜ ଚୋପ୍ରା

### ୧୯୬୦ ରୋମ୍‌ରୁ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତର ପ୍ରଦର୍ଶନ

| ବର୍ଷ | ଭେନ୍ୟୁ | ଖେଳାଳି | ପଦକ | ପୋଜିଶନ | ପଦକ ବିଜେତା |
|---|---|---|---|---|---|
| ୧୯୬୦ | ରୋମ୍ | ୫୫ | ୧ | ୩୨ | ପୁରୁଷ ହକି |
| ୧୯୬୪ | ଟୋକିଓ | ୫୩ | ୧ | ୨୪ | ପୁରୁଷ ହକି |
| ୧୯୬୮ | ମେକ୍ସିକୋ | ୨୫ | ୧ | ୪୨ | ପୁରୁଷ ହକି |
| ୧୯୭୨ | ମ୍ୟୁନିକ୍ | ୪୨ | ୧ | ୪୩ | ପୁରୁଷ ହକି |
| ୧୯୭୬ | ମଣ୍ଟ୍ରିଲ | ୨୬ | – | – | – |
| ୧୯୮୦ | ମସ୍କୋ | ୭୪ | ୧ | ୨୩ | ପୁରୁଷ ହକି |
| ୧୯୮୪ | ଲସ୍‌ଏଞ୍ଜେଲ୍ସ | ୪୮ | – | – | – |
| ୧୯୮୮ | ସିଓଲ | ୪୮ | – | – | – |
| ୧୯୯୨ | ବାର୍ସିଲୋନା | ୫୨ | – | – | – |
| ୧୯୯୬ | ଆଟ୍‌ଲାଣ୍ଟା | ୪୯ | ୧ | ୭୧ | ଲିଆଣ୍ଡର ପେସ୍ (ଟେନିସ୍) |
| ୨୦୦୦ | ସିଡ୍‌ନୀ | ୬୫ | ୧ | ୬୫ | କର୍ନମ ମାଲେଶ୍ୱରୀ (ଭାରୋତ୍ତୋଳନ) |
| ୨୦୦୪ | ଏଥେନ୍ସ | ୭୩ | ୧ | ୬୫ | ରାଜ୍ୟବର୍ଦ୍ଧନ ସିଂ ରାଠୋର (ଶୁଟିଂ) |
| ୨୦୦୮ | ବେଜିଂ | ୫୬ | ୩ | ୫୦ | ଅଭିନବ ବିନ୍ଦ୍ରା (ସ୍ୱର୍ଣ୍ଣ–ଶୁଟିଂ) |
| | | | | | ସୁଶୀଲ କୁମାର (ବ୍ରୋଞ୍ଜ–କୁସ୍ତି) |
| | | | | | ବିଜେନ୍ଦର ସିଂ (ବ୍ରୋଞ୍ଜ–ବକ୍ସିଂ) |
| ୨୦୧୨ | ଲଣ୍ଡନ | ୮୩ | ୬ | ୫୫ | ବିଜୟ କୁମାର (ରୌପ୍ୟ–ଶୁଟିଂ) |
| | | | | | ସୁଶୀଲ କୁମାର (ରୌପ୍ୟ–କୁସ୍ତି) |
| | | | | | ଗଗନ ନାରଙ୍ଗ (ବ୍ରୋଞ୍ଜ–ଶୁଟିଂ) |
| | | | | | ସାଇନା ନେହ୍ୱାଲ (ବ୍ରୋଞ୍ଜ–ବ୍ୟାଡ୍‌ମିଣ୍ଟନ) |
| | | | | | ଏମ୍.ସି. ମେରୀ କମ୍ (ବ୍ରୋଞ୍ଜ–ବକ୍ସିଂ) |
| | | | | | ଯୋଗେଶ୍ୱର ଦତ୍ତ (ବ୍ରୋଞ୍ଜ–କୁସ୍ତି) |
| ୨୦୧୬ | ରିଓ | ୧୧୭ | ୨ | ୬୭ | ପି.ଭି. ସିନ୍ଧୁ (ରୌପ୍ୟ–ବ୍ୟାଡ୍‌ମିଣ୍ଟନ) |
| | | | | | ସାକ୍ଷୀ ମଲିକ (ବ୍ରୋଞ୍ଜ–କୁସ୍ତି) |
| ୨୦୨୦ | ଟୋକିଓ | ୧୧୯ | ୭ | ୪୮ | ନୀରଜ ଚୋପ୍ରା (ସ୍ୱର୍ଣ୍ଣ–ଜାଭେଲିନ୍) |
| | | | | | ମୀରାବାଈ ଚାନୁ (ରୌପ୍ୟ–ଭାରୋତ୍ତୋଳନ) |
| | | | | | ରବି ଦହିୟା (ରୌପ୍ୟ–କୁସ୍ତି) |
| | | | | | ବଜରଙ୍ଗ ପୁନିଆ (ବ୍ରୋଞ୍ଜ–କୁସ୍ତି) |
| | | | | | ପି.ଭି. ସିନ୍ଧୁ (ବ୍ରୋଞ୍ଜ–ବ୍ୟାଡ୍‌ମିଣ୍ଟନ) |
| | | | | | ଲଭ୍‌ଲିନା ବୋର୍ଗୋହେନ (ବ୍ରୋଞ୍ଜ–ବକ୍ସିଂ) |
| | | | | | ପୁରୁଷ ହକି ଦଳ (ବ୍ରୋଞ୍ଜ) |
| ୨୦୨୪ | ପ୍ୟାରିସ୍ | ୧୧୭ | ୬ | ୭୧ | ମନୁ ଭାକର (ବ୍ରୋଞ୍ଜ–ଶୁଟିଂ) |
| | | | | | ମନୁ–ସରବଜିତ ସିଂ (ବ୍ରୋଞ୍ଜ–ଶୁଟିଂ) |
| | | | | | ସ୍ୱପ୍ନିଲ କୁସାଲେ (ବ୍ରୋଞ୍ଜ–ଶୁଟିଂ) |
| | | | | | ଅମନ ସେରାୱତ (ବ୍ରୋଞ୍ଜ–କୁସ୍ତି) |
| | | | | | ନୀରଜ ଚୋପ୍ରା (ରୌପ୍ୟ–ଜାଭେଲିନ୍ ଥ୍ରୋ) |
| | | | | | ପୁରୁଷ ହକି ଦଳ (ବ୍ରୋଞ୍ଜ) |

## ୱେଷ୍ଟେଜ

ସୁଇଡେନର ଆର୍ମଣ୍ଡ
ମୋଣ୍ଡୋ ଡୁପ୍ଲାଣ୍ଟିସ
ଜେଣ୍ଟ୍ସ ପୋଲଭଲ୍ଟରେ ପୁଣି
ନିଉ ୱାର୍ଲ୍ଡ ରେକର୍ଡ ରଚିଅଛି ଟୋକା
ବଡି ତା'ର ହୋଇ କଣି
ସିଲେସିଆ ନେଲା ଝୁଣି
ସିକ୍ସ ପଏଣ୍ଟ ଟୁ ସିକ୍ସ ମିଟର ଉଚ୍ଚତା
ମଙ୍କିଭଳି ଡେଇଁ ମଣି।



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମରେ ବିଜୟୀ
ଆମେରିକା ଝିଅ ଇଭା
ନିଜ ନାମରେ ସର୍ବକନିଷ୍ଠ ଖେଳାଳି
ରେକର୍ଡ କରିଛି ଶିବା
ପ୍ୟାରିସ ଆଡ଼େ ଚାଲ ଯିବା
ପାରା ଆଥଲେଟ୍ ବେଷ୍ଟ ଅଫ୍ ଲକ୍
ମେଡାଲ ଜିତ ମନଲୋଭା।

ଓଟିଟି ପ୍ଲାଟ୍‌ଫର୍ମରେ ବନ୍ଧା ଯୁବଶକ୍ତି
କ୍ୟାରିୟର ଏଠି ଶେଷ
ନବେ ପ୍ରତିଶତ ପର୍ନ ଭିଡିଓ ଦେଖି
ଆମ ୟୁଥ୍ ଯା'ନ୍ତି ନାଶ
ବେକେ ମୋବାଇଲ ଫାଶ
ସମୟ ୱେଷ୍ଟେଜ କରି ହାରେ ବ୍ୟକ୍ତି
ହାରିଯାଏ ତା'ର ଦେଶ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
50 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୩୦/୨୦୨୪ Bhubaneswar, Friday, August 30/ 2024



ଲୋକସେବା ଭବନର କନ୍‌ଭେନଶନ ହଲ୍‌ରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ ସାହସିକ ପୁରସ୍କାରରେ ପୁରସ୍କୃତ ବ୍ୟକ୍ତିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ର୍‍ୟାଙ୍କିଙ୍ଗ ରାଉଣ୍ଡରେ ଶୀତଲ ଦ୍ୱିତୀୟ

ପ୍ୟାରିସ୍,୨୯।୮(ପି.ଟି.)

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ ଆରମ୍ଭ ହୋଇଥିବା ବେଳେ ଭାରତୀୟ ମାନେ ପ୍ରଥମ ଦିନର ଇଭେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଭାରତୀୟ ପାରା ଆର୍ଚର ଶୀତଲ ଦେବୀ ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟର ର୍‍ୟାଙ୍କିଙ୍ଗ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରିବା ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗୁରୁବାର ଶୀତଲ ଦେବୀ ୭୦୩ ପଏଣ୍ଟ ସ୍କୋର କରିଥିବା ବେଳେ ତୁର୍କୀର ଓଜନୁର କ୍ୟୁଅର ଗିର୍ଡି ବିଶ୍ୱରେକର୍ଡ ୭୦୪ ପଏଣ୍ଟ ସ୍କୋର କରିଥିଲେ। ଶୀତଲ ପ୍ରଥମେ ବିଶ୍ୱରେକର୍ଡ ନିଜ ନାମରେ କରିଥିଲେ। ତେବେ ଓଜନୁର ୧ ପଏଣ୍ଟ ଅଧିକ ସ୍କୋର କରିବା ସହ ପ୍ରଥମ ସ୍ଥାନରେ ପହଞ୍ଚିଥିଲେ। ଅନ୍ୟତମ ଭାରତୀୟ ସରିତା ଦେବୀ ୬୮୨ ପଏଣ୍ଟ ସ୍କୋର କରି ନବମ ସ୍ଥାନରେ ରହିଥିଲେ। ଓଜନୁର ୫୬ ଥର ୧୦ ପଏଣ୍ଟ ଶୁଟ କରିଥିବା ବେଳେ ଶୀତଲ ୫୯ ଥର ୧୦ ପଏଣ୍ଟ ହାସଲ କରିଥିଲେ। ତେବେ ଓଜନୁର ୨୯ ଥର ବୁଲ୍ସ ଆଇ ହିଟ୍ କରିଥିବା ବେଳେ ଶୀତଲ ୨୪ ଥର ବୁଲ୍ସ ଆଇ ହିଟ୍ କରିଥିଲେ। ସେହିପରି ପୁରୁଷ ବ୍ୟକ୍ତିଗତ ରିକର୍ଭ ର୍‍ୟାଙ୍କିଙ୍ଗ ରାଉଣ୍ଡରେ ଭାରତର ହରବିନ୍ଦର ସିଂ ୬୩୭ ପଏଣ୍ଟ ସହ ନବମ ସ୍ଥାନରେ ରହିଛନ୍ତି। ହରବିନ୍ଦର ୧୯ ଥର ୧୦ ପଏଣ୍ଟ ଓ ୫ ଥର ବୁଲ୍ସ ଆଇ ହିଟ୍ କରିଥିଲେ।

## ପାରା ଶଟଲର ପ୍ରଭାବୀ

ପାରାଲିମ୍ପିକ୍ସର ପ୍ରଥମ ଦିନରେ ଭାରତୀୟ ଶଟଲର ମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏସ୍ ଏଲ୍ ୩ର ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାରତୀୟ ଯୋଡି ନୀତେଶ କୁମାର ଓ ତୁଲସୀମତି ମୁରୁଗାସେନ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟତମ ଭାରତୀୟ ୟଥିରାଜ ସୁହାସ ଲାଲିନାକେରେ ଓ ପଲକ କୋହଲିଙ୍କ ଯୋଡିକୁ ୨୧-୧୪ ଓ ୨୧-୧୭ରେ ପରାସ୍ତ କରିଥିଲେ ନୀତେଶ-ତୁଲସୀମତି। ଏସ୍ ଏଚ୍ ୬ ବର୍ଗରେ ଭାରତୀୟ ମିକ୍ସଡ ଡବଲ୍ସ ଯୋଡି ସୋଲାଇମାଲାଇ ଶିବରାଜନ ଓ ସୁମଥି ଶିବାନୀ ନିତ୍ୟାଙ୍କ ଯୋଡି ୨୩-୨୧ ଓ ୨୧-୧୧ ସେଟରେ ଆମେରିକାର କ୍ରାଜେସ୍କି ମାଇଲ୍ସ ଓ ଜେସି ସିମନଙ୍କ ଠାରୁ ପରାଜିତ ହୋଇଥିଲେ। ଏସ୍ ଏଲ୍ ୩ର ମହିଳା ସିଙ୍ଗଲ୍ସ ମ୍ୟାଚ୍‌ରେ ଭାରତର ମାନସୀ ଯୋଶୀ ପରାଜିତ ହୋଇଛନ୍ତି। ଇଣ୍ଡୋନେସିଆର କୋନିଆତ୍ ଇଖତିଆରଙ୍କ ବିପକ୍ଷ କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ମାନସୀ ୧୬-୨୧, ୨୧-୧୩ ଓ ୨୧-୧୮ରେ ପରାଜିତ ହୋଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ମନଦୀପ କୌର ନାଇଜେରିଆର ମରିୟମ ଏନିଓଲାଙ୍କ ଠାରୁ ୨୧-୮ ଓ ୨୧-୧୪ ସେଟରେ ହାରି ଯାଇଥିଲେ।

ଏସ୍ ଏଲ୍ ୪ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଭାରତର ସୁକାନ୍ତ କଦମ ୧୭-୨୧, ୨୧-୧୫ ଓ ୨୨-୨୦ ସେଟରେ ମାଲେସିଆର ମହମ୍ମଦ ଅମିନ ବୁରହାନୁଦ୍ଦିନଙ୍କୁ ପରାସ୍ତ କରିଥିଲେ। ସମାନ ବର୍ଗରେ ଅନ୍ୟତମ ଭାରତୀୟ ତରୁଣ ବ୍ରାଜିଲର ଜାଭିଅର ଡି ଅଲିଭିଏରାଙ୍କୁ ୨୧-୧୭ଲ, ୨୧-୧୯ରେ ପରାସ୍ତ କରିଥିଲେ। ସୁହାସ ୨୧-୭, ୨୧-୫ରେ ଇଣ୍ଡୋନେସିଆର ହିକମତ ରାମଦାନୀଙ୍କୁ ପରାସ୍ତ କରିଥିଲେ।

ଏସ୍ ଏଲ୍ ୩ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଭାରତର ନୀତେଶ କୁମାର ଓ ମନୋଜ ସରକାରଙ୍କ ମଧ୍ୟରେ ମ୍ୟାଚ୍ ଖେଳା ଯାଇଥିଲା। ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ନୀତେଶ ୨୧-୧୩, ୧୮-୨୧ ଓ ୨୧-୧୮ରେ ବିଜୟୀ ହୋଇଥିଲେ। ଏସ୍ ଏଲ୍ ୪ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ଭାରତର ପଲକ କୋହଲି ୨୧-୧୨, ୨୧-୧୪ ସେଟରେ ଫ୍ରାନ୍ସର ମିଲେନା ସୁରେଉଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ତୁଲସୀମତି ମୁରୁଗାସେନ୨୧-୯, ୨୧-୧୧ ସେଟରେ ଇଟାଲୀ ରୋଜା ଏଫୋମୋ ଡି ମାର୍କୋଙ୍କୁ ହରାଇଥିଲେ।





ପାରାଲିମ୍ପିକ୍ସର ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ଭାରତୀୟ ଆର୍ଚର ଶୀତଲ ଦେବୀ। ସି-୧ ମହିଳା ୩୦୦୦ ମି. ବ୍ୟକ୍ତିଗତ ପରସୁଟ୍ କ୍ୱାଲିଫାଇଙ୍ଗ ଇଭେଣ୍ଟରେ ଜ୍ୟୋତି ଗଡେରିଆ।

**ପାରାଲିମ୍ପିକ୍ସ ୨୦୨୪**

## ରାଉଣ୍ଡ ଅଫ୍ ୧୬ ହାରିଲେ ଅରୁଣା

ଭାରତୀୟ ମହିଳା ପାରା ଟାଏକୋଣ୍ଡୋ ଅରୁଣା ରାଉଣ୍ଡ ଅଫ୍ ୧୬ ମ୍ୟାଚରେ ପରାଜିତ ହୋଇଛନ୍ତି। ୪୪-୪୭ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଅରୁଣା ତୁର୍କୀର ନୁରିଚାନ ଏକନିସିଙ୍କ ନିକଟରୁ ୧୯-୦ରେ ପରାଜିତ ହୋଇଥିଲେ।

## ଅନ୍ତିମ ସ୍ଥାନରେ ଜ୍ୟୋତି

ଭାରତୀୟ ମହିଳା ସାଇକ୍ଲିଷ୍ଟ ଜ୍ୟୋତି ଗଡେରିଆ ସି-୧ ମହିଳା ୩୦୦୦ ମିଟର ବ୍ୟକ୍ତିଗତ ପରସୁଟ୍ କ୍ୱାଲିଫାଇଙ୍ଗ ଇଭେଣ୍ଟରେ ଅନ୍ତିମ ସ୍ଥାନରେ ରହିଛନ୍ତି। ଜ୍ୟୋତି ୪:୫୩. ୯୨୯ ସେକେଣ୍ଡର ସମୟ ନେଇ ଅନ୍ତିମ ସ୍ଥାନରେ ରହିଥିଲେ।

# ଫ୍ରେଞ୍ଚ୍ ଗ୍ରାଣ୍ଡମାଷ୍ଟର ଅଲିରେଜା ଚାମ୍ପିୟନ



ଟ୍ରଫି ସହ ଅଲିରେଜା ଫିରୋଜା।

**ଗ୍ରାଣ୍ଡ ଚେସ୍ ଟୁର୍ ୨୦୨୪**

■ ପ୍ରଜ୍ଞାନନ୍ଦ ଓ ଗୁକେଶ ମିଳିତ ୫ମ

ସେଣ୍ଟ ଲୋଇସ, ୨୯।୮ (ପି.ଟି.)

ଭାରତୀୟ ଚେସ୍ ପ୍ରତିଭା ଆର୍. ପ୍ରଜ୍ଞାନନ୍ଦଙ୍କ ସହ ତାଙ୍କ ଫାଇନାଲ ଗେମ୍ ଡ୍ର ରଖି ଫ୍ରେଞ୍ଚ ଗ୍ରାଣ୍ଡମାଷ୍ଟର ଅଲିରେଜା ଫିରୋଜା ସିଙ୍କ୍‌ଫିଲ୍ଡ କପ୍ ଚାମ୍ପିୟନ ହୋଇଛନ୍ତି। ସେ ଆହୁରି ମଧ୍ୟ ଗ୍ରାଣ୍ଡ ଚେସ୍ ଟୁର୍ ୨୦୨୪ ଜିତିପାରିଛନ୍ତି। ୩ଟି ବିଜୟ ଏବଂ ଅବଶିଷ୍ଟ ୬ଟି ଯାକ ଗେମ୍ ଡ୍ର ରଖି ଫିରୋଜା ସମ୍ପୂର୍ଣ୍ଣ ଇଭେଣ୍ଟରେ ଅପରାଜେୟ ରହିଥିଲେ। ଗତଥରର ଗ୍ରାଣ୍ଡ ଚେସ୍ ଟୁର୍ ଚାମ୍ପିୟନ ଫାବିଆନୋ କାରୁଆନା ନିଜ ଦେଶରେ ଟାଇଟଲ ବଜାୟ ରଖିବେ ବୋଲି ସ୍ୱପ୍ନ ଦେଖିଥିଲେ। ଫାଇନାଲ ରାଉଣ୍ଡ ଗେମ୍‌ରେ ହଲାଣ୍ଡର ଆନିଶ ଗିରିଙ୍କୁ ହରାଇ ଦେଇଥିଲେ ମଧ୍ୟ ସେ ଦ୍ୱିତୀୟ ସ୍ଥାନ ସହ ତାଙ୍କ ଅଭିଯାନ ଶେଷ କରିଥିଲେ। ଫ୍ରାନ୍ସର ମାକ୍ସିମି ଭାଚିର-ଲାଗାଭର ଓ ନୋଡିରବେକ୍ ଅବ୍‌ଦୁସାତ୍ତୋରୋଭ ଉଭୟ ଫାଇନାଲ ରାଉଣ୍ଡରେ ଯଥାକ୍ରମେ ଚାଇନାର ଡିଙ୍ଗ ଲିରେନ ଓ ରୁଷିଆର ଇଆନ ନେପୋମନିଆଚ୍‌ଚିଙ୍କୁ ପରାସ୍ତ କରିଥିଲେ ହେଁ ଉଭୟେ ମିଳିତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟେ ପ୍ରତ୍ୟେକ ୫ ପଏଣ୍ଟ ଲେଖାଏଁ ଅର୍ଜନ କରି କାରୁଆନା (୫.୫ ପଏଣ୍ଟ)ଙ୍କ ପଛରେ ରହିଥିଲେ। ଭାରତର ଦୁଇ ଖେଳାଳି ପ୍ରଜ୍ଞାନନ୍ଦ ଏବଂ ଡି. ଗୁକେଶ ସେମାନଙ୍କର ୯ଟି ଗେମ୍ ଡ୍ର ରଖିବାରୁ ୫୦ ପ୍ରତିଶତ ସ୍କୋର ସହ ମିଳିତ ୫ମ ସ୍ଥାନରେ ରହିଥିଲେ।



ଜାତୀୟ କ୍ରୀଡ଼ା ଦିବସ ଅବସରରେ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟ।

# ଓଡ଼ିଶାର ୩୫ ପ୍ରତିଯୋଗୀ

**ଜାତୀୟ ଥାଇ ବକ୍ସିଂ**

ଭୁବନେଶ୍ୱର, ୨୯।୮ (ତପନ ସ୍ୱାଇଁ)

ଚଳିତ ମାସ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଲାଟୁରଠାରେ ୧୫ତମ ଜାତୀୟ ଥାଇ ବକ୍ସିଂ ଚାମ୍ପିୟନଶିପ ହେବାକୁ ଯାଉଛି। ଏଥିରେ ଓଡିଶାରୁ ୩୫ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡିଶା ଥାଇ ବକ୍ସିଂ ସଂଘ ମହାସଚିବ ଶୁଭେନ୍ଦୁ ସାମନ୍ତରାୟ, ଅଫିସିଆଲ ଭାବେ ସୁଧାଂଶୁ ପଣ୍ଡା,କୋଚ ଉମାକାନ୍ତ ବେହେରା, ବାଲାଜୀ ଘଡ଼ାଇ ଓ ମ୍ୟାନେଜର ଭାବେ ପ୍ରଭାତ କୁମାର ପଟନାୟକ ଦଳ ସହିତ ଗୁରୁବାର ଲାଟୁର ଯାତ୍ରା କରିଛନ୍ତି ବୋଲି ଓଡିଶା ଥାଇ ବକ୍ସିଂ ସଂଘ ସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ ପ୍ରକାଶ କରିଛନ୍ତି।




କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ଥାଇ ବକ୍ସିଂ ଦଳ।

# ଜାତୀୟ ରେକର୍ଡ ଭାଙ୍ଗିଲେ ଶାରୁକ

ଲିମା, ୨୯।୮ (ପି.ଟି.)

ଭାରତର ଶାରୁକ ଖାନ୍ ୩,୦୦୦ ମିଟର ଷ୍ଟିପଲଚେଜ୍‌ରେ ଜାତୀୟ ରେକର୍ଡ ଭଙ୍ଗ କରିବା ସହ ଏଠାରେ ଚାଲିଥିବା ୨୦ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୁଧବାର ରାତିରେ ୧୮ବର୍ଷୀୟ ଖାନ୍ ୮ମିନିଟ ୪୫.୧୨ ସେକେଣ୍ଡ ଟାଇମିଂରେ ହିଟ୍ ନମ୍ବର-୧ରେ ୬ଷ୍ଠ ସ୍ଥାନ ଅଧିକାର କରି ଅଗଷ୍ଟ ୩୧ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୁଇଟି ହିଟ୍‌ର ପ୍ରତ୍ୟେକ ରେସ୍‌ର ପ୍ରଥମ ୮ଫିନିଶର ଫାଇନାଲକୁ କ୍ୱାଲିଫାଏ କରିବେ। ପୂର୍ବରୁ ଏହି ଇଭେଣ୍ଟରେ ୨୦ ବର୍ଷରୁ କମ୍ ଜାତୀୟ ରେକର୍ଡ ରାଜସ୍ଥାନର ୧୯ ବର୍ଷୀୟ ରାଜେଶ (୮:୫୦.୧୨ ସେକେଣ୍ଡ)ଙ୍କ ନାମରେ ରହିଥିଲା। ପୂର୍ବରୁ ସେ ଏହି ସଫଳତା ଗତ ମେ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଫେଡେରେଶନ କପ୍ ଜାତୀୟ ସିନିୟର ଚାମ୍ପିୟନଶିପ୍‌ରେ ହାସଲ କରିଥିଲେ। ଖାନ୍‌ଙ୍କର ପୂର୍ବରୁ ଶ୍ରେଷ୍ଠ ପ୍ରଦର୍ଶନ ୮:୫୧.୭୫ ସେକେଣ୍ଡ ରହିଥିଲା। ଏହି ଟାଇମିଂରେ ସେ ଗତବର୍ଷ ଜୁନ୍‌ରେ କୋରିଆରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ଜିତିଥିଲେ। ରାଜେଶଙ୍କ ଦ୍ୱାରା ଭଙ୍ଗ ହେବା ପୂର୍ବରୁ ଏହି ଟାଇମିଂ ଏକ ଜାତୀୟ ରେକର୍ଡ ଥିଲା। ଅନ୍ୟଜଣେ ଭାରତୀୟ ଜୟ କୁମାର ପୁରୁଷ ୪୦୦ମିଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମିଫାଇନାଲ ହିଟ୍‌ରେ ସେ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୪୬.୯୬ ସେକେଣ୍ଡ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ।



ଟ୍ରେନରଙ୍କୁ ମୁଥ ମାରୁଛନ୍ତି ଜାସନ-ମାନୁଏଲ ଜେରାଫା।

# ପ୍ରତିପକ୍ଷ ଟ୍ରେନରଙ୍କୁ ମୁଥ ମାରିଲେ ବକ୍ସରଙ୍କ ଭାଇ

ସିଡନୀ,୨୯।୮(ପି.ଟି.)

ଅଷ୍ଟ୍ରେଲିଆରେ ଏକ ବକ୍ସିଂ ମ୍ୟାଚ ସମୟରେ ପ୍ରତିପକ୍ଷ ଖେଳାଳିଙ୍କ ଟ୍ରେନରଙ୍କ ମୁହଁକୁ ମୁଥ ମାରିଛନ୍ତି ଅଷ୍ଟ୍ରେଲୀୟ ବକ୍ସରଙ୍କ ଭାଇ। ସିଡନୀ ଆରେନାରେ ମାଇକେଲ ଜେରାଫା ଓ ଟମି ବ୍ରାଉନ୍‌ଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯାଉଥିଲା। ପ୍ରଥମ ରାଉଣ୍ଡ ପରେ ଟମି ବ୍ରାଉନ୍ ବାଇସେପ୍‌ରେ ଆଘାତ କାରଣରୁ ଓହରି ଯାଇଥିଲେ। ବ୍ରାଉନ୍ ଓହରିଯିବାକୁ ନେଇ ଜେରାଫା ଖୁସି ନ ଥିବା ବେଳେ ଏହାକୁ ନେଇ ପ୍ରତିବାଦ କରିଥିଲେ। ଏହି ସମୟରେ ବ୍ରାଉନଙ୍କ ଟ୍ରେନର ଏହାକୁ ନେଇ ଜେରାଫାଙ୍କ ସହ ଯୁକ୍ତି କରୁଥିଲେ। ଏହି ଘଟଣାରେ ଉତ୍‌କ୍ଷିପ୍ତ ଜେରାଫାଙ୍କ ଭାଇ ଜାସନ-ମାନୁଏଲ ଜେରାଫା ରିଙ୍ଗ ମଧ୍ୟକୁ ପଶି ଆସିବା ସହ ବ୍ରାଉନଙ୍କ ଟ୍ରେନର ମୁହଁକୁ ମୁଥ ମାରିଥିଲେ। ଲାଇଭ୍ ଟିଭିରେ ଚାଲିଥିବା ଏହି ଭିଡିଓଟି ବେଶ ଭାଇରାଲ ହୋଇଥିଲା। ପରେ ଜାସନ-ମାନୁଏଲ ଜେରାଫାଙ୍କୁ ଆୟୋଜକ ମାନେ ଆରେନାରୁ ବାହାର କରିଥିବା ବେଳେ ଆଜୀବନ ବାସନ୍ଦ କରିଥିଲେ। ଭବିଷ୍ୟତରେ ସେ ଦର୍ଶକ ଭାବରେ କୌଣସି ବକ୍ସିଂ ମ୍ୟାଚ୍ ଦେଖି ପାରିବେ ନାହିଁ ବୋଲି କୁହାଯାଇଛି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ